

ରାଜ୍ ଖୋଲିଲେ ଅବନୀତ
▶ପୃଷ୍ଠା ୧୧ ଦେଖନ୍ତୁ...



◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-292 ◆MONDAY ◆20 APRIL 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୯୨ ◆ସୋମବାର ◆୨୦ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ୯ ଲକ୍ଷ ଡଲାରରେ ନିଲାମ ହେଲା 'ଟାଇଟାନିକ୍' ସ୍ମୃତି

■ ଲଣ୍ଡନ, ୧୯ ।୪ (ଏଜେନ୍ସି): ୧୯୧୨ ମସିହାର ସବୁଠାରୁ ବଡ଼ ସାମୁଦ୍ରିକ ଦୁର୍ଘଟଣା 'ଟାଇଟାନିକ୍' ସହ ଜଡ଼ିତ ସାମଗ୍ରୀ ପ୍ରତି ବିଶ୍ୱବାସୀଙ୍କ ଆଗ୍ରହ ଆଜି ମଧ୍ୟ ଅତୁଟ ରହିଛି। ନିକଟରେ ବ୍ରିଟେନରେ ଅନୁଷ୍ଠିତ ଏକ ନିଲାମରେ ଟାଇଟାନିକର ଜଣେ ବଞ୍ଚିଥିବା ଯାତ୍ରୀ ପିନ୍ଧିଥିବା ଏକ ଲାଇଫ୍ ଜ୍ୟାକେଟ୍ ୬,୭୦,୦୦୦ ପାଉଣ୍ଡ (ପ୍ରାୟ ୯,୦୬,୦୦୦ ଆମେରିକୀୟ ଡଲାର) ମୂଲ୍ୟରେ ବିକ୍ରି ହୋଇଛି। ଏହି ବିରଳ ଲାଇଫ୍ ଜ୍ୟାକେଟ୍‌ଟି ଟାଇଟାନିକର ପ୍ରଥମ ଶ୍ରେଣୀ ଯାତ୍ରୀ ଲୌରା ମାବେଲ୍ ଫ୍ରାନକାଟେଲିଙ୍କର ଥିଲା। ସେ ଜଣେ ଜଣାଶୁଣା



ଫ୍ୟାଶନ ଡିଜାଇନର ଲୁସି ଡଫ୍ ଗର୍ଡନଙ୍କ ସହଯୋଗୀ ଭାବେ ଯାତ୍ରା କରୁଥିଲେ। ଜାହାଜ ବୁଡ଼ିବା ସମୟରେ ସେ ଲାଇଫ୍ ବୋଟ୍ ନମ୍ବର-୧ ସାହାଯ୍ୟରେ ନିଜ ଜୀବନ ରକ୍ଷା କରିବାରେ ସଫଳ ହୋଇଥିଲେ। ଇଂଲଣ୍ଡର 'ହେନେରୀ ଆଲଡ୍ରିଜ୍ ଆଣ୍ଡ ସନ୍' ନିଲାମ ସଂସ୍ଥା ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରାରମ୍ଭିକ ଭାବେ ଏହାର ମୂଲ୍ୟ ୨.୫ ରୁ ୩.୫ ଲକ୍ଷ ପାଉଣ୍ଡ ମଧ୍ୟରେ ରହିବ ବୋଲି ଆକଳନ କରାଯାଇଥିଲା, ମାତ୍ର ଚୂଡ଼ାନ୍ତ ମୂଲ୍ୟ ଏହାକୁ ବହୁ ପଛରେ ପକାଇ ଦେଇଛି। ଏହି ଜ୍ୟାକେଟ୍‌ଟି କାନଭାସ୍ କପଡ଼ାରେ ନିର୍ମିତ ଏବଂ ▶ପୃଷ୍ଠା-୭

## ଏକ୍ସପ୍ରେସ୍‌ୱେରେ ଭାରୀଯାନ ପାର୍କିଂ ଉପରେ କଟକଣା

■ ନୂଆଦିଲ୍ଲୀ, ୧୯ ।୪ (ଏଜେନ୍ସି): ଭାରତର ଜାତୀୟ ରାଜପଥ ଏବଂ ଏକ୍ସପ୍ରେସୱେ ଗୁଡ଼ିକୁ ଅଧିକ ନିରାପଦ କରିବା ପାଇଁ ସୁପ୍ରିମକୋର୍ଟ ଏକ ଐତିହାସିକ ତଥା କଠୋର ନିର୍ଦ୍ଦେଶନାମା ଜାରି କରିଛନ୍ତି। ପ୍ରଶାସନିକ ଅବହେଳା କିମ୍ବା ଭିତ୍ତିଭୂମିର ଅଭାବ ଯୋଗୁଁ ଏହି ଦ୍ରୁତଗାମୀ ରାସ୍ତାଗୁଡ଼ିକ ଯେପରି "ବିପଦର କରିଡର' ପାଲଟି ନଯାଏ, ସେଥିପାଇଁ କୋର୍ଟ କେନ୍ଦ୍ର ସରକାର ଏବଂ ସମସ୍ତ ରାଜ୍ୟଙ୍କୁ ସତର୍କ କରାଇ ଦେଇଛନ୍ତି। ଜଷ୍ଟିସ ଜେକେ ମହେଶ୍ୱରୀ ଏବଂ ଜଷ୍ଟିସ ଏଏସ ଚାନ୍ଦୁରକରଙ୍କ ଖଣ୍ଡପୀଠ ନିମ୍ନଲିଖିତ ପ୍ରମୁଖ ନିର୍ଦ୍ଦେଶମାନ ଦେଇଛନ୍ତି।



ସଡ଼କ ସୁରକ୍ଷା ପାଇଁ ସୁପ୍ରିମକୋର୍ଟଙ୍କ କଡ଼ା ନିର୍ଦ୍ଦେଶ

ଜାତୀୟ ରାଜପଥର ମୁଖ୍ୟ ରାସ୍ତା କିମ୍ବା ପାର୍ଶ୍ୱବର୍ତ୍ତୀ କାନ୍ଧ ଉପରେ କୌଣସି ଭାରୀ ବା ବାଣିଜ୍ୟିକ ଯାନ ପାର୍କିଂ କରିପାରିବେ ନାହିଁ। କେବଳ ନିର୍ଦ୍ଧାରିତ 'ଲେ-ବାଏସ୍' କିମ୍ବା ଅନୁମୋଦିତ ସ୍ଥାନରେ ହିଁ ଗାଡ଼ି ରହିପାରିବ। ଏହି ନିୟମର ପାଳନ ପାଇଁ 'ଆଡଭାନ୍ସଡ୍ ଟ୍ରାଫିକ୍ ମ୍ୟାନେଜମେଣ୍ଟ ସିଷ୍ଟମ' (ଏଟିଏମ୍ଏସ୍) ର ସହାୟତା ନିଆଯିବ। ଏହା ମାଧ୍ୟମରେ ରିଅଲ୍-ଟାଇମ୍ ଆଲର୍ଟ, ଜିପିଏସ୍ ଫଟୋ ପ୍ରମାଣ ଏବଂ ଇ-ଚାଲାଣ କଟାଯିବ। ରାଜପଥ କଡ଼ରେ କୌଣସି ନୂତନ ଢାବା, ଭୋଜନାଳୟ କିମ୍ବା ବାଣିଜ୍ୟିକ ପ୍ରତିଷ୍ଠାନ ନିର୍ମାଣକୁ ତତ୍କାଳ ବାରଣ କରାଯାଇଛି। ▶ପୃଷ୍ଠା-୭

### ଇସଲାମାବାଦ ଆଲୋଚନା ପୂର୍ବରୁ ଟ୍ରମ୍ପଙ୍କ ଚେତାବନୀ

# ଚୁକ୍ତି; ନଚେତ୍ ଧ୍ୱଂସ

■ ୱାଶିଂଟନ/ଇସ୍ଲାମାବାଦ, ୧୯ ।୪ (ଏଜେନ୍ସି): ଇସଲାମାବାଦରେ ସୋମବାର ପ୍ରସ୍ତାବିତ ଶାନ୍ତି ଆଲୋଚନା ଅବ୍ୟବହିତ ପୂର୍ବରୁ ଇରାନ୍‌କୁ ଚେତାବନୀ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଡ଼ୋନାଲ୍ଡ ଟ୍ରମ୍ପ। ଚୁକ୍ତି ଓ ଧ୍ୱଂସ ମଧ୍ୟରୁ ଇରାନକୁ ଗୋଟିଏ ବାଛିବାକୁ ପଡ଼ିବ। ଆସନ୍ତାକାଲି (ସୋମବାର) ଆମେରିକୀୟ ପ୍ରତିନିଧିମଣ୍ଡଳ ପାକିସ୍ତାନରେ ପହଞ୍ଚିବ । ସେଠାରେ ଇରାନ ସହ ଦ୍ୱିତୀୟ ପର୍ଯ୍ୟାୟର ସମ୍ମୁଖୀନ ଆଲୋଚନା ହେବ ବୋଲି ଟ୍ରମ୍ପ କହିଛନ୍ତି । ମାତ୍ର ଏହି ପ୍ରତିନିଧି ଦଳରେ କେଉଁମାନେ ଯୋଗଦେବେ ସେ ସମ୍ପର୍କରେ ଟ୍ରମ୍ପ ନିରବ ରହିଛନ୍ତି । ହ୍ୱାଇଟ୍ ହାଉସ ଓ ଉପରାଷ୍ଟ୍ରପତି ଜେଡି ଭାନ୍ସ ଓ ଉପରାଷ୍ଟ୍ରପତି ଜେଡି ୱାନ୍ସଙ୍କ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଏନେଇ କୌଣସି ଅଧିକୃତ ପ୍ରତିକ୍ରିୟା ମିଳିନାହିଁ। ଟ୍ରମ୍ପ ରବିବାର ସୋସିଆଲ ମିଡିଆରେ କହିଛନ୍ତି ଯେ ଇରାନ ଶନିବାର ହୋର୍ମୁଜ ସମୁଦ୍ର ଶୃଙ୍ଖଳରେ ଗୁଳିବର୍ଷା କରି ଯୁଦ୍ଧବିରତିକୁ ଉଲ୍ଲଂଘନ କରିଛି। ଯଦି ଇରାନ ଆମେରିକାର ପ୍ରସ୍ତାବକୁ ଗ୍ରହଣ କରିବ ନାହିଁ, ତେବେ ଆମେରିକା ଇରାନର ବିଦ୍ୟୁତ କେନ୍ଦ୍ର ଓ ସେତୁଗୁଡ଼ିକୁ ଧ୍ୱଂସ କରିଦେବ ବୋଲି ସେ ଚେତାବନୀ ଦେଇଛନ୍ତି ।



ଟ୍ରମ୍ପଙ୍କ ଏହି ଚେତାବନୀ ପରେ ସରକାର ଇରାନ ସରକାର ତାଙ୍କ ଆଭିମୁଖ୍ୟ ଅଧିକ କଠୋର କରିଛନ୍ତି। ଇରାନ ସଂସଦ ବାଚସ୍ପତି ମହମ୍ମଦ ବାଗେର ଗାଲିବାଫ କହିଛନ୍ତି ଯେ ଯେପର୍ଯ୍ୟନ୍ତ ଆମେରିକା ତାଙ୍କ ବନ୍ଦରଗୁଡ଼ିକୁ ଅବରୋଧ କରିରଖିବ, ସେପର୍ଯ୍ୟନ୍ତ ହୋର୍ମୁଜ ମାର୍ଗରେ ଯାଉଥିବା ଜାହାଜ ଉପରେ ପ୍ରତିବନ୍ଧ ଜାରି ରହିବ। ଆମେ ନିଜେ ଯେତେବେଳେ ଯାଇପାରୁନାହୁଁ, ଅନ୍ୟମାନଙ୍କୁ କିପରି ଯିବାକୁ ଦେବୁ? ହର୍ମୁଜରେ ଇରାନର ଯୁଦ୍ଧପୋତ ମୁତୟନକୁ ସେ "ଅବିବେକୀ ସିଦ୍ଧାନ୍ତ" ବୋଲି ଅଭିହିତ କରି ଭରସା ନ ଥିଲେ ମଧ୍ୟ ଇରାନ ଶାନ୍ତିକୁ ସମର୍ଥନ କରେ ଏବଂ କୂଟନୀତିକ ମାର୍ଗରୁ ପଛକୁ ହଟିବ ନାହିଁ।

ଅପରପକ୍ଷରେ ଇରାନ ଶୁକ୍ରବାର ହୋର୍ମୁଜ ସମୁଦ୍ର ମାର୍ଗ ଖୋଲିବା ଘୋଷଣା କରିଥିଲେ ମଧ୍ୟ ପରିସ୍ଥିତି ଅଧିକ ଅସ୍ଥିର ହୋଇଯାଇଛି। ଶନିବାର କିଛି ଜାହାଜ ହର୍ମୁଜ ଅତିକ୍ରମ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେଗୁଡ଼ିକ ଉପରେ କରିବାକୁ ଚେଷ୍ଟା କଲେ ମଧ୍ୟ ପରେ ପୁଣି ସେହି ଜାହାଜ ଉପରେ ଟର୍ପେଡ଼ୋ ମାଡ଼ ହୋଇଛି। ଦିନକ ଦଳେ ଦୁଇଟି ଭାରତୀୟ ଝଣ୍ଡା ଲାଗିଥିବା ଜାହାଜ ଉପରେ ଗୋଳିବର୍ଷା ହୋଇଥିବାରୁ ସେମାନଙ୍କୁ ଫେରିଯିବାକୁ ପଡ଼ିଥିଲା। ବ୍ରିଟେନର ମାରିଟାଇମ ଟ୍ରେଡ୍ ଅପରେସନ୍ସ ଅନୁସାରେ, ଇରାନର ରେଭଲୁସନାରୀ ଗାର୍ଡ ଗନବୋଟ୍‌ମାନେ ଗୋଟିଏ ଟ୍ୟାଙ୍କର ଉପରେ ଗୋଳି କରିଥିଲେ ଏବଂ ଗୋଟିଏ କଣ୍ଟେନର ଜାହାଜକୁ କ୍ଷତିଗ୍ରସ୍ତ କରିଥିଲେ। ଭାରତର ବିଦେଶ ମନ୍ତ୍ରାଳୟ ଏହି ଘଟଣାକୁ "ଗମ୍ଭୀର" ବୋଲି କହି ଇରାନୀ ରାଜଦୂତଙ୍କୁ ତଲବ କରିଛି। ଅନ୍ୟପକ୍ଷରେ ପାକିସ୍ତାନରେ ଇରାନ-ଆମେରିକା ଆଲୋଚନା ପ୍ରସ୍ତାବ ପରେ ଓସଲାମାବାଦରେ ସୁରକ୍ଷା କଠୋର ବ୍ୟବସ୍ଥା କରାଯାଇଛି।

### ବାଣ କାରଖାନାରେ ଭୟଙ୍କର ବିସ୍ଫୋରଣ

# ୧୮ ମୃତ, ୬ ଆହତ



■ବିରୁଧୁନଗର, ୧୯ ।୪(ଏଜେନ୍ସି): ତାମିଲନାଡୁର ବିରୁଧୁନଗର ଜିଲ୍ଲା କାଟ୍ଟନାରପଟ୍ଟି ଅଞ୍ଚଳରେ ଏକ ବାଣ କାରଖାନାରେ ଭୟାବହ ବିସ୍ଫୋରଣ ଘଟିଛି। ଏହି ଦୁର୍ଘଟଣାରେ ୧୮ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ୬ ଜଣ ଗୁରୁତର ଭାବେ ଆହତ ହୋଇଥିବା ସୂଚନା ମିଳିଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଏହାର ପ୍ରଭାବରେ କାରଖାନା ନିକଟରେ ଥିବା କେତେକ ଅଟ୍ଟାଳିକାରେ ଫାଟ ସୃଷ୍ଟି ହୋଇଛି। ବିସ୍ଫୋରଣ ପରେ କାରଖାନାର କୋଠା ଭୁଶୁଡ଼ି ପଡ଼ିଛି। ଫଳରେ ଅନେକ ଶ୍ରମିକ ଭଗ୍ନାବଶେଷ ତଳେ ଚାପି ହୋଇ ରହିଥିବା ଆଶଙ୍କା କରାଯାଉଛି। ଅଗ୍ନିଶମ ବାହିନୀ, ପୋଲିସ ଏବଂ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ବିସ୍ଫୋରଣ କିଭଳି ▶ପୃଷ୍ଠା-୭

**ଥରିଲା ଆଖପାଖ ଅଞ୍ଚଳ**

## ଓଡ଼ିଶାର ସେମିକଣ୍ଡକ୍ଟର ଯାତ୍ରାରେ ନୂଆ ଅଧ୍ୟାୟ

■ ଭୁବନେଶ୍ୱର, ୧୯।୪ (ସମିସ): ସୂଚନା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆଉ ଏକ ପାଦେ ଆଗେଇଛି ଓଡ଼ିଶା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ରୀୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ତଥା ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରବିବାର ଖୋର୍ଦ୍ଧା ଜିଲ୍ଲାର ଇନ୍‌ଫୋଭ୍ୟାଲିଠାରେ ପ୍ରତିଷ୍ଠିତ ସେମିକଣ୍ଡକ୍ଟର ସଂସ୍ଥା ୩ଡି ଗ୍ଲାସ ସଲ୍ୟୁସନର ଅତ୍ୟାଧୁନିକ ଗ୍ଲାସ୍ ସବ୍‌ଷ୍ଟ୍ରେଟ୍ ପ୍ୟାକେଜିଙ୍ଗ ୟୁନିଟ୍ ପାଇଁ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଥିଲେ ଯେ ଆଜିର ଦିନ କେବଳ ଓଡ଼ିଶା ପାଇଁ ନୁହେଁ, ଭାରତର ଟେକ୍ନୋଲୋଜିକାଲ ଲିଡରଶିପ୍ ଯାତ୍ରା ପାଇଁ ମଧ୍ୟ ଏକ ସ୍ମରଣୀୟ ମୁହୂର୍ତ୍ତ। ଏହି ପ୍ରକଳ୍ପ ଦେଶରେ ପ୍ରଥମ ଥର ପାଇଁ ଏକ ଆଡଭାନ୍ସଡ୍ ୩ଡି ଗ୍ଲାସ୍ ସବ୍‌ଷ୍ଟ୍ରେଟ୍ ପ୍ୟାକେଜିଙ୍ଗ ସୁବିଧା ସୃଷ୍ଟି କରିବ। ଏହି ୟୁନିଟ୍‌ରେ ଉତ୍ପାଦିତ କମ୍ପୋନେଣ୍ଟଗୁଡ଼ିକ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ହାଇ ପର୍ଫର୍ମାନ୍ସ କମ୍ପ୍ୟୁଟିଂ ଓ ପ୍ରତିରକ୍ଷା ଇଲେକ୍ଟ୍ରୋନିକ୍ସ ଭଳି ବିକାଶଶୀଳ କ୍ଷେତ୍ରରେ ଗୁରୁତ୍ୱ ଅର୍ଜନ କରିବ। ଓଡ଼ିଶା ଆଜି ନିବେଶକମାନଙ୍କର ପ୍ରଥମ ପସନ୍ଦର ରାଜ୍ୟ ହୋଇପାରିଛି ବୋଲି ଶ୍ରୀ ମାଝୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ▶ପୃଷ୍ଠା-୭



**ନିବେଶକଙ୍କ ପ୍ରଥମ ପସନ୍ଦ ପାଲଟିଛି ଓଡ଼ିଶା: ମୁଖ୍ୟମନ୍ତ୍ରୀ**

**ଓଡ଼ିଶା ପାଇଁ ଏକ ନୂତନ ବିକାଶ ଯୁଗର ଆରମ୍ଭ: ଅଶ୍ୱିନୀ**

### ତହସିଲଦାରଙ୍କୁ ଟ୍ରାକ୍ଟର ଚଢ଼ାଇ ହତ୍ୟା ଉଦ୍ୟମ

## ୧୦ ଗିରଫ; ୭ ଟ୍ରାକ୍ଟର, ୨ ଜେସିବି ଜବତ

■ ବ୍ୟାସନଗର, ୧୯।୪ (ସମିସ): ଯାଜପୁର ଜିଲ୍ଲା ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡାଙ୍କୁ ଟ୍ରାକ୍ଟର୍ ଚଢ଼ାଇ ହତ୍ୟା ଉଦ୍ୟମ ଘଟଣାରେ କୋରେଇ ପୁଲିସ୍ ୧୦ଜଣଙ୍କୁ ଗିରଫ କରିଛି। ଏହାସହ ଖନନ କାର୍ଯ୍ୟରେ ନିୟୋଜିତ ୭ଟି ଟ୍ରାକ୍ଟର୍ ଏବଂ ୨ଟି ଜେସିବି ମେସିନ୍ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ହିଦ୍ୟାତୁଲା ଖାଁ ଓରଫ ବନ୍ଠୁ, ମଜିତ ଆହମତ ଖାଁ ଓରଫ୍ ରାଜା, କୀର୍ତ୍ତନ ଜେନା, ମନିର୍ ମହମ୍ମଦ, ଜମି ମାଲିକ ଏସ୍‌କେ ଚନ୍ଦା, ଜେସିବି ଚାଳକ ପିଙ୍କୁନ ପେଣ୍ଟେଇ, ଜିତେନ୍ଦ୍ର ବେହେରା, ଏସ୍‌କେ ସାହିଲ, ମିଟୁ ପରିଡ଼ା, ଏସ୍‌କେ ଧାରଣ ଓରଫ୍ ଏସ୍.କେ ସୋଏବ୍ କାଦିର। ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏମାନଙ୍କ ମଧ୍ୟରେ ଟ୍ରାକ୍ଟର୍ ଓ ଜେସିବି ଚାଳକ ଏବଂ ଜମି ମାଲିକ ରହିଛନ୍ତି।

ଶନିବାର ବ୍ୟାସନଗର ତହସିଲ ଅନ୍ତର୍ଗତ ସାଦକପୁର ପଞ୍ଚାୟତ ଫାଜଲପୁରସ୍ଥିତ କୋରେଇ ମୀନାବଜାର ଅଞ୍ଚଳରେ ଅବୈଧ ▶ପୃଷ୍ଠା-୭

### ଆଜି ଅକ୍ଷୟ ତୃତୀୟା

## ୨୦ ହଜାର କୋଟିର କାରବାର ଆଶା

■ ନୂଆଦିଲ୍ଲୀ, ୧୯।୪ (ଏଜେନ୍ସି): ଆଜି ଅକ୍ଷୟ ତୃତୀୟା। ତେବେ ଏହି ଅକ୍ଷୟ ତୃତୀୟାରେ ସୁନା କିଣିଲେ ଘରକୁ ଲକ୍ଷ୍ମୀ



ଆସିଥାନ୍ତି ବୋଲି ସମସ୍ତଙ୍କ ଧାରଣା ରହିଛି। ଏହାକୁ ନଜରରେ ରଖି ସାରା ଦେଶରେ ଜୁଏଲାରୀ ଶୋ'ରୁମ୍‌ଗୁଡିକ ବର୍ତ୍ତମାନ ସୁନା ଓ ରୁପା ଅଳଙ୍କାରରେ ସଜେଇ ହୋଇରହିଛି। ବୈଶ୍ୱିକ ଉତ୍ତେଜନା ଏବଂ ମଧ୍ୟ ପ୍ରାଚ୍ୟ ସଙ୍କଟରେ ଘରୋଇ ବଜାରରେ ସୁନା ଏବଂ ରୁପା ଦର ଆକାଶଛୁଆଁ ହୋଇଛି। ଏଭଳି ସମୟରେ ଚଳିତଥର ଅକ୍ଷୟ ତୃତୀୟାରେ ଦେଶବ୍ୟାପୀ ସୁନା ଏବଂ ରୁପା ବିକ୍ରି ୨୦ ▶ପୃଷ୍ଠା-୭






### ବଢୁଛି ତାତି

## ୧୧ ଜିଲ୍ଲାରେ ୨୩ ଯାଏଁ ସ୍କୁଲ ଛୁଟି

■ ଭୁବନେଶ୍ୱର, ୧୯।୪ (ସମିସ): ରାଜ୍ୟରେ ବଢୁଥିବା ତୀବ୍ର ଗ୍ରୀଷ୍ମ ତାପ ଓ ଅସହ୍ୟ ପାଣିପାଗ ପରିସ୍ଥିତିକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ୧୨ଟି ଜିଲ୍ଲାରେ ସ୍କୁଲ୍ ବନ୍ଦ ଘୋଷଣା କରିଛନ୍ତି। ଏହି ଜିଲ୍ଲାଗୁଡ଼ିକରେ ଏପ୍ରିଲ ୨୩ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ ଓ ପରେ ପରିସ୍ଥିତିର ପୁନଃ ସମୀକ୍ଷା କରାଯାଇ ପଦକ୍ଷେପ ନିଆଯିବ ବୋଲି ସୂଚନା ମିଳିଛି। ପ୍ରଥମେ ସମ୍ବଲପୁର, ନୂଆପଡ଼ା, ଝାରସୁଗୁଡ଼ା, ସୋନପୁର, କଳାହାଣ୍ଡି, ବଲାଙ୍ଗିର, ବୌଦ୍ଧ ଓ ମୟୂରଭଞ୍ଜ ଆଦି ଜିଲ୍ଲାରେ ଛୁଟି ଘୋଷଣା କରାଯାଇଥିଲା। ଆଜି ଖୋର୍ଦ୍ଧା ଓ ଦେଓଗଡ଼ ଜିଲ୍ଲା କର୍ତ୍ତୃପକ୍ଷ ସ୍କୁଲ ବନ୍ଦ ନିଷ୍ପତ୍ତି ନେବା ପରେ ଏହି ସଂଖ୍ୟା ୧୧ରେ ପହଞ୍ଚିଛି । ଅନ୍ୟପକ୍ଷରେ ଗ୍ରୀଷ୍ମ ପ୍ରବାହ କୁ ଦୃଷ୍ଟିରେ ରଖି କଟକ ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ସକାଳ ୯ଘଟିକା ▶ପୃଷ୍ଠା-୭

**କଟକରେ ଅଢ଼େଇ ଘଣ୍ଟିଆ ସ୍କୁଲ**


15001/21/2627

**ପବିତ୍ର ଅକ୍ଷୟ ତୃତୀୟା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**



ଜୟ ଜଗନ୍ନାଥ !

କୃଷିଭିତ୍ତିକ ପର୍ବ ଅକ୍ଷୟ ତୃତୀୟା ତଥା କୃଷକ ଦିବସ ଅବସରରେ ରାଜ୍ୟବାସୀ, ବିଶେଷ କରି କୃଷକ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । କୃଷିପ୍ରଧାନ ରାଜ୍ୟ ଓଡ଼ିଶାରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ କୃଷି କାର୍ଯ୍ୟର ଅୟମାରମ୍ଭ ହୋଇଥାଏ । ଏହି ପବିତ୍ର ତିଥିରେ ଆମ ଅନ୍ନଦାତା ଅକ୍ଷିମୁଠି ଅନୁକୂଳ କରି ଖେତରେ ସୁନାର ଫସଲ ଫଳାଇବା ପାଇଁ ସଂକଳ୍ପ ନେଇଥାନ୍ତି ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଚଳିତ ବର୍ଷ ଅକ୍ଷିମୁଠି ଅନୁକୂଳ ଶୁଭଙ୍କର ହେଉ । ଓଡ଼ିଶା ମାଟି ଶସ୍ୟଶ୍ୟାମଳା ହେଉ । ପ୍ରତିଟି ଚାଷୀ ପରିବାର ହସଖୁସି ଓ ସମୃଦ୍ଧିରେ ଭରି ଉଠୁ, ଏହା ହିଁ ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0021

# ଦେଶ ବିଦେଶ

ସକାଳ
THE SAKALA
www.sakalaepaper.com

## ଇଟାଲିରେ ଗୁରୁଦ୍ୱାରା ସମ୍ମୁଖରେ ଦୁଇ ଭାରତୀୟଙ୍କୁ ହତ୍ୟା

ରୋମ୍/ବର୍ଗାମୋ:,୧୯ ।୪(ଏଜେନ୍ସି): ପବିତ୍ର ବୈଶାଖୀ ପର୍ବର ଆନନ୍ଦ ଉଲ୍ଲାସ ମଧ୍ୟରେ ଇଟାଲୀରୁ ଏକ ହୃଦୟବିଦାରକ ଖବର ସାମ୍ନାକୁ ଆସିଛି । ବର୍ଗାମୋ ପ୍ରଦେଶର କୋଭୋ ସହରରେ ଏକ ଗୁରୁଦ୍ୱାରା ବାହାରେ ଦୁଇଜଣ ଭାରତୀୟଶିଖ୍ ବ୍ୟକ୍ତିଙ୍କୁ ଅତି ନିର୍ମମ ଭାବେ ଗୁଳି କରି ହତ୍ୟା କରାଯାଇଛି । ଏହି ବର୍ବରକାଣ୍ଡ ସମଗ୍ର ଭାରତୀୟ ସମୁଦାୟକୁ ସ୍ତବ୍ଧ କରିଦେଇଛି । ପ୍ରାପ୍ତ ସୂଚନା ଅନୁଯାୟୀ, ଗତ ଶୁକ୍ରବାର ବିଳମ୍ବିତ ରାତିରେ କୋଭୋ ସ୍ଥିତ 'ଗୁରୁଦ୍ୱାରା ମାତା ସାହିବ କୌର ଜୀ' ପରିସରରେ ଏହି ରକ୍ତାକ୍ତ ସଂଘର୍ଷ ଘଟିଥିଲା । ବୈଶାଖୀ ଉତ୍ସବ ପାଇଁ ଆୟୋଜିତ ଏକ ସମାବେଶ ଶେଷ କରି ଫେରୁଥିବା ସମୟରେ ଦୁଇଜଣ ବ୍ୟକ୍ତିଙ୍କୁ ଆତତାୟୀ ଗୁଳି କରିଥିଲେ । ମୃତକଙ୍କ ପରିଚୟ କୋଭୋ ନିବାସୀ ରାଜିନ୍ଦର ସିଂ (୪୮) ଏବଂ ଆଗନାଡେଲୋର ଗୁରମିତ ସିଂ (୪୮) ବୋଲି ଜଣାପଡିଛି । ସ୍ଥାନୀୟ ଗଣମାଧ୍ୟମ 'ଲା ସିସିଲିଆ'ର ରିପୋର୍ଟ ଅନୁସାରେ, ଏହା କୌଣସି ଆକସ୍ମିକ ବଚସାର ପରିଣାମ ନୁହେଁ, ବରଂ ଏକ ସୁଚିନ୍ତିତ ଓ ପୂର୍ବପରିକଳ୍ପିତ ନରସଂହାର ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି । ଆତତାୟୀ ଜଣକ କାର୍‌ରେ ଆସି ଅତି ନିକଟରୁ ପ୍ରାୟ ୧୦ ରାଉଣ୍ଡ ଗୁଳି ଚଳାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା ।

### 'ଭାରତ-ଇରାନ ସମ୍ପର୍କ ଅତୁଟ'

## ଗୁଳିବର୍ଷଣ ପରେ ସଫେଇ ଦେଲେ ଇରାନ ଅଧିକାରୀ

ନୂଆଦିଲ୍ଲୀ/ତେହେରାନ: ୧୯ ।୪(ଏଜେନ୍ସି): ହର୍ମୁଜ ପ୍ରଣାଳୀରେ ଭାରତୀୟ ଜାହାଜ ଉପରକୁ ଇରାନ ସେନାର ଗୁଳିବର୍ଷଣକୁ ନେଇ ସୃଷ୍ଟି ହୋଇଥିବା ଉତ୍ତେଜନା ମଧ୍ୟରେ ଇରାନର ଶୀର୍ଷ ପ୍ରତିନିଧି ଏକ ଗୁରୁତ୍ୱପୂର୍ଣ୍ଣ ବୟାନ ଦେଇଛନ୍ତି । ପଶ୍ଚିମ ଏସିଆରେ ସାମରିକ ସ୍ଥିତି ଜଟିଳ ହେଉଥିଲେ ହେଁ, ଭାରତ ଓ ଇରାନ ମଧ୍ୟରେ ଥିବା ଐତିହାସିକ ବନ୍ଧୁତା କାଏମ ରହିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଭାରତରେ ଅବସ୍ଥାପିତ ଇରାନର ପ୍ରତିନିଧି ଡକ୍ଟର ଅବଦୁଲ ମଜିଦ ହାକିମ ଇଲାହି କହିଛନ୍ତି ଯେ, ଭାରତ ସହ ଆମର ସମ୍ପର୍କ ଅତ୍ୟନ୍ତ ସୁଦୃଢ଼ । ଏହି ବନ୍ଧୁତାର ଚେର ୫,୦୦୦ ବର୍ଷର ଇତିହାସ ସହ ଜଡ଼ିତ ଏବଂ ଆଗାମୀ ଦିନରେ ଏହା ଆହୁରି ମଜଭୁତ ହେବ । ହର୍ମୁଜ ପ୍ରଣାଳୀ ଦେଇ ଭାରତୀୟ ତୈଳବାହୀ ଜାହାଜଗୁଡ଼ିକର ସୁରକ୍ଷିତ ଯାତାୟାତ ପାଇଁ ଇରାନ ସର୍ବଦା ସହାୟକ ହୋଇଆସିଛି ବୋଲି ସେ ମନେ ପକାଇ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଗତ ଶନିବାର ଓମାନ ନିକଟବର୍ତ୍ତୀ ସମୁଦ୍ରରେ ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ଦୁଇଟି ଭାରତୀୟ ପତାକାଧାରୀ ଜାହାଜକୁ ଟାର୍ଗେଟ କରିଥିଲା । ଅଶୋଧିତ ତୈଳବାହୀ ଜାହାଜ ସାନମାର ହେରାଲ୍ଡ ଏବଂ ଜଗ ଅର୍ଣ୍ଣବ ଉପରକୁ ଗୁଳିବର୍ଷଣ କରାଯାଇଥିଲା । ଏଥିମଧ୍ୟରୁ ଗୋଟିଏ ଜାହାଜ ଉପରକୁ ଗୁଳି ମାଡ଼ ହୋଇ କଣ୍ଟେନର କ୍ଷତିଗ୍ରସ୍ତ ହୋଇଥିଲେ ହେଁ, ସୌଭାଗ୍ୟବଶତଃ ସମସ୍ତ ନାବିକ ସୁରକ୍ଷିତ ଅଛନ୍ତି ।

### ସାଉଦି ଆରବରେ ଅବୈଧ ବାସିନ୍ଦାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

## ସପ୍ତାହରେ ୧୪,୦୦୦ରୁ ଅଧିକ ଗିରଫ

ରିୟାଦ,୧୯ ।୪(ଏଜେନ୍ସି): ସାଉଦି ଆରବ ସରକାର ଦେଶରେ ଅବୈଧ ଭାବେ ବସବାସ କରୁଥିବା ବିଦେଶୀ ନାଗରିକଙ୍କ ବିରୋଧରେ ଏକ ବଡ଼ ଧରଣର ଅଭିଯାନ ଆରମ୍ଭ କରିଛନ୍ତି । ମାତ୍ର ଏକ ସପ୍ତାହ ମଧ୍ୟରେ ଦେଶବ୍ୟାପୀ ଚଢ଼ଉ କରାଯାଇ ୧୪,୪୮୭ ଜଣ ଅବୈଧ ବାସିନ୍ଦାଙ୍କୁ ଗିରଫ କରାଯାଇଥିବା ସାଉଦି ଗୃହ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଏହି ସପ୍ତାହବ୍ୟାପୀ ମିଳିତ ଅଭିଯାନ ଏପ୍ରିଲ୍ ୯ ରୁ ୧୫ ମଧ୍ୟରେ ସୁରକ୍ଷା ବଳ ଏବଂ ବିଭିନ୍ନ ସରକାରୀ ସଂସ୍ଥା ଦ୍ୱାରା ପରିଚାଳିତ ହୋଇଥିଲା । ଗିରଫ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ୭,୯୧୧ ଜଣ ବାସସ୍ଥାନ ନିୟମ ଉଲ୍ଲଂଘନ କରିଥିବା ଜଣାପଡ଼ିଛି । ସେହିପରି ୩,୫୮୮ ଜଣ ସୀମା ଅତିକ୍ରମ କରି ଦେଶକୁ ଅବୈଧ ଭାବେ ପ୍ରବେଶ କରିଥିଲେ । ୨,୯୮୮ ଜଣ ଶ୍ରମ ଆଇନର ବିରୋଧରେ କାର୍ଯ୍ୟ କରୁଥିବା ବେଳେ ଧରାପଡ଼ିଛନ୍ତି । ଅବୈଧ ଭାବେ ରହୁଥିବା ବିଦେଶୀଙ୍କୁ ନିଜ ଦେଶକୁ ଫେରାଇବା ପାଇଁ ପ୍ରଶାସନ ତ୍ୱରିତ ପଦକ୍ଷେପ ଗ୍ରହଣ କରିଛି । ବର୍ତ୍ତମାନ ପର୍ଯ୍ୟନ୍ତ ୧୨,୫୫୪ ଜଣଙ୍କୁ ସାଉଦି ଆରବରୁ ନିର୍ବାସିତ କରାଯାଇଛି । ପ୍ରାୟ ୨୧,୧୨୭ ଜଣଙ୍କୁ ସେମାନଙ୍କର ସମ୍ପୃକ୍ତ ଦୂତାବାସ ସହ ଯୋଗାଯୋଗ କରି ଯାତ୍ରା ଦସ୍ତାବିଜ୍ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ସମୁଦାୟ ୩୯,୨୫୮ ଜଣ ବିଦେଶୀ (୩୫,୪୬୦ ପୁରୁଷ ଓ ୩,୭୯୮ ମହିଳା) ଏବେ ମଧ୍ୟ ଆଇନଗତ ପ୍ରକ୍ରିୟାର ସମ୍ମୁଖୀନ ହେଉଛନ୍ତି ।

## ମଣିପୁରରେ ଆତଙ୍କବାଦୀଙ୍କ ଗୁଳିରେ ୨ ମୃତ

ଇମ୍ଫାଲ,୧୯ ।୪(ଏଜେନ୍ସି): ମଣିପୁରର ଉଖ୍ରୁଲ୍ ଜିଲ୍ଲାରେ ଶନିବାର ଅପରାହ୍ଣ ପ୍ରାୟ ୨:୩୦ ସମୟରେ ଏକ ଅଭାବନୀୟ ଘଟଣା ଘଟିଛି । ଚଳନ୍ତା ଗାଡ଼ି ଉପରକୁ ଆତଙ୍କବାଦୀମାନେ ଅତର୍କିତ ଗୁଳିଚାଳନା କରିବାରୁ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ସମେତ ଦୁଇଜଣଙ୍କର ମୃତ୍ୟୁ ଘଟିଛି । ମୃତ୍ୟୁବରଣ କରିଥିବା ଦୁଇ ବ୍ୟକ୍ତି ହେଲେ, ଏସ୍‌ଡବ୍ଲ୍ୟୁ ଚିନାଓଶାଙ୍ଗ (୪୬) ଏବଂ ୟାରୁଇଙ୍ଗମ ୱାଶୁମ୍ (୪୨) । ସେମାନେ ଇମ୍ଫାଲରୁ ଉଖ୍ରୁଲ୍ ଅଭିମୁଖେ ଯିବା ସମୟରେ ଏହି ଆକ୍ରମଣ ହୋଇଥିଲା । ଘଟଣାର ମାତ୍ର ଦିନକ ପୂର୍ବରୁ ମୁଖ୍ୟମନ୍ତ୍ରୀ ୟୁମନାମ ଖେମଚାନ୍ଦ ସିଂହ ଉଖ୍ରୁଲ୍ ଗସ୍ତ କରି କୁକି ଏବଂ ନାଗା ସମ୍ପ୍ରଦାୟକୁ ଶାନ୍ତି ବଜାୟ ରଖିବାକୁ ନିବେଦନ କରିଥିଲେ । ଏହି ସମ୍ବେଦନଶୀଳ ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏହାର ତଦନ୍ତ ଭାର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ହସ୍ତାନ୍ତର କରାଯାଇଛି । ତାଙ୍ଗଖୁଲ ନାଗା ଲଙ୍ଗ୍ (ଟିଏନ୍‌ଏଲ୍) ପକ୍ଷରୁ ଏହି ଆକ୍ରମଣ ପାଇଁ କୁକି ସମ୍ପ୍ରଦାୟକୁ ଦାୟୀ କରାଯାଇଛି ।

## ମୋଦୀଙ୍କ ଭାଷଣ ବିରୋଧରେ ସିପିଆଇଏମ୍ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ


ନୂଆଦିଲ୍ଲୀ,୧୯।୪(ଏଜେନ୍ସି): ମହିଳା ସଂରକ୍ଷଣ ଅଧ୍ୟାଦେଶ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶନ ଅଭିଭାଷଣକୁ ପାଇଁ ଏବେ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି । ପ୍ରଧାନମନ୍ତ୍ରୀ ସରକାରୀ ପ୍ରସାରଣ ମାଧ୍ୟମ ଦୂରଦର୍ଶନର ବ୍ୟବହାର କରି ନିର୍ବାଚନ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଥିବା ନେଇ ସିପିଆଇ(ଏମ) ଏବଂ ସିପିଆଇ ଭାରତୀୟ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରିଛନ୍ତି । ସିପିଆଇ(ଏମ) ସାଧାରଣ ସମ୍ପାଦକ ଏମଏ ବେବି ନିର୍ବାଚନ କମିଶନଙ୍କୁ ଏକ ଔପଚାରିକ ପତ୍ର ଦେଇଛନ୍ତି । ଏପ୍ରିଲ ୧୮ ରେ ପ୍ରଧାନମନ୍ତ୍ରୀ ଦେଇଥିବା ଟେଲିଭିଜନ ଅଭିଭାଷଣ କୌଣସି ସରକାରୀ ସୂଚନା ନଥିଲା ବରଂ ଏହା ଏକ ପକ୍ଷପାତମୂଳକ ରାଜନୈତିକ ଭାଷଣ ଥିଲା । ବର୍ତ୍ତମାନ ପଶ୍ଚିମବଙ୍ଗ ଏବଂ ତାମିଲନାଡୁରେ ବିଧାନସଭା ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ରହିଥିବା ବେଳେ ଏଭଳି ଅଭିଭାଷଣ ଭୋଟରଙ୍କୁ ପ୍ରଭାବିତ କରିବାର ଏକ ପ୍ରୟାସ ବୋଲି ଦଳ ଅଭିଯୋଗ କରିଛି । ନିର୍ବାଚନ ସମୟରେ କ୍ଷମତାସୀନ ଦଳ ସରକାରୀ ପାଣ୍ଠି କିମ୍ବା ସରକାରୀ ଗଣମାଧ୍ୟମକୁ ନିଜର ଦଳୀୟ ପ୍ରଚାର ପାଇଁ ବ୍ୟବହାର କରିବା ଆଦର୍ଶ ଆଚରଣ ବିଧିର ସ୍ପଷ୍ଟ ଉଲ୍ଲଂଘନ ବୋଲି ବାମଦଳ ଅଭିଯୋଗ କରିଛି । ସେପଟେ କଂଗ୍ରେସ ଏହାକୁ କୁମ୍ଭୀର କାନ୍ଦଣା ଅଭିହିତ କରିଛି ।

## ଉତ୍ତର କୋରିଆର ପୁଣି ବାଲିଷ୍ଟିକ୍ ମିସାଇଲ୍ ନିକ୍ଷେପ



ପିଓଙ୍ଗୟାଙ୍ଗ/ସିଓଲ,୧୯ ।୪(ଏଜେନ୍ସି): ବିଶ୍ୱର ଚେତାବନୀ ସତ୍ତ୍ୱେ ଉତ୍ତର କୋରିଆ ନିଜର ସାମରିକ ଶକ୍ତି ପ୍ରଦର୍ଶନ ଜାରି ରଖିଛି । ରବିବାର ସକାଳେ ଉତ୍ତର କୋରିଆ ପୁଣି ଥରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରି ସମଗ୍ର ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ହଇଚଇ ସୃଷ୍ଟି କରିଛି । ଏହି କ୍ଷେପଣାସ୍ତ୍ରଗୁଡ଼ିକ ପୂର୍ବ ଉପକୂଳର ସିନପୋ ସହର ନିକଟରୁ ସମୁଦ୍ର ମଧ୍ୟକୁ ନିକ୍ଷେପ କରାଯାଇଛି । ପ୍ରାପ୍ତ ସୂଚନା ଅନୁଯାୟୀ, ନିକ୍ଷେପ କରାଯାଇଥିବା କ୍ଷେପଣାସ୍ତ୍ରଗୁଡ଼ିକ ପ୍ରାୟ ୧୪୦ କିଲୋମିଟର ଦୂରତା ଅତିକ୍ରମ କରି ସମୁଦ୍ରରେ ପତିତ ହୋଇଛି । ଚଳିତ ମାସରେ ଏହା ଉତ୍ତର କୋରିଆର ଚତୁର୍ଥ ଏବଂ ଚଳିତ ବର୍ଷର ସପ୍ତମ କ୍ଷେପଣାସ୍ତ୍ର ପରୀକ୍ଷଣ । ଦକ୍ଷିଣ କୋରିଆର ପୂର୍ବତନ ସୁରକ୍ଷା ପରାମର୍ଶଦାତା କିମ୍ କି-ଜୁଙ୍ଗଙ୍କ ମତରେ, ଆମେରିକା ଏବଂ ଦକ୍ଷିଣ କୋରିଆ ସହ କୌଣସି ସମ୍ଭାବ୍ୟ ଆଲୋଚନା ପୂର୍ବରୁ ନିଜର ପକ୍ଷକୁ ମଜଭୁତ କରିବା ପାଇଁ ଏହା କିମ୍ ଜୋଙ୍ଗ୍ ଉନ୍‌ଙ୍କର ଏକ ରଣନୈତିକ ଚାପ । ଏହି ଘଟଣା ପରେ ଦକ୍ଷିଣ କୋରିଆ ଏବଂ ଜାପାନ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

## ଦ୍ୱିତୀୟ ସନ୍ତାନର ମାତାପିତା ହେବେ ଦୀପିକା-ରଣବୀର



ମୁମ୍ବାଇ,୧୯ ।୪(ଏଜେନ୍ସି): ବଲିଉଡର ସବୁଠାରୁ ପ୍ରିୟ ଯୋଡ଼ି ଦୀପିକା ପାଦୁକୋନ ଏବଂ ରଣବୀର ସିଂହ ପୁଣି ଥରେ ପିତାମାତା ହେବାକୁ ଯାଉଛନ୍ତି । ରବିବାର ଏହି ଦମ୍ପତି ସୋସିଆଲ ମିଡିଆ ମାଧ୍ୟମରେ ନିଜର ଦ୍ୱିତୀୟ ପ୍ରେଗନାନ୍ସି ବିଷୟରେ ଘୋଷଣା କରି ପ୍ରଶଂସକମାନଙ୍କୁ ଏକ ବଡ଼ ଖୁସି ଖବର ଦେଇଛନ୍ତି । ଦୀପିକା ଏବଂ ରଣବୀର ଇନଷ୍ଟାଗ୍ରାମରେ ଏକ ମିଳିତ ପୋଷ୍ଟ ସେୟାର କରିଛନ୍ତି । ଏହି ଫଟୋରେ ସେମାନଙ୍କର ପ୍ରଥମ କନ୍ୟା ସନ୍ତାନ ଦୁଆ ଏକ ପଜିଟିଭ୍ ପ୍ରେଗନାନ୍ସି ଟେଷ୍ଟ କିଟ୍ ଧରିଥିବାର ଦେଖିବାକୁ ମିଳିଛି । ଦୀପିକା ଏହି ପୋଷ୍ଟ ସହ ଦୁଇଟି 'ଇଭିଲ୍ ଆଇ' ଇମୋଜି କ୍ୟାପସନରେ ଲେଖିଛନ୍ତି, ଯାହା ସେମାନଙ୍କ ଜୀବନର ଏହି ନୂତନ ଅଧ୍ୟାୟକୁ ନେଇ ସେମାନଙ୍କ ଉତ୍ସାହକୁ ଦର୍ଶାଉଛି । ଦୀପିକା ଏବଂ ରଣବୀର ୨୦୧୮ ନଭେମ୍ବର ୧୪ ରେ ଇଟାଲୀର ଲେକ୍ କୋମୋରେ ଏକ ଭବ୍ୟ ସମାରୋହରେ ବିବାହ କରିଥିଲେ । ଉଭୟ କୋଙ୍କଣୀ ଏବଂ ସିନ୍ଧି ରୀତିନୀତିରେ ସେମାନଙ୍କର ବିବାହ ଅନୁଷ୍ଠିତ ହୋଇଥିଲା ।

### ଆମେରିକୀୟ ବିଶେଷଜ୍ଞଙ୍କ ଚେତାବନୀ

## ଟ୍ରମ୍ପ-ମୁନିର୍ ବନ୍ଧୁତା ଦେଶ ପାଇଁ ବିପଦ



ୱାସିଂଟନ୍/ଇସଲାମାବାଦ,୧୯ ।୪(ଏଜେନ୍ସି):

ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ତୀବ୍ର ସାମରିକ ଉତ୍ତେଜନା ମଧ୍ୟରେ ପାକିସ୍ତାନୀ ସେନାମୁଖ୍ୟ ଫିଲ୍ଡ ମାର୍ଶଲ ଆସୀମ ମୁନିରଙ୍କ ଭୂମିକା ଏବେ ବିଶ୍ୱ ରାଜନୀତିରେ ଚର୍ଚ୍ଚାର ବିଷୟ ପାଲଟିଛି । ଏପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ସୁସମ୍ପର୍କ ଏବଂ ଇରାନର ସାମରିକ ଶୀର୍ଷ ନେତୃତ୍ୱଙ୍କ ସହ ତାଙ୍କର ଘନିଷ୍ଠତା ଆମେରିକୀୟ ବିଶେଷଜ୍ଞମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ସମ୍ପ୍ରତି ଇରାନ ଗସ୍ତ ଶେଷ କରିଥିବା ଆସୀମ ମୁନିର ହେଉଛନ୍ତି ପ୍ରଥମ ବିଦେଶୀ ନେତା, ଯିଏ ଯୁଦ୍ଧ ପରିସ୍ଥିତି ମଧ୍ୟରେ ତେହରାନ ଗସ୍ତ କରିଛନ୍ତି । 'ଫକ୍ସ ନ୍ୟୁଜ୍ ଡିଜିଟାଲ୍'ର ରିପୋର୍ଟ ଅନୁଯାୟୀ, ମୁନିରଙ୍କର ଇରାନର 'ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ' (ଆଇଆରଜିସି) ସହ ଗଭୀର ସମ୍ପର୍କ ରହିଛି । ସୂଚନା ମୁତାବକ, ମୁନିରଙ୍କର ୨୦୨୦ରେ ଆମେରିକା ଆକ୍ରମଣରେ ନିହତ କାସେମ ସୁଲେମାନୀ ଏବଂ ୨୦୨୫ରେ ଇସ୍ରାଏଲ୍ ଆକ୍ରମଣରେ ପ୍ରାଣ ହରାଇଥିବା ହୋସେନ୍ ସଲାମୀଙ୍କ ସହ ବ୍ୟକ୍ତିଗତ ବନ୍ଧୁତା ଥିଲା । ୨୦୧୬-୧୭ ମସିହାରେ ପାକିସ୍ତାନର ମିଲିଟାରୀ ଇଣ୍ଟେଲିଜେନ୍ସ ମୁଖ୍ୟ ଥିବା ବେଳୁ ସେ ଇରାନର ଗୋଇନ୍ଦା ଓ ସାମରିକ ବ୍ୟବସ୍ଥା ସହ ଏକ ଦୃଢ଼ ସମୀକରଣ ପ୍ରସ୍ତୁତ କରିଛନ୍ତି । 'ଫାଉଣ୍ଡେସନ ଫର ଡିଫେନ୍ସ ଅଫ୍ ଡେମୋକ୍ରାସି'ର ବରିଷ୍ଠ ବିଶେଷଜ୍ଞ ବିଲ୍ ରୋଗିଓ ଟ୍ରମ୍ପ ପ୍ରଶାସନକୁ ଏକ ବଡ଼ ଚେତାବନୀ ଦେଇଛନ୍ତି । ଆଫଗାନିସ୍ତାନ ଯୁଦ୍ଧ ସମୟରେ ପାକିସ୍ତାନ ଉପରେ ରଖାଯାଇଥିବା ବିଶ୍ୱାସ କିଭଳି ଭୁଲ୍ ଥିଲା, ତାହା ସେ ମନେ ପକାଇ ଦେଇଛନ୍ତି । ମୁନିରଙ୍କର ଆଇଆରଜିସି ସହ ଥିବା ସମ୍ପର୍କ ଆମେରିକା ପାଇଁ ଏକ 'ରେଡ୍ ଫ୍ଲାଗ୍' ବା ବିପଦର ସଙ୍କେତ । ପାକିସ୍ତାନ ସାମ୍ନାରେ ବନ୍ଧୁତା କରୁଥିଲେ ମଧ୍ୟ ପଛରେ ଶତ୍ରୁ ପକ୍ଷ ସହ ହାତ ମିଳାଇଥାଏ ବୋଲି ରୋଗିଓ ଦାବି କରିଛନ୍ତି । ପାକିସ୍ତାନୀ ବିଶ୍ଳେଷକ ରଜା ରୁମିଙ୍କ ମତରେ, ଆସୀମ ମୁନିରଙ୍କ ଭଳି ବ୍ୟକ୍ତିତ୍ୱଙ୍କ ଉତ୍ଥାନ ଦର୍ଶାଉଛି ଯେ ପାକିସ୍ତାନର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଉପରେ ସେନା କିଭଳି ନିଜର ଆଧିପତ୍ୟ ବିସ୍ତାର କରିଚାଲିଛି । ଇରାନ ରାଷ୍ଟ୍ରପତି, ବୈଦେଶିକ ମନ୍ତ୍ରୀ ଏବଂ ବାଚସ୍ପତିଙ୍କ ସହ ମୁନିରଙ୍କ ସାକ୍ଷାତକାର କେବଳ ସାମରିକ ନୁହେଁ, ବରଂ ଏକ କୂଟନୈତିକ ବିଜୟ ବୋଲି ପାକିସ୍ତାନ ଦର୍ଶାଉଛି । ଆସନ୍ତା ସପ୍ତାହରେ ଇସଲାମାବାଦରେ ଆମେରିକା ଏବଂ ଇରାନ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ହେବାକୁ ଯାଉଛି । ଏହି ସମ୍ବେଦନଶୀଳ ସମୟରେ ଅସୀମ ମୁନିର ଜଣେ 'ମଧ୍ୟସ୍ଥି' ସାଜିବେ ନା ଆମେରିକା ପାଇଁ ନୂଆ ସମସ୍ୟା ସୃଷ୍ଟି କରିବେ, ତାହା ଉପରେ ସମଗ୍ର ବିଶ୍ୱର ନଜର ରହିଛି । ତେବେ ୱାସିଂଟନର ଏକ ବଡ଼ ଗୋଷ୍ଠୀ ଏବେ ମଧ୍ୟ ପାକିସ୍ତାନର ଦୋମୁହାଁ ନୀତିକୁ ନେଇ ସନ୍ଦେହ ପ୍ରକଟ କରୁଛନ୍ତି ।

### ଅନ୍ତିମ ନିଷ୍କର୍ଷଠାରୁ ବହୁ ଦୂରରେ ତେହେରାନ

## ଯୁଦ୍ଧବିରତି ପୂର୍ବରୁ ବଢ଼ୁଛି ତିକ୍ତତା

ନୂଆଦିଲ୍ଲୀ/ଇସଲାମାବାଦ,୧୯ ।୪(ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଜାରି ରହିଥିବା ଦୁଇ ସପ୍ତାହର ଯୁଦ୍ଧବିରତି ଆସନ୍ତା ବୁଧବାର ଶେଷ ହେବାକୁ ଯାଉଥିବା ବେଳେ, ଶାନ୍ତି ଆଲୋଚନା ଏବେ ମଧ୍ୟ ଅନିଶ୍ଚିତତାର କଳାବାଦଲ ଘେରରେ ରହିଛି । ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ ଜାରି ରହିଥିଲେ ହେଁ, ଇରାନର ସଂସଦୀୟ ବାଚସ୍ପତି ମହମ୍ମଦ ବାଘେର ଗାଲିବାଫଙ୍କ ବୟାନ ବିଶ୍ୱ ରାଜନୀତିରେ ହଇଚଇ ସୃଷ୍ଟି କରିଛି । 'ଆମେ ଏବେ ମଧ୍ୟ ଚୂଡ଼ାନ୍ତ ଆଲୋଚନାଠାରୁ ବହୁ ଦୂରରେ ଅଛୁ ବୋଲି ସେ ସ୍ପଷ୍ଟ କରିଛନ୍ତି । ଇସଲାମାବାଦରେ ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସଙ୍କ ସହ ଉଚ୍ଚସ୍ତରୀୟ ଆଲୋଚନା ପରେ ଗାଲିବାଫ ଏକ ଟେଲିଭିଜନ ସମ୍ବୋଧନରେ କହିଛନ୍ତି ଯେ, ଆଲୋଚନାରେ ଅନେକ ଶୂନ୍ୟସ୍ଥାନ ରହିଛି ଏବଂ କେତେକ ମୌଳିକ ପ୍ରସଙ୍ଗରେ ସହମତି ହୋଇପାରି ନାହିଁ ।

ଇରାନ ରଣକ୍ଷେତ୍ରରେ ନିଜକୁ ବିଜୟୀ ବୋଲି ଦାବି କରିବା ସହ କହିଛି ଯେ, କେବଳ ନିଜର ସର୍ତ୍ତ ପୂରଣ ହୋଇଥିବାରୁ ତେହେରାନ ଏହି ଅସ୍ଥାୟୀ ଯୁଦ୍ଧବିରତିକୁ ଗ୍ରହଣ କରିଥିଲା । ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ 'ହର୍ମୁଜ ପ୍ରଣାଳୀ' ବର୍ତ୍ତମାନ ଇରାନର ସଂପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି ବୋଲି ସେ ଘୋଷଣା କରିଛନ୍ତି । ଅପରପକ୍ଷରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ଏହି ଆଭିମୁଖ୍ୟକୁ କଡ଼ା ସମାଲୋଚନା କରିଛନ୍ତି । ହର୍ମୁଜ ପ୍ରଣାଳୀକୁ ବାରମ୍ବାର ବନ୍ଦ କରିବା ଏବଂ ଖୋଲିବା ପ୍ରସଙ୍ଗରେ ସେ କହିଛନ୍ତି ଯେ, ଇରାନ ଆମେରିକାକୁ 'ବ୍ଲାକମେଲ୍' କରିବାକୁ ଚେଷ୍ଟା କରୁଛି । ଯଦି ବୁଧବାର ସୁଦ୍ଧା କୌଣସି ସ୍ଥାୟୀ ସମାଧାନ ନବାହାରେ, ତେବେ ପୁଣି ଥରେ 'ବୋମାମାଡ଼' ଆରମ୍ଭ କରାଯାଇପାରେ ବୋଲି ଟ୍ରମ୍ପ ଧମକ ଦେଇଛନ୍ତି । ଇରାନ ଏବଂ ଆମେରିକା ମଧ୍ୟରେ ଚାଲିଥିବା ଏହି ଶୀତଳ ଯୁଦ୍ଧର ପ୍ରଭାବ ଏବେ ସାମୁଦ୍ରିକ ବାଣିଜ୍ୟ ଉପରେ ପଡ଼ିବା ଆରମ୍ଭ କରିଛି । ଗତକାଲି 'ଜଗ ଅର୍ଣ୍ଣବ' ଏବଂ 'ସାନମାର ହେରାଲ୍ଡ' ନାମକ ଦୁଇଟି ଭାରତୀୟ ଜାହାଜ ଉପରକୁ ଇରାନର ଗନବୋଟ୍ ଗୁଳି କରିବା ଘଟଣା ପରିସ୍ଥିତିକୁ ଜଟିଳ କରିଛି ।

### କମଳା ହାରିଶଙ୍କ ବିସ୍ଫୋରକ ଅଭିଯୋଗ

## ଏପଷ୍ଟାଇନ୍ ଫାଇଲ୍‌ରୁ ନଜର ହଟାଇବାକୁ ପ୍ରୟାସ

ୱାସିଂଟନ, ୧୯ ।୪ (ଏଜେନ୍ସି): ଆମେରିକାର ପୂର୍ବତନ ଉପ-ରାଷ୍ଟ୍ରପତି କମଳା ହାରିଶ ବର୍ତ୍ତମାନର ଟ୍ରମ୍ପ ପ୍ରଶାସନକୁ ବିରୋଧ କରି ବଡ଼ ଧରଣର ସମାଲୋଚନା କରିଛନ୍ତି । ଇରାନ ସହ ଚାଲିଥିବା ଯୁଦ୍ଧ ପାଇଁ ସେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଦାୟୀ କରିବା ସହ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରଣନୀତି ଉପରେ ପ୍ରଶ୍ନ ଉଠାଇଛନ୍ତି । ଶନିବାର ଡେଟ୍ରୋଇଟ୍‌ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ହାରିଶ କହିଛନ୍ତି ଯେ, ଆମେରିକାବାସୀ ଚାହୁଁନଥିବା ଏହି ଯୁଦ୍ଧ ଭିତରକୁ ଟ୍ରମ୍ପଙ୍କୁ ଟାଣି ଅଣାଯାଇଛି । ହାରିଶଙ୍କ ଅଭିଯୋଗ ଅନୁସାରେ, ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ ପ୍ରରୋଚନାରେ ଟ୍ରମ୍ପ ଏହି ଯୁଦ୍ଧରେ ସାମିଲ ହୋଇଛନ୍ତି । ଯଦିଓ ନେତାନ୍ୟାହୁ ଏଭଳି ଦାବିକୁ ପୂର୍ବରୁ 'ଫେକ୍ ନ୍ୟୁଜ୍' ବୋଲି କହି ପ୍ରତ୍ୟାଖ୍ୟାନ କରିଛନ୍ତି । ଏହି ଅନାବଶ୍ୟକ ଯୁଦ୍ଧ ଯୋଗୁଁ ଆମେରିକାର ସାମରିକ କର୍ମଚାରୀଙ୍କ ଜୀବନ ବିପଦରେ ପଡ଼ିଛି ବୋଲି ସେ ଚେତାବନୀ ଦେଇଛନ୍ତି । କମଳା ହାରିଶ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ,

### ନେତାନ୍ୟାହୁଙ୍କ ପ୍ରରୋଚନାରେ ଇରାନ ଯୁଦ୍ଧରେ ଛନ୍ଦି ହୋଇଛନ୍ତି ଟ୍ରମ୍ପ



ଟ୍ରମ୍ପଙ୍କ 'ଅପରେସନ୍ ଏପିକ୍ ଫ୍ୟୁରି' ପ୍ରକୃତରେ ଏକ କୂଟନୈତିକ ଚାଲ । ଚର୍ଚ୍ଚିତ 'ଏପଷ୍ଟାଇନ୍ ଫାଇଲ୍' ବିବାଦରୁ ଲୋକଙ୍କ ନଜର ହଟାଇବା ପାଇଁ ଟ୍ରମ୍ପ ପ୍ରଶାସନ ଏଭଳି ସାମରିକ ପଦକ୍ଷେପ ନେଉଛି ବୋଲି ସେ ଏଏନ୍‌ଆଇ ନ୍ୟୁଜ୍ ଏଜେନ୍ସିକୁ ଦେଇଥିବା ବୟାନରେ କହିଛନ୍ତି । ଆମେରିକାର ବର୍ତ୍ତମାନର ଶାସନ ବ୍ୟବସ୍ଥାକୁ ଇତିହାସର 'ସବୁଠାରୁ ଦୁର୍ନୀତିଗ୍ରସ୍ତ ଏବଂ ଅପାରଗ' ପ୍ରଶାସନ ବୋଲି ହାରିଶ ଅଭିହିତ କରିଛନ୍ତି । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଟ୍ରମ୍ପ ହେଉଛନ୍ତି ପ୍ରଥମ ରାଷ୍ଟ୍ରପତି, ଯିଏ ଆମେରିକାର ପୁରାତନ ବନ୍ଧୁତା ଓ ସାମରିକ ମେଣ୍ଟଗୁଡ଼ିକୁ ସୁରକ୍ଷା ଦେବାର ଦାୟିତ୍ୱରୁ ଓହରି ଯାଇଛନ୍ତି । ସାର୍ବଭୌମତ୍ୱ ଏବଂ ଅନ୍ତର୍ଜାତୀୟ ନିୟମଗୁଡ଼ିକୁ ଟ୍ରମ୍ପ ଅଣଦେଖା କରୁଥିବା ଯୋଗୁଁ ଆମେରିକା ଏବେ ବିଶ୍ୱ ଦରବାରରେ ଏକ 'ଅବିଶ୍ୱସନୀୟ' ଦେଶରେ ପରିଣତ ହୋଇଛି ବୋଲି ସେ କହିଛନ୍ତି । କେବଳ ବୈଦେଶିକ ନୀତି ନୁହେଁ, ବରଂ ସ୍ୱାସ୍ଥ୍ୟ ସେବା, ଅର୍ଥନୀତି ଏବଂ ମହିଳାଙ୍କ ପ୍ରଜନନ ଅଧିକାର ଭଳି ଘରୋଇ ପ୍ରସଙ୍ଗରେ ମଧ୍ୟ ହାରିଶ ଟ୍ରମ୍ପଙ୍କୁ ସମାଲୋଚନା କରିଛନ୍ତି । ଆସନ୍ତା ନଭେମ୍ବରରେ ହେବାକୁ ଥିବା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଡେମୋକ୍ରାଟିକ୍ ପାର୍ଟି ନିଶ୍ଚିତ ଭାବେ ବିଜୟୀ ହେବ ବୋଲି ସେ ଦୃଢ଼ ଆଶାବ୍ୟକ୍ତ କରିଛନ୍ତି ।

## ୨୦୦ ଫୁଟ୍ ତଳକୁ ବସ୍ ଖସି ୨ ମୃତ ଓ ୩୧ ଆହତ

ଜୟପୁର,୧୯।୪(ଏଜେନ୍ସି): ରାଜସ୍ଥାନର ଅଜମେର ଜିଲ୍ଲା ଅନ୍ତର୍ଗତ ପୁଷ୍କର ଘାଟି ନିକଟରେ ରବିବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ପ୍ରାୟ ୨୦୦ ଫୁଟ୍ ତଳକୁ ଖସିପଡ଼ିଥିଲା । ଏଥିରେ ୨ ଜଣ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ୩୧ ଜଣ ଯାତ୍ରୀ ଆହତ ହୋଇଛନ୍ତି । ୩୩ ଜଣ ଯାତ୍ରୀଙ୍କୁ ନେଇ ଏହି ବସ୍‌ଟି ଅଜମେରରୁ ପୁଷ୍କର ଅଭିମୁଖେ ଘାଟି ରାସ୍ତାରେ ଯାଉଥିଲା । ସାଞ୍ଚିସାର ନିକଟରେ ବସ୍‌ଟି ନିୟନ୍ତ୍ରଣ ହରାଇ ଘାଟି ରାସ୍ତାରୁ ତଳକୁ ଖସିପଡ଼ି ଘଞ୍ଚ ବୁଦା ମଧ୍ୟରେ ଫସି ରହିଥିଲା । ପରେ ସ୍ଥାନୀୟ ଲୋକେ ପୋଷାକକୁ ରଶି ଭାବେ ବ୍ୟବହାର କରି ଆହତଙ୍କୁ ଉପରକୁ ଆଣିଥିଲେ ।

## ଦୁଇ ଯମଜ କନ୍ୟାଙ୍କୁ ହତ୍ୟା କଲା ପିଶାଚ ବାପା

କାନପୁର,୧୯ ।୪(ଏଜେନ୍ସି): ସମାଜରେ ପିତାକୁ ସୁରକ୍ଷାର କବଚ ବୋଲି କୁହାଯାଉଥିବା ବେଳେ ଉତ୍ତର ପ୍ରଦେଶର କାନପୁରରୁ ଏକ ଅମାନୁଷିକ ଘଟଣା ସାମ୍ନାକୁ ଆସିଛି । ଜଣେ ପିତା ପିଶାଚ ସାଜି ନିଜର ଦୁଇ ୧୧ ବର୍ଷୀୟା ନିଷ୍ପାପ ଯମଜ କନ୍ୟାଙ୍କୁ ଗଳା କାଟି ଅତି ନିର୍ମମ ଭାବେ ହତ୍ୟା କରିଛି । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେବା ସହ ମାନବିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅଭିଯୁକ୍ତ ଶଶି ରଞ୍ଜନ ମିଶ୍ର, ଯିଏକି ପେଶାରେ ଜଣେ ମେଡିକାଲ ରିପ୍ରେଜେଣ୍ଟେଟିଭ୍ (ଏମ୍‌ଆର୍), ରବିବାର ଭୋର ସମୟରେ ନିଜ ଫ୍ଲାଟ୍‌ରେ ଏହି ଜଘନ୍ୟ କାଣ୍ଡ ଭିଆଇଛି । ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଶଶି ନିଜ ପତ୍ନୀଙ୍କ ଚରିତ୍ରକୁ ନେଇ ସନ୍ଦେହ କରୁଥିଲେ । ଏହି ପାରିବାରିକ କଳହ ଓ ମାନସିକ ଅଶାନ୍ତି ଶେଷରେ ଦୁଇ ନିରୀହ କନ୍ୟା 'ରିଦ୍ଧି' ଏବଂ 'ସିଦ୍ଧି'ଙ୍କ ଜୀବନ ନେଇଛି । ଶନିବାର ରାତିରେ ସମସ୍ତେ ଖାଇପି ଶୋଇବା ପରେ, ପ୍ରାୟ ଭୋର ୪ଟା ସମୟରେ ଶଶି ଏକ ଧାରୁଆ ଅସ୍ତ୍ରରେ ଦୁଇ ଝିଅଙ୍କ ଗଳା କାଟି ଦେଇଥିଲେ । ଆଶ୍ଚର୍ଯ୍ୟର କଥା ହେଉଛି, ହତ୍ୟା କରିବା ପରେ ଶଶି ଭୟଭୀତ ନହୋଇ ନିଜେ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ଫୋନ୍ କରିଥିଲେ । 'ମୁଁ ମୋ ଦୁଇ ଝିଅଙ୍କୁ ମାରିଦେଇଛି,' ବୋଲି ସେ ପୋଲିସକୁ ସୂଚନା ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦୁଇ ଶିଶୁ କନ୍ୟାଙ୍କ ଶବ ଜବତ କରିଥିଲା ଏବଂ ଅଭିଯୁକ୍ତକୁ ଘର ଭିତରୁ ଗିରଫ କରିଥିଲା । ଅଭିଯୁକ୍ତର ପତ୍ନୀ ରେଶ୍ମାଙ୍କ ବୟାନ ଅନୁସାରେ,



ଶଶି ଦୀର୍ଘ ଦିନ ଧରି ଅବସାଦରେ ଥିଲେ । ଘର ଭିତରେ ସେ ଏକାଧିକ ସିସିଟିଭି କ୍ୟାମେରା ଲଗାଇଥିଲେ ଏବଂ ପତ୍ନୀଙ୍କୁ ନିଜ ଝିଅଙ୍କ ପାଖକୁ ଯିବାକୁ ମଧ୍ୟ ଦେଉନଥିଲେ । ସେ ସବୁବେଳେ କହୁଥିଲେ ଯେ ଝିଅମାନେ ତାଙ୍କ ପାଖରେ ରହିବେ ଏବଂ ପତ୍ନୀ କେବଳ ପୁଅକୁ ନେଇ ଅଲଗା ରହିବେ । ୨୦୧୪ ମସିହାରେ ପ୍ରେମ ବିବାହ କରିଥିବା ଏହି ଦମ୍ପତିଙ୍କ ସଂସାରରେ ସନ୍ଦେହର ବିଷ ଏଭଳି ଭୟଙ୍କର ରୂପ ନେବ, ତାହା କେହି କଳ୍ପନା କରିନଥିଲେ । କାନପୁର ଡିସିପି ଦୀପେନ୍ଦ୍ର ନାଥ ଚୌଧୁରୀ ଗଣମାଧ୍ୟମକୁ ଜଣାଇଛନ୍ତି ଯେ, ଅଭିଯୁକ୍ତ ପିତାକୁ ଗିରଫ କରାଯାଇଛି ଏବଂ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି ।

### ଭାରତ-ରୁଷ ପ୍ରତିରକ୍ଷା ସମ୍ପର୍କରେ ନୂଆ ଅଧ୍ୟାୟ

## ପରସ୍ପରର ମାଟିରେ ମୁତୟନ ହେବେ ୩୦୦୦ ସୈନିକ

ନୂଆଦିଲ୍ଲୀ,୧୯ ।୪(ଏଜେନ୍ସି):



ଭାରତ ଏବଂ ରୁଷ ମଧ୍ୟରେ ବହୁ ପ୍ରତୀକ୍ଷିତ 'ରେସିପ୍ରୋକାଲ୍ ଏକ୍ସଚେଞ୍ଜ ଅଫ୍ ଲଜିଷ୍ଟିକ୍ ସପୋର୍ଟ' (ରେଲୋସ୍) ପ୍ରତିରକ୍ଷା ଚୁକ୍ତି ଏବେ ଆନୁଷ୍ଠାନିକ ଭାବେ ଲାଗୁ ହୋଇଛି । ଏହି ସାମରିକ ବୁଝାମଣା ଫଳରେ ଦୁଇ ପୁରାତନ ବନ୍ଧୁ ରାଷ୍ଟ୍ରଙ୍କ ମଧ୍ୟରେ ରଣନୈତିକ ସହଯୋଗ ଏକ ନୂତନ ଶିଖରରେ ପହଞ୍ଚିଛି । ଏହି ଚୁକ୍ତି ଅଧୀନରେ ଉଭୟ ଦେଶ ପରସ୍ପରର ସାମରିକ ଘାଟି ଏବଂ ସମ୍ବଳ ବ୍ୟବହାର କରିବାର ସୁବିଧା ପାଇବେ । ଏହି ନୂତନ ପ୍ରତିରକ୍ଷା ବୁଝାମଣା ଅନୁଯାୟୀ, ସେନା ପରିଚାଳନା ଏବଂ ତାଲିମ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିବ । ଉଭୟ ଦେଶ ପରସ୍ପରର ମାଟିରେ ସର୍ବାଧିକ ୩,୦୦୦ ସୈନିକ ମୁତୟନ କରିପାରିବେ । ଏହା ସହିତ ୫ଟି ଯୁଦ୍ଧପୋତ ଏବଂ ୧୦ଟି ସାମରିକ ବିମାନ ମୁତୟନ ପାଇଁ ମଧ୍ୟ ଅନୁମତି ପ୍ରଦାନ କରାଯାଇଛି । ଉଭୟ ଦେଶର ସେନା ପରସ୍ପରର ମିଲିଟାରୀ ବେସ୍, ଏୟାରବେସ୍ ଏବଂ ବନ୍ଦରଗୁଡ଼ିକୁ ବ୍ୟବହାର କରିପାରିବେ, ଯାହା ଦୂରବର୍ତ୍ତୀ ଅଞ୍ଚଳରେ ସାମରିକ ଅପରେସନ୍‌କୁ ସହଜ କରିବ । ଏହି ଚୁକ୍ତି କେବଳ ସୈନ୍ୟ ମୁତୟନରେ ସୀମିତ ନୁହେଁ, ବରଂ ଏହା ବ୍ୟାପକ ବୈଷୟିକ ସହାୟତା ମଧ୍ୟ ପ୍ରଦାନ କରିବ । ସାମରିକ ଅଭ୍ୟାସ ସମୟରେ ଜାଳେଣି, ଜଳ, ମରାମତି ସୁବିଧା ଏବଂ ଅନ୍ୟାନ୍ୟ ପ୍ରତିରକ୍ଷା ଉପକରଣର ଆଦାନପ୍ରଦାନ କରାଯିବ । ବିମାନଗୁଡ଼ିକ ପାଇଁ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି) ଏବଂ ଉଡ଼ାଣ ସମ୍ବନ୍ଧୀୟ ସମସ୍ତ ବୈଷୟିକ ସେବା ଉପଲବ୍ଧ ହେବ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ସାମରିକ ଚୁକ୍ତି କୌଣସି ଯୁଦ୍ଧ ପାଇଁ ଉଦ୍ଦିଷ୍ଟ ନୁହେଁ । ଏହାର ବ୍ୟବହାର କେବଳ ଶାନ୍ତି ସମୟରେ ତାଲିମ, ମିଳିତ ସାମରିକ ଅଭ୍ୟାସ ଏବଂ ଲଜିଷ୍ଟିକ୍ ସହଯୋଗ ପାଇଁ କରାଯିବ । ଏହି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ଫେବୃଆରୀ ୨୦୨୫ରେ ସ୍ୱାକ୍ଷରିତ ହୋଇଥିବା ବେଳେ ଡିସେମ୍ବର ୨୦୨୫ରେ ରୁଷ ସରକାର ଏହାକୁ ଆନୁଷ୍ଠାନିକ ଭାବେ ମଞ୍ଜୁରି ପ୍ରଦାନ କରିଥିଲେ । ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ଚୁକ୍ତି ୫ ବର୍ଷ ପାଇଁ ଲାଗୁ ରହିବ ଏବଂ ପରବର୍ତ୍ତୀ ସମୟରେ ଉଭୟ ଦେଶର ସମ୍ମତି କ୍ରମେ ଏହାର ଅବଧି ବୃଦ୍ଧି କରାଯାଇପାରିବ ।

## ଆଜିଠୁ ଚନ୍ଦନ ଯାତ୍ରା

# ଜଳକ୍ରୀଡ଼ା କରିବେ ମହାପ୍ରଭୁ

### ପ୍ରସ୍ତୁତ ନରେନ୍ଦ୍ର ପୁଷ୍କରିଣୀ, ଅପେକ୍ଷାରେ ନନ୍ଦା ଓ ଭଦ୍ରା

ପୁରୀ, ୧୯।୪ (ସମିସ): ସୋମବାର ପବିତ୍ର ଅକ୍ଷୟ ତୃତୀୟା। ଏହି ଦିନଠାରୁ ଆରମ୍ଭ ହେବ ମହାପ୍ରଭୁଙ୍କ ୨୧ ଦିନିଆ ବାହାର ଚନ୍ଦନ ଯାତ୍ରା। ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା କରିବେ ମହାପ୍ରଭୁ। ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମହାପ୍ରଭୁଙ୍କୁ ସ୍ୱାଗତ ଲାଗି ଅପେକ୍ଷାରତ ପଞ୍ଚମହାଦେବ (ଶ୍ରୀଲୋକନାଥ, ଶ୍ରୀଯମେଶ୍ୱର, ଶ୍ରୀକପାଳମୋଚନ, ଶ୍ରୀମାର୍କଣ୍ଡେଶ୍ୱର ଓ ଶ୍ରୀନୀଳକଣ୍ଠେଶ୍ୱର) ଜଳକ୍ରୀଡ଼ା କରିବେ। ତେଣୁ, ନରେନ୍ଦ୍ର ପୁଷ୍କରିଣୀରେ ଠାକୁରଙ୍କ ଜଳକ୍ରୀଡ଼ା ଦେଖିବା ଲାଗି ଭକ୍ତଙ୍କ ପ୍ରବଳ ଭିଡ଼ ହେବା ସମ୍ଭାବନା ରହିଛି। ଏହାକୁ ନଜରରେ ରଖି ପ୍ରଶାସନ ପକ୍ଷରୁ



ନରେନ୍ଦ୍ର ସରୋବର। ନନ୍ଦା ଓ ଭଦ୍ରା ଜଳକ୍ରୀଡ଼ା କରାଇବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ମହାପ୍ରଭୁଙ୍କ ପଥ ଚାହିଁ ରହିଛନ୍ତି। ଅପରପକ୍ଷେ, ରବିବାର ପୂଜାପଣ୍ଡା ସେବାୟତ ଚନ୍ଦନ କୁଣ୍ଡ ସଂସ୍କାର କରିଥିବା ବେଳେ ଶ୍ରୀମନ୍ଦିରରେ ଚନ୍ଦନ ଅଧିବାସ ନୀତି ସମ୍ପନ୍ନ ହୋଇଛି।

ମହାପ୍ରଭୁଙ୍କ ସହ ଶ୍ରୀକ୍ଷେତ୍ରର ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି।

ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦ୍ୱାରଫିଟା, ମଙ୍ଗଳ ଆଳତି, ସକାଳ ଧୂପ ନୀତି ସରିବା ପରେ ଦକ୍ଷିଣୀଘର ଭୋଗ କରାଯାଇ ଅପରାହ୍ଣ ୧ଟାରୁ ସାଢ଼େ ୨ଟା ମଧ୍ୟରେ ଯାତଭୋଗ ଓ ମଧ୍ୟାହ୍ନ ଧୂପ (କେବଳ କୋଠଭୋଗ) ସରିବ। ଅପରାହ୍ଣ ୩ଟାରେ ଦ୍ୱାଦଶ ଯାତ୍ରା ବନ୍ଦାପନା ପରେ ଅପରାହ୍ଣ ସାଢ଼େ ୩ଟାରୁ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଏବଂ ପଞ୍ଚମହାଦେବ ଚନ୍ଦନ ଯାତ୍ରା ପାଇଁ ନରେନ୍ଦ୍ର ପୁଷ୍କରିଣୀକୁ ଯିବେ। ଚାପ ଖେଳି ସାରି ରାତି ୧୦ଟାରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ିବା ଲାଗି ନିଷ୍ପତ୍ତି ହୋଇଛି। ଚନ୍ଦନ ଯାତ୍ରା ପାଇଁ ନରେନ୍ଦ୍ର ପୁଷ୍କରିଣୀକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରାଯାଇଛି। ଚନ୍ଦନ ମଣ୍ଡପକୁ ରଙ୍ଗ କରାଯାଇଛି। ଚନ୍ଦନ ଚକଡ଼ାକୁ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ନନ୍ଦା ଓ ଭଦ୍ରା ଚାପ ଏବଂ ବୈଜୟନ୍ତୀ ଡଙ୍ଗାର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ସୋମବାର ଚାପରେ କନା ପଡ଼ିବ ଓ ହଂସ ଲଗାଯିବ।

ସେହିପରି ଅକ୍ଷୟ ତୃତୀୟା ଓ ଚନ୍ଦନ ଯାତ୍ରା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ସରିଛି। ମହାପ୍ରଭୁ ଚନ୍ଦନ ପୁଷ୍କରିଣୀକୁ ଯିବା ଏବଂ ପୁଷ୍କରିଣୀ ନିକଟରେ ଶାନ୍ତିଶୃଙ୍ଖଳା ପାଇଁ ୫ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ରହିବେ। ଜଣେ ଅତିରିକ୍ତ ଏସ୍‌ପି, ୫ଜଣ ଡିଏସ୍‌ପି, ୮ଜଣ ଇନ୍ସପେକ୍ଟର୍ ଓ ୨୦ ଜଣ ଏଏସ୍‌ଆଇ/ଏସ୍‌ଆଇଙ୍କ ସମେତ ୫୮ ଜଣ ହୋମ୍‌ଗାର୍ଡ ଉପସ୍ଥିତ ରହିବେ। ସେହିପରି ଭିଡ଼ର ସୁଯୋଗ ନେଇ ଲୁଟେରାମାନେ ଲୁଟ୍‌ପାଟ୍, ପକେଟ୍‌ମାର କରିବା ସମ୍ଭାବନା ରହିଛି। ଏଥିପ୍ରତି ମଧ୍ୟ ସତର୍କତା ଅବଲମ୍ବନ କରିଛି ପୁଲିସ।

## ଆଜି ରଥ ନିର୍ମାଣ ଅନୁକୂଳ

ପୁରୀ,୧୯।୪(ସମିସ): ସୋମବାର ଅକ୍ଷୟ ତୃତୀୟା। ଏହି ପବିତ୍ର ତିଥିରୁ ଆରମ୍ଭ ହେବ ମହାପ୍ରଭୁଙ୍କ ତିନିରଥ ନିର୍ମାଣ। ଏଥିଲାଗି ରଥଖଳା ପ୍ରସ୍ତୁତ ହୋଇ ରହିଛି। ରଥ ନିର୍ମାଣ ପାଇଁ ଆବଶ୍ୟକ କାଠ ମଧ୍ୟ ପହଞ୍ଚି ସାରିଛି। ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ଅନୁକୂଳ ହେବାକୁ ଥିବା ତିନିଖଣ୍ଡ ଧଉରା କାଠ ମଧ୍ୟ ପ୍ରସ୍ତୁତ ଅଛି। ଅପେକ୍ଷା ରହିଛି ମହାପ୍ରଭୁଙ୍କ ନିର୍ଦ୍ଦେଶ ଅର୍ଥାତ୍ ଆଜ୍ଞାମାଳକୁ।



ରଥଖଳା ପ୍ରସ୍ତୁତ, ମହାପ୍ରଭୁଙ୍କ ଆଜ୍ଞାମାଳକୁ ଅପେକ୍ଷା

ରଥ ନିର୍ମାଣ ପାଇଁ ଶ୍ରୀନଅର ସମ୍ମୁଖରେ ଛାମୁଡିଆ ପକାଯାଇ ରଥଖଳା ନିର୍ମାଣ ସରିଛି। ଅପରାହ୍ଣ ୪ଟାରେ ରଥଖଳାରେ ରଥ ଆଜ୍ଞାମାଳ ପହଞ୍ଚିବା ଲାଗି ନୀତି ନିର୍ଘଣ୍ଟ ହୋଇଛି। ମହାପ୍ରଭୁଙ୍କ ଆଜ୍ଞାମାଳ ପହଞ୍ଚିବା ପରେ ରଥ ଅନୁକୂଳ ନୀତି ସମ୍ପନ୍ନ ହେବ। ନନ୍ଦିଘୋଷ, ଦର୍ପଦଳନ ଏବଂ ତାଳଧ୍ୱଜ ରଥ ନିର୍ମାଣ ଆରମ୍ଭ ହେବ।

ବିଧି ଅନୁଯାୟୀ, ଅକ୍ଷୟ ତୃତୀୟାରେ ୧୨ଫୁଟିଆ ତିନି ଖଣ୍ଡ ଧଉରା କାଠକୁ ସ୍ନାନ କରାଯିବ। ଦେଉଳ ପୁରୋହିତଙ୍କ ସମେତ ସୋତ୍ରୀୟ ବ୍ରାହ୍ମଣମାନେ ରଥ ଅନୁକୂଳ ହୋମ କରିବେ। ମଧ୍ୟାହ୍ନ ଧୂପ ସରିବା ପରେ ପୂଜାପଣ୍ଡା ସାମନ୍ତ ତିନିଦିଅଁଙ୍କ ଶ୍ରୀଅଙ୍ଗରୁ ତିନିଗୋଟା ଆଜ୍ଞାମାଳ ନେଇ ହାତରେ ଧରି ରଥଖଳାକୁ ଯିବେ। ତାଙ୍କ ସହ ମଣିବିମାନରେ ମଦନମୋହନ, ଶ୍ରୀଦେବୀ, ଭୂଦେବୀ ଏବଂ ପାଲିଙ୍କିରେ ରାମ ଓ କୃଷ୍ଣ ଯିବେ। ପୂଜାପଣ୍ଡା ସାମନ୍ତ ତିନିରଥ ଅନୁକୂଳ ନିମନ୍ତେ ଆଜ୍ଞାମାଳ ପ୍ରଦାନ କରିବେ। ଏହାପରେ ରଥ ଅନୁକୂଳର ଅନ୍ୟାନ୍ୟ ନୀତି ସଂପନ୍ନ ହେବ। ଏହି ଅବସରରେ ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ବିଶ୍ୱକର୍ମା ଏବଂ ଅନ୍ୟ ସେବକମାନଙ୍କ ଶାଢ଼ିବନ୍ଧା ପର୍ବ ସଂପନ୍ନ ହେବ। ପରେ ଠାକୁର ଚନ୍ଦନ ଯାତ୍ରା ନିମନ୍ତେ ନରେନ୍ଦ୍ର ପୁଷ୍କରିଣୀ ଅଭିମୁଖେ ଯାତ୍ରା କରିବେ। ପରମ୍ପରା ଅନୁଯାୟୀ, ଶାଢ଼ି ବନ୍ଧାଇଥିବା ବିଶ୍ୱକର୍ମାମାନେ ସେମାନଙ୍କ ସହଯୋଗୀଙ୍କୁ ମହାପ୍ରସାଦ ଓ ଗୁଆ ପଠାଇ ନିମନ୍ତ୍ରଣ କରିବେ।

## ଗୃହ ଗଣନାରୁ ଶିକ୍ଷୟିତ୍ରୀ ନିଖୋଜ

ବାରିପଦା, ୧୯।୪(ସମିସ): ଗୃହ ଗଣନା କାର୍ଯ୍ୟରେ ନିୟୋଜିତ ଜଣେ ଶିକ୍ଷୟିତ୍ରୀ ନିଖୋଜ ହୋଇଯାଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ବାରିପଦା ସଦର ଥାନା ଅନ୍ତର୍ଗତ ଚନ୍ଦନପୁର ପଞ୍ଚାୟତରେ ଏଭଳି ଏକ ଘଟଣା ଘଟିଛି। ନିଖୋଜ ଶିକ୍ଷୟିତ୍ରୀଜଣଙ୍କ ହେଲେ, ଜ୍ୟୋତ୍ସ୍ନାରାଣୀ ସାହୁ।



ସେ ଢେଙ୍କିନେଞ୍ଜିଆ ୟୁପିଟିଓ ସ୍କୁଲରେ ସହକାରୀ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ। ତାଙ୍କ ଘର ପୁରୀ ଜିଲ୍ଲାରେ। ଗୃହଗଣନା କାର୍ଯ୍ୟ କରିବାକୁ ଯାଇ ଘରକୁ ନ ଫେରିବାରୁ ଭଡ଼ା ଘର ମାଲିକ ସୁରେଶ ଚନ୍ଦ୍ର ସି ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ୬ମାସ ଧରି ସୁରେଶଙ୍କ ଘରେ ଜ୍ୟୋତ୍ସ୍ନା ଭଡ଼ାରେ ରହୁଥିଲେ। ୧୮ ତାରିଖ ସକାଳ ପ୍ରାୟ ୭ଟାରେ ସେ ସ୍କୁଲକୁ ଯାଇଥିଲେ। ଡ୍ୟୁଟି ସାରି ସେ ଗୃହଗଣନା କରିବାକୁ ଯାଇଥିଲେ। କିନ୍ତୁ ଅପରାହ୍ଣ ପର୍ଯ୍ୟନ୍ତ ଘରକୁ ନଫେରିବାରୁ ଏବଂ ତାଙ୍କ ମୋବାଇଲ୍ ସୁଇଚ୍-ଅଫ୍ ଥିବାରୁ ସୁରେଶଙ୍କ ସନ୍ଦେହ ହୋଇଥିଲା। ଏ ସଂପର୍କରେ ସେ ଥାନାରେ ଅଭିଯୋଗ କରିଥିଲେ। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

## ଦୁଇ ପରିବାର ମଧ୍ୟରେ ଗୋଷ୍ଠୀ ସଂଘର୍ଷ; ୭ ଆହତ

କବିସୂର୍ଯ୍ୟନଗର,୧୯।୪(ସମିସ): କବିସୂର୍ଯ୍ୟନଗର ଥାନା ଗୁଡ଼ିଆଳି ଛକରେ ଦୁଇ ପରିବାର ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ୭ରୁ ଊର୍ଦ୍ଧ୍ୱ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ କବିସୂର୍ଯ୍ୟନଗର ମେଡିକାଲ, ଆସିକା ଓ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ସଂଘର୍ଷର ପ୍ରକୃତ କାରଣ ଜଣାପଡ଼ି ନଥିବା ବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ଗୁରୁତର ସୁଦର୍ଶନଙ୍କ ଅଭିଯୋଗ ଅନୁଯାୟୀ, ଗୁଡ଼ିଆଳି ଛକରେ ଏକ ଅସ୍ଥାୟୀ ଜଳଖିଆ ଦୋକାନକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ରବିବାର ଦିନ ପ୍ରାୟ ୨ଟା ବେଳେ ଏହା ଉଗ୍ରରୂପ ଧାରଣ କରିଥିଲା। ଦୁଇ ଗୋଷ୍ଠୀ ପରସ୍ପରକୁ ଠେଙ୍ଗା,



ବାଡ଼ି ଓ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ଦୁଇ ପରିବାରର ମୋଟ ୭ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ହେଲେ, ଗୋଟିଏ ପରିବାରର ଅକ୍ଷୟ ପାତ୍ର, ଟୁକୁଲା ପାତ୍ର ଓ ଅଜୟ ପାତ୍ର। ଅକ୍ଷୟଙ୍କୁ ପ୍ରଥମେ ଆସିକା ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ତାଙ୍କ ଅବସ୍ଥା ଉଦ୍‌ବେଗଜନକ ରହିବାରୁ ବ୍ରହ୍ମପୁର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି, ଟୁକୁଲା ଓ ଅଜୟଙ୍କୁ କବିସୂର୍ଯ୍ୟନଗର ମେଡିକାଲରେ ଚିକିତ୍ସା ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଅନ୍ୟ ଏକ ପରିବାରର ସୁଦର୍ଶନ ବେହେରାଙ୍କୁ କବିସୂର୍ଯ୍ୟନଗର ମେଡ଼ିକାଲ ଓ ଅନ୍ୟ ୪ଜଣ ତ୍ରିଲୋଚନ ବେହେରା, ସଜନୀ ବେହେରା, ଅକ୍ଷୟ ବେହେରା, ଜଗା ବେହେରା ଆସିକା ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି।

## ଆପୋଷ ବୁଝାମଣା ହୋଇଥିବା ପାରିବାରିକ ବିବାଦରେ ଅଦାଲତ ମାନବୀୟ ଆଭିମୁଖ୍ୟ ଗ୍ରହଣ କରିବା ଉଚିତ: ହାଇକୋର୍ଟ

କଟକ, ୧୯।୪(ସମିସ): ଓଡ଼ିଶା ହାଇକୋର୍ଟ ଏକ ପାରିବାରିକ ବିବାଦ ମାମଲାର ଶୁଣାଣି କରି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଆପୋଷ ବୁଝାମଣା ହୋଇସାରିଥିବା ବୈବାହିକ ବିବାଦ ସମ୍ପର୍କିତ ମାମଲାଗୁଡ଼ିକରେ କୋର୍ଟ ଏକ 'ମାନବୀୟ ଆଭିମୁଖ୍ୟ' ଗ୍ରହଣ କରିବା ଉଚିତ। ବୈବାହିକ ମାମଲାରେ ଦୀର୍ଘ ଦିନ ଧରି ମକଦ୍ଦମା ଚାଲିବା ଦ୍ୱାରା ତିକ୍ତତା ବଢ଼ିଥାଏ ଏବଂ କୋର୍ଟଙ୍କ ବହୁମୂଲ୍ୟ ସମୟ ନଷ୍ଟ ହୋଇଥାଏ। ଏଣୁ ପକ୍ଷମାନଙ୍କ ମଧ୍ୟରେ ହୋଇଥିବା ସମାଧାନକୁ ଅଦାଲତ ପ୍ରୋତ୍ସାହିତ କରିବା ଉଚିତ। ଏହାଦ୍ୱାରା ସେମାନେ ନିଜ ଜୀବନରେ ଆଗକୁ ବଢ଼ିପାରିବେ ବୋଲି କହିଛନ୍ତି ହାଇକୋର୍ଟ। ଏହି ମାମଲାର ଶୁଣାଣି କରି ଜଷ୍ଟିସ୍ ଡଃ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ରାଉରକେଲା ଉଦିତନଗର ଥାନାରେ ୨୦୧୬ ମସିହାରେ ଆବେଦନକାରୀ ଓ ତାଙ୍କ ପରିବାର ସଦସ୍ୟଙ୍କ ବିରୋଧରେ ଘରୋଇ ହିଂସା ଓ ଅତ୍ୟାଚାର ଅଭିଯୋଗ ହୋଇଥିଲା। ଅଭିଯୋଗକାରିଣୀ ନିଜର ଶାଶୂ, ନଣନ୍ଦ ଏବଂ ଦିଅରଙ୍କ ବିରୋଧରେ ମାଡ଼ପିଟ୍ ଓ ନିର୍ଯାତନା ଅଭିଯୋଗ ଆଣିଥିଲେ। ଏହା ଆଧାରରେ ଆଇପିସି ଧାରା ୪୯୮-ଏ, ୩୨୩, ୩୫୪ ଓ ୫୦୬ ଅନୁସାରେ ମାମଲା ରୁଜୁ ହୋଇଥିଲା। ମାମଲା ଚାଲିଥିବା ସମୟରେ ଉଭୟପକ୍ଷ ନିଜ ମଧ୍ୟରେ ଥିବା ବିବାଦକୁ ସମାଧାନ କରିଦେଇଥିଲେ। ତେବେ ରାଉରକେଲା ଏସ୍‌ଡିଜେଏମ୍ ଅଦାଲତରେ ବିଚାରାଧୀନ ମାମଲା ରଦ୍ଦ କରାଯାଉ ବୋଲି ଆବେଦନ କରି ସ୍ୱାମୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକାରିଣୀ ବର୍ତ୍ତମାନ ନିଜ ସ୍ୱାମୀଙ୍କ ସହ ଅଲଗା ରହୁଛନ୍ତି ଏବଂ ମାମଲାକୁ ଆଗକୁ ବଢ଼ାଇବାକୁ ଚାହୁଁନାହାନ୍ତି ବୋଲି କୋର୍ଟରେ ଏକ ମିଳିତ ସତ୍ୟପାଠ ଦାଖଲ କରିଥିଲେ। ଏହି ଆଧାରରେ ହାଇକୋର୍ଟ ଉକ୍ତ ବୈବାହିକ ବିବାଦ ତଥା ଘରୋଇ ହିଂସା ମାମଲାକୁ ଖାରଜ କରିଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ବିଭିନ୍ନ ପୂର୍ବ ନିଷ୍ପତ୍ତିକୁ ଆଧାର କରି ହାଇକୋର୍ଟ ଉଦିତନଗର ଥାନା ସମ୍ପର୍କିତ ଆବେଦନକାରୀଙ୍କ ବିରୋଧରେ ଥିବା ଅପରାଧିକ ପ୍ରକ୍ରିୟାକୁ ରଦ୍ଦ କରିଦେଇଛନ୍ତି।

## ବ୍ୟକ୍ତିଗତ ଶତ୍ରୁତା ପାଇଁ ଜନସ୍ୱାର୍ଥ ମାମଲାକୁ ଅସ୍ତ୍ର କରାଯାଇ ପାରିବ ନାହିଁ: ହାଇକୋର୍ଟ

କଟକ, ୧୯।୪ (ସମିସ): ଜନସ୍ୱାର୍ଥ ମାମଲା ବା ପିଆଇଏଲକୁ ବ୍ୟକ୍ତିଗତ ସ୍ୱାର୍ଥ ହାସଲ କିମ୍ବା କାହା ସହ ଶତ୍ରୁତା ଉଦ୍ଦେଶ୍ୟରେ ଏକ ଅସ୍ତ୍ର ଭାବେ ବ୍ୟବହାର କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ମାମଲାର ଶୁଣାଣି କରି ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। କୋର୍ଟ ଏହାକୁ ଏକ 'ଫ୍ୟାନ୍ସି ଲିଟିଗେସନ୍' ବୋଲି ଅଭିହିତ କରିବା ସହ କହିଛନ୍ତି ଯେ କେବଳ କିଛି ଗ୍ରାମବାସୀ ଏକାଠି ହୋଇ ଆବେଦନ କରିଦେଲେ, ତାହା ଜନହିତ ମାମଲା ହୋଇଯାଏ ନାହିଁ। ଏଥିରେ ପ୍ରକୃତରେ ସାଧାରଣ ଜନତାଙ୍କ ସ୍ୱାର୍ଥ କିମ୍ବା କୌଣସି ଅସହାୟ ବ୍ୟକ୍ତିଙ୍କ ସମସ୍ୟା ଜଡ଼ିତ ରହିବା ଆବଶ୍ୟକ ବୋଲି କହିଛନ୍ତି ଅଦାଲତ। ବିକାଶ ସାହୁ ଏବଂ ଅନ୍ୟମାନଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ଆବେଦନକୁ ଖାରଜ କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ଅଦାଲତଙ୍କ ବହୁ ମୂଲ୍ୟ ସମୟ ନଷ୍ଟ ହେତୁ ଆବେଦନକାରୀ ୧୦ହଜାର ଟଙ୍କା ଦଣ୍ଡ ଆକାରରେ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ (ଜୁଭେନାଇଲ ଜଷ୍ଟିସ ଫଣ୍ଡ) ରେ ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆବେଦନକାରୀ ଏହି ଅର୍ଥ ଜମା ନ କଲେ, ଆଇନ ଅନୁଯାୟୀ ପ୍ରାଧିକରଣ ଏହାକୁ ଆଦାୟ କରିପାରିବେ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

ପ୍ରକାଶଥାଉକି ଏହି ମାମଲାଟି ଏକ ଜମି ବିବାଦ ସହ ଜଡ଼ିତ ଥିଲା। ଆବେଦନକାରୀମାନେ ଦର୍ଶାଇଥିଲେ ଯେ 'ଗ୍ରାମ ଜଙ୍ଗଲ' ଶ୍ରେଣୀଭୁକ୍ତ ଏକ ଜମିକୁ ଭୁଲ ଭାବେ ଜଣେ ବ୍ୟକ୍ତିଙ୍କ ନାମରେ ରେକର୍ଡ କରାଯାଇଛି। ଏହି ଘଟଣା ବହୁ ଦଶନ୍ଧି ପୁରୁଣା ହୋଇଥିଲେ ସୁଦ୍ଧା ଆବେଦନକାରୀମାନେ ଏତେ ଦିନ ଧରି ଚୁପ୍ ରହିବା ଏବଂ ହଠାତ୍ ଜନସ୍ୱାର୍ଥ ମାମଲା ଜରିଆରେ ଏହାକୁ ଚ୍ୟାଲେଞ୍ଜ କରିବାକୁ ନେଇ ହାଇକୋର୍ଟ ପ୍ରଶ୍ନ ଉଠାଇଛନ୍ତି।

## ସମ୍ପର୍କ ନେଲା ଜୀବନ

# ଭାଇକୁ ଅପହରଣ ପରେ ହତ୍ୟା

ପୋଲସରା, ୧୯।୪ (ସମିସ): ଭାଇ ସାଜିଲା ବଇରୀ। ସହଯୋଗୀ ସହ ମିଶି ଭାଇକୁ ଅପହରଣ କରିବା ପରେ ତଣ୍ଟିଚିପି ମାରିଦେଲା। ଗଞ୍ଜାମ ଜିଲ୍ଲା ପୋଲସରା ଅଞ୍ଚଳରେ ଏପରି ଏକ ଆପରାଧିକ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ମୃତକ ହେଲେ, ପୋଲସରା ଥାନା ମାଳତେନ୍ତୁଳିଆ ଗ୍ରାମର ରାଜଦୀପ ସାହୁ (୧୯)। ରାଜଦୀପଙ୍କୁ ତାଙ୍କ ସମ୍ପର୍କୀୟ ଭାଇ ସୁବ୍ରତ ସାହୁ ଅପହରଣ ପରେ ହତ୍ୟା କରିଥିବା ପୁଲିସ କହିଛି। ପୁଲିସ ତାକୁ ଗିରଫ କରିଛି। ଏହି ଘଟଣା ସହ ଜଡ଼ିତ ଅନ୍ୟ

- ଟଙ୍କା ଦେବା ବାହାନାରେ ଡାକି ମାରିଦେଲା
- ଲଗେଜ୍ ବ୍ୟାଗ୍‌ରେ ଶବ ରଖି ଖାଇକୁ ଫିଙ୍ଗିଦେଲା

ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ କୌଶିକ ମାଝୀ ସୂଚନା ଦେଇଛନ୍ତି। ହତ୍ୟାକାଣ୍ଡର କାରଣ ସଂପର୍କରେ ପୁଲିସ ଅଧିକ ଖୋଳତାଡ଼ ଚଳାଇଛି। ଏନେଇ ଥାନାରେ ନମ୍ବର ୨୧୪/୨୬ରେ ଏକ ମାମଲା ରୁଜୁ ହୋଇଛି।

ସୂଚନାନୁଯାୟୀ, ଗତ ଗୁରୁବାର, ୧୬ ତାରିଖ ଅପରାହ୍ଣ ପ୍ରାୟ ୨ଟା ବେଳେ ରାଜଦୀପକୁ ସମ୍ପର୍କୀୟ ଭାଇ ସୁବ୍ରତ ଓରଫ୍ କାଳିଆ ଫୋନ କରି ପୋଲସରା ଡକାଇଥିଲା। ୫ଲକ୍ଷ ଟଙ୍କା ଓ ଏକ ମୋପେଡ୍ ଗାଡ଼ି ନେଇ ତାଙ୍କ ଘରେ ଦେଇଦେବା ପାଇଁ କହିଥିଲା। କିନ୍ତୁ, କିଛି ସମୟ ପରେ ସୁବ୍ରତ ପୁଣି ଫୋନ୍ କରି ପୋଲସରା ନିକଟସ୍ଥ ରାଆଣ୍ଡି ଘାଇକୁ ଆସିବା ପାଇଁ ରାଜଦୀପକୁ କହିଥିଲା। ସେଠାରେ ପହଞ୍ଚିବା ପରେ ସୁବ୍ରତ ଓ ତା'ର ଜଣେ ସହଯୋଗୀ କେନ୍ଦୁଝର ଅଞ୍ଚଳର ସୁବ୍ରତ ପଟ୍ଟନାୟକ ସହ ରାଜଦୀପର ଭେଟ ହୋଇଥିଲା। ପୋଲସରାରେ ଗୋଟିଏ ଦିନରେ ଏତେ ଟଙ୍କା ଏଟିଏମରୁ ଉଠାଇବା ସମ୍ଭବ ନୁହେଁ, ତେଣୁ ବ୍ରହ୍ମପୁର ଯିବା ପାଇଁ ସୁବ୍ରତ ରାଜଦୀପକୁ



କହିଥିଲା। ରାଜଦୀପ ମଧ୍ୟ ସୁବ୍ରତ କଥାରେ ରାଜି ହୋଇ ଧନେଇ ଡ୍ୟାମରୁ କାଳିମେଘି କୋଦଳା ଦେଇ ବ୍ରହ୍ମପୁର ବାହାରିଥିଲେ। ଏପଟେ ସହଯୋଗୀ ସୁବ୍ରତ ପଟ୍ଟନାୟକ ପୂର୍ବ ଯୋଜନା ମୁତାବକ ରାଜଦୀପର ଗ୍ଲାମର୍ ବାଇକ୍ ନେଇ ନିକଟସ୍ଥ ସାବିତ୍ରୀ ବଗଡ଼ ରାମଲଖଣ କେନାଲରେ ପକାଇ ଦେଇଥିଲା। ପରେ ବ୍ରହ୍ମପୁର ଫେରିଯାଇଥିଲା। ସେପଟେ, ସୁବ୍ରତ ସାହୁ ମଧ୍ୟ ରାଜଦୀପକୁ ନେଇ ବ୍ରହ୍ମପୁର ଭଡ଼ାଘରକୁ ନେଇ ସେଠାରେ ତା'ର ତଣ୍ଟି ଚିପି ହତ୍ୟା କରିଥିଲା। ପରେ ଶବକୁ ଏକ ଲଗେଜ୍ ବ୍ୟାଗ୍‌ରେ ରଖି ମୋପେଡ୍‌ରେ ବ୍ରହ୍ମପୁରରୁ ସୋରଡ଼ା ଥାନା ଅନ୍ତର୍ଗତ ସୋରଡ଼ା-ଦାରିଙ୍ଗବାଡି ଘାଟିକୁ ପଳାଇଥିଲା। ସେଠାରେ ଥିବା ସେଲ୍ଫି ପଏଣ୍ଟରେ ରାଜଦୀପର ମୃତ ଶରୀର ସହ ଲଗେଜ୍ ବ୍ୟାଗକୁ ଖାଇକୁ ଫିଙ୍ଗି ଦେଇ ପଳାଇଥିଲା।

ପରିବାରଲୋକଙ୍କ କହିବାନୁସାରେ, ରାଜଦୀପ ନିଖୋଜ ଥିବା ନେଇ ଗତ ଗୁରୁବାର ସେମାନେ ପୋଲସରା ଥାନାରେ ଅଭିଯୋଗ କରିଥିଲେ। ୧୭ ତାରିଖ ସକାଳେ ପରିବାରକୁ ଫୋନ୍ କରି କେହି ଦୁର୍ବୃତ୍ତ ଫୋନ୍ କରି ଧମକାଇଥିଲା। ରାଜଦୀପକୁ ସେମାନେ ଅପହରଣ କରିନେଇଛନ୍ତି ଏବଂ ବଦଳରେ ୪୦ ଲକ୍ଷ ଟଙ୍କା ଦାବି କରିଥିଲା। ପୁଲିସ ଘଟଣାକୁ ଗୁରୁତ୍ୱର ସହ ନେଇ କିଛି ସଂଦିଗ୍ଧ ଯୁବକଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ପରେ ସେମାନଙ୍କଠାରୁ ଅଭିଯୁକ୍ତ ସୁବ୍ରତ ସାହୁଙ୍କ ସମ୍ପର୍କରେ ସୂଚନା ପାଇଥିଲା।

ଅପରପକ୍ଷେ, ଦାରିଙ୍ଗବାଡି ବଡ଼ଘାଟି ନିକଟରୁ ଏକ ମୃତଦେହ ମିଳିବା ପରେ ରାଜଦୀପଙ୍କ ବାପାକୁ ନେଇ ଚିହ୍ନଟ ପାଇଁ ପୁଲିସ ଡାକିଥିଲା। ରାଜଦୀପଙ୍କ ବାପା ସେଠାକୁ ଯାଇ ଶବ ଚିହ୍ନଟ କରିଥିଲେ। ବ୍ୟବଚ୍ଛେଦ ପରେ ଶନିବାର ରାତିରେ ଏକ ଶୋକାକୁଳ ପରିବେଶ ମଧ୍ୟରେ ରାଜଦୀପଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଅପହରଣ ପରେ ହତ୍ୟା ଭଳି ଲୋମହର୍ଷଣ ଘଟଣାକୁ ଗ୍ରାମବାସୀ ସହଜରେ ଗ୍ରହଣ କରିପାରି ନଥିଲେ।। ଏହାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଥିବା ବେଳେ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

10001/69/2627

ଅଂଶୁଘାତ ସତର୍କତା

**ଲକ୍ଷଣ**
- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

**ସତର୍କତା**
- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ



**ପ୍ରତିକାର**
- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

OIPR-10001/10003/2/26-27/000

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

## ମା' ତାରିଣୀଙ୍କ ୧୦ମ ବାର୍ଷିକ ପୂଜୋତ୍ସବ



ହାଟଡ଼ିହୀ,୧୯।୪(ସମିସ): ହାଟଡ଼ିହୀ ଗ୍ରାମରେ ବିରାଜମାନ କରିଥିବା ମା' ତାରିଣୀଙ୍କ ଦଶମ ବାର୍ଷିକ ପୂଜୋତ୍ସବ ଅନୁଷ୍ଠିତ ହୋଇଛି। ମନ୍ଦିର କମିଟିର ସଭାପତି ଘନଶ୍ୟାମ ପହି ଓ ସମ୍ପାଦକ ସଦାଶିବ ଚକ୍ରଙ୍କ ସଂଯୋଜନାରେ ପୂଜାକାର୍ଯ୍ୟ ଅନୁଷ୍ଠିତ ହୋଇଛି। ମୁଖ୍ୟ ପୂଜକ ଗଣନାଥ ସାମଲଙ୍କ ଦ୍ୱାରା ଭୋରରୁ ମା'ଙ୍କ ପୂଜାକାର୍ଯ୍ୟ ହୋଇଥିବା ବେଳେ ଯଥା ନୀତିକାନ୍ତି ଅନୁସାରେ ମା'ଙ୍କର ମାଜଣା ନୀତିଠାରୁ ଆରମ୍ଭ କରି ସକାଳ ଧୂପ, ପହିଲି ଭୋଗ ଆଦି ଲାଗି ହୋଇଛି। ପଣ୍ଡିତ ଉମାକାନ୍ତ ପଣ୍ଡା ଓ ମାନସ ପଣ୍ଡାଙ୍କ ଦ୍ୱାରା ପୂଜା ସହ ହୋମଯଜ୍ଞ ସମ୍ପନ୍ନ ହୋଇଛି। ପ୍ରତିବର୍ଷ ପରି ଗ୍ରାମର ବଳରାମ ମଲ୍ଲିକ ଓ ତାଙ୍କ ଧର୍ମପତ୍ନୀ ତୁଳସୀ ମଲ୍ଲିକ ସଂକଳ୍ପ କାର୍ଯ୍ୟ ତୁଲାଇଛନ୍ତି। ଏହି କାର୍ଯ୍ୟକ୍ରମଟିକୁ କମିଟିର ଚିତ୍ତରଞ୍ଜନ ପହି, ସନ୍ତୋଷ କୁମାର ମଲ୍ଲିକ, ପଦ୍ମନାଭ ମାଝୀ, ଅନାଥ ଜେନା, ନୃସିଂହ ସେଠୀ, ରମାନାଥ ମଲ୍ଲିକ, ଗୋପାଳ ଜେନା, ଯୁଧିଷ୍ଠିର ନାୟକ, କାଳନ୍ଦୀ ମଲ୍ଲିକ ପ୍ରମୁଖ ସଦସ୍ୟ ପରିଚାଳନା କରିଥିଲା ବେଳେ ଏଥିରେ ଅନ୍ୟମାନେ ସହଯୋଗ କରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ ଭଜନମଣ୍ଡଳୀଙ୍କ ଦ୍ୱାରା ଭଜନ ସଂକୀର୍ତ୍ତନ ସହ କୁନି କୁନି ଛୁଆଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ଆକର୍ଷଣୀୟ ହୋଇଥିଲା।

## ପଞ୍ଚମୁଖୀ ହନୁମାନଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ



### କଳସ ଶୋଭାଯାତ୍ରା ସମ୍ପନ୍ନ

ଯୋଡ଼ା, ୧୯।୪(ସମିସ): କେନ୍ଦୁଝର ଜିଲ୍ଲାର ଯୋଡ଼ା ସହରର କୁନ୍ଦୁରୁନାଲା ନିକଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିକଟ ସୁନା ନଦୀ କୂଳରେ ଥିବା ବାବା ଭୈରବ ନାଥ ମନ୍ଦିର ପ୍ରାଙ୍ଗଣରେ ପଞ୍ଚମୁଖୀ ହନୁମାନଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଭବ୍ୟ ଓ ଆଧ୍ୟାତ୍ମିକ ପରିବେଶରେ ଆୟୋଜିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ କମିଟି ପକ୍ଷରୁ ଏପ୍ରିଲ ୧୯ ତାରିଖରୁ ଏପ୍ରିଲ ୨୩ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ରହିଛି। ଏହି ପବିତ୍ର ଅବସରରେ ଅଞ୍ଚଳର ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁମାନେ ଯୋଗଦେଇ କଳସ ଯାତ୍ରା ମାଧ୍ୟମରେ ମନ୍ଦିର ପରିସରକୁ ଭକ୍ତିମୟ କରିଥିଲେ। ଆସନ୍ତା ୨୩ ତାରିଖରେ ପ୍ରାଣ ପ୍ରତିଷ୍ଠା ଉପଲକ୍ଷେ ପୂଜାର୍ଚ୍ଚନା, ଯଜ୍ଞ, ହୋମ ଓ ବେଦ ମନ୍ତ୍ରୋଚ୍ଚାରଣ ସହିତ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବା ନେଇ କମିଟି ପକ୍ଷରୁ ସୂଚନା ମିଳିଛି। ପୁରୋହିତମାନଙ୍କ ଦ୍ୱାରା ସଂସ୍କାର ଓ ନିୟମାନୁସାରେ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହେବା ସହ ଭକ୍ତମାନେ ହନୁମାନଜୀଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରି ଆନନ୍ଦ ଲାଭ କରିବେ ବୋଲି ଆଶା କରାଯାଇଛି। ଉତ୍ସବ ସମୟରେ ଭଜନ-କୀର୍ତ୍ତନ, ପ୍ରସାଦ ବିତରଣ ଓ ଅନ୍ନକୂଟର ବ୍ୟବସ୍ଥା ମଧ୍ୟ ରଖାଯାଇଛି। ମନ୍ଦିର କମିଟି ଓ ସ୍ଥାନୀୟ ଯୁବକମାନଙ୍କ ସହଯୋଗରେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ ଭାବେ ସମାପ୍ତ କରିବାକୁ କମିଟି ସମସ୍ତ ଆୟୋଜନ କରିଛି। ଏହି ପଞ୍ଚମୁଖୀ ହନୁମାନ ମନ୍ଦିର ସ୍ଥାପନା ଦ୍ୱାରା ଅଞ୍ଚଳରେ ଧାର୍ମିକ ଭାବନା ଓ ଏକତା ଆହୁରି ମଜବୁତ ହେବ ବୋଲି ସ୍ଥାନୀୟ ଲୋକମାନେ ମତ ପ୍ରକାଶ କରିଛନ୍ତି।

## ଆର୍‌ଏସ୍‌ଏସ୍ ଶାଖାର ମିଳନ ମହୋତ୍ସବ



ଚମ୍ପୁଆ,୧୯।୪(ସମିସ): ଚମ୍ପୁଆ ନେହରୁ ଷ୍ଟାଡିୟମଠାରେ ମୁର୍ଗା ମହାଦେବ ଭାଗ କେନ୍ଦୁଝର ପକ୍ଷରୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଶାଖା ମିଳନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବରେ ମୁଖ୍ୟଅତିଥି ଭାବେ ସଦ୍ୟଗପତି ସୁଶାନ୍ତ କୁମାର ମହାନ୍ତ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶାଖା ପ୍ରମୁଖ ଭାଗୀରଥି ପୃଷ୍ଟି ଓ ମୁଖ୍ୟବକ୍ତା ଭାବେ ଓଡିଶା ପୂର୍ବପ୍ରାନ୍ତ କାର୍ଯ୍ୟ ବାହ ସୁଦର୍ଶନ ଦାସ ପ୍ରମୁଖ ଯୋଗଦେଇଥିବା ବେଳେ ଏହି ମହୋତ୍ସବରେ ଚମ୍ପୁଆ ଖଣ୍ଡ, ଯୋଡା ଖଣ୍ଡ, ବଡବିଲ ନଗର ଓ ଯୋଡା ନଗର ଅଞ୍ଚଳର ୩୦ଟି ଶାଖାର ସ୍ୱୟଂସେବକମାନେ ଯୋଗ ଦେଇଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଏହି ଶାଖା କୁମ୍ଭ ଅନୁଷ୍ଠିତ ହୋଇଥିବା ବେଳେ ସର୍ବବ୍ୟବସ୍ଥା ପ୍ରମୁଖ ଧରଣୀଧର ଦାସ, ସଂଯୋଜକ ଦୁଷ୍ମନ୍ତ ମହାନ୍ତ ଓ ବ୍ୟବସ୍ଥା ପ୍ରମୁଖ ଘନଶ୍ୟାମ ମହାନ୍ତ ଏହାକୁ ପରିଚାଳନା କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ଶାଖାକୁ ଗ୍ରାମାଞ୍ଚଳଗୁଡିକରେ ବିକାଶ କରିବା ସହ ଶାଖା ଲଗାଇବା ଲକ୍ଷ୍ୟ ନେଇ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶାରୀରିକ, ଯୋଗ, ବୌଦ୍ଧିକ, ଗୀତ ଓ ସଂସ୍କାର ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ୪ ମାସ ହେଲାଣି ଅଚଳ ପଡ଼ିଛି ବୋର୍‌ୱେଲ; ଜଳକଷ୍ଟରେ ୬୦ ପରିବାର

ଯୋଡ଼ା, ୧୯।୪(ସମିସ): ଗରମ ଦିନ ବଢିବା ସହିତ ଜଳ ସମସ୍ୟା ଦିନକୁ ଦିନ ଗୁରୁତର ରୂପ ନେଉଛି। କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ଅଞ୍ଚଳର ୮ ନମ୍ବର ୱାର୍ଡ ପେଣ୍ଟେଇସାହି, ପାତ୍ରସାହି, ଆପଟସାହିର ପ୍ରାୟ ୬୦ଟି ପରିବାର ଏବେ ତୀବ୍ର ଜଳକଷ୍ଟର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଲୋକମାନେ ପାଣି ମୁନ୍ଦାଏ ପାଇବା ପାଇଁ ପ୍ରତିଦିନ ସଂଘର୍ଷ କରୁଥିବା ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, ୨୦୧୩ରେ ଯୋଡ଼ା ପୌରପାଳିକାର ପୌରାଧ୍ୟକ୍ଷ କରୁଣାକର ପାତ୍ର ଥିବା ସମୟରେ ଟାଟା କମ୍ପାନୀ ଦ୍ୱାରା ଉକ୍ତ ଅଞ୍ଚଳର ବାସିନ୍ଦାଙ୍କ ବ୍ୟବହାର ନିମନ୍ତେ ଏକ ବୋରୱେଲ ଏବଂ ଓଭରହେଡ଼ ଟାଙ୍କି ବ୍ୟବସ୍ଥା କରାଇଥିଲେ। ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ସ୍ଥାନୀୟ ବାସିନ୍ଦା ଉକ୍ତ ବୋରିଂର ପାଣିକୁ ବ୍ୟବହାର କରି ଆସୁଥିଲେ। ତେବେ ଦୀର୍ଘ ୪ ମାସ ହେବ ବୋରୱେଲ ଖରାପ ହୋଇଥିବା ବେଳେ ଅଞ୍ଚଳବାସୀ ପୌରପାଳିକା ଓ ଟାଟା କମ୍ପାନୀକୁ ଫେରାଦ ହେବା ସହ ତୁରନ୍ତ ଏହାର ମରାମତି କିମ୍ବା ନୂଆ ଏକ ଗଭୀର ନଳକୂପ ତିଆରି ପାଇଁ ଅନୁରୋଧ କରିଥିଲେ, ହେଲେ ଖରାଦିନ ଆସି ଜଳ ସଙ୍କଟ ଉତ୍କଟ ହେଉଥିଲେ ସୁଦ୍ଧା ପୌରପାଳିକା କିମ୍ବା କମ୍ପାନୀ କେହି ଶୁଣୁ ନ ଥିବା ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି। ରାତି ପାହିଲେ ମହିଳାମାନେ ପାଣି ମୁନ୍ଦାଏ ପାଇଁ ସାହିର ପୁରୁଣା ଭଙ୍ଗା କୂଅ ଉପରେ ନିର୍ଭର କରି ନାନାଦି ଅସୁବିଧା ଭୋଗୁଛନ୍ତି। ସ୍ଥାନୀୟ ବାସିନ୍ଦାମାନେ ଏ ସଂକ୍ରାନ୍ତରେ ପ୍ରଶାସନ୍ତୁ ଅନେକଥର ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ ହୋଇନାହିଁ। ତୁରନ୍ତ ଜଳଯୋଗାଣରେ ସୁଧାର ଓ ନୂତନ ନଳକୂପ ସ୍ଥାପନ କରିବା ପାଇଁ ସେମାନେ ଦାବି କରିଛନ୍ତି। ଏଠାରେ ପ୍ରକାଶଯୋଗ୍ୟ ଯେ ଉକ୍ତ ଅଞ୍ଚଳରେ ଏକ ଜୀବିତ ଜଳାଶୟ ରହିଥିଲା। ପୁରା ଅଞ୍ଚଳ ଜଳାଶୟ ଉପରେ ନିର୍ଭର କରି ଚଳୁଥିଲେ। ଗାଧୁଆ, ଲୁଗାପଟା ସଫା, ଶୌଚ, ଶୁଦ୍ଧିକ୍ରିୟା କାର୍ଯ୍ୟ, ବାହାଘର, ବ୍ରତଘର ହେଲେ ଉକ୍ତ ଜଳାଶୟଟି ଜନସାଧାରଣଙ୍କ ଜଳାଭାବକୁ ଦୂର କରୁଥିଲା ହେଲେ



କିଛି ବର୍ଷ ପୂର୍ବରୁ ବିକାଶ ନାଁରେ ଜଳାଶୟଟିର ବିନାଶ ହୋଇଛି। ଜଳାଶୟଟିର ବିକାଶ କରିବାକୁ ଯାଇ ପାଣି ଶୁଖାଇ ଖୋଳି ତାଡ଼ି ପକାଇ ଠିକାଦାର ଛୁ ହୋଇଥିବା ବେଳେ ଉନ୍ନତୀକରଣ ପାଇଁ ଆସିଥିବା ଅର୍ଥ ଫେରସ୍ତ ହୋଇଯାଇଛି। ଜଳାଶୟଟି ଥିବା ସମୟରେ ସାହି ଭିତରେ ଥିବା କୂଅଗୁଡିକରୁ ପାଣି ଶୁଖୁ ନ ଥିଲା। ଏବେ ଜଳାଶୟଟି ସମ୍ପୂର୍ଣ୍ଣ ଶୁଖିଲା ଥିବା ହେତୁ ଏହାରର ପ୍ରଭାବରେ ସାହିର ପୁରୁଣା କୂଅ ସବୁ ଶୁଖିବାରେ ଲାଗିଛି।

ଏହି ପରିସ୍ଥିତିରେ ପ୍ରଶାସନ ଶୀଘ୍ର ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକମାନେ ଆଶା ପ୍ରକାଶ କରିଛନ୍ତି। ସ୍ଥାନୀୟ ବାସିନ୍ଦା ଭରତ ପାତ୍ର, ଅର୍ଜୁନ ପାତ୍ର, ବିଦ୍ୟାଧର ଆପଟ, ଚିଲୁ ଗୋପ, କଳାକାର ପେଣ୍ଟେଇ, ରଞ୍ଜନ ପେଣ୍ଟେଇ, ଶାନ୍ତିଲତା ପେଣ୍ଟେଇ, ଭାସ୍କର ପାତ୍ର, ବାବାଜୀ ପାତ୍ର, କାଳିପଦ ଆପଟ, ସରୋଜ ମହାନ୍ତ, ରାମଚନ୍ଦ୍ର ପାତ୍ର ପ୍ରମୁଖ କହିଛନ୍ତି ଯେ ଆଗକୁ ଆହୁରି ଅଧିକ ଗ୍ରୀଷ୍ମ ପ୍ରବାହ ସହିତ ଖରା ତାତିର ବେଗ ବୃଦ୍ଧି ପାଇବ। ସ୍ଥାନୀୟ ପ୍ରଶାସନ ଏହାର ବିକଳ୍ପ ବ୍ୟବସ୍ଥା କଲେ ତିନି ସାହିର ପ୍ରାୟ ୬୦ଟି ପରିବାର ଜଳ କଷ୍ଟରୁ ରକ୍ଷା ପାଇପାରନ୍ତେ।

## ବଡ଼ଭାଇକୁ ସାନର ମରଣାନ୍ତକ ଆକ୍ରମଣ

ଆନନ୍ଦପୁର, ୧୯।୪ (ସମିସ): ହିଂସ୍ରତା ଆଗରେ ବଳି ପଡ଼ିଲା ରକ୍ତ ସମ୍ପର୍କ। ବଡ଼ଭାଇକୁ ସାନଭାଇର ମରଣାନ୍ତକ ଆକ୍ରମଣ ହୋଇଛି। ବଡଭାଇ ଘରେ ଶୋଇଥିବାବେଳେ କୌଣସି ତିକ୍ତତା କାରଣରୁ ମାରଣାସ୍ତ୍ରରେ ହାଣି ପକାଇଲା ସାନ ଭାଇ। ଗୁରୁତର ଅବସ୍ଥାରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ବଡ଼ ଭାଇ ନାଥ ମୁଣ୍ଡାଙ୍କୁ ଭର୍ତ୍ତି କରାଯାଇଛି। ତାଙ୍କ ଗୋଡ଼ ଓ ହାତରେ ଗଭୀର ଆଘାତ ଲାଗିଛି। ଘସିପୁରା ଥାନା ରାଧିକାଦେଇପୁର ଗାଁରେ ଦେଖିବାକୁ ମିଳିଛି ଏଭଳି ଲୋମହର୍ଷଣକାରୀ ଘଟଣା। ନାଥ ମୁଣ୍ଡାଙ୍କ ସ୍ତ୍ରୀକୁ କିଛି ଦିନ ତଳେ ତାଙ୍କ ସାନଭାଇ ବନା ମୁଣ୍ଡା ତାମିଲନାଡୁ ନେଇ ପଳାଇଥିଲେ। ସାନ ଭାଇ ଫେରିବା ପରେ ଏହି ଘଟଣାକୁ କେନ୍ଦ୍ରକରି ଦୁଇ ଭାଇଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଝଗଡ଼ା ଏତେ ଉଗ୍ରରୂପ ନେଇଥିଲା ଯେ ରାତିରେ ନାଥ ମୁଣ୍ଡା ଘରେ ଶୋଇଥିବା ବେଳେ ବନା ଆସି ତାକୁ ହାଣି ଦେଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

## ସାଇଁକୁଳରେ ଭକ୍ତି ସଂଗୀତ ପ୍ରତିଯୋଗିତା



ଆନନ୍ଦପୁର, ୧୯।୪ (ସମିସ): ଘସିପୁରା ବ୍ଲକ ସାଇଁକୁଳ ନେହରୁ ଉଚ୍ଚବିଦ୍ୟାଳୟରେ ଗ୍ରହରାଜ ଶନିଶ୍ଚରଙ୍କ ବାର୍ଷିକ ପୂଜା ଉପଲକ୍ଷେ ଶ୍ରୀଶନିଶ୍ଚର ସାଂସ୍କୃତିକ ପରିଷଦ ତରଫରୁ ଭକ୍ତିସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତଅତିଥି ଭାବେ ସାମ୍ବାଦିକ ମଦନ ପାଣି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପରିଷଦର ସଭାପତି ମଧୁସୁଦନ ପରିଡା, ପରିଷଦର ମୁଖ୍ୟ ତତ୍ତ୍ୱାବଧାରକ ବିଜୟ ପଣ୍ଡା ଓ ସଂଗୀତ ନିର୍ଦ୍ଦେଶକ ସନ୍ତୋଷ ପରିଡା ଓ ଶୁଭାଶିଷ ଶତପଥୀଙ୍କ ତତ୍ତ୍ୱାବଧାନରେ ଦୀପକ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ସନ୍ତୋଷ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଆଖପାଖ ଅଞ୍ଚଳରୁ ପ୍ରାୟ ୭୦ ପ୍ରତିଯୋଗୀ ଭାଗ ନେଇଥିଲେ। ନିରଞ୍ଜନ ସାହୁ, ସୁଶାନ୍ତ ତ୍ରିପାଠୀ, କଳାକାର ସାମଲ, ସଂଜୀବ ସ୍ୱାଇଁ, ପ୍ରଫୁଲ ଘଡେଇ, ରୁଦ୍ରାଂଶୁ ପଣ୍ଡା. ଶୁଭାଶିଷ ଶଥପଥୀ, ଜୁଲୁକ ପଣ୍ଡା ସହଯୋଗ କରିଥିଲେ। ଆଞ୍ଚଳିକ ଶନିଶ୍ଚର ସାଂସ୍କୃତିକ ପରିଷଦ ତରଫରୁ ଭକ୍ତି ସଂଗୀତ ପ୍ରତିଯୋଗିତାକୁ ସାଂସ୍କୃତିକ ସମ୍ପାଦକ କଳାକାର ସାମଲ ପରିଚାଳନା କରିଥିଲେ। ବିଚାରକ ଭାବେ ମଦନ ପାଣି ଜ୍ୟୋତିପ୍ରକାଶ ସାହୁ ଅଭିଲିପସା ତ୍ରିପାଠୀ ଓ ସୁତପା ନାଥ ସହଯୋଗ କରିଥିଲେ। ଦୀପକ କୁମାର ସ୍ୱାଇଁ, ନିରଞ୍ଜନ ସାହୁ, ସନ୍ତୋଷ କୁମାର ସ୍ୱାଇଁ, ବିଜୟ କୁମାର ପଣ୍ଡା, ନିରଞ୍ଜନ ପଣ୍ଡା, ସୁଶାନ୍ତ କୁମାର ସାମଲ, ଜଳଧର ସାହୁ, ସୁଶାନ୍ତ ତ୍ରିପାଠୀ, ରୁଦ୍ରାଂଶୁ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ଉତ୍କଳ ସାହିତ୍ୟ ସମାଜ ଶାଖା ପକ୍ଷରୁ ଆଲୋଚନାଚକ୍ର

ଆନନ୍ଦପୁର, ୧୯।୪ (ସମିସ): ଓଡ଼ିଶାର ସର୍ବପୁରାତନ ଉତ୍କଳ ସାହିତ୍ୟ ସମାଜ କେନ୍ଦୁଝର ଜିଲ୍ଲା ଶାଖା ପକ୍ଷରୁ ଗୋହିରାସ୍ଥିତ ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲରେ ଯୁବ କବି ଅଶୋକ କୁମାର ପୁହାଣଙ୍କ ସଭାପତିତ୍ୱରେ ଏକ ସାରସ୍ୱତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କବି ତଥା କ୍ରାନ୍ତିବୀର ସମ୍ପାଦକ ତଥା ସମ୍ପାଦକ ଉତ୍କଳ ସାହିତ୍ୟ ସମାଜ ରାଜୀବ ଲୋଚନ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ରମାକାନ୍ତ ସିଂହ, ଉପସଭାପତି ଦିଲ୍ଲୀପ କୁମାର ଦାସ, କୋଷାଧ୍ୟକ୍ଷ ଉତ୍କଳ ସାହିତ୍ୟ ସମାଜ ଶିବାଶିଷ କର ଓ ଅମିତାଭ ଖିଲାର, କାର୍ଯ୍ୟନିର୍ବାହୀ ସଦସ୍ୟ ଉତ୍କଳ ସାହିତ୍ୟ ସମାଜ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ



ଥିଲେ। କେନ୍ଦୁଝର ଜିଲ୍ଲା ଶାଖାର ସଂଯୋଜକ ଅନିଲ କୁମାର ସାହୁ ସ୍ୱାଗତ ଭାଷଣ ଓ ସମ୍ପାଦକୀୟ ପାଠ କରିଥିଲେ। କେନ୍ଦୁଝର ଜିଲ୍ଲା ଶାଖା ପକ୍ଷରୁ ବରିଷ୍ଠ ସାହିତ୍ୟିକ ରମାକାନ୍ତ ନାୟକ, କୀର୍ତ୍ତନ ସାହୁ, ପ୍ରତାପ କୁମାର ରାଉତ, ଚତୁର୍ଭୁଜ ପହି, ଶରତ ରାଉତ, ଉମାକାନ୍ତ ଜେନା, ସରୋଜ କୁମାର ସାହୁ, ତ୍ରିଲୋଚନ ସାହୁ, ପ୍ରଭାତ କୁମାର ପଣ୍ଡା, ଘନଶ୍ୟାମ ବୈତେଇ ପ୍ରମୁଖ ଆଲୋଚନାରେ ଭାଗ ନେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। କେନ୍ଦୁଝର ଜିଲ୍ଲା ଶାଖାକୁ କ୍ରିୟାଶୀଳ କରିବାକୁ ସମସ୍ତେ ନିଜ ନିଜର ମତ ବ୍ୟକ୍ତ ପ୍ରକାଶ କରିଥିଲେ। କବି ସରୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳା ଫରେଷ୍ଟରଙ୍କ ପ୍ରେମ ସମ୍ପର୍କର ସରଗରମ ଚର୍ଚ୍ଚା

ତୁରୁମୁଙ୍ଗା, ୧୯।୪(ସମିସ): କେନ୍ଦୁଝର ଜିଲ୍ଲାରେ ଏକ ପ୍ରେମ କାହାଣୀ ଅସାମାନ୍ୟ ଭାବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ବୟସ, ପରିବାର ଓ ସମାଜିକ ପରିସ୍ଥିତିକୁ ପଛରେ ପକାଇ ଜଣେ ୪୬ ବର୍ଷୀୟ ମହିଳା ଫରେଷ୍ଟର ଓ ୩୨ ବର୍ଷୀୟ ଯୁବକଙ୍କ ମଧ୍ୟରେ ଗଢ଼ିଉଠିଥିବା ପ୍ରେମ ସମ୍ପର୍କ ଏବେ ଦାଣ୍ଡରେ ପଡ଼ି ହାଟରେ ଗଡୁଛି। କେନ୍ଦୁଝର ବନ ବିଭାଗ ଅଧୀନରେ କାର୍ଯ୍ୟରତ ଏହି ମହିଳା ଫରେଷ୍ଟର ପୂର୍ବରୁ କୋର୍ଟ ମ୍ୟାରେଜ କରିଥିଲେ। ବର୍ଷକାଳ ଧରି ସ୍ୱାମୀ-ସ୍ତ୍ରୀ ଭାବେ ଜୀବନ କାଟିଥିବା ଏହି ଦମ୍ପତିଙ୍କ ଏକ ୨୬ ବର୍ଷର ପୁଅ ମଧ୍ୟ ରହିଛି। କିନ୍ତୁ ଜୀବନର ଏକ ଅପରିକଳ୍ପିତ ମୋଡରେ, ସେ ପାଟଣା ବନ ବିଭାଗରେ ଠିକା କର୍ମଚାରୀ ଭାବେ କାମ କରୁଥିବା ଜଣେ ଯୁବକ ଡ୍ରାଇଭରଙ୍କ ସହ ପରିଚିତ ହୋଇଥିଲେ। ସାଧାରଣ ପରିଚୟ ଧୀରେ ଧୀରେ ଗାଢ଼ ସମ୍ପର୍କରେ ପରିଣତ ହେଲା, ଆଉ ସେଇ ସମ୍ପର୍କ ପ୍ରେମର ରୂପ ନେଲା। ସେ ଆପିଡେଭିଟ୍ ବିବାହ କରିଥିବା କଥା ମଧ୍ୟ ଚର୍ଚ୍ଚାକୁ ଆହୁରି ଗରମ କରିଛି। ଏହି ସମ୍ପର୍କକୁ ନେଇ ଆଉ ଏକ ପ୍ରଶ୍ନ ଉଠୁଛି, ପୂର୍ବତନ ବିବାହର ଆଇନଗତ ଛାଡପତ୍ର ନ ହୋଇଥିବା ସ୍ଥିତିରେ ଏହି ନୂଆ ବିବାହ କେତେଦୂର ଆଇନସମ୍ମତ। ଅନ୍ୟପଟେ ଏହି ମହିଳା ଫରେଷ୍ଟରଙ୍କ ନାମ ଆଗରୁ ମଧ୍ୟ ବିବାଦ ଆସିଥିଲା। ଚମ୍ପୁଆରେ କାର୍ଯ୍ୟରତ ସମୟରେ କାଠ ମାଫିଆଙ୍କଠାରୁ ଲାଞ୍ଚ ନେବା ସମ୍ବନ୍ଧୀୟ ଏକ ଅଡିଓ ଭାଇରାଲ ହୋଇଥିଲା, ଯେଉଁଥିରେ ଲାଞ୍ଚ ଟଙ୍କା ନେଣଦେଣ ପ୍ରେମିକ ଯୁବକଙ୍କ ଫୋନ-ପେ ମାଧ୍ୟମରେ ହୋଇଥିବା ଅଭିଯୋଗ ଆସିଥିଲା। ଏହାପରେ ସେ ନିଲମ୍ବିତ ମଧ୍ୟ ହୋଇଥିଲେ।

## ପାଠାଗାର କୋଠା ସାଜିଛି ମଦୁଆଙ୍କ ଆଡ୍ଡାସ୍ଥଳୀ

ଆନନ୍ଦପୁର, ୧୯।୪ (ସମିସ): ପାଠାଗାର ହେଲା, କିନ୍ତୁ କାର୍ଯ୍ୟକାରୀ ହେଉ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଲକ୍ଷ ଲକ୍ଷ ଟଙ୍କାର ଅନୁଦାନରେ ନିର୍ମିତ କୋଠା ବ୍ୟବହାର ହୋଇପାରୁ ନଥିବାରୁ ନିଶା କାରବାରର ପେଣ୍ଠସ୍ଥଳୀ ପାଲଟିଛି। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୌରାଞ୍ଚଳ ୩ନଂ ୱାର୍ଡରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରି ନିର୍ମାଣ ହୋଇଥିବା ପାଠାଗାର ଆଜି ଅବହେଳାର ଶୀକାର ହୋଇ ପଡ଼ିରହିଛି। ଯେଉଁ ପାଠାଗାର ଯୁବ ପିଢ଼ିଙ୍କ ଜ୍ଞାନ ବୃଦ୍ଧି ଓ ପ୍ରୋତ୍ସାହନ ଦେବା ପାଇଁ ନିର୍ମାଣ ହୋଇଥିଲା, ସେହି ଗୃହ ଆଜି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ନିର୍ମାଣ ପରେ ମଧ୍ୟ କାହିଁକି ଏହାକୁ କାର୍ଯ୍ୟକାରୀ କରାଯାଇନାହିଁ, ସେଥିପାଇଁ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ପ୍ରଶ୍ନ ଉଠୁଛି। ଏହି ପାଠାଗାର କାହା ପାଇଁ? କାହିଁକି ପ୍ରଶାସନ ଏହାକୁ କାର୍ଯ୍ୟକାରୀ କରିବାରେ ଆଗ୍ରହ ଦେଖାଉନାହିଁ?



ଏହି ପାଠାଗାର ଏବେ ଅସାମାଜିକ କାର୍ଯ୍ୟର କେନ୍ଦ୍ର ହୋଇପଡ଼ିଛି। ସ୍ଥାନୀୟ ଲୋକମାନଙ୍କ ଅଭିଯୋଗ, ଏଠାରେ ନିଶା କାରବାର ହେଉଥିବା ଓ ଅସାମାଜିକ ଲୋକମାନଙ୍କ ଆଡାସ୍ଥଳୀରେ ପରିଣତ ହୋଇଛି। କିଛି ଦିନ ପୂର୍ବରୁ ଏହି ପାଠାଗାର ପରିସରରେ ଛେଳି ଚରୁଥିବା ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଥିଲା। ଏହାସହିତ ଘଷିପୁରା ବ୍ଲକ ସମ୍ମୁଖରେ ନିର୍ମିତ ଆଉ ଦୁଇଟି ଗୃହ ମଧ୍ୟ ସେହିପରି ଅବସ୍ଥାରେ

### ● କାର୍ଯ୍ୟକ୍ଷମ ନେଇ ଅନିଶ୍ଚିତତା

ପଡ଼ିରହିଛି। କୋଟି କୋଟି ଟଙ୍କା ବ୍ୟୟ ହେଉଥିବା ସତ୍ତ୍ୱେ ଏହି ଗୃହଗୁଡ଼ିକ ଆଜି 'ଭୂତ କୋଠି'ର ରୂପ ନେଇଛି। ଖବର ପ୍ରସାରଣ ପରେ ମଧ୍ୟ ପ୍ରଶାସନର ନିଦ୍ରା ଭଙ୍ଗ ନହେବାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଯଦି ପ୍ରଶାସନ ଶୀଘ୍ର ପଦକ୍ଷେପ ନ ନିଅନ୍ତି, ଏହି ବିଷୟରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

## ଖ୍ୟାତନାମା ଭେଷଜ ବିଶେଷଜ୍ଞ ଡାକ୍ତର ପିସି ଦାସଙ୍କ ପରଲୋକ

କେନ୍ଦୁଝର,୧୯।୪(ସମିସ): କେନ୍ଦୁଝର ଜିଲ୍ଲାର ଲୋକପ୍ରିୟ ଭେଷଜ ବିଶେଷଜ୍ଞ, ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ବହୁସେବାଅନୁଷ୍ଠାନର ପ୍ରତିଷ୍ଠାତା ଓ ସଭାପତି ଡାକ୍ତର ପିସି ଦାସଙ୍କର ପରଲୋକ ହୋଇଛି। ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ତାଙ୍କର ପରଲୋକ ହୋଇଥିବାବେଳେ ସେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମେଡିସିନ ବିଭାଗରେ କାର୍ଯ୍ୟରତ ରହି ବେଶ୍ ଲୋକପ୍ରିୟତା ଅର୍ଜନ କରିଛନ୍ତି। କେନ୍ଦୁଝର, ମୟୂରଭଞ୍ଜ ସମେତ ପଡୋଶୀ ଝାଡଖଣ୍ଡରୁ ବହୁ ରୋଗୀ ଚିକିତ୍ସା ପାଇଁ ଆସୁଥିଲେ। ଜଗତସିଂପୁର ଜିଲ୍ଲାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଭାବରେ ଅବସର ଗ୍ରହଣ



କରିବା ପରେ କେନ୍ଦୁଝର ସହରରେ ରହି ସେ ରୋଗୀ ସେବା କରୁଥିଲେ। ଅନେକ ଦୁଃଖୀ ଓ ଅସୁବିଧାରେ ପଡିଥିବା ଲୋକେ ତାଙ୍କଠାରୁ ସହାୟତା ପାଉଥିଲେ। କେନ୍ଦୁଝରଠାରେ ରୋଟାରୀ କ୍ଲବ, ମା' ତାରିଣୀ ୱାକର୍ସ କ୍ଲବ ପ୍ରତିଷ୍ଠା ହେଉ ବା ଅବସର କର୍ମଚାରୀ ସଂଘ ହେଉ ସବୁଠାରେ ସେ ଉପସ୍ଥିତ ରହି ସେବା କାର୍ଯ୍ୟକୁ ବ୍ୟାପକ କରିଥିଲେ। ଡାକ୍ତର ପିସି ଦାସ ଭାବେ ବେଶ୍ ସୁନାମ ଅର୍ଜନ କରିଥିବା ଡାକ୍ତର ପ୍ରଫୁଲ୍ଲଚନ୍ଦ୍ର ଦାସ ୧୯୩୯ ମେ ୧୧ ତାରିଖରେ ଜନ୍ମଗ୍ରହଣ କରିଥିଲେ। ମୃତ୍ୟୁ ସମୟରେ କନିଷ୍ଠ ପୁତ୍ର ବରଦାଙ୍କ ସମେତ ପତ୍ନୀ, କନ୍ୟା, ବୋହୂ ଓ ନାତିନାତୁଣୀମାନେ ଉପସ୍ଥିତ ଥିଲେ। ବଡ଼ପୁଅ ଆମେରିକାରେ ରହୁଥିବାରୁ ସେ ଓଡ଼ିଶା ଆସିବା ପରେ ଶେଷକୃତ୍ୟ ସଂପନ୍ନ ହେବ ବୋଲି ଜଣାପଡିଛି। ତାଙ୍କ ବିୟୋଗରେ କେନ୍ଦୁଝର ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦୁଝର ସାଂସଦ ଅନନ୍ତ ନାୟକ, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ଜିଲ୍ଲା ବିଜୁ ଜନତା ଦଳ ସଭାପତି ଆଶିଷ ଚକ୍ରବର୍ତ୍ତୀ, କେନ୍ଦୁଝର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ମମିତା ନାୟକ, ସିଟିଜି ପ୍ରତିଷ୍ଠାତା ଡ ରାଜେନ୍ଦ୍ର ପଲେଇ, ପୂର୍ବତନ ସଦର ବ୍ଲକ ଅଧ୍ୟକ୍ଷା କିରଣବାଳା ନାୟକ, ପୂର୍ବତନ ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ରାଧାକାନ୍ତ ମହାନ୍ତ, ବିଜେପି ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା ପ୍ରମୁଖ ଡାକ୍ତର ପିସି ଦାସଙ୍କର ପୁତ୍ର ତଥା ଏବେ କେନ୍ଦୁଝରଗଡ଼ ପୌର ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସଙ୍କୁ ଫୋନ କରି ଶୋକ ପ୍ରକଟ କରିଛନ୍ତି।

## ଆଇନଜୀବୀ ବିଜୟ ଦାଶ ସମ୍ବର୍ଦ୍ଧିତ

ଆନନ୍ଦପୁର, ୧୯।୪(ସମିସ): ଆନନ୍ଦପୁର ପୌରାଞ୍ଚଳର ଶାଳପଡା ନିବାସୀ ତଥା ହାଇକୋର୍ଟ ବାର ଆସୋସିଏସନ ପୂର୍ବତନ ସଭାପତି ବିଜୟ କୁମାର ଦାଶଙ୍କୁ ୱାର୍ଲଡ ହ୍ୟୁମାନ ରାଇଟ୍ସ ପ୍ରୋଟେକ୍ସନ ଅର୍ଗନାଇଜେସନ ଓ ଆମେରିକାନ ଗ୍ଲୋବାଲ ଅର୍ଗନାଇଜେସନ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ ଡିଗ୍ରି ପ୍ରଦାନ କରାଯାଇଛି। ଗୀତଗୋବିନ୍ଦ ସଦନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଭୟ ପ୍ରତିଷ୍ଠାନର କର୍ମକର୍ତ୍ତାମାନେ ଆଇନଜୀବୀ ଶ୍ରୀ ଦାଶଙ୍କୁ ଡକ୍ଟରେଟ୍ ଡିଗ୍ରି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଆଇନସେବା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଡକ୍ଟର ଦାଶଙ୍କୁ



ଏହି ଉପାଧି ପ୍ରଦାନ କରାଯିବାକୁ ଚୂଡାନ୍ତ ହୋଇଥିଲା। ସଂପ୍ରତି ଡକ୍ଟର ଦାସ ଓଡ଼ିଶା ହାଇକୋର୍ଟଙ୍କ ପ୍ରତିନିଧିମଣ୍ଡଳୀରେ ସଦସ୍ୟ ଭାବେ କାର୍ଯ୍ୟ କରୁଛନ୍ତି।

## ଗାଡ଼ି ଧକ୍କାରେ ଯୁବକ ମୃତ

**ରାଇରଙ୍ଗପୁର, ୧୯।୪ (ସମିସ):** ବହଳଦା ଥାନା ଅନ୍ତର୍ଗତ ମୋରଣ୍ଡା ଛକରେ ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତକ ଜଣକ ଝାଡ଼ଖଣ୍ଡର କାଠଭାରୀ ଗ୍ରାମର ପ୍ରକାଶ ତିୟୁ (୨୮) । ବିଳମ୍ବିତ ରାତିରେ ଅଜଣା ଗାଡ଼ି ଧକ୍କା ଦେଇଥିବାବେଳେ ସକାଳରୁ ବହଳଦା ପୁଲିସ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି । ମୃତଦେହ ଉଦ୍ଧାର କରି ରାଇରଙ୍ଗପୁର ଉପଖଣ୍ଡ ହସ୍‌ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛି । ଦୁର୍ଘଟଣା ସ୍ଥଳରେ ଟ୍ରକ ଚକ ଚିହ୍ନ ରହିଥିବାରୁ ଟ୍ରକ କିମ୍ବା ହାଇୱା ଦ୍ୱାରା ଏହି ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଉଛି । ତେବେ ଦୁର୍ଘଟଣା ଘଟାଇଥିବା ଗାଡ଼ିର ପତ୍ତା ମିଳି ନ ଥିବାବେଳେ ବହଳଦା ଥାନାରେ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରହିଛି ।

### ବନ୍ଧସାହି ଗ୍ରାମରେ ପାନୀୟଜଳ ସମସ୍ୟା

# ନଦୀ ଉପରେ ନିର୍ଭର କରୁଛନ୍ତି ୨୫ ପରିବାର

**ଉଦଳା, ୧୯।୪(ସମିସ)**

ଖରା ବଢ଼ିବା ସାଙ୍ଗକୁ ଜଳକଷ୍ଟ ମଧ୍ୟ ବଢ଼ିବାରେ ଲାଗିଛି । ପିଇବା ପାଣି ପାଇଁ ଗ୍ରାମବାସୀ କରୁଛନ୍ତି ସଂଘର୍ଷ । ଗାଁରେ ନଳକୂପ ଅଛି, ହେଲେ ପିଇବା ଉପଯୋଗୀ ହୋଇ ନ ଥିବାରୁ ଗାଁ ଲୋକଙ୍କୁ ଭରସା ଏବେ ନଦୀ । ପାନୀୟଜଳ ସମସ୍ୟା ପାଇଁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କୁ ଜଣାଇଆସୁଥିଲେ ମଧ୍ୟ ଏହାର ସୁଫଳ ପାଇପାରୁନାହାନ୍ତି । ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକ ବଡ଼ଖମଣ ପଞ୍ଚାୟତର ବନ୍ଧସାହି ଗ୍ରାମରେ ଏହା ଦେଖିବାକୁ ମିଳିଛି ।



ବନ୍ଧସାହି ଗ୍ରାମରେ ୨୫ରୁ ଊର୍ଦ୍ଧ୍ୱ ପରିବାର ଥିବାବେଳେ ଏମାନଙ୍କ ପାଇଁ ପାନୀୟଜଳ ମୁଖ୍ୟ ସମସ୍ୟା । ଗ୍ରାମରେ ଗୋଟିଏ ନଳକୂପ ସମ୍ପୂର୍ଣ୍ଣ ଅଚଳ ଅବସ୍ଥାରେ ଥିବାବେଳେ ଆଉ ଗୋଟିଏ ନଳକୂପରେ ଆଇରନ ପାଣି ବାହାରୁଥିବାରୁ ତାହା ପିଇବା ଉପଯୋଗୀ ହୋଇପାରୁନାହିଁ । ତେବେ ୨୫ ପରିବାରଙ୍କ ପାଇଁ ଏକମାତ୍ର ଭରସା ନଦୀର ପାଣି । ବର୍ଷା ହେଉ କି ଅନ୍ୟଦିନ ହେଉ ପ୍ରତ୍ୟେକ ଦିନ ଗ୍ରାମବାସୀ ଏହି ନଦୀ ପାଣି ଉପରେ ନିର୍ଭର କରନ୍ତି । ସରକାର ଯୋଜନା କରୁଛନ୍ତି ସତ, କିନ୍ତୁ ବାସ୍ତବ କ୍ଷେତ୍ରରେ ପ୍ରଶାସନିକ ଅଣଦେଖା ଏହି ଗ୍ରାମରେ ପାନୀୟଜଳର ସମସ୍ୟାକୁ ଦେଖିଲେ ସ୍ପଷ୍ଟ ବାରିହେବ । ନିର୍ବାଚନ ଆସିଲେ ନେତା ଓ ମନ୍ତ୍ରୀ ଗ୍ରାମକୁ ଆସି ଅନେକ ପ୍ରତିଶ୍ରୁତି ଦେଇଥା'ନ୍ତି । ତେବେ ନିର୍ବାଚନ ସରିଲେ ଏହି ଗ୍ରାମରେ ଆଉ ସେମାନଙ୍କର ଦେଖା ମିଳେନାହିଁ ବୋଲି କହିଛନ୍ତି ଗ୍ରାମବାସୀ । ଆଗକୁ ଆହୁରି ତାତି ବଢ଼ିବାର ସମ୍ଭାବନା ଥିବାବେଳେ ଗ୍ରାମବାସୀଙ୍କ ଜଳକଷ୍ଟ ସେମାନଙ୍କର ଦୁଃଖକୁ ଦ୍ୱିଗୁଣିତ କରିଦେଇଛି । ପ୍ରତ୍ୟେକ ବର୍ଷ ଖରାଦିନ ଆସିଲେ ନଦୀର ପାଣି ସୁଖିଯାଉଥିବାବେଳେ ଗ୍ରାମବାସୀଙ୍କ ପାନୀୟ ଜଳର ଦୁର୍ଦ୍ଦଶା ବଢ଼ିଯାଇଥାଏ । ତେବେ ଆଗାମୀ ଦିନରେ ସ୍ଥାନୀୟ ପ୍ରଶାସନ ଏହି ଗ୍ରାମବାସୀମାନଙ୍କର ଜଳ କଷ୍ଟ ସମସ୍ୟାର ସମାଧାନ କେବେ କରିବେ ତାହାକୁ କେବଳ ଅପେକ୍ଷା ।

## ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର



**କୁଳିଅଣା, ୧୯।୪(ସମିସ):** କୁଳିଅଣା ଥାନା ଅନ୍ତର୍ଗତ ୧୮ ନଂ ଜାତୀୟ ରାଜପଥର କାମତା ଛକରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏଥିରେ ଜଣେ ମୃତ୍ୟୁବରଣ କରିଥିବାବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି ।

ସୂଚନା ମୁତାବକ, ଆଜି ଅପରାହ୍ନ ୩. ୩୦ମିନିଟ ସମୟରେ ଏକ ପଲସର ବାଇକ୍ ଯୋଗେ ବାରିପଦାରୁ ନିଜ ଘର କୁଳିଅଣା ପଞ୍ଚାୟତ ଅଧୀନ ସୁକୁଆପୋଡ଼ାକୁ ରାଜପଥ ଅତିକ୍ରମ କରି ଯାଉଥିବାବେଳେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଦୁଇଜଣ ଗୁରୁତର ହୋଇଥିଲେ । ମୃତକ ଜଣକ ସୁକୁଆପୋଡ଼ା ଗ୍ରାମର ବଇଲା ଚପେୟାରଙ୍କ ପୁତ୍ର ମାଇସା ଚପେୟାର (୩୦) । ଗୁରୁତର ଦୁଇଜଣଙ୍କ ପରିଚୟ ମିଳିପାରିନାହିଁ । ଗୁରୁତର ଦୁଇଜଣଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇଥିଲେ । ସେଠାରେ ଚିକିତ୍ସାଧୀନ ଥିବା ଜଣାଯାଇଛି । ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିବାରୁ ଗାଡ଼ି ଚଳାଚଳ ବନ୍ଦ ରହିଥିଲା । ଖବର ପାଇ କୁଳିଅଣା ଥାନା ଅଧିକାରୀ ସୁଦୀପ କୁମାର ମହାପାତ୍ର ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଥିବାବେଳେ ଏସଡିପିଓ ପ୍ରଭାତ କୁମାର ମଲ୍ଲିକ ଓ ଅତିରିକ୍ତ ତହସିଲଦାର ପ୍ୟାରୀମୋହନ ହେମ୍ବ୍ରମ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ ଓ ରାସ୍ତାରୋକ ହଟିଥିଲା । କୁଳିଅଣା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇଥିଲା । ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି । ମୃତକ ପରିବାରକୁ ରେଡକ୍ରସ ପକ୍ଷରୁ ୩୦ ହଜାର ଟଙ୍କା ପ୍ରଦାନ କରାଯିବ ଓ ସେଠାରେ ଏକ ଗଳାପୋଲ ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ଦାବି କରିଥିଲେ ।

## ରାଜ୍ୟସ୍ତରୀୟ ପୁଲିସ ଭଲିବଲ ପାଇଁ ମୟୂରଭଞ୍ଜ ଦଳ ଘୋଷିତ



**ବାରିପଦା, ୧୯।୪(ସମିସ):** ବାଲେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ୭୮ତମ ରାଜ୍ୟସ୍ତରୀୟ ପୁଲିସ ଭଲିବଲ ଚାମ୍ପିଅନସିପରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜ ପୁଲିସ ଦଳ ଘୋଷଣା କରାଯାଇଛି । ଏହି ଦଳରେ ହରିହର ମଲ୍ଲିକ (ଅଧିନାୟକ), ନିରଞ୍ଜନ ନାଏକ, ଆଶିଷ କୁମାର ସେଠୀ, ଲକ୍ଷ୍ମୀନାରାୟଣ ସାହୁ, ଚନ୍ଦ୍ରବିନ୍ଦୁ ସେଠୀ, ମିଲୁ ମହାନ୍ତ, ବିକାଶ ଗିରି, ଅଂଶୁମାନ ପଣ୍ଡା, ଜଗତଜୀବନ ସେଠୀ, ସ୍ନେହାଶିଷ ମହାନ୍ତି, ଅଞ୍ଜନ ବେହେରା, ଜନ୍ମେଜୟ ଦାସ ପ୍ରମୁଖ ସ୍ଥାନ ପାଇଛନ୍ତି । ରାଜେଶ ଦାସ କୋଚ୍ ଓ କେ. ବିଶ୍ୱନାଥ ରାଓ ଟିମ୍ ମ୍ୟାନେଜର ଭାବେ ଦଳ ସହ ଗସ୍ତ କରିବେ । କୋଚ ମନୋରଞ୍ଜନ ଜୀଉ, ପୁଲିସ ଆଲୋକ କୁମାର କାନୁନଗୋ, ସାରଜେଣ୍ଟ ଗୌତମ ପ୍ରଧାନ, ବରିଷ୍ଠ କ୍ରୀଡ଼ାବିତ ଭାନୁପ୍ରତାପ ଭଞ୍ଜଦେଓ, ମୟୂରଭଞ୍ଜ ପୁଲିସ ସଂଘ ସମ୍ପାଦକ ସ୍ୱରାଜ କୁମାର ରାଜ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିବା ସହ ସଫଳତା କାମନା କରିଥିଲେ ।

## ଗୋପିନାଥଜୀଉ ବିଦ୍ୟାଳୟରେ ସ୍ନେହ ମିଳନ କାର୍ଯ୍ୟକ୍ରମ

**ରାସଗୋବିନ୍ଦପୁର, ୧୯।୪(ସମିସ):** ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ନାକିଚୁଆ ପଞ୍ଚାୟତର ଗୋପିନାଥଜୀଉ ଉଚ୍ଚବିଦ୍ୟାଳୟରେ ସ୍ନେହ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିଥି ଭାବେ ପୂର୍ବତନ ଶିକ୍ଷକ ଏକତ୍ରିତ ହୋଇଥିବାବେଳେ ୧୯୯୯ ବ୍ୟାଚ୍ ଛାତ୍ରଛାତ୍ରୀ ଉପସ୍ଥିତ ହୋଇ ସ୍ନେହ ମିଳନ କାର୍ଯ୍ୟକ୍ରମକୁ ସଫଳ କରିଛନ୍ତି । ଏହି ବିଦ୍ୟାଳୟ ୧୯୭୭ ମସିହାରେ ସ୍ଥାପିତ ହୋଇଥିଲା । ଏହାର ନାମକରଣ ଗୋପିନାଥଙ୍କ ନାମରେ ନାମିତ ଥିବାରୁ ଗୋପିନାଥଙ୍କ ବିଗ୍ରହ ସ୍ଥାପନ କରାଯାଇ ସ୍ନେହ ମିଳନ ମାଧ୍ୟମରେ ପ୍ରତିଷ୍ଠା କରାଯାଇଛି । ପୂଜାର୍ଚ୍ଚନା ଧୂମଧାମରେ କରିଛନ୍ତି ପୂର୍ବତନ ଛାତ୍ରଛାତ୍ରୀ । ସେତେବେଳର ପ୍ରଧାନ ଶିକ୍ଷକ ନଗେନ ବିହାରୀ ଜେନା, ସହକାରୀ ଶିକ୍ଷକ ରଘୁନାଥ ମହାପାତ୍ର, ଅଚ୍ୟୁତାନନ୍ଦ ଗିରି, ବିଜୟ କୁମାର ବେହେରା, ବିଜ୍ଞାନ ଶିକ୍ଷକ ବେଣୁଧର ଚାନ୍ଦ ଓ କ୍ରୀଡ଼ା ଶିକ୍ଷକ ଗଦାଧର ପାତ୍ର ପ୍ରମୁଖ ନିମନ୍ତ୍ରିତ ଅତିଥି ଭାବେ ସ୍ନେହ ମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ସ୍ନେହାଶୀର୍ବାଦ ପ୍ରଦାନ କରିଛନ୍ତି । ଗୋପିନାଥଙ୍କ ପ୍ରତୀମା ପ୍ରତିଷ୍ଠା ଅବସରରେ ନାମ ସଂକୀର୍ତ୍ତନ ଗାନ କରାଯାଇଛି । ପୂର୍ବତନ ଛାତ୍ର ହରିପଦ ମହାକୁଡ଼ ସଂକଳ୍ପ କରିଥିବାବେଳେ ଅନ୍ୟ ଛାତ୍ରଛାତ୍ରୀ ସହଯୋଗ କରିଛନ୍ତି ।




## ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ଚିତ୍ରାଙ୍କନ ପ୍ରତିଯୋଗିତା

**ବାରିପଦା, ୧୯।୪(ସମିସ):** ବାରିପଦା ଷ୍ଟାଡ଼ିୟମ ସମ୍ମିଳନୀ କକ୍ଷରେ ବାସ୍ତବ ପରିବାର ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ନର୍ସରୀରୁ ୧୦ମ ଶ୍ରେଣୀର ୩ ଶହ ଛାତ୍ରଛାତ୍ରୀଙ୍କୁ ନେଇ ଚାରୋଟି ବିଭାଗ ମାଧ୍ୟମରେ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ଭିତରେ ଅନେକ ସଂଖ୍ୟକ ପ୍ରତିଯୋଗୀ ଅଂଶଗ୍ରହଣ କରିବା ପରିଲକ୍ଷିତ ହୋଇଥିଲା ଓ ବାସ୍ତବ ଅନୁଷ୍ଠାନ ସମାଜରେ ବିଭିନ୍ନ କ୍ଷେତ୍ରରେ ସ୍ୱାସ୍ଥ୍ୟସେବା, ପରିବେଶ ସନ୍ତୁଳନ, ସ୍କୁଲ ସ୍ତରରେ ପିଲାଙ୍କ ପାଇଁ ବିଶୁଦ୍ଧ ପାନୀୟଜଳ ଯୋଗାଣ, ପିଲାଙ୍କ ବୌଦ୍ଧିକ ବିକାଶ ପାଇଁ ଚିତ୍ରାଙ୍କନ, ସ୍ୱଲିଖିତ କବିତା ଆବୃତ୍ତି, ବିଦ୍ୟାଳୟମାନଙ୍କୁ ପୁସ୍ତକ ଦାନ ଓ ସୁନନ୍ଦନ ବୃତ୍ତି ଯୋଜନା ମାଧ୍ୟମରେ ମ୍ୟାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ପିଲାଙ୍କୁ ଆର୍ଥିକ ଅନୁଦାନ ଭଳି ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରି ସମାଜରେ ଉଦାହରଣ ସୃଷ୍ଟି କରିପାରିଛି ।



ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଜସେବୀ କାଶୀନାଥ ରଣା ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦଘାଟନ କରିବା ସହ ପିଲାଙ୍କୁ ପ୍ରମାଣ ପତ୍ର ଓ ମେଡାଲ ପ୍ରଦାନ କରି ଉତ୍ସାହିତ କରିଥିଲେ । ଅମରେଶ ବାସୁରୀ, ମହେନ୍ଦ୍ର ନାଥ ଦଣ୍ଡପାଟ, ନରସିଂହ ବାରିକ ପ୍ରମୁଖ ସଂସ୍ଥାର ବରିଷ୍ଠ ସଦସ୍ୟ, ପ୍ରଖ୍ୟାତ ଚିତ୍ରଶିଳ୍ପୀ ସୌର ବିହାରୀ ଦାସଙ୍କ ତତ୍ତ୍ୱାବଧାନରେ ସମସ୍ତ ପ୍ରତିଯୋଗୀଙ୍କ କଳାକୃତିକୁ ଆକଳନ କରିଥିଲେ । ଏହି ପ୍ରତିଯୋଗିତାର ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଅନୁଷ୍ଠାନର ସୁନନ୍ଦନ ବୃତ୍ତି ଯୋଜନାର ସମ୍ବର୍ଦ୍ଧନା ସଭାରେ ପୁରସ୍କୃତ କରାଯିବ ବୋଲି ସଂସ୍ଥାର ସମ୍ପାଦକ ଅରୁଣ ପାତ୍ର ପ୍ରକାଶ କରିଥିଲେ । ସଭାପତି ଶାନ୍ତନୁ ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଦସ୍ୟ ପ୍ରଦୀପ ପାଣିଗ୍ରାହୀ, ପ୍ରଦୀପ କିଶୋର ମହାନ୍ତି, ସର୍ବୋତୋଷ ଦାଶ, ନନ୍ଦଲାଲ ମିଶ୍ର, ଚକ୍ରଧର ମହାପାତ୍ର, ସୁଧାଂଶୁ ଚକ୍ର, ମାନସ ଦାଶ, ତପନ ପଟ୍ଟନାୟକ, ଜୟନ୍ତ ସେନାପତି, କାମିନୀ କାନ୍ତ ମାଲାକାର, ଶମ୍ଭୁଦୟାଲ ଖଣ୍ଡେଲଓ୍ୱାଲ, ବିନୋଦ ସାହୁ, ଗଣେଶ ମହାପାତ୍ର, ଦେବାନନ୍ଦ ଜେନା, ଅଶ୍ୱିନୀ ବ୍ରହ୍ମା, ରଞ୍ଜନ ଗଡ଼ନାୟକ, ଅନୀଲ ପଣ୍ଡା, ବଳରାମ ଭଦ୍ର, ସଞ୍ଜୀବ ପଟ୍ଟନାୟକ, ସମାଜସେବୀ ଅମର ସେଠୀ ଓ ସୋମନାଥ ସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଅଲଚିକି ଭାଷା ଶିକ୍ଷା ପାଇଁ ନୂତନ ଶିକ୍ଷାନୁଷ୍ଠାନ ଉଦ୍‌ଘାଟନ



**ବିଶୋଇ, ୧୯।୪(ସମିସ):** ବିଶୋଇ ବ୍ଲକ ଅନ୍ତର୍ଗତ ଅସନା ପଞ୍ଚାୟତସ୍ଥ ଅର୍ଜୁନବିଲା ଗ୍ରାମରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଦ୍ୱାରା ଲିଖିତ ଅଲଚିକି ଭାଷାକୁ ଜୀବିତ କରିବା ପାଇଁ ଚାମ୍ପା ଗାଳ ଅଲ ଇତୁନ ଆସଲା ନାମକ ଶିକ୍ଷାନୁଷ୍ଠାନ ସ୍ଥାପନ କରାଯାଇଛି । ଏ ଅବସରରେ ସ୍ଥାନୀୟ ଗ୍ରାମବାସୀ ଯୋଗଦେଇ ପାରମ୍ପରିକ ସାଂସ୍କୃତିକ ନୃତ୍ୟଗୀତ ପରିବେଷଣ କରିଥିଲେ । ଯାହା କାର୍ଯ୍ୟକ୍ରମକୁ ଆକର୍ଷଣ କରିଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆସେକା ମଣଦା ଶାଖାର ସଭାପତି ସୁରେନ୍ଦ୍ର ମୁର୍ମୁ ଯୋଗଦେଇ ଆଦିବାସୀ ଭାଷା, ଶିକ୍ଷା ବିକାଶ ହେଲେ ଆଦିବାସୀ ସଂସ୍କୃତି ଓ ପରମ୍ପରା ବିକାଶ ହେବ ବୋଲି ବକ୍ତବ୍ୟ ରଖିଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ଭଞ୍ଜ ତାରାସ ପାରସେଲେଜ ପ୍ରଫେସର ଗୋବିନ୍ଦ ଚନ୍ଦ୍ର ସୋରେନ, ୩୩ନଂ ଜିଲ୍ଲା ପରିଷଦ ସଦସ୍ୟ ଶୀତଲ କିସ୍କୁ, ଚାମ୍ପା ଗାଳ ଅଲ ଇତୁନ ଆସଲାର ପ୍ରଧାନଶିକ୍ଷକ ଭାବେ ନିଯୁକ୍ତ ଥିବା ନାରାୟଣ ଟୁଡୁ, ଶିକ୍ଷକ ଅର୍ଜୁନ କିସ୍କୁ, ଭାଗବତ ହାଁସଦା, ବିଜୟ କୁମାର କିସ୍କୁ, ବାଙ୍କୀପିଳ ଅଲ ଇତୁନ ଆସଲାର ଶିକ୍ଷକ ଦୁର୍ଗାଚରଣ କିସ୍କୁ, ଗ୍ରାମର ମୁଖିଆ ବୁଦ୍ଧାନ କିସ୍କୁ, ନାଏକେ ବାବା କୁଆଁର କିସ୍କୁ, ଗ୍ରାମର ୱାର୍ଡସଭ୍ୟା ସତୀ କିସ୍କୁ, ଅଙ୍ଗନବାଡି କର୍ମୀ ସୁନେଲି କିସ୍କୁ ପ୍ରମୁଖ ଯୋଗ ଦେଇଥିଲେ । ନୂତନ ଶିକ୍ଷାନୁଷ୍ଠାନ ସ୍ଥାପନ ନେଇ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି ।

## ପୋଖରୀରେ ବୁଡ଼ି ଜଣେ ମୃତ

**ରାଇରଙ୍ଗପୁର, ୧୯।୪(ସମିସ):** ତିରିଂ ଥାନା ଅନ୍ତର୍ଗତ ଝରାଡିହି ଅଞ୍ଚଳର ପୋଖରୀଆ ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ମୃତକ ଜଣକ ଉକ୍ତ ଗ୍ରାମର ସିକେନ ମହାକୁଡ (୩୪) । ସେ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ କୌଣସି କାରଣ ପାଇଁ ପାଣିରେ ବୁଡ଼ି ଯାଇଥିଲେ । ଫଳରେ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି । ସେ ଗାଧୋଇବାକୁ ଯାଇ ଅନେକ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ । ପରିବାର ଲୋକେ ମୃତ୍ୟୁ ଖବର ପାଇବା ପରେ ଝରାଡିହି ଫାଣ୍ଡି ଅଧିକାରୀଙ୍କୁ ଜଣାଇଥିଲେ । ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ହସ୍‌ପିଟାଲକୁ ପଠାଇଥିଲେ । ଏ ନେଇ ତିରିଂ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି ।

## ଜୁଆ ଆଡ୍ଡାରେ ଚଢ଼ଉ, ୨ ଜୁଆଡ଼ି ଗିରଫ

**ରାଇରଙ୍ଗପୁର/କରଞ୍ଜିଆ, ୧୯।୪(ସମିସ):** କରଞ୍ଜିଆ ଥାନା ପୁଲିସ ଜୁଆ ଆଡ୍ଡାରେ ଚଢ଼ଉ କରି ୨ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି । ଜୁଆଡ଼ି ଦ୍ୱୟ ହେଲେ କରଞ୍ଜିଆ ଥାନା ଅନ୍ତର୍ଗତ କରଞ୍ଜିଆ ଏନଏସିର ୱାର୍ଡ ନମ୍ବର ୯ ଅଞ୍ଚଳର ସୁଜିତ ମହାପାତ୍ର(୪୫) ଓ ୱାର୍ଡ ନମ୍ବର ୧୧ ଅଞ୍ଚଳର ଜଗନ୍ନାଥ ପରିଡ଼ା(୪୨) । ପୁଲିସ ପାଟ୍ରୋଲିଂ ସମୟରେ ଜୁଆ ଖେଳ ନେଇ ବିଶ୍ୱସ୍ତ ସୂତ୍ରରୁ ପୁଲିସକୁ ଖବର ମିଳିଥିଲା । ଯାହାକୁ ନେଇ ଟାଟୋ ସାପ୍ତାହିକ ହାଟରେ ପୁଲିସ ଚଢ଼ଉ କରିଥିଲା । ପୁଲିସକୁ ଦେଖି କେତେକ ଜୁଆଡ଼ି ଚମ୍ପଟ ମାରିଥିବାବେଳେ ୨ ଜଣ ଗିରଫ ହୋଇଛନ୍ତି । ଜୁଆ ଖେଳ ସାମଗ୍ରୀ, ନଗଦ ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି । ଏ ନେଇ କରଞ୍ଜିଆ ଥାନାରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରହିଛି । ଜୁଆ ଖେଳ ନେଇ ସ୍ଥାନୀୟ ଅଞ୍ଚଳର ନାରାୟଣ ଦେହୁରୀ, ମଙ୍ଗୁଲୁ, ଆନନ୍ଦ ଓ ବିରଞ୍ଚି ଆଦି ସହଯୋଗ କରନ୍ତି ବୋଲି ଜଣାପଡ଼ିଛି । ପୁଲିସ ସେମାନଙ୍କୁ ଗିରଫ କରିବାକୁ ପ୍ରୟାସ କରୁଛି । ଗିରଫ ୨ ଜଣ ଜୁଆଡିଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ବ୍ରାହ୍ମଣ ମହାସଂଘ ପକ୍ଷରୁ ପର୍ଶୁରାମ ଜୟନ୍ତୀ



**ବାରିପଦା, ୧୯।୪(ସମିସ):** ରବିବାର ଭଗବାନ ବିଷ୍ଣୁଙ୍କ ଷଷ୍ଠ ଅବତାର, ଧର୍ମ ରକ୍ଷକ ଚିରଞ୍ଜିବୀ ଭଗବାନ ଶ୍ରୀ ପର୍ଶୁରାମଙ୍କ ଜନ୍ମ ଜୟନ୍ତୀ ପାଳନ କରାଯାଇଛି । ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ତିଥି ତଥା ଆଜିର ଦିନରେ ଭଗବାନ ପର୍ଶୁରାମ ଜନ୍ମଗ୍ରହଣ କରିଥିଲେ । ତେଣୁ ପ୍ରତିବର୍ଷ ଏହି ଦିନକୁ ପର୍ଶୁରାମ ଜୟନ୍ତୀ ଭାବେ ପାଳନ କରାଯାଇଥାଏ । ପର୍ଶୁରାମ ଜଣେ ବ୍ରାହ୍ମଣ ଯୋଦ୍ଧା ଥିଲେ । ଯିଏ ଧର୍ମ ସ୍ଥାପନା ପାଇଁ ଅଧର୍ମୀଙ୍କ ବିରୋଧରେ ଯୁଦ୍ଧ କରିଥିଲେ । ତେଣୁ ଭଗବାନ ପର୍ଶୁରାମଙ୍କୁ ବ୍ରାହ୍ମଣ କୂଳର ପ୍ରଥମ ଗୁରୁ ବା ମାର୍ଗଦର୍ଶକ ରୂପେ ବରଣ କରି ଆଜି ବାରିପଦାଠାରେ ରାଜ୍ୟ ବ୍ରାହ୍ମଣ ମହାସଙ୍ଘ ମୟୂରଭଞ୍ଜ ଶାଖା ପକ୍ଷରୁ ଭଗବାନ ପର୍ଶୁରାମ ଜୟନ୍ତୀ ପାଳନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବ୍ରାହ୍ମଣ ମହାସଙ୍ଘର ରାଜ୍ୟ ସଭାପତି ଡା. ସଦାନନ୍ଦ ଦୀକ୍ଷିତ, ମୟୂରଭଞ୍ଜ ଜିଲ୍ଲା ସଭାପତି ଅଲେଖ ରଞ୍ଜନ ପାଠୀ, ଜିଲ୍ଲା ସମ୍ପାଦକ ଡା ଆଦିତ୍ୟ ପଣ୍ଡା, ବାରିପଦା ଜଗନ୍ନାଥ ମନ୍ଦିରର ପୂଜାପଣ୍ଡା ଅରୁଣ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିବାବେଳେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ୫୦ ଅଧିକ ବ୍ରାହ୍ମଣ ସମାଜର ସଦସ୍ୟ ଯୋଗ ଦେଇଥିଲେ । ଏ ଅବସରରେ ସର୍ବପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିବାବେଳେ ଭଗବାନ ପର୍ଶୁରାମଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା । ପରେ ଅତିଥିମାନେ ପର୍ଶୁରାମଙ୍କ ଜୟନ୍ତୀ ପାଳନ ସମ୍ପର୍କରେ ବିଶେଷ ଆଲୋକପାତ କରିଥିଲେ । ବିଶେଷ କରି ବ୍ରାହ୍ମଣ ସମାଜରେ ଦରିଦ୍ର୍ୟ ସୀମାରେଖା ତଳେ ଥିବା ବ୍ରାହ୍ମଣଙ୍କୁ ସଂଗଠନ ପକ୍ଷରୁ କିଭଳି ସାହାଯ୍ୟ ଓ ସହଯୋଗ କରାଯାଇପାରିବ, ସେ ନେଇ ରାଜ୍ୟ ସଭାପତି ସଦାନନ୍ଦ ଦୀକ୍ଷିତ ସୂଚନା ଦେଇଛନ୍ତି ।

## ପୁରିଖୁଣ୍ଟା ମୁନି ସମାଜର ଚତୁର୍ଥ ବାର୍ଷିକ ଉତ୍ସବ



**ବେତନଟୀ, ୧୯।୪(ସମିସ):** ବେତନଟୀ ବ୍ଲକ ଅନ୍ତର୍ଗତ ପୁରିଖୁଣ୍ଟା ମୁନି ସମାଜର ୪ର୍ଥ ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ସତ୍ୟ ପତାକା ଉତ୍ତୋଳନ କରିଥିଲେ ମୁଖ୍ୟଅତିଥି ଯୋଗାଚାର୍ଯ୍ୟ ସୁଧାଂଶୁ ଶେଖର ମୁନି । ସମବେତ ପତାକା ସଙ୍ଗୀତ ଗାନ ପରେ ଆୟୋଜିତ ସଭାରେ ଜ୍ଞାନଦୀପ ପତ୍ରିକାର ସମ୍ପାଦକ ଯୋଗୀ ସଞ୍ଜୟ ମୁନି ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ଦର୍ଶନ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ସୁଲେଖକ ଯୋଗାଚାର୍ଯ୍ୟ ସୁଧାଂଶୁ ଶେଖର ମୁନି ଯୋଗଦେଇ ଜଡ ଓ ଚେତନର ରହସ୍ୟ ଓ କାଳ୍ପନିକ ପୂଜା ସମ୍ବନ୍ଧରେ ଅଭିଭାଷଣ ରଖିଥିଲେ । ମୁଖ୍ୟବକ୍ତା ଭାବେ ଯୋଗ ଶିକ୍ଷୟିତ୍ରୀ ଶାନ୍ତିଲତା ବେହେରା ଯୋଗର ଗୁଢ ରହସ୍ୟ ସହ ମନୁଷ୍ୟ କିପରି ନିରୋଗ ରହିବ ସେ ସମ୍ପର୍କରେ କହିଥିଲେ । ସମ୍ମାନିତ ବକ୍ତା ଭାବେ ମୟୂରଭଞ୍ଜ ଜିଲ୍ଲା ମୁନି ସମାଜର ସମ୍ପାଦିକା ମୁନିରାଜ୍ଞୀ ଡଃ ଅଳକା ମଞ୍ଜରୀ ଭୂୟାଁ ଯୋଗଦେଇ ଜୀବନ ମୁକ୍ତିର ରହସ୍ୟ ଉନ୍ମୋଚନ କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗୀ ଗଦାଧର ମୁନି, ଯୋଗୀ ଜୟଚନ୍ଦ୍ର ମୁନି, ମୁନିରାଜ୍ଞୀ ସୁମତୀ ଓ ମୁନିମତୀ ଗୀତାଞ୍ଜଳି ଭୂୟାଁ ନିଜର ଅଭିମତ ବ୍ୟକ୍ତ କରିଥିଲେ । ସଭାର ସଂଯୋଜକ ଯୋଗୀ ସତୀଶ ମୁନି ପ୍ରାରମ୍ଭିକ ଅଭିଭାଷଣ ସହ ସଭାର ଉଦ୍ଦେଶ୍ୟ ସମ୍ବନ୍ଧରେ କହିଥିଲେ । ମୁନିମତୀ ନୟନା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ସଭାପତିଙ୍କ ଅଭିଭାଷଣ ପରେ ଯୋଗୀ ବିପିନ ମୁନି ଧନ୍ୟବାଦ ଅର୍ପଣ କରିଥିଲେ । ମୁନି ବିନୋଦ ମହାନ୍ତ, ରଇବୁ ମୁନି, ଭାଗୀରଥି ମୁନି, ଗୋବିନ୍ଦ ମୁନି, ସୀତାରାମ, ଈଶ୍ୱର, ଡାକ୍ତର ମୁନି, ନରେନ୍ଦ୍ର ମୁନି, ପରମାନନ୍ଦ ମୁନି, ସୁବାସ ମୁନି, ପୂର୍ଣ୍ଣଚନ୍ଦ୍ର, ମୁନିମତୀ ସୁମିତ୍ରା, ମୁନିମତୀ ପ୍ରେମଲତା, ଡ. ଚନ୍ଦ୍ରମୋହନ ମହାନ୍ତ ଓ ସ୍ଥାନୀୟ ମୁନି ସମାଜର ସମସ୍ତ ସଦସ୍ୟ ସଦସ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ଘୁଲୁଘୁଲିଆ ସ୍କୁଲ ମଧ୍ୟାହ୍ନଭୋଜନରେ ଅବ୍ୟବସ୍ଥା

# ପିଲାଙ୍କୁ ପଚା ଅଣ୍ଡା ଦିଆଯାଉଥିବା ଅଭିଯୋଗ

**ମହୁଲଡିହା, ୧୯।୪(ସମିସ)**

ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ପଞ୍ଚାୟତର ଘୁଲୁଘୁଲିଆ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପରିଚାଳନାରେ ଅବ୍ୟବସ୍ଥାର ଅଭିଯୋଗ କରାଯାଇଛି । ଅଭିଭାବକ ଅଭିଯୋଗ କଲେ ଧମକପୂର୍ଣ୍ଣ କୁଭାଷା ପ୍ରୟୋଗ କରୁଛନ୍ତି ପ୍ରଧାନଶିକ୍ଷୟିତ୍ରୀ । ବିଭିନ୍ନ ସମୟରେ ପିଲାଙ୍କୁ ପଚା ଅଣ୍ଡା ଖାଇବାକୁ ଦିଆଯାଉଥିବା ପିଲାମାନେ ଘରେ ଅଭିଯୋଗ କରୁଥିଲେ । ୧୭ ତାରିଖରେ ପୁଣି ଥରେ ଏହାର ପୁନରାବୃତ୍ତି ହୋଇଥିଲା । ସନ୍ଦେହରେ ଅଭିଭାବକ ସେଦିନ ସ୍କୁଲକୁ ଆସି ପଚା ଅଣ୍ଡା ଦିଆଯାଉଥିବା ଦେଖିବାକୁ ପାଇଥିଲେ । ଫଳରେ ପ୍ରଧାନ ଶିକ୍ଷୟିତ୍ରୀ ଉର୍ବଶୀ କରଙ୍କୁ ପଚାରିଥିଲେ ଅଭିଭାବକ । ଶିକ୍ଷୟିତ୍ରୀ ଆଲୋଚନା କରିବା ପରିବର୍ତ୍ତେ ଅଭିଭାବକଙ୍କୁ ଗାଳିଗୁଲଜ ସହିତ କୁଭାଷା ପ୍ରୟୋଗ କରିଥିଲେ । ଫଳରେ ଅଭିଭାବକ ସିଆରସିସି ଜ୍ୟୋତି ରଞ୍ଜନ ପାତ୍ରଙ୍କୁ ସୂଚନା ଦେଇଥିଲେ । ସିଆରସିସି ଆସିବା ପରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଘଟଣା ସମ୍ପର୍କରେ ପଚାରିଥିଲେ । ମାତ୍ର ପ୍ରଧାନ ଶିକ୍ଷୟିତ୍ରୀ ତାଙ୍କୁ ମଧ୍ୟ ଅଭିଭାବକଙ୍କ ଉପସ୍ଥିତିରେ ଆଚରଣ ଓ ଉଚ୍ଚାରଣରେ ତାରତମ୍ୟ ପରିଲକ୍ଷିତ ହୋଇଥିଲା । ଫଳରେ ଅଭିଭାବକ ସିଆରସିସିଙ୍କ ଜରିଆରେ ବିଇଓଙ୍କୁ ବଦଳି ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି । ୨୦ ତାରିଖ ସୁଦ୍ଧା ବଦଳି କରା ନ ଗଲେ ସ୍କୁଲରେ ତାଲା ପକାଇବାକୁ ଚରମ ବାଣୀ ଶୁଣାଇଛନ୍ତି ଅଭିଭାବକ । ଆଜି ଠାକୁରମୁଣ୍ଡା ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଚତୁର୍ଭୁଜ ବାରିକଙ୍କ ମତାମତ ନେବାରୁ ସେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରି ସୋମବାର ସୁଦ୍ଧା ଅଫିସରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇ ଜିଲ୍ଲା ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ପ୍ରଧାନ ଶିକ୍ଷୟିତ୍ରୀଙ୍କ ମତାମତ ନେବାରୁ ପଚା ଅଣ୍ଡା ଥିବା ସ୍ୱୀକାର କରିଛନ୍ତି । ଅଣ୍ଡା ଆଣିଲେ ପିଲାଙ୍କୁ ଅଣ୍ଡା ଦେଇଦେବେ ବୋଲି କହିଛନ୍ତି । ପୂର୍ବରୁ ବିଇଓଙ୍କୁ ଅନ୍ୟତ୍ର ବଦଳି ହୋଇଯିବା ପାଇଁ ଚାହୁଁଛନ୍ତି ବୋଲି କହିଛନ୍ତି ।



# ସମ୍ପାଦକୀୟ



ବିଶ୍ୱର ୪୦ ପ୍ରତିଶତ ଲୋକଙ୍କ ଅର୍ଦ୍ଧାଧିକ ପାନୀୟ ଜଳ ଚାହିଦା ହିମାଳୟ ଦ୍ୱାରା ପୂରଣ ହେଉଛି । ତେଣୁ ହିମାଳୟର ସୁରକ୍ଷା ସର୍ବାଗ୍ରେ ।
-ଅଲ୍ ଗୋରେ

ସକାଳ
THE SAKALA

## ସତ କ'ଣ ?

୧୭ ଏପ୍ରିଲ ୨୦୨୬ । ଏହି ତାରିଖକୁ ନେଇ ଏବେ ଭାରତୀୟ ରାଜନୀତି ଉଠୁଛି ଏବଂ ପଡୁଛି । ଉତ୍ତରରୁ ଦକ୍ଷିଣ ଏବଂ ପୂର୍ବରୁ ପଶ୍ଚିମ ପର୍ଯ୍ୟନ୍ତ ସବୁଠାରେ ଏହାକୁ ନେଇ ଚର୍ଚ୍ଚା ଆଲୋଚନା । ଯେଉଁ ପ୍ରସଙ୍ଗକୁ ନେଇ ଏତେସବୁ ବିତର୍କ ଚାଲିଛି, ତାହା ହେଉଛି ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍। ଏହା ୧୭ ଏପ୍ରିଲ ସନ୍ଧ୍ୟାରେ ଲୋକସଭାରେ କାଟ୍ ଖାଇଗଲା । ଏହି ବିଲ୍‌ରେ କ'ଣ ବ୍ୟବସ୍ଥା ଥିଲା? ଏହା କାହିଁକି କାଟ୍ ଖାଇଲା? ଯଦି ସରକାର ପାଖରେ ଆବଶ୍ୟକ ସଂଖ୍ୟା ନ ଥିଲା, ତାହାହେଲେ ଏଭଳି ବିଲ୍ ଆସିଲା କାହିଁକି? ଏହା ଉପରେ ସହମତି ପାଇଁ ସମସ୍ତ ରାଜନୈତିକ ଦଳଙ୍କ ସହିତ ବିଚାରବିମର୍ଶ କରାଯାଇଥିଲା କି? ଏହିସବୁ ପ୍ରଶ୍ନ ଉପରେ ଆଲୋଚନା କରାଯିବାର ଆବଶ୍ୟକତା ରହିଛି । କିନ୍ତୁ କିଛି ନିର୍ଦ୍ଦିଷ୍ଟ ଗଣମାଧ୍ୟମ ଏହାକୁ ଭିନ୍ନ ଚିତ୍ର ଦେବାରେ ଲାଗିଛନ୍ତି ।

ଉପରୋକ୍ତ ସମ୍ବିଧାନ ସଂଶୋଧନ ବିଲ୍ ଉପରେ ଆଲୋଚନା ଓ ଅନୁମୋଦନ ଲାଗି ସରକାର ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକିଥିଲେ । ଅଧିବେଶନର ପ୍ରଥମ ଦିନ ୧୬ ତାରିଖରେ ସରକାର ତିନିଟି ବିଲ୍ ଆଗତ କରିଥିଲେ ଏବଂ ତିନିଟି ଯାକ ବିଲ୍‌କୁ ଯୋଡ଼ି ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍‌ରେ ସାମିଲ କରାଯାଇଥିଲା । ଏହି ବିଲ୍‌ରେ ଥିଲା ଦୁଇଟି ମୁଖ୍ୟ ପ୍ରସଙ୍ଗ । ପ୍ରଥମଟି ହେଲା ସଂସଦ ଓ ବିଧାନସଭାରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ ଏବଂ ଦ୍ୱିତୀୟଟି ଥିଲା ଲୋକସଭା ଓ ବିଧାନସଭା ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ । ଏହି ବିଲ୍ ଆଗତ କରି ସରକାର ଯୁକ୍ତି ରଖିଥିଲେ ଯେ ମହିଳା ଆସନ ସଂରକ୍ଷଣ ପାଇଁ ଲୋକସଭା ଏବଂ ବିଧାନସଭାରେ ନିର୍ବାଚନମଣ୍ଡଳୀ ସଂଖ୍ୟା ବଢ଼ିବା ଜରୁରୀ । ଏଥିପାଇଁ ଲୋକସଭାରେ ଆସନ ସଂଖ୍ୟା ୫୪୩ରୁ ୮୫୦କୁ ବୃଦ୍ଧି କରିବା ଲାଗି ପ୍ରସ୍ତାବ ଦିଆଯାଇଥିଲା । କିନ୍ତୁ ସରକାରଙ୍କ ଯୁକ୍ତି ସହ ବିରୋଧୀ ଦଳ ସହମତ ନ ଥିଲେ । ବିରୋଧୀ ଦଳ କହିଥିଲେ ଯେ ସେମାନେ କେବେହେଲେ ମହିଳା ଆସନ ସଂରକ୍ଷଣ ବିଲ୍‌କୁ ବିରୋଧ କରନ୍ତି ନାହିଁ କି କରିବେ ବି ନାହିଁ । କିନ୍ତୁ ଏହାସହିତ ସୀମା ପୁନଃନିର୍ଦ୍ଧାରଣକୁ କାହିଁକି ଯୋଡ଼ାଯାଉଛି । ସୀମା ପୁନଃନିର୍ଦ୍ଧାରଣ ନ କରି ଲୋକସଭା ଓ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ଭାଗ ଆସନ ସଂରକ୍ଷଣ କରାଯାଇପାରିବ । ସରକାର ସୀମା ପୁନଃନିର୍ଦ୍ଧାରଣକୁ ବାଦ୍ ଦେଇ କେବଳ ମହିଳା ସଂରକ୍ଷଣ ବିଲ୍ ଆଣନ୍ତୁ, ଏହାକୁ ପୂର୍ଣ୍ଣମାତ୍ରାରେ ସମର୍ଥନ ଦେବାକୁ ସେମାନେ ପ୍ରସ୍ତୁତ ଅଛନ୍ତି । ୨୦୨୩ରେ ସଂସଦରେ ମହିଳା ସଂରକ୍ଷଣ ବିଲ୍ ସବୁ ଦଳର ସହମତି ଓ ସମର୍ଥନରେ ପାସ୍ ହୋଇଥିଲା । ଏହି ଆଇନକୁ କତୁରନ୍ତ କାର୍ଯ୍ୟକାରୀ କରାଯାଉ । ନ ହେଲେ, ଯଦି ସରକାର ଏଥିରେ ସଂଶୋଧନ କରି ସଂରକ୍ଷଣ ପ୍ରତିଶତ ହାର ୫୦ ଭାଗ କରିବାକୁ ଚାହାନ୍ତି, ତାହା ମଧ୍ୟ ଆଣନ୍ତୁ, ସେମାନେ ସମର୍ଥନ ଦେବାକୁ ପ୍ରସ୍ତୁତ ଅଛନ୍ତି । ବିରୋଧୀ ବେଞ୍ଚରେ ଥିବା ସବୁ ରାଜନୈତିକ ଦଳର ଏହି ମତ ଥିଲା; କିନ୍ତୁ ସୀମା ପୁନଃନିର୍ଦ୍ଧାରଣ ବିଲ୍‌କୁ ସମର୍ଥନ କରିବାକୁ ସେମାନେ ମନା କରିଦେଇଥିଲେ । ବିରୋଧୀ ଅଭିଯୋଗ କରିଥିଲେ ଯେ ୨୦୧୧ ଜନଗଣନା ଆଧାରରେ ସୀମା ପୁନଃନିର୍ଦ୍ଧାରଣ ହେଲେ ଅନେକ ରାଜ୍ୟ ଉଚିତ ପ୍ରତିନିଧିତ୍ୱରୁ ବଞ୍ଚିତ ହେବେ । ସୀମା ପୁନଃନିର୍ଦ୍ଧାରଣ ପାଇଁ ସରକାର ୨୦୨୬ ଜନଗଣନାକୁ ଅପେକ୍ଷା କରନ୍ତୁ ବୋଲି ସେମାନେ ଦାବି କରିଥିଲେ । କିନ୍ତୁ ସରକାର ସେମାନଙ୍କ ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରି ଏହି ଦୁଇଟି ପ୍ରସଙ୍ଗକୁ ଯୋଡ଼ି ସମ୍ବିଧାନ ସଂଶୋଧନ ବିଲ୍ ଆଣିଲେ ଏବଂ ଏହା କାଟ୍ ଖାଇଗଲା ।

ଗୃହରେ ସମ୍ବିଧାନ ସଂଶୋଧନ ବିଲ୍ ପାସ୍ କରାଇବାକୁ ହେଲେ ମତଦାନ ବେଳେ ଉପସ୍ଥିତ ସଭ୍ୟଙ୍କ ମଧ୍ୟରୁ ଦୁଇ ତୃତୀୟାଂଶ ସମର୍ଥନ ଜରୁରୀ । ମତଦାନ ବେଳେ ଲୋକସଭାରେ ୫୨୮ ସାଂସଦ ଭାଗ ନେଇଥିବା ବେଳେ ବିଲ୍ ସପକ୍ଷରେ ୨୯୮ ଏବଂ ବିରୋଧରେ ୨୩୦ଟି ଭୋଟ୍ ପଡ଼ିଥିଲା । ବିଲ୍ ପାସ୍ ଲାଗି ୩୫୨ଟି ଭୋଟ୍ ଦରକାର ଥିବା ବେଳେ ୫୪ଟି ଭୋଟ୍ କମ୍ ପଡ଼ିଲା । ତେଣୁ ବିଲ୍ କାଟ୍ ଖାଇଲା । ଏବେ ପ୍ରଶ୍ନ ଉଠୁଛି ସରକାରଙ୍କ ପାଖରେ ଆବଶ୍ୟକ ସଂଖ୍ୟା ନ ଥିଲା ଏବଂ ସରକାର ଜାଣିଥିଲେ ଯେ ଏହି ବିଲ୍ ବିରୋଧୀଙ୍କ ବିନା ସମର୍ଥନରେ ପାସ୍ ହୋଇପାରିବ ନାହିଁ । ତଥାପି ସରକାର ବିଲ୍ ଆଣିଲେ କାହିଁକି ଏବଂ ଏ ସଂପର୍କରେ ସର୍ବଦଳୀୟ ବୈଠକ ଡାକି ଆଗରୁ ଆଲୋଚନା କରାଗଲା ନାହିଁ କାହିଁକି? ବିରୋଧୀମାନଙ୍କ ଏହି ପ୍ରଶ୍ନର ଜବାବ ଦେବାକୁ କେହି ପ୍ରସ୍ତୁତ ନୁହନ୍ତି ।

ବିରୋଧୀ ଦଳର ନେତାମାନେ ଅଭିଯୋଗ କରିଛନ୍ତି ଯେ ମହିଳା ସଂରକ୍ଷଣ ବିଲ୍‌କୁ ଢାଲ କରି ନିଜର ରାଜନୈତିକ ସ୍ୱାର୍ଥ ହାସଲ କରିବାକୁ ଚାହୁଁଥିଲେ ସରକାର । ସରକାର ଏହି ବିଲ୍ ଜରିଆରେ ସମଗ୍ର ଭାରତ ବର୍ଷରେ ଏଭଳି ନିର୍ବାଚନୀ ମାନଚିତ୍ର ତିଆରି କରିବାକୁ ଯାଉଥିଲେ, ଯାହା କେବଳ କ୍ଷମତାସୀନ ବିଜେପିକୁ ଲାଭ ପହଞ୍ଚାଇ ଥାଆନ୍ତା । ସରକାରଙ୍କ ଅନୁସାରେ ଯଦି ୫୦ ପ୍ରତିଶତ ଆସନ ସଂଖ୍ୟାର ହିସାବ କରାଯାଏ, ତାହାହେଲେ ଉତ୍ତର ଭାରତ ଓ ଦକ୍ଷିଣ ଭାରତ ମଧ୍ୟରେ ଆସନ ତାରତମ୍ୟ ଆହୁରି ବଢ଼ିଯିବ । ଉତ୍ତର ଭାରତକୁ ପ୍ରାୟ ୨୦୦ ଆସନର ଫାଇଦା ମିଳିବ ଏବଂ ଦକ୍ଷିଣ ଭାରତ ରାଜ୍ୟମାନଙ୍କ ଭାଗରେ ପଡ଼ିବ ମାତ୍ର ୬୬ଟି ଅଧିକ ଆସନ । ଓଡ଼ିଶା ସମେତ ଅନ୍ୟ ଛୋଟ ଛୋଟ ରାଜ୍ୟଙ୍କୁ ମଧ୍ୟ ଏହି ଦଶା ଭୋଗିବାକୁ ପଡ଼ିବ । ବିରୋଧୀଙ୍କର ଯୁକ୍ତି ହେଲା ଯେ ୮୫୦ ସଭ୍ୟ ବିଶିଷ୍ଟ ଲୋକସଭାରେ ସଂଖ୍ୟାଗରିଷ୍ଠତା ସଂଖ୍ୟା ହେଉଛି ୪୨୬ । ଦକ୍ଷିଣ ଭାରତ ଅପେକ୍ଷା ଉତ୍ତର ଭାରତକୁ ଅଧିକ ଆସନ ମିଳିଲେ ଜାତୀୟ ରାଜନୀତି ଓ ନୀତି ନିର୍ଦ୍ଧାରଣରେ ଉତ୍ତର ଭାରତର ଆଧିପତ୍ୟ ରହିବ । ପୁଣି ଦକ୍ଷିଣ ଭାରତ ତୁଳନାରେ ଉତ୍ତର ଭାରତ ସମେତ ମଧ୍ୟ ଓ ପଶ୍ଚିମ ଭାରତରେ ବିଜେପିର ସ୍ଥିତି ଭଲ ରହିଥିବାରୁ ନିଜର ନିର୍ବାଚନୀ ଫାଇଦା ଲାଗି ସରକାର ଏଭଳି ଚାଲ୍ ଖେଳିଥିଲେ । ମହିଳା ସଂରକ୍ଷଣ ଅପେକ୍ଷା ସୀମା ପୁନଃନିର୍ଦ୍ଧାରଣକୁ ସରକାର ଅଗ୍ରାଧିକାର ଦେଉଥିଲେ । ମହିଳାଙ୍କ ସଂରକ୍ଷଣ ପ୍ରତି ଯଦି ସରକାରଙ୍କ ଆନ୍ତରିକତା ଥିଲା, ତାହା ହେଲେ ସୀମା ପୁନଃନିର୍ଦ୍ଧାରଣ ବିଲ୍‌ଠାରୁ ଏହାକୁ ଅଲଗା କରି ଆଗତ କରିଥା'ନ୍ତେ । ଏହାକୁ ସମର୍ଥନ ପାଇଁ ସବୁ ଦଳ ପ୍ରସ୍ତୁତ ଥିଲେ । କିନ୍ତୁ ଏହା ନ କରି ସରକାର ସୀମା ପୁନଃନିର୍ଧାରଣ ଜିଦ୍‌ରେ ଅଟଳ ରହିଲେ । ଏହା ସରକାରଙ୍କ ଅସଲ ଉଦ୍ଦେଶ୍ୟ ଧରାଇଦେଲା । ସୀମା ପୁନଃନିର୍ଦ୍ଧାରଣ ପାଇଁ ମହିଳାଙ୍କୁ ଢାଲ ଭାବେ ବ୍ୟବହାର କରି ନାରୀଙ୍କୁ ଅପମାନିତ କରିଛନ୍ତି ସରକାର । ତେଣୁ ସରକାର ଭାରତୀୟ ନାରୀଙ୍କୁ କ୍ଷମା ମାଗନ୍ତୁ ବୋଲି ବିରୋଧୀ ଦଳ ଦାବି କରିଛନ୍ତି ।

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ

## ସନାତନ ସଂସ୍କୃତିର ବାହକ ଅକ୍ଷୟ ତୃତୀୟା

ନାଟ୍ୟକାର ଜଗନ୍ନାଥ ବେହେରା

ଜଗନ୍ନାଥ ସଂସ୍କୃତି ଏବଂ ଓଡ଼ିଶା କୃଷି କାର୍ଯ୍ୟରେ ଅକ୍ଷୟ ତୃତୀୟା ଦିନ ଟି ଅତି ଗୁରୁତ୍ୱପୂର୍ଣ୍ଣ । ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ତିଥିରେ ପାଳିତ ହୋଇଥାଏ ଏହି ପର୍ବ । ଭାରତୀୟ ଧାର୍ମିକ ଭାବନା ଏବଂ ସାଂସ୍କୃତିକ ଅନୁସାରେ ଏକ ତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଉତ୍ସବ ଅଟେ ।

ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ । ଧାନ, ପାନ ଏବଂ ମୀନ ଚାଷ ପାଇଁ ଭାରତ ବର୍ଷରେ ଏକ ଶ୍ରେଷ୍ଠ ରାଜ୍ୟ ରୂପରେ ପରିଗଣତି ହୋଇଛି । ସାଧାରଣତଃ ଏହି ତୃତୀୟା ଦିନ ସକାଳୁ ସକାଳୁ କୃଷକମାନେ ଅକ୍ଷି ମୁଠି ଅନୁକୂଳ କରନ୍ତି । କିଛି ଶସ୍ୟ ତଥା ବୀଜ ବା ବିହନ ବୁଣିବା କାର୍ଯ୍ୟ ସକାଳୁ ସମ୍ପାଦନ କରନ୍ତି । ସକାଳୁ ଉଠି ସ୍ନାନ କରି ନୂଆ ବସ୍ତ୍ର ପରିଧାନ ପୂର୍ବକ ଜମିକୁ ପୂଜା କରି ଭଗବାନଙ୍କ ନାମରେ ବିହନ ବୁଣନ୍ତି । ଓଡ଼ିଶାର ମଉଡ଼ମଣି ବିଶ୍ୱବନ୍ଦିତ ଠାକୁର କାଳିଆ ସାଆନ୍ତ ନରେନ୍ଦ୍ର ପୋଖରୀରେ ଆଜିଠାରୁ ଚାପ ଖେଳନ୍ତି । ଏହାକୁ ଚନ୍ଦନ ଯାତ୍ରା କୁହାଯାଏ, ଯାହା କି ଏକୋଇଶି ଦିନ ଧରି ଅନୁଷ୍ଠିତ ହୋଇଥାଏ । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ନିମନ୍ତେ ପ୍ରଭୁ ଜଗନ୍ନାଥ ଦେହରେ ଚନ୍ଦନ ବୋଳି ହୋଇ ନୌ-ବିହାର କରନ୍ତି । ରଥ ଖଳାରେ ଗୁଣ୍ଡିଚା ଯାତ ନିମନ୍ତେ ପ୍ରସ୍ତୁତ ହେବାକୁ ଥିବା ତିନି ରଥ ପାଇଁ ଅକ୍ଷୟ ତୃତୀୟା ଦିନ କାଠ କାମ ପୂଜାର୍ଚ୍ଚନା ସହିତ ଆରମ୍ଭ ହୋଇଥାଏ ।

ଅକ୍ଷୟ ତୃତୀୟା ପଛରେ କିଛି ପୌରାଣିକ ତଥ୍ୟ ରହିଛି । ମଦୁରାଇ ମନ୍ଦିରରେ ଆଜିର ଦିନରେ ମାତା ମିନାକ୍ଷୀ ଦେବୀଙ୍କର ପ୍ରଭୁ ସୁନ୍ଦରେଶ୍ୱରଙ୍କ ସହିତ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥାଏ । ସନ୍ଦୀପନି ଋଷି ଆଶ୍ରମରେ ଭଗବାନ ଶ୍ରୀକୃଷ୍ଣ ଏବଂ ସୁଦାମା ଏକତ୍ର



ବିଦ୍ୟା ଅଧ୍ୟୟନ କରୁଥିଲେ । ସମୟକ୍ରମେ ଶ୍ରୀକୃଷ୍ଣ ଦ୍ୱାରକାର ରାଜା ହୋଇଥିବା ବେଳେ ସୁଦାମା ଦରିଦ୍ରତମ ଜୀବନଯାପନ କରୁଥିଲେ । ନିଜର ଦରିଦ୍ରତା ଦୂରୀକରଣ ନିମନ୍ତେ ଭଗବାନଙ୍କ ଦରବାରରେ ଗାମୁଛାରେ ମୁଠାଏ ଖୁଦଭଜା ଧରି ପହଞ୍ଚି ଥିଲେ ସୁଦାମା । କିନ୍ତୁ ପିଲାଦିନର ସାଙ୍ଗକୁ ରାଜା ବେଶରେ ଦେଖି ନିଜ ମନ କଥା କହି ପାରିଲେ ନାହିଁ । ଭାବଗ୍ରାହୀ ଭଗବାନ ଶ୍ରୀକୃଷ୍ଣ ମନକଥା ଜାଣି ପାରି ସୁଦାମାଙ୍କୁ ମୁଠାଏ ଖୁଦ ବଦଳରେ ମୁଠାଏ କଉଡ଼ି ପ୍ରଦାନ କରି କହିଥିଲେ, ଆଜିଠାରୁ ତୁମର କୌଣସି ଅଭାବ ରହିବ ନାହିଁ । ସେହିଦିନଟି ଥିଲା ଅକ୍ଷୟ ତୃତୀୟା ।

ଅନ୍ୟ ଏକ ପୌରାଣିକ କିମ୍ବଦନ୍ତୀ ଅନୁସାରେ, ପାଣ୍ଡବମାନେ ଘୋର ବନାନୀ ମଧ୍ୟରେ ଋଷିମାନଙ୍କୁ ଅନ୍ନ ପ୍ରଦାନ କରିବାର ଥିଲା । ପାଣ୍ଡବ ମାନଙ୍କ ଦ୍ୱାରା ଦିଆଯାଇଥିବା ପ୍ରସାଦ ସେବନ ନିମନ୍ତେ ଆଶାଠାରୁ ଅଧିକ ଋଷି ଉପସ୍ଥିତ ହୋଇଗଲେ । ପାଣ୍ଡବ ପାଞ୍ଚ ଭାଇ ବଡ଼ ଚିନ୍ତା ବା ଧର୍ମସଙ୍କଟରେ ପଡ଼ିଗଲେ । ହଜାର ହଜାର ଋଷିଙ୍କୁ କିପରି ଆପ୍ୟାୟିତ କରିବେ । ଅନ୍ତର୍ଯ୍ୟାମୀ ଭଗବାନ ଶ୍ରୀକୃଷ୍ଣ ସବୁ ଜାଣି ପାରି ପାଣ୍ଡବମାନଙ୍କୁ ଏକ ଅକ୍ଷୟ ପାତ୍ର ପ୍ରଦାନ କରିଥିଲେ । ସେଥିରୁ ଯେତେ ଖାଦ୍ୟ ଦିଆଗଲେ ମଧ୍ୟ କୌଣସିମତେ ଖାଦ୍ୟ ସରିବ ନାହିଁ । ଏହି ଅକ୍ଷୟ ପାତ୍ରକୁ ଅକ୍ଷୟ ତୃତୀୟା ଦିନ ଶ୍ରୀକୃଷ୍ଣ ପ୍ରଦାନ କରିଥିଲେ ।

ଆଉ ଏକ ତଥ୍ୟ ଅନୁଯାୟୀ, ବେଦବ୍ୟାସ ମୁନି ନିଜ ଲିଖନ ମୁନ ସାହାଯ୍ୟରେ ଅକ୍ଷୟ ତୃତୀୟା ଦିନ ହିଁ ମହାଭାରତ ରଚନା ଆରମ୍ଭ କରିଥିଲେ । ଅକ୍ଷୟ ତୃତୀୟା ଦିନ ଭଗବାନ ତାଙ୍କର ଷଷ୍ଠ ଅବତାର ନେଇ ଧରା ପୃଷ୍ଠକୁ ଅବତରଣ କରିଥିଲେ, ଯାହାକି ପର୍ଶୁରାମ ଅବତାର ନେଇ ଦୃଷ୍ଟ ଦମନ କରିଥିଲେ । ଭାଗିରଥୀ ନିଜ ତପସ୍ୟା ବଳରେ ଗଙ୍ଗା ନଦୀକୁ ଧରାରେ ଅବତରଣ କରିବାକୁ ସକ୍ଷମ ଏହି ଅକ୍ଷୟ ତୃତୀୟା ଦିନ ହିଁ ହୋଇଥିଲେ ।

ଉପରୋକ୍ତ ସମସ୍ତ ପୁରାଣ ବିଷୟ ଅନୁଯାୟୀ, ଅକ୍ଷୟ ତୃତୀୟା ଦିନ ଯେକୌଣସି କାର୍ଯ୍ୟ ଆରମ୍ଭ କଲେ, ତାହା ଶୁଭ ଏବଂ ଲାଭ ହୋଇଥାଏ । ପାଠ ଆରମ୍ଭ, ଧନ ସଞ୍ଚୟ କୃଷି ଅନୁକୂଳ ପରି ବିଭିନ୍ନ କାର୍ଯ୍ୟ ଆରମ୍ଭ କଲେ, ତାହା ଯୁଗ ଯୁଗ ପାଇଁ ଶୁଭ ଫଳ ପ୍ରଦାନ କରିଥାଏ ବୋଲି ବିଶ୍ୱାସ ରହିଛି । ସନାତନ ସଂସ୍କୃତିରେ ଅକ୍ଷୟ ତୃତୀୟା ହେଉଛି ଏକ ସ୍ୱତନ୍ତ୍ର ବିଶେଷତ୍ୱ ରଖୁଥିବା ପର୍ବ ମଧ୍ୟରୁ ଗୋଟିଏ ।

ଗାୟତ୍ରୀ ନଗର, ନବରଙ୍ଗପୁର
ମୋ- ୯୪୩୭୭୮୫୧୫୮

## ଅର୍ଥ ପରିଚାଳନାରେ ଆଧ୍ୟାତ୍ମିକତା: ସମୃଦ୍ଧି ସହ ମୂଲ୍ୟବୋଧର ସମନ୍ୱୟ

ଅନନ୍ତ ଚରଣ ସ୍ୱାଇଁ

ଆଧୁନିକ ଯୁଗରେ ଅର୍ଥନୀତି ଓ ଆର୍ଥିକ ପରିଚାଳନା ମାନବ ଜୀବନର ଅଖଣ୍ଡ ଅଂଶ ହୋଇପଡ଼ିଛି । ଏହା ସହିତ ଆଧ୍ୟାତ୍ମିକ ଚିନ୍ତନର ସମ୍ମିଳନ ହେଲେ, ଏହାର ସଠିକ ଓ ସାର୍ଥକ ପରିଣାମ ଦେଖିବାକୁ ମିଳେ । ଆଧ୍ୟାତ୍ମିକ ବିଚାରଧାରା ମାନବଜୀବନର ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ଆଣିଥାଏ, ଏବଂ ଅର୍ଥ ପରିଚାଳନାରେ ଏହା ନୈତିକ ମୂଲ୍ୟବୋଧ, ସତ୍ୟନିଷ୍ଠା ଓ କରୁଣାକୁ ପ୍ରୋତ୍ସାହିତ କରେ । ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଧନ କେବଳ ଏକ ସଂଗ୍ରହ କରିବାର ବସ୍ତୁ ନୁହେଁ; ବରଂ ଏକ ସାଧନ । ଧନ ଉପାର୍ଜନ, ସଞ୍ଚୟ, ବିନିଯୋଗ ଓ ବ୍ୟୟ—ଏସବୁକୁ ଆତ୍ମିକ ସଚେତନତା, ଧର୍ମ ଓ ନୈତିକତା ସହ ଯୋଡ଼ିଲେ, ଏହା ଜୀବନକୁ ସୁସଂଗଠିତ କରିଥାଏ । ପ୍ରାଚୀନ ଋଷିମାନେ ଧନକୁ ଏକ ଶକ୍ତି ଭାବରେ ଦେଖୁଥିଲେ, ଯାହା ସମୃଦ୍ଧି, ସମ୍ମାନ ଓ ସାମର୍ଥ୍ୟର ପ୍ରତୀକ ।

ଗତ କିଛି ବର୍ଷ ଧରି ଦେଶର ଅର୍ଥନୀତିରେ ଅନେକ ଉନ୍ନତି ଦେଖାଯାଇଛି । ଦାରିଦ୍ର୍ୟର ହାର କମିଛି ଓ ଅନେକ ଲୋକ ଆର୍ଥିକ ଭାବେ ସମୃଦ୍ଧ ହୋଇଛନ୍ତି; ତଥାପି ଏହି ସମୃଦ୍ଧି ସହିତ ଅସମତା ମଧ୍ୟ ବଢ଼ୁଛି । ସମ୍ପତ୍ତିର ବିତରଣରେ ଏହି ବ୍ୟାପକ ଅସମାନତା ସମାଜରେ ଅଶାନ୍ତି, ଅସନ୍ତୋଷ ଓ ଅନ୍ୟାୟର ଭାବନାକୁ ଜନ୍ମ ଦେଉଛି । ଆଜିର ଭୋଗବାଦୀ ସମାଜରେ ଧନ କେବଳ ଆବଶ୍ୟକତା ପୂରଣରେ ସୀମିତ ନ ରହି, ଏହା ପ୍ରଭାବ, ପ୍ରଭୁତ୍ୱ ଓ ଆତ୍ମସମ୍ମାନର ମାପଦଣ୍ଡ ହୋଇଯାଇଛି । ଏହି ପରିସ୍ଥିତି ମାନବକୁ ଲୋଭ, ଭୟ, ଈର୍ଷା ଓ ଅସନ୍ତୋଷର ଚକ୍ରବ୍ୟୂହରେ ପକାଇଦେଉଛି । ଏହି ସମୟରେ ଆଧ୍ୟାତ୍ମିକତା ଆମକୁ ଶିଖାଏ ଯେ ଧନର ଦାସ ହେବା ନୁହେଁ; ବରଂ ଧନକୁ ମାନବ ସେବାର ଉପକରଣ ଭାବେ ବ୍ୟବହାର କରିବା ଉଚିତ୍ । ଆଧ୍ୟାତ୍ମିକ ଅର୍ଥନୀତିର ମୂଳ ଲକ୍ଷ୍ୟ ହେଉଛି—ଆର୍ଥିକ ସଫଳତା ସହ ଆନ୍ତରିକ ଶାନ୍ତିର ସାଧନ । ପାରମ୍ପରିକ ଅର୍ଥନୀତି ଯେଉଁଠାରେ ବ୍ୟକ୍ତିଗତ ସମ୍ପତ୍ତି ବୃଦ୍ଧିରେ ଜୋର୍ ଦିଏ, ସେଠାରେ ଆଧ୍ୟାତ୍ମିକ ଅର୍ଥନୀତି ନୈତିକତା, ସଚ୍ଚୋଟତା, ସାମୂହିକ ସମୃଦ୍ଧି ଓ ମାନବୀୟ ମୂଲ୍ୟବୋଧକୁ ଗୁରୁତ୍ୱ ଦିଏ । ସତ୍ୟ ସମୃଦ୍ଧି କେବଳ ଧନରେ ନୁହେଁ; ଏହା ସ୍ୱାସ୍ଥ୍ୟ, ସୁଖ, ପ୍ରେମ, ଜ୍ଞାନ ଓ ଆନ୍ତରିକ ଶାନ୍ତିର ସମନ୍ୱୟ । ଏହା ଭଗବାନଙ୍କ ଆଶୀର୍ବାଦ ଓ ସମାଜ ପାଇଁ ଏକ ମୂଲ୍ୟବାନ ଉପହାର ।

କର୍ମ ଓ ଧନ ମଧ୍ୟରେ ଗଭୀର ସମ୍ପର୍କ ରହିଛି । ସତ୍ୟ, ନ୍ୟାୟ ଓ ନୈତିକତା ଉପରେ ଆଧାରିତ କର୍ମ ଦ୍ୱାରା ଅର୍ଜିତ ଧନ ଦୀର୍ଘସ୍ଥାୟୀ ଓ ଶାନ୍ତିଦାୟକ ହୁଏ । ଅନ୍ୟାୟ ଉପାୟରେ ଅର୍ଜିତ ଧନ ଅଶାନ୍ତି ଓ ଦୁଃଖ ଆଣିଥାଏ । ଦାନ ଓ ପରୋପକାର ଭାରତୀୟ ସଂସ୍କୃତିର ମୂଳ ଆଧାର । ଆୟର ଏକ ଅଂଶ ସମାଜକଲ୍ୟାଣ ପାଇଁ ବ୍ୟୟ କରିବା ଧନର ପବିତ୍ରତାକୁ ବଢ଼ାଇଥାଏ ଓ ଆଧ୍ୟାତ୍ମିକ ଉନ୍ନତିକୁ ସହାୟତା କରେ । ଗୀତାର କର୍ମଯୋଗ ଆମକୁ ଶିଖାଏ—ଫଳର ଆଶା ବିନା କର୍ତ୍ତବ୍ୟ ପାଳନ କରିବା, ଯାହା ଆର୍ଥିକ କାର୍ଯ୍ୟରେ ମଧ୍ୟ ପ୍ରାସଙ୍ଗିକ । ଆଧ୍ୟାତ୍ମିକ ଅର୍ଥ ପରିଚାଳନା ପାଇଁ କିଛି ମୂଳ ଅଭ୍ୟାସ ଅତ୍ୟାବଶ୍ୟକ—ସଚେତନ ବ୍ୟୟ, ନୈତିକ ଉପାର୍ଜନ, ସରଳ ଜୀବନ ଓ କୃତଜ୍ଞତା । ପ୍ରତ୍ୟେକ ଖର୍ଚ୍ଚ ପୂର୍ବରୁ ଏହା ଭାବିବା ଉଚିତ୍—ଏହା ଆବଶ୍ୟକ କି? ଏହା ସମାଜ ପାଇଁ ଉପକାରୀ କି? ଏହି ପ୍ରଶ୍ନଗୁଡ଼ିକ ଆମକୁ ସଠିକ ନିଷ୍ପତ୍ତି ନେବାରେ ସହାୟ କରେ । ବ୍ୟାଙ୍କିଂ, ବିମା ଓ ବିନିଯୋଗ କ୍ଷେତ୍ରରେ ମଧ୍ୟ ଆଧ୍ୟାତ୍ମିକ ମୂଲ୍ୟବୋଧ ଆଣିବା ଆବଶ୍ୟକ, ଯାହା ନୈତିକତା ଓ ଆଦର୍ଶକୁ ଶକ୍ତିଶାଳୀ କରିବ । ଅର୍ଥନୀତିରେ ଆଧ୍ୟାତ୍ମିକତା ଆମକୁ ଏକ ସନ୍ତୁଳିତ ଜୀବନ ଦର୍ଶନ ଦିଏ । ଏହା ଶିଖାଏ ଯେ ଧନ ଜୀବନର ଏକ ଅଂଶ; ସମଗ୍ର ଜୀବନ ନୁହେଁ । ଓଡ଼ିଶାର ଜଗନ୍ନାଥ ସଂସ୍କୃତି ଓ ସାମୂହିକ ଜୀବନ ଏହି ଦର୍ଶନର ଉତ୍କୃଷ୍ଟ ଉଦାହରଣ । ଆଜିର ବିଶ୍ୱରେ ବଢ଼ୁଥିବା ଆର୍ଥିକ ସଙ୍କଟ, ଚିନ୍ତା ଓ ଅସନ୍ତୋଷକୁ ଦୂର କରିବା ପାଇଁ ଆଧ୍ୟାତ୍ମିକ ଚିନ୍ତନର ଅତ୍ୟନ୍ତ ଆବଶ୍ୟକତା ରହିଛି । ଦାରିଦ୍ର୍ୟକୁ କେବଳ ଧନର ଅଭାବ ଭାବେ ନୁହେଁ; ବରଂ ସୁଯୋଗ, ଶିକ୍ଷା ଓ ସମ୍ମାନର ଅଭାବ ଭାବେ ବୁଝିବା ଦରକାର । ସମାଜର ସମୃଦ୍ଧ ଓ ଶିକ୍ଷିତ ଶ୍ରେଣୀ ଯଦି ସବଳ ଓ ସମବେଦନାଶୀଳ ଭାବରେ ଦୁର୍ବଳ ବର୍ଗଙ୍କୁ ସହଯୋଗ କରନ୍ତି, ତେବେ ଦାରିଦ୍ର୍ୟ ହ୍ରାସ ପାଇ ଏକ ସନ୍ତୁଳିତ, ସଫଳ ଓ ଶାନ୍ତିପ୍ରିୟ ସମାଜ ଗଠନ ହୋଇପାରିବ ।

ପଲେଇ (ଚାନ୍ଦୋଳ), କେନ୍ଦ୍ରାପଡ଼ା
ମୋ: ୭୩୮୧୦୪୬୪୭୭

## ବିକାଶର ପଥରେ ବାଧା: ରେଳ ସଂଯୋଗର ଅଭାବ

ସିତାଂଶୁ ଶେଖର ମିଶ୍ର

ସ୍ୱାଧୀନତା ପରେ ଭାରତ ଆଧୁନିକ ଢାଞ୍ଚାଗତ ବିକାଶରେ ଅନେକ ମାଇଲଷ୍ଟୋନ ସ୍ଥାପନ କରିଛି । ରାସ୍ତା, ବିମାନବନ୍ଦର, ବନ୍ଦର ଏବଂ ବିଶେଷତଃ ରେଳପଥରେ ଦେଶ ଦ୍ରୁତଗତିରେ ଆଗକୁ ବଢ଼ିଛି । ତଥାପି ଏହି ଉନ୍ନତିର ଚିତ୍ର ପୂର୍ଣ୍ଣ ନୁହେଁ । ଆଜି ମଧ୍ୟ ଭାରତର ଅନେକ ଉପଖଣ୍ଡ ରେଳପଥ ସଂଯୋଗରୁ ବଞ୍ଚିତ, ଯାହାର ପରିଣାମରେ ସେମାନଙ୍କର ସାମାଜିକ ଓ ଆର୍ଥିକ ବିକାଶ ଅପହଞ୍ଚ ରହିଯାଉଛି ।

ଭାରତର ରେଳ ନେଟ୍‌ୱର୍କ ବିଶ୍ୱର ଚତୁର୍ଥ ସବୁଠାରୁ ବଡ଼ ହୋଇଥିବା ସତ୍ତ୍ୱେ, ଏହାର ବିତରଣ ସମତାମୂଳକ ନୁହେଁ । ମେଟ୍ରୋ ସହର ଓ ଶିଳ୍ପାଞ୍ଚଳଗୁଡ଼ିକ ଉତ୍ତମ ସଂଯୋଗ ପାଇଥିବା ବେଳେ, ଗ୍ରାମୀଣ ଓ ପାର୍ବତୀୟ ଅଞ୍ଚଳଗୁଡ଼ିକ ଏପର୍ଯ୍ୟନ୍ତ ଅବହେଳିତ । ଏହାର ଫଳରେ ଶିକ୍ଷା, ଚିକିତ୍ସା, ବ୍ୟବସାୟ ଓ ରୋଜଗାରର ସୁଯୋଗ ସେଠାକୁ ପହଞ୍ଚି ପାରୁନାହିଁ ।

ଓଡ଼ିଶା ପରିପ୍ରେକ୍ଷୀରେ ଏହି ସମସ୍ୟା ଅଧିକ ସ୍ପଷ୍ଟ ଭାବେ ପ୍ରକାଶ ପାଉଛି । ସୁବର୍ଣ୍ଣପୁର ଜିଲ୍ଲାବାସୀଙ୍କ ଦୀର୍ଘଦିନର ଦାବି ସତ୍ତ୍ୱେ, ସମ୍ବଲପୁର–ସୁବର୍ଣ୍ଣପୁର ରେଳପଥ ପ୍ରକଳ୍ପ ପରି ଗୁରୁତ୍ୱପୂର୍ଣ୍ଣ ପରିକଳ୍ପନା ଆଜି ପର୍ଯ୍ୟନ୍ତ କାର୍ଯ୍ୟରୂପ ନେଇପାରି ନାହିଁ । ଏହାର ପଛରେ ପ୍ରଶାସନିକ ଅସମର୍ଥତା ସହିତ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ମୁଖ୍ୟ କାରଣ ଭାବେ ଦେଖାଯାଏ ।

ସରକାର ବିଭିନ୍ନ ସମୟରେ ନୂତନ ରେଳପଥ ଘୋଷଣା କରୁଥିବା ସତ୍ତ୍ୱେ, ସୁବର୍ଣ୍ଣପୁର ଜିଲ୍ଲାର ଏହି ପ୍ରମୁଖ ଦାବି ପ୍ରତି ଅଣଦେଖା କରାଯାଇଛି । ସମ୍ବଲପୁର ସହିତ ସୁବର୍ଣ୍ଣପୁରର ରେଳ ସଂଯୋଗୀକରଣ ଦାବି କୌଣସି ନୂତନ ବିଷୟ ନୁହେଁ; ଏହା ରାଜା-ରାଜୁଡ଼ା ସମୟରୁ ଚାଲିଆସୁଥିବା ଏକ ଐତିହାସିକ ଆକାଂକ୍ଷା । ଐତିହାସିକ ତଥ୍ୟରୁ ଜଣାଯାଏ ଯେ, ୧୯୪୫-୪୬ ମସିହାରେ ସମ୍ବଲପୁର ଠାରୁ ଖୋର୍ଦ୍ଧା ପର୍ଯ୍ୟନ୍ତ ଏକ




ରେଳପଥ ନିର୍ମାଣ ପାଇଁ ବେଙ୍ଗଲ ନାଗପୁର ରେଲୱେ କମ୍ପାନୀକୁ ପ୍ରସ୍ତାବ ଦିଆଯାଇଥିଲା । ଯାହାକି ସ୍ୱାଧୀନତା ପରେ ଅନେକ ଆନ୍ଦୋଳନ ପରେ ନବେ ଦଶକରେ ଖୋର୍ଦ୍ଧାକୁ ବଲାଙ୍ଗିର ସହିତ ସଂଯୋଗୀକରଣର ନିଷ୍ପତ୍ତି ନିଆଗଲା, ଯାହାକି ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହେବା ଅପେକ୍ଷାରେ । ଫଳସ୍ୱରୂପ, ସୁବର୍ଣ୍ଣପୁର ସହିତ ସମ୍ବଲପୁରର ରେଳ ସଂଯୋଗୀକରଣର ସ୍ୱପ୍ନ ଅଧୂରା ହୋଇ ରହିଗଲା । ସ୍ୱାଧୀନତା ପରେ ପ୍ରାୟ ତିନି ଦଶକ ଅତୀତ ହେବା ପରେ ସମ୍ବଲପୁର–ଭୁବନେଶ୍ୱର ରେଳପଥ ରେଢ଼ାଖୋଲ, ଅନୁଗୁଳ ଓ ଢେଙ୍କାନାଳ ମାର୍ଗରେ କାର୍ଯ୍ୟକାରୀ କରାଯାଇଥିଲା । ଏହାର ପରିଣାମରେ ସୁବର୍ଣ୍ଣପୁର ମାର୍ଗରେ ସମ୍ବଲପୁର ସହ ରେଳ ସଂଯୋଗ ସ୍ଥାପନର ପ୍ରସଙ୍ଗ ଧୀରେ ଧୀରେ ଗୁରୁତ୍ୱହୀନ ହୋଇ ପଡ଼ିଲା । ତଥାପି, ଏହି ଦାବିକୁ ନେଇ ଅଞ୍ଚଳର ଜନସାଧାରଣ ନିରନ୍ତର ଭାବରେ ସରକାରଙ୍କ ନଜରକୁ ଆଣୁଥିବା ସହିତ ତାହାର ପୂରଣ ପାଇଁ ଆଶା ରଖିଆସୁଛନ୍ତି ।

ଯଦି ତଥ୍ୟକୁ ଦେଖାଯାଏ, ସ୍ୱାଧୀନତା ପରେ ଦେଶର ମୋଟ ରେଳ ଲାଇନ୍ ଦୈର୍ଘ୍ୟ ଅନେକଗୁଣ ବଢ଼ିଛି, କିନ୍ତୁ ଆନୁପାତିକ ଭାବେ ସମସ୍ତ ଅଞ୍ଚଳରେ ଏହାର ବିକାଶ ହୋଇନାହିଁ । ବିଶେଷତଃ ପୂର୍ବ ଓ ମଧ୍ୟ ଭାରତର ଅନେକ ଜିଲ୍ଲା ଆଜି ମଧ୍ୟ ରେଳ ସଂଯୋଗରୁ ବଞ୍ଚିତ ଅଛନ୍ତି ।

ଏହି ପରିସ୍ଥିତିରେ ପ୍ରଶ୍ନ ଉଠେ—ଉପଖଣ୍ଡମାନଙ୍କୁ ରେଳପଥରେ ଯୋଡିବା କେବେ ସମ୍ଭବ ହେବ?

ଏହାର ଉତ୍ତର କେବଳ ସରକାରୀ ଯୋଜନାରେ ନୁହେଁ; ବରଂ ସାମୁହିକ ସଚେତନତା ଓ ଦାବିରେ ନିହିତ ଅଛି ।

ଜନସାଧାରଣଙ୍କୁ ନିଜ ଅଧିକାର ପ୍ରତି ସଚେତନ ହେବା ସହିତ, ସଂଗଠିତ ଭାବରେ ନିଜ ଦାବିକୁ ଉପସ୍ଥାପନ କରିବାକୁ ହେବ । ମାଟିର ସ୍ୱାଭିମାନ ଓ ଅଞ୍ଚଳର ବିକାଶ ପାଇଁ ଏକତାବଦ୍ଧ ଚେଷ୍ଟା ହେଲେ ଶାସକ ବାଧ୍ୟ ହେବେ ପଦକ୍ଷେପ ନେବାକୁ ।

ସେପଟେ, ଶାସନ ମାଧ୍ୟମରେ ପ୍ରାଥମିକତା ଭିତ୍ତିରେ ଅନୁନ୍ନତ ଅଞ୍ଚଳଗୁଡ଼ିକୁ ରେଳ ମାନଚିତ୍ରରେ ଆଣିବା ଆବଶ୍ୟକ । ପ୍ରକଳ୍ପଗୁଡ଼ିକର ନିୟମିତ ନିରୀକ୍ଷଣ, ସମୟବଦ୍ଧ କାର୍ଯ୍ୟାନୁଷ୍ଠାନ ଓ ପାରଦର୍ଶିତା ନିଶ୍ଚିତ କରିଲେ ମାତ୍ର ଏହା ସମ୍ଭବ ।

ଶେଷରେ କୁହାଯାଇପାରେ, ରେଳପଥ କେବଳ ଯାତାୟାତର ଏକ ମାଧ୍ୟମ ନୁହେଁ— ଏହା ଉନ୍ନତିର ଜୀବନରେଖା । ଯେତେବେଳେ ଉପଖଣ୍ଡମାନେ ରେଳ ଯୋଗାଯୋଗରେ ସଂଯୁକ୍ତ ହେବେ, ସେତେବେଳେ ମାଟି ହସିଉଠିବ ଏବଂ ମାଟିର ଲୋକମାନେ ମଧ୍ୟ ସମୃଦ୍ଧିର ନୂତନ ଦିଗ ଦେଖିବେ । ଏହି ସଂଯୋଗ କେବଳ ଅର୍ଥନୈତିକ ଗତିକୁ ତେଜ କରିବ ନୁହେଁ; ବରଂ ସମାନ ଉନ୍ନତିର ଭିତ୍ତିକୁ ମଧ୍ୟ ମଜବୁତ କରିବ । ଏଭଳି ପଦକ୍ଷେପସବୁ ଭାରତକୁ ତାହାର ୨୦୪୭ର 'ବିକଶିତ ଭାରତ' ଲକ୍ଷ୍ୟ ପ୍ରାପ୍ତିରେ ଅଧିକ ସୁଦୃଢ଼ ଓ ସାମର୍ଥ୍ୟଶୀଳ କରିପାରିବ ।

ଶାନ୍ତିନଗର, ସୋନପୁର
ମୋ.- ୮୧୪୪୮ ୭୦୭୨୯



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ମହିଳା ସଂରକ୍ଷଣ ବିଲ୍ ପ୍ରସଙ୍ଗ

# ବିଜେପି ଦେଶବାସୀଙ୍କୁ ଭ୍ରମିତ କରୁଛି: ବିଜେଡି

- ମହିଳା ସଂରକ୍ଷଣ ବିଲ୍ ସହିତ ଡିଲିମିଟେସନ ବିଲକୁ ଆଣିବା ଏକ ପ୍ରହସନ
- ସମ୍ବିଧାନିକ ପଦବୀରେ ମହିଳାଙ୍କୁ ସଂରକ୍ଷଣ ପ୍ରଦାନରେ ବିଜେଡି ସର୍ବାଗ୍ରେ
- ଡିଲିମିଟେସନରେ ଓଡ଼ିଶାର କ୍ଷତି ସମ୍ପର୍କରେ ବିଜେପି ସାଂସଦଙ୍କ ନିରବତାକୁ ନେଇ ପ୍ରଶ୍ନ

ଭୁବନେଶ୍ୱର,୧୯।୪(ସମିସ): ବିରୋଧୀ ଦଳମାନେ ସମର୍ଥନ ନଦେବାରୁ ସଂସଦରେ ମହିଳା ସଂରକ୍ଷଣ ବିଲ୍ କାଟ୍ ଖାଇଗଲା ବୋଲି ବିଜେପି ପକ୍ଷରୁ ପ୍ରଚାର ଚାଲିଥିବା ବେଳେ ଏହାର ଦୃଢ଼ ଖଣ୍ଡନ କରିଛି ବିଜେଡି। ଯେଉଁଭଳି ଭାବେ ଡିମିଲଟେସନ ବିଲ ସହିତ ମହିଳା ସଂରକ୍ଷଣ ବିଲକୁ ଯୋଡି ସଂସଦରେ ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର ଆଣିଲା, ତାହା କୌଣସି ପ୍ରହସନରୁ କମ ନଥିଲା ବୋଲି ଦଳ କଟାକ୍ଷ କରିଛି। ରବିବାର ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପିଏସି ସଦସ୍ୟ ତଥା ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠି ମହିଳା ସଂରକ୍ଷଣ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କେନ୍ଦ୍ର ସରକାର ଓ ରାଜ୍ୟ ବିଜେପି ଚଞ୍ଚକତା କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି ।



ଶର୍ମିଷ୍ଠା ସେଠି କହିଛନ୍ତି ଯେ ସେପ୍ଟେମ୍ବର ୨୦୨୩ରେ ନାରୀ ଶକ୍ତି ବନ୍ଦନ ଅଧିନିୟମ ସମସ୍ତ ରାଜନୈତିକ ଦଳମାନଙ୍କ ସମର୍ଥନରେ ପାସ ହୋଇଥିଲା। ଏହାକୁ ତୁରନ୍ତ ଲାଗୁ ନ କରି ନୂତନ ଜନଗଣନା ମାଧ୍ୟମରେ ଡିମିଲଟେସନ ପରେ ଏହାକୁ ଲାଗୁ କରାଯିବ ବୋଲି କୁହାଯାଇଥିଲା । କିନ୍ତୁ ଅପ୍ରତ୍ୟାଶିତ ଭାବେ ହଠାତ କେନ୍ଦ୍ର ସରକାର ଡିଲିମିଟେସନ ବିଲ ସହିତ ମହିଳା ସଂରକ୍ଷଣ ବିଲକୁ ଯୋଡି ସଂସଦର ବିଶେଷ ଅଧିବେଶନରେ ଉପସ୍ଥାପନା କଲେ । ମହିଳା ସଂରକ୍ଷଣ ବିଲ ନେଇ କୌଣସି ରାଜନୈତିକ ଦଳର ସଂଶୟ ନ ଥିଲା, କିନ୍ତୁ ପ୍ରସ୍ତାବିତ ଡିମିଲଟେସନ ବିଲକୁ ନେଇ ଅନେକ ଅସହମତି ରହିଥିଲା । ବିଶେଷକରି ଡିଲିମିଟେସନ ମାଧ୍ୟମରେ ଓଡ଼ିଶାର ପ୍ରତିନିଧିତ୍ୱ ୩.୯ ପ୍ରତିଶତରୁ ୩.୫ ପ୍ରତିଶତ ହ୍ରାସ ପାଉଥିବା ଆଶଙ୍କା ଉପୁଜିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ରାଜ୍ୟର ସମସ୍ତ ସାଂସଦଙ୍କୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଚିଠି ଲେଖିଥିଲେ । ଓଡ଼ିଶା ପ୍ରତି ହେବାକୁ ଯାଉଥିବା ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଶ୍ରୀ ପଟ୍ଟନାୟକ ଅନୁରୋଧ କରିଥିଲେ । କିନ୍ତୁ ବିଜେପି ସାଂସଦ ମାନେ ଏହା ବିରୋଧରେ ସ୍ୱର ଉତ୍ତୋଳନ ଦୂରର କଥା ସେମାନେ ଏହି ବିଲ ସପକ୍ଷରେ ଭୋଟ ଦେଲେ । ବିଲ କାଟ ଖାଇବା ପରେ ମହିଳା ସଂରକ୍ଷଣ ବିଲକୁ ବିଜେଡି ବିରୋଧ କଲା ବୋଲି ଅମୂଳକ ଅଭିଯୋଗ କରାଯାଉଛି। ମହିଳା ସଂରକ୍ଷଣ ବିଲକୁ ବିଜେଡି ପ୍ରଥମ ଦିନରୁ ସମର୍ଥନ ଦେଇ ଆସୁଛି । କିନ୍ତୁ ଡିଲିମିଟେସନ ମାଧ୍ୟମରେ ଓଡ଼ିଶାର ପ୍ରତିନିଧିତ୍ୱ ହ୍ରାସ ପାଉଥିବାରୁ ବିଜେଡି ଏହାକୁ ବିରୋଧ କରୁଛି । ଏହା ହେଲେ ଓଡ଼ିଶାର ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ସ୍ତରରେ କ୍ଷତି ହେବ।

ଟୁକୁନି ସାହୁ କହିଥିଲେ ଯେ ମହିଳା ସଂରକ୍ଷଣ ପ୍ରଦାନ ବା ମହିଳା ସଶକ୍ତିକରଣ କ୍ଷେତ୍ରରେ ବିଜୁ ଜନତା ଦଳ ସବୁ ସମୟରେ ଆଗରେ ରହି ଆସିଛି । ମହିଳା ମାନଙ୍କୁ ସାମ୍ବିଧାନିକ ପଦବୀରେ ଅବସ୍ଥାପିତ କରିବା ପାଇଁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ୧୯୯୨ ମସିହାରେ ରାଜ୍ୟର ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଓ ପୌରସଂସ୍ଥାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିଥିଲେ । ନବୀନ ପଟ୍ଟନାୟକ ତାଙ୍କ ଶାସନ ସମୟରେ ଏହି ସଂରକ୍ଷଣ ସଂଖ୍ୟାକୁ ୫୦ପ୍ରତିଶତକୁ ବଢ଼ାଇଥିଲେ । ଏହାଛଡା ସଂସଦ ଓ ବିଧାନସଭାରେ ମହିଳାମାନଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ପ୍ରଦାନ ପାଇଁ ୨୦୧୮ ମସିହାରେ ବିଜେଡି ସରକାରଙ୍କ ଦ୍ୱାରା ବିଧାନସଭାରେ ଏକ ସଙ୍କଳ୍ପ ପାରିତ କରାଯାଇଥିଲା । ଏଥି ସହିତ ଦେଶର ପ୍ରାୟ ୨୨ଟି ରାଜନୈତିକ ଦଳଙ୍କୁ ବିଜେଡି ପ୍ରତିନିଧି ମଣ୍ଡଳୀ ଭେଟି ଏହା ସପକ୍ଷରେ ମତ ଦେବାପାଇଁ ପ୍ରବର୍ତ୍ତାଇ ଥିଲେ । ୨୦୧୯ ଓ ୨୦୨୪ ନିର୍ବାଚନରେ ଓଡ଼ିଶାର ସଂସଦ କ୍ଷେତ୍ର ଗୁଡିକରେ ବିଜେଡି ୩୩ ପ୍ରତିଶତ ସ୍ଥାନରେ ମହିଳା ମାନଙ୍କୁ ପ୍ରାର୍ଥୀ କରିଥିଲା । ଏହା ବିଜେଡିର ମହିଳା ସଂରକ୍ଷଣ ବା ମହିଳା ସଶକ୍ତିକରଣ ପ୍ରତି ଥିବା ପ୍ରତିବଦ୍ଧତାକୁ ସ୍ପଷ୍ଟ କରୁଛି। ଏହାଛଡା ମହିଳାମାନଙ୍କୁ ଆର୍ଥିକ ସ୍ତରରେ ସ୍ୱାବଲମ୍ବି କରିବା କ୍ଷେତ୍ରରେ ନବୀନ ସରକାରଙ୍କର ଯୋଜନା ମିଶନ ଶକ୍ତି ମାଧ୍ୟମରେ ରାଜ୍ୟର ୮୦ ଲକ୍ଷ ମହିଳାଙ୍କୁ ସଶକ୍ତ କରାଯାଇଥିଲା । ଆଜି ବିଜେପି ସରକାର କ୍ଷମତାକୁ ଆସିବାର ଦୁଇ ବର୍ଷ ପରେ ମିଶନ ଶକ୍ତି ଦ୍ୱାରା ସଶକ୍ତ ହୋଇଥିବା ମହିଳା ମାନେ ଘର କୋଣରେ ସୀମିତ ହୋଇ ଯାଇଥିବା ଦେଖିବାକୁ ମିଳୁଛି। ତେଣୁ ମହିଳା ସଂରକ୍ଷଣ ବିଲକୁ ବିଜେଡି ବିରୋଧ କରୁଛି ବୋଲି ବିଜେପିର ଦାବିକୁ ଓଡ଼ିଶାବାସୀ ଗ୍ରହଣ କରିବେ ନାହିଁ।

## ଉତ୍ତରପ୍ରଦେଶରେ ସ୍ମାର୍ଟ ମିଟର ଉପରେ ପ୍ରତିବନ୍ଧକ

# 'ଉତ୍ତରପ୍ରଦେଶଠାରୁ ଶିଖନ୍ତୁ ଓଡ଼ିଶା ସରକାର'

ଭୁବନେଶ୍ୱର,୧୯।୪(ସମିସ): ସ୍ମାର୍ଟ ମିଟରକୁ ନେଇ ସାଧାରଣ ଲୋକ, ସାମାଜିକ ସଂଗଠନ, ବିରୋଧୀ ଦଳଙ୍କ ପ୍ରବଳ ପ୍ରତିକ୍ରିୟା ପରେ ବଡ଼ ନିଷ୍ପତ୍ତି ନେଇଛନ୍ତି ଉତ୍ତର ପ୍ରଦେଶ ସରକାର। ଉତ୍ତର ପ୍ରଦେଶ ପାୱାର କର୍ପୋରେସନ୍ (ୟୁପିପିସିଏଲ) ଘରୋଇ ଉପଭୋକ୍ତାଙ୍କ ପୁରୁଣା ମିଟରକୁ ସ୍ମାର୍ଟ ମିଟରରେ ବଦଳାଇବା ପ୍ରକ୍ରିୟା ଉପରେ ତୁରନ୍ତ ପ୍ରତିବନ୍ଧକ ଲଗାଇଛନ୍ତି। ଅଧିକ ବିଲ୍ ଆସିବା, ସହମତି ବିନା ଲଗାଇବା, ବାଲାନ୍ସ ଶେଷ ହେଲେ ରାତିରେ ବିଜୁଳି କଟିବା ଓ ଯାନ୍ତ୍ରିକ ସମସ୍ୟା ଦେଖି ଏହି ନିଷ୍ପତ୍ତି ନିଆଯାଇଛି ବୋଲି ୟୁପିପିସିଲଏଲ ପକ୍ଷରୁ କୁହାଯାଇଛି। ଏବେ ଉତ୍ତର ପ୍ରଦେଶ ଏବଂ ଓଡ଼ିଶାର ବିଜେପି ସରକାର ଚାଲିଛି। ମାତ୍ର ଗୋଟିଏ ଜନସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗକୁ ନେଇ ଦୁଇରାଜ୍ୟ ଭିନ୍ନଭିନ୍ନ ଆଚରଣ ଓ ପଦକ୍ଷେପ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉପଭୋକ୍ତାଙ୍କ ଆକ୍ରୋଶକୁ ସମ୍ମାନ ଦେଇ ଉତ୍ତର ପ୍ରଦେଶ ସରାର ଏହାକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଓଡ଼ିଶା ସରକାର ସ୍ମାର୍ଟ ମିଟର ଲଗାଇବା ପାଇଁ ରାଜକୋଷରୁ ଶହ ଶହ କୋଟି ବ୍ୟୟ କରିବାକୁ ନିଷ୍ପତ୍ତି ପଛରେ କାହାର ହାତ ଅଛି ବୋଲି ପ୍ରଶ୍ନ ଉଠିଛି ।



**ସ୍ମାର୍ଟ ମିଟର ଦକ୍ଷତା ଯାଞ୍ଚ ପାଇଁ ଗଠନ ହେଉ ଯାଞ୍ଚ କମିଟି**

ସୂଚନା ଅନୁଯାୟୀ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଗଠିତ ବୈଷୟିକ କମିଟି ଯେପର୍ଯ୍ୟନ୍ତ ନିଜର ରିପୋର୍ଟ ପ୍ରସ୍ତୁତ ନ କରିଛି ଏବଂ ରିପୋର୍ଟର ଯାଞ୍ଚ ପ୍ରକ୍ରିୟା ସମ୍ପୂର୍ଣ୍ଣ ନହୋଇଛି, ସେ ଯାଏଁ ଏହି ଆଦେଶ ବଳବତ୍ତର ରହିବ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି। ଏହାସହ ଉପଭୋକ୍ତାଙ୍କ ଫିଡବ୍ୟାକକୁ ମଧ୍ୟ ଏକ୍ଷେତ୍ରରେ ପ୍ରାଧାନ୍ୟ ଦିଆଯିବ ବୋଲି ୟୁପିପିସିଏଲ ପକ୍ଷରୁ କୁହାଯାଇଛି। ମାତ୍ର ଓଡ଼ିଶା ସରକାର ସ୍ମାର୍ଟ ମିଟର କ୍ଷେତ୍ରରେ ଭିନ୍ନ ପଦକ୍ଷେପ ନେଇଛନ୍ତି। ସ୍ମାର୍ଟ ମିଟର ବିରୋଧରେ ଲୋକଙ୍କ ମନରେ ଉଠିଥିବା ସନ୍ଦେହ, ପ୍ରଶ୍ନ ଓ ଅସନ୍ତୋଷକୁ ଦୂର ପରିବର୍ତ୍ତେ ୧୧,୫୩,୧୦୦ଟି ସ୍ମାର୍ଟ ମିଟର ସ୍ଥାପନ ହେବାକୁ ଥିବାବେଳେ ସରକାର ମୋଟ ୭୩୫ କୋଟି ଟଙ୍କା ରାଜକୋଷରୁ ଖର୍ଚ୍ଚ କରିବାକୁ ନିଷ୍ପତ୍ତି ନେଲେ। ସ୍ମାର୍ଟ ମିଟର ସ୍ଥାପନ ପାଇଁ ଅନ୍ୟ ରାଜ୍ୟ ନିଜ ରାଜକୋଷରୁ ଅର୍ଥ କରୁ ନ ଥିବାବେଳେ ଓଡ଼ିଶା ସରକାର କାହିଁକି ରାଜକୋଷରୁ ଏହାକୁ ବ୍ୟୟ କରିବେ ବୋଲି ବିଶେଷଜ୍ଞମାନେ ପ୍ରଶ୍ନ ଉଠାଇଛନ୍ତି। କେନ୍ଦ୍ର ସରକାର ଆରଡିଏସଏସ ଯୋଜନାରେ ସ୍ମାର୍ଟ ମିଟର ସ୍ଥାପନ ପାଇଁ ରାଜ୍ୟଗୁଡିକୁ ଆର୍ଥିକ ସହାୟତା ଦେଉଥିବା ବେଳେ ଓଡ଼ିଶା କାହିଁକି ତାହାର ଲାଭ ଉଠାଇ ନାହିଁ? ପୁନଶ୍ଚ ଅନ୍ୟସବୁ ରାଜ୍ୟରେ ସ୍ମାର୍ଟ ମିଟର ଦକ୍ଷତାକୁ ଯାଞ୍ଚ କରିବା ପାଇଁ ବ୍ୟବସ୍ଥା ଅଛି। ସେହି ରାଜ୍ୟଗୁଡ଼ିକରେ ବିତରଣ କମ୍ପାନୀଗୁଡିକୁକୁ ସିଏଜି ଅଡିଟ କରୁଛନ୍ତି। କିନ୍ତୁ ଓଡ଼ିଶାରେ କୌଣସି ଯାଞ୍ଚ ବ୍ୟବସ୍ଥା ନାହି ବୋଲି ଶକ୍ତି ସମୀକ୍ଷକମାନେ ପ୍ରଶ୍ନ କରିଛନ୍ତି। କୌଣସି ଜନସ୍ୱାର୍ଥ ପ୍ରସଙ୍ଗରେ ଜନତାଙ୍କ ଉଦବେଗକୁ ପ୍ରାଧାନ୍ୟ କେମିତି ଦିଆଯାଏ, ତାହା ଓଡ଼ିଶା ସରକାର ଶିଖନ୍ତୁ ବୋଲି ବିଶେଷଜ୍ଞମାନେ ସରକାରଙ୍କୁ ପରାମର୍ଶ ଦେଇଛନ୍ତି।

## ବଡଗାଁରେ ହତ୍ୟା

# ଘରେ ପଶି ଲଙ୍ଗଳ ମୁନରେ ମାରିଦେଲା

ରାଉରକେଲା, ୧୯।୪(ସମିସ): ଘରେ ପଶି ଯୁବକଙ୍କୁ ଲଙ୍ଗଳ ମୁନରେ ଆକ୍ରମଣ କରି ହତ୍ୟା। ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଥାନା ଅନ୍ତର୍ଗତ ସାହାଜବାହାଲ ଗାଁରେ ଏଭଳି ଏକ ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ବଡ଼ଗାଁ ଥାନା ସାହାଜବାହାଲ ଗାଁ ଲଖୁଆପଡ଼ା ବସ୍ତିର ରାଜକୁମାର ବରୁଆ (୫୬) । ରାଜକୁମାରଙ୍କ ପରିବାର ସହ ଧସ୍ତାଧସ୍ତି ବେଳେ ନିଜେ ଅଭିଯୁକ୍ତ ମଧ୍ୟ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ବଡ଼ଗାଁ ଥାନା ସାହାଜବାହାଲ ଗାଁ ଲଖୁଆପଡା ବସ୍ତିରେ ରାଜକୁମାର ରହୁଥିଲେ। ଶନିବାର ରାତି ପ୍ରାୟ ୧୧ଟା ବେଳେ ସାହାଜବାହାଲ ଗାଁର ଯୋଗେଶ୍ୱର ରୋହିଦାସ (୩୭) ତାଙ୍କ ଘରକୁ ଯାଇ କୌଣସି ଏକ ଘଟଣାକୁ ନେଇ ପାଟିତୁଣ୍ଡ କରିଥିଲେ। ପରେ ରାଜକୁମାର ଓ ଯୋଗେଶ୍ୱରଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପରିସ୍ଥିତି ଉଗ୍ର ହେବାରୁ ଯୋଗେଶ୍ୱର ସାଙ୍ଗରେ ଆଣିଥିବା ଏକ ଲଙ୍ଗଳ ଲୁହା ସାହାଯ୍ୟରେ ରାଜକୁମାରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ରାଜକୁମାର ରକ୍ତ ଜୁଡୁବୁଡୁ ହୋଇ ତଳେ ପଡ଼ିଯାଇଥିଲେ। ଅନ୍ୟପଟରେ ଧସ୍ତାଧସ୍ତିରେ ଅଭିଯୁକ୍ତ ଯୋଗେଶ୍ୱର ବି ଗୁରୁତର ଆହତ ହୋଇଥିଲେ। ଖବର ପାଇ ବଡ଼ଗାଁ ଥାନା ଅଧିକାରୀ ଦିନେଶ କୁମାର ପଟ୍ଟା ସଦଳବଳେ ପହଞ୍ଚି ଉଭୟ ଆହତଙ୍କୁ ହସ୍ପିଟାଲ ସ୍ଥାନାନ୍ତର କରିଥିଲେ। ଯୋଗେଶ୍ୱର ସମ୍ପ୍ରତି ସୁନ୍ଦରଗଡ଼ ସରକାରୀ ହସ୍ପିଟାଲରେ ଚିକିତ୍ସାଧୀନ। ତେବେ ରାଜକୁମାରଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ବଡ଼ଗାଁ ଥାନା ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ଡ୍ରେନ୍‌ରେ ପଡ଼ି ଯୁବକଙ୍କ ମୃତ୍ୟୁ

କଟକ, ୧୯।୪(ସମିସ): ଖାନନଗର ଅଞ୍ଚଳରେ ଥିବା ମୁଖ୍ୟ ଡ୍ରେନରେ ଗଳିପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖାନନଗରର ରଣାମା' ସାହିର ସରୋଜ ସାହୁ(୪୫)। ମୃତଦେହକୁ ବାଦାମବାଡ଼ି ଥାନା ପୁଲିସ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଶନିବାର ଅପରାହ୍ନ ପ୍ରାୟ ୪ଟାରେ ଖାନନଗର ପମ୍ପହାଉସ ପାଖ ମୁଖ୍ୟ ଡ୍ରେନରେ ଜଣେ ଯୁବକ ପଡ଼ିଥିବା ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ଡ୍ରେନରେ ପାଣି କମ ଥିବାରୁ ଯୁବକ ଜଣକ ଅଧା ବୁଡି ରହିଥିଲେ। ସୂଚନା ପାଇ ବାଦାମବାଡି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ଟିମ ସହାୟତାରେ ଯୁବକଙ୍କୁ ଉଦ୍ଧାର କରିଥିଲା। ସେଠାରେ ସ୍ଥାନୀୟ ଲୋକେ ତାଙ୍କୁ ସରୋଜ ବୋଲି ଚିହ୍ନଟ କରିବା ସହ ତୁରନ୍ତ ଏସ୍‌ସିବି ନିଆଯାଇଥିଲା। ମାତ୍ର ଡାକ୍ତର ସରୋଜଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏହା ପରେ ବାଦାମବାଡି ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ଏସ୍‌ସିବି ଶବଗୃହରେ ରଖିଛି। ରବିବାର ସରୋଜଙ୍କର ଶବ ବ୍ୟବଚ୍ଛେଦ କରାଯିବ। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ସରୋଜଙ୍କ ପରିବାରରେ ୩ ଭାଇ ଅଛନ୍ତି। ସେ ମଝିଆ ଭାଇ। ବଡ଼ ଭାଇ ପରିବା ଦୋକାନୀ ଓ ସାନ ଅନ୍ୟ କାମ କରି ଚଳନ୍ତି। ଲିଙ୍କରୋଡ ଅଞ୍ଚଳରେ ସରୋଜଙ୍କର ଏକ ପାନ ଦୋକାନ ରହିଥିଲା। ମାତ୍ର କୌଣସି କାରଣରୁ କିଛି ବର୍ଷ ପୂର୍ବେ ଉକ୍ତ ଦୋକାନକୁ ଉଚ୍ଛେଦ କରାଯାଇଥିଲା। ଏହାପରେ ସେ ଆଉ କୌଣସି ବ୍ୟବସାୟ କରୁନଥିଲେ। ଆଜି ଦ୍ୱିପ୍ରହରରେ ସରୋଜ ଖାନନଗର ପମ୍ପହାଉସ ପାଖାପାଖି ଅଞ୍ଚଳରେ ବୁଲୁଥିବା ସ୍ଥାନୀୟ ଲୋକ ଦେଖିଥିବା କହିଛନ୍ତି। ମାତ୍ର ମୁଖ୍ୟ ଡ୍ରେନ ଭିତରେ କେମିତି ପଡ଼ିଲେ ତାହା ସ୍ପଷ୍ଟ ହୋଇନାହିଁ। ତେବେ ଅଧିକ ଖରାରୁ ମୁଣ୍ଡ ବୁଲାଇ ଦେବା ପରେ ସେ ପାଣିରେ ପଡ଼ିଯାଇ ସେଠାରୁ ଉଠି ପାରିନଥିବା ଆଶଙ୍କା କରାଯାଉଥିବା ନେଇ ବାଦାମବାଡି ଥାନା ପକ୍ଷରୁ ସୂଚନା ଦିଆଯାଇଛି।

# ନନ୍ଦନକାନନ ଆସିପାରେ ବିରଳ ଆଲବିନୋ ରଣା

ଭୁବନେଶ୍ୱର, ୧୯।୪(ସମିସ): ଭଦ୍ରକ ଜିଲ୍ଲାର ବନ୍ତ ବ୍ଲକର ଛୁଆଲସିଂହ ଅଞ୍ଚଳରୁ ଏକ ହଳଦିଆ ଧଳା ରଙ୍ଗର ସାପ ସ୍ଥାନୀୟ ଲୋକେ ଧରି ଏକ ପ୍ଲାଷ୍ଟିକ ଡବାରେ ରଖି ଥିଲେ। ସ୍ନେକ୍ ହେଲ୍ପ ଲାଇନ୍‌ର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକଙ୍କୁ ସାପର ଫଟୋ ପଠେଇ, ସାପଟିକୁ ଉଦ୍ଧାର କରିବା ପାଇଁ ଅନୁରୋଧ କରିଥିଲେ। ଶୁଭେନ୍ଦୁ ସେଇ ସାପକୁ ଆଲବିନୋ ରଣା ସାପ ବୋଲି ଚିହ୍ନଟ କରିବା ସହିତ ଭଦ୍ରକ ଡିଭିଜନର ଏଫ୍‌ସି ସୁମିତ୍ ମହାନ୍ତିଙ୍କୁ ସେଇ ଫଟୋ ପଠେଇଥିଲେ। ଏଫ୍‌ସିଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ରେଞ୍ଜ କର୍ମଚାରୀମାନେ ଘଟଣା ସ୍ଥଳକୁ ଯାଇ ସାପଟିକୁ ଉଦ୍ଧାର କରିବା ସହିତ ସାପଟିକୁ ଭଦ୍ରକ ରେଞ୍ଜ ଅଫିସକୁ ଆଣିଥିଲେ। ସାପଟିର ରକ୍ଷଣାବେକ୍ଷଣ ଏବଂ ସ୍ୱାସ୍ଥ୍ୟ ଅବସ୍ଥା ଯାଞ୍ଚ କରିବା ପାଇଁ ଏଫ୍‌ସିଙ୍କ ଅନୁରୋଧ ରକ୍ଷା କରି ଯାଜପୁରରୁ ସ୍ନେକ ହେଲ୍ପ ଲାଇନ୍‌ର ଏକ ୩ ଜଣିଆ ଟିମ୍ ଭଦ୍ରକ ରେଞ୍ଜ ଅଫିସ ଷ୍ଟାଫ୍‌ଙ୍କ ସହାୟତାରେ ସାପଟିର ପ୍ରାଥମିକ ସ୍ୱାସ୍ଥ୍ୟ ଅବସ୍ଥା ଯାଞ୍ଚ କରିଥଲେ। ସାପ ଦେହରେ ଅନ୍ୟ କୌଣସି ଜାଗାରେ ଆଘାତ ନ ଥିଲା, କିନ୍ତୁ ତାର ମୁହଁରେ ଏକ କ୍ଷତ ଥିଲା। ଡାକ୍ତରୀ ଟିମ୍ ଯାଞ୍ଚ ଏବଂ ପରବର୍ତ୍ତୀ ଚିକିତ୍ସା ପାଇଁ ତାହାକୁ ନନ୍ଦନକାନନ ଚିଡ଼ିଆଖାନାକୁ ପଠେଇବା ପାଇଁ ଶୁଭେନ୍ଦୁ ପରାମର୍ଶ ଦେଇଛନ୍ତି। ସ୍ନେକ୍ ହେଲ୍ପ ଲାଇନ୍‌ର କୋର୍ଡିନେଟର ପ୍ରମୋଦ କୁମାର ସାହୁଙ୍କ ନେତୃତ୍ୱରେ ସ୍ନେକ୍ ହେଲ୍ପ ଲାଇନ୍ ସଦସ୍ୟ ଅର୍ଚ୍ଚନା ମିଶ୍ର, ଏବଂ ଜାହାଙ୍ଗୀର ଖାନ୍ ଉପସ୍ଥିତ ରହିଥିଲେ। ସାପର ବିରଳ ଜୀନ୍ ଅବସ୍ଥା ଏବଂ ମୁହଁରେ ଥିବା କ୍ଷତ ବିଷୟରେ ନନ୍ଦନକାନନ ଚିଡ଼ିଆଖାନାର ନିର୍ଦ୍ଦେଶକ ସନତ କୁମାରଙ୍କୁ ଶୁଭେନ୍ଦୁ ଅବଗତ କରିଥିଲେ। ଆବଶ୍ୟକ କାଗଜପତ୍ର କରିବା ପରେ ସେଇ ବିରଳ ଆଲବିନୋ ରଣା ସାପଟିକୁ ନନ୍ଦନକାନନ ପଠା ଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ ମିଳିଛି।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୯ ଲକ୍ଷ ଡଲାରରେ...

ଏହାର ପକେଟ୍‌ରେ ଠିପି (କର୍କ) ଭର୍ତ୍ତି କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏଥିରେ ଲୌରା ଏବଂ ତାଙ୍କ ସହ ବଞ୍ଚିଥିବା ଅନ୍ୟ ଯାତ୍ରୀମାନଙ୍କର ସ୍ୱାକ୍ଷର ରହିଛି। କେବଳ ଲାଇଫ୍ ଜ୍ୟାକେଟ୍ ନୁହେଁ, ଏହି ନିଲାମରେ ଟାଇଟାନିକର ଏକ ଲାଇଫ୍ ବୋଟ୍‌ରେ ବ୍ୟବହୃତ ସିଟ୍ ଗଦି ମଧ୍ୟ ୩,୯୦,୦୦୦ ପାଉଣ୍ଡରେ ବିକ୍ରି ହୋଇଛି। ଆମେରିକାର ଏକ ଟାଇଟାନିକ୍ ମ୍ୟୁଜିୟମର ମାଲିକ ଏହାକୁ କିଣିଛନ୍ତି। ୧୫ ଏପ୍ରିଲ ୧୯୧୨ରେ ଆରଏମଏସ ଟାଇଟାନିକ୍ ନିଜର ପ୍ରଥମ ଯାତ୍ରାରେ ଏକ ବରଫ ପାହାଡ଼ (ଆଇସ୍‌ବର୍ଗ) ସହ ଧକ୍କା ହୋଇ ଆଟଲାଣ୍ଟିକ୍ ମହାସାଗରରେ ବୁଡ଼ି ଯାଇଥିଲା। ଏଥିରେ ଥିବା ପ୍ରାୟ ୨,୨୦୦ ଯାତ୍ରୀଙ୍କ ମଧ୍ୟରୁ ୧,୫୦୦ ଜଣ ପ୍ରାଣ ହରାଇଥିଲେ ଏବଂ ମାତ୍ର ୭୦୦ ଜଣ ବଞ୍ଚିବାକୁ ସକ୍ଷମ ହୋଇଥିଲେ। ନିଲାମକାରୀ ଆଣ୍ଡ୍ରୁ ଆଲଡ୍ରିଜଙ୍କ ଅନୁଯାୟୀ, ଏହି ରେକର୍ଡ ମୂଲ୍ୟ ଦର୍ଶାଉଛି ଯେ ଆଜି ମଧ୍ୟ ଟାଇଟାନିକ୍ ପ୍ରତି ଲୋକଙ୍କ ମନରେ ସମ୍ମାନ ଏବଂ ସେହି ଦୁଃଖଦ କାହାଣୀ ଜାଣିବା ପାଇଁ ଆଗ୍ରହ ରହିଛି।

### ଏକ୍ସପ୍ରେସ୍‌ୱେରେ ଭାରିଯାନ...

ସମସ୍ତ ପୁରୁଣା ଅବୈଧ ନିର୍ମାଣକୁ ୬୦ ଦିନ ମଧ୍ୟରେ ହଟାଇବାକୁ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜାତୀୟ ରାଜପଥ ଯାଇଥିବା ପ୍ରତି ଜିଲ୍ଲାରେ ୧୫ ଦିନ ମଧ୍ୟରେ ଏକ 'ସୁରକ୍ଷା ଟାସ୍କ ଫୋର୍ସ' ଗଠନ କରାଯିବ। ଏଥିରେ ପ୍ରଶାସନ, ପୋଲିସ, ଏନ୍‌ଏଚ୍‌ଏଆଇ ଏବଂ ପିଡବ୍ଲ୍ୟୁଡିର ଅଧିକାରୀମାନେ ସାମିଲ ରହିବେ। ୨୦୨୫ ନଭେମ୍ବର ମାସରେ ରାଜସ୍ଥାନର ଫଲୋଦୀ ଏବଂ ତେଲେଙ୍ଗାନାର ରଙ୍ଗାରେଡ୍ଡୀଠାରେ ଘଟିଥିବା ଦୁଇଟି ଭୟଙ୍କର ସଡ଼କ ଦୁର୍ଘଟଣାର ଶୁଣାଣି ସମୟରେ କୋର୍ଟ ଏହି ନିଷ୍ପତ୍ତି ନେଇଛନ୍ତି। ସେହି ଦୁର୍ଘଟଣାରେ ୩୪ ଜଣ ପ୍ରାଣ ହରାଇଥିଲେ। କୋର୍ଟ ଅନୁଭବ କରିଛନ୍ତି ଯେ, ଏହି ମୃତ୍ୟୁ ପାଇଁ ବ୍ୟବସ୍ଥାଗତ ଅବହେଳା ଏବଂ ଭିତ୍ତିଭୂମିର ବିଫଳତା ହିଁ ଦାୟୀ। ଶୁଣାଣି ବେଳେ ଏକ ଉଦ୍‌ବେଗଜନକ ତଥ୍ୟ ସାମ୍ନାକୁ ଆସିଛି। ଜାତୀୟ ରାଜପଥ ଦେଶର ମୋଟ ରାସ୍ତା ଲମ୍ବର ମାତ୍ର ୨% ହୋଇଥିବା ବେଳେ, ଦେଶର ମୋଟ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟାର ପ୍ରାୟ ୩୦% କେବଳ ଏହି ରାଜପଥଗୁଡ଼ିକରେ ହିଁ ଘଟିଥାଏ। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଏନ୍‌ଏଚ୍‌ଏଆଇ, ରାଜ୍ୟ ପୋଲିସ ଏବଂ ପରିବହନ ବିଭାଗ ମିଳିତ ଭାବେ ଏହାକୁ କାର୍ଯ୍ୟକାରୀ କରିବେ। ଜିଲ୍ଲା କଲେକ୍ଟରମାନେ ଏକ ନିର୍ଦ୍ଦିଷ୍ଟ ଏସଓପି ପ୍ରସ୍ତୁତ କରି ୬୦ ଦିନ ମଧ୍ୟରେ ଲାଗୁ କରିବେ। କୌଣସି ବିଭାଗ ଏନ୍‌ଏଚ୍‌ଏଆଇର ବିନା ଅନୁମତିରେ ରାଜପଥ ସୁରକ୍ଷା ଜୋନ୍ ମଧ୍ୟରେ କୌଣସି ବାଣିଜ୍ୟିକ ଲାଇସେନ୍ସ ନବୀକରଣ କରିପାରିବେ ନାହିଁ। ସୁପ୍ରିମକୋର୍ଟଙ୍କ ଏହି କଠୋର ଆଭିମୁଖ୍ୟ ପରେ ଆଗାମୀ ଦିନରେ ଜାତୀୟ ରାଜପଥରେ ଯାତ୍ରା ଅଧିକ ଶୃଙ୍ଖଳିତ ଏବଂ ନିରାପଦ ହେବ ବୋଲି ଆଶା କରାଯାଉଛି। ରାସ୍ତା କଡ଼ରେ ଅନିୟନ୍ତ୍ରିତ ଭାବେ ଠିଆ ହେଉଥିବା ଟ୍ରକ୍ ଏବଂ ଅବୈଧ ଢାବାଗୁଡ଼ିକ ଉପରେ ଏବେ ପ୍ରଶାସନର ଶାଣିତ ନଜର ରହିବ।

### ୧୮ ମୃତ...

ଘଟିଲା, ସେ ନେଇ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ପୋଲିସ ଏହାର ତଦନ୍ତ କରୁଛି। ଏହି ଦୁଃଖଦ ଘଟଣାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଗଭୀର ଶୋକ ପ୍ରକାଶ କରିଛନ୍ତି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ମଧ୍ୟ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ଜିଲ୍ଲାପାଳଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ମାସରେ ବିରୁଧୁନଗର ଜିଲ୍ଲାରେ ଏହା ଦ୍ୱିତୀୟ ବଡ଼ ବାଣ କାରଖାନା ଦୁର୍ଘଟଣା। ପୂର୍ବରୁ ଅପ୍ରେଲ ୧୩ ତାରିଖରେ ସାତୁର ନିକଟବର୍ତ୍ତୀ ସାଥିରାପଟ୍ଟିରେ ଏକ ବାଣ କାରଖାନାରେ ବିସ୍ଫୋରଣ ଘଟି ୨ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ଏଭଳି ବାରମ୍ବାର ଘଟୁଥିବା ଦୁର୍ଘଟଣା ବାଣ କାରଖାନାଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ଏବଂ ନିୟମର ପାଳନ ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ଓଡ଼ିଶାର ସେମିକଣ୍ଡକ୍ଟର...

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି ଯେ ଓଡ଼ିଶା ଆଇଟି ଏବଂ ସେମିକଣ୍ଡକ୍ଟର ଶିଳ୍ପର ଏକ ପ୍ରମୁଖ କେନ୍ଦ୍ର ରୂପେ ବିକଶିତ ହେଉଛି। ରାଜ୍ୟରେ ବର୍ଷ ବର୍ଷ ଧରି ଖଣିଜ, ଧାତୁ ଓ ଶକ୍ତିର ପ୍ରମୁଖ ଶିଳ୍ପଗୁଡ଼ିକ ଗଢ଼ି ଉଠିଥିଲା। ଏବେ ଉଚ୍ଚପ୍ରଯୁକ୍ତି ବିଦ୍ୟା ଶିଳ୍ପ କ୍ଷେତ୍ରରେ ଓଡ଼ିଶା ଆଗକୁ ବଢ଼ୁଛି। ଆଜି ଯେଉଁ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି ତାହା ବିଶ୍ୱର ସବୁଠୁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଆଧାରିତ ପ୍ରକଳ୍ପ। ଓଡ଼ିଶା ପାଇଁ ଏକ ନୂତନ ବିକାଶର ଯୁଗ ଆରମ୍ଭ ହୋଇଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଟେକ୍ନୋଲୋଜି ଆଗକୁ ସେମିକଣ୍ଡକ୍ଟର ଶିଳ୍ପର ଭବିଷ୍ୟତ ଭାବେ ପ୍ରମାଣିତ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଥିଲେ। ସୂଚନା ଯୋଗ୍ୟ ଯେ ପ୍ରାୟ ୨ ହଜାର କୋଟି ଟଙ୍କା ନିବେଶରେ ସ୍ଥାପିତ ହେଉଥିବା ଏହି ପ୍ରକଳ୍ପ ବର୍ଷକୁ ୭୦ ହଜାର ଗ୍ଲାସ୍ ପ୍ୟାନେଲ, ୫୦ ମିଲିୟନ ଆସେମ୍ବଲ୍ଡ ୟୁନିଟ୍ ଏବଂ ୧୩,୨୦୦ ଅତ୍ୟାଧୁନିକ ୩ଡିଏଚଆଇ ମଡ୍ୟୁଲ୍ ଉତ୍ପାଦନ କରିବ। ଏହା ଦ୍ୱାରା ରାଜ୍ୟରେ ପ୍ରାୟ ୨,୫୦୦ ନିଯୁକ୍ତି ସୃଷ୍ଟି ହେବ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ , ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଲ କୁମାର ଦେବ, କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ଅତିରିକ୍ତ ଶାସନ ସଚିବ ଅମିତେଶ ସିହ୍ନା, ୩ଡି ଗ୍ଲାସ ସଲ୍ୟୁସନର ପ୍ରେସିଡେଣ୍ଟ ଓ ସିଇଓ ବାବୁ ମନ୍ଦାବାଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତିବର୍ଗ ଉପସ୍ଥିତ ଥିଲେ।

### ୧୦ ଗିରଫ...

ମାଟି ଖନନ ହେଉଥିବା ଖବର ପାଇ ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡା ତାହାକୁ ରୋକିବାକୁ ଯାଇଥିଲେ। ସେଠାରେ ତାଙ୍କୁ ସମ୍ପୃକ୍ତ ଲଘୁ ଖଣିଜ ସମ୍ପଦ ମାଫିଆମାନେ ଟ୍ରାକ୍ଟର ଚଢ଼ାଇ ହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଆହତ ତହସିଲଦାରଙ୍କୁ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ପ୍ରାୟ ୨ଘଣ୍ଟା ଅପେକ୍ଷା ପରେ ଆବଶ୍ୟକ ଚିକିତ୍ସା ନ ମିଳିବାରୁ ପରିବାରଲୋକେ ତାଙ୍କୁ ଏକ ବେସରକାରୀ ହସ୍ପିଟାଲରେ ଭର୍ତ୍ତି କରାଇଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ଗତ ଶନିବାର ଅପରାହ୍ଣରେ ଏହି ଘଟଣା ପରେ ତୁଳତି ସର୍କିଲର ରେଭେନ୍ୟୁ ଇନ୍ସପେକ୍ଟର୍ ଭାବେ କାମ କରୁଥିବା ଇତିଶ୍ରୀ ସେନାପତିଙ୍କ ଲିଖିତ ଅଭିଯୋଗ ପରେ କୋରେଇ ପୁଲିସ ମାମଲା ରୁଜୁ କରିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କୋରେଇ ଥାନାଧିକାରୀ ରାକେଶ କୁମାର ତ୍ରିପାଠୀ ଏ ସଂପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି।

### ୨୦ ହଜାର କୋଟିର...

ହଜାର କୋଟି ଟଙ୍କା ଟପିବା ଆଶା କରାଯାଉଛି। ହେଲେ ଏଥିରେ ସବୁଠାରୁ ବଡ଼ କଥା ହେଉଛି ଏହି ରେକର୍ଡ ବାଣିଜ୍ୟ ପରିମାଣ ଏପରି ଏକ ସମୟରେ ଆସିଛି, ଯେତେବେଳେ ସୁନା ଏବଂ ରୂପା ଉଭୟର ମୂଲ୍ୟ ଐତିହାସିକ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଗତ ବର୍ଷ, ଅକ୍ଷୟ ତୃତୀୟାରେ ପ୍ରାୟ ୧୬,୦୦୦ କୋଟି ଟଙ୍କାର କାରବାର ରେକର୍ଡ କରାଯାଇଥିଲା। ଏଥର ବୃଦ୍ଧି ପାଉଥିବା ମୂଲ୍ୟ ସତ୍ତ୍ୱେ କାରବାରରେ ବେଶ ଭଲ ଆଶା ରଖିଛନ୍ତି ବ୍ୟବସାୟୀ।

କନଫେଡେରେସନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (କ୍ୟାଟ୍) ଅନୁଯାୟୀ, ଗତ ବର୍ଷ ପ୍ରତି ୧୦ ଗ୍ରାମ ସୁନା(୨୪ କ୍ୟାରେଟ୍) ପ୍ରାୟ ୧ ଲକ୍ଷ ଟଙ୍କା ରହିଥିଲା, ଯାହା ଚଳିତ ବର୍ଷ ପ୍ରତି ୧୦ ଗ୍ରାମ ୧.୫୮ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି। ଅପରପକ୍ଷେ ରୁପା ଗତ ବର୍ଷ କିଲୋ ପିଛା ୮୫,୦୦୦ ଟଙ୍କା ରହିଥିଲା, ଯାହା ଚଳିତ ବର୍ଷ ୨.୫୫ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି। କ୍ୟାଟ୍ ଅନୁଯାୟୀ ଅକ୍ଷୟ ତୃତୀୟାରେ ସୁନା କିଣିବା ଏକ ପରମ୍ପରା ରହିଆସିଛି, କିନ୍ତୁ ଉଚ୍ଚ ମୂଲ୍ୟ ଗ୍ରାହକଙ୍କ ଏ ନେଇ ମନୋଭାବରେ ପରିବର୍ତ୍ତନ ଆଣିଛି। ଲୋକମାନେ ବର୍ତ୍ତମାନ ହାଲୁକା ଅଳଙ୍କାର, ରୁପା ଅଳଙ୍କାର, ହୀରା ଅଳଙ୍କାର ଏବଂ ଛୋଟ ସୁନା କଏନ୍ କିଣିବାକୁ ଆଗ୍ରହ ଦେଖାଉଛନ୍ତି। କ୍ୟାଟ୍ ଅନୁଯାୟୀ, ଯଦିଓ ଆକାଶଛୁଆଁ ମୂଲ୍ୟ ଭାରତରେ ସୁନା ଏବଂ ରୁପା କିଣା ପଦ୍ଧତିରେ ପରିବର୍ତ୍ତନ ଆଣିଛି, ତଥାପି ଅକ୍ଷୟ ତୃତୀୟାରେ ମୂଲ୍ୟବାନ ଧାତୁର ରେକର୍ଡ ବିକ୍ରି ହେବାର ଆଶା କରାଯାଉଛି। ଏଥିରେ ପ୍ରାୟ ୨୦,୦୦୦ କୋଟିରୁ ଅଧିକ ମୂଲ୍ୟର କାରବାର ହେବା ଆକଳନ କରାଯାଇଛି। କ୍ୟାଟ୍‌ମତରେ ଚାହିଦାରେ ହ୍ରାସ କରିବା ପରିବର୍ତ୍ତେ, ଗ୍ରାହକମାନେ 'ଅଧିକ ଚିନ୍ତାଶୀଳ ଏବଂ ମୂଲ୍ୟ-ଭିତ୍ତିକ କ୍ରୟ' ଆଡକୁ ମୁହାଁଉଛନ୍ତି। କ୍ୟାଟ୍‌ର ଜାତୀୟ ସଭାପତି ବିସି ଭରତିଆ କହିଛନ୍ତି, ରୁପା ଏବଂ ହୀରା ଉତ୍ପାଦ ଉପରେ ଅଧିକ ଧ୍ୟାନ ଦେବା ସହିତ ହାଲୁକା, ପିନ୍ଧିବା ଯୋଗ୍ୟ ଅଳଙ୍କାର ପ୍ରତି ଏକ ସ୍ପଷ୍ଟ ଧାରା ରହିଛି। କମ୍ ଗଢ଼ା ମଜୁରୀ ଏବଂ ମାଗଣା ସ୍ୱର୍ଣ୍ଣ ମୁଦ୍ରା ଭଳି ଆକର୍ଷଣୀୟ ପ୍ରୋତ୍ସାହନ ଗ୍ରାହକମାନଙ୍କୁ କିଣିବା ଲାଗି ଆକର୍ଷିତ କରୁଛି। ଡିଜିଟାଲ୍ ସୁନା, ସାର୍ବଭୌମ ସୁନା ବଣ୍ଡ ଏବଂ ସୁନା ଇଟିଏଫ୍ ଭଳି ବିକଳ୍ପଗୁଡ଼ିକ ପ୍ରତି ମଧ୍ୟ ଗ୍ରାହକଙ୍କର ଏକ ସ୍ପଷ୍ଟ ଧାରା ରହିଛି, ଯାହା ମୂଲ୍ୟ ହ୍ରାସ ମଧ୍ୟରେ ଲିକ୍ୟୁଡିଟି, ସୁରକ୍ଷା ଏବଂ ନମନୀୟତା ପ୍ରଦାନ କରେ।

### ୧୧ ଜିଲ୍ଲାରେ...

ସ୍କୁଲ ଛୁଟି ଲାଗି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାର ସମସ୍ତ ସରକାରୀ ଏବଂ ବେସରକାରୀ ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ଗୁଡିକ ଆସନ୍ତାକାଲିଠାରୁ ଘ୬. ୩୦ମି ଠାରୁ ସକାଳ ୯ ଘଟିକା ପର୍ଯ୍ୟନ୍ତ ଚାଲିବ ବୋଲି ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାର ପାଣିପାଗ ପରିସ୍ଥିତିକୁ ନିରନ୍ତର ନଜରରେ ରଖିଛନ୍ତି ଏବଂ ଜିଲ୍ଲା ପ୍ରଶାସନର ରିପୋର୍ଟ ଅନୁସାରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

**AFFIDAVIT**

By virtue of an affidavit before the Notary Public, Nuapada, dt.09.03.2026, I, Nilam Debi Bhoi, W/o Subas Sabar, Vill: Bhanpur, PS: Komna, Dist: Nuapada hereby declare that my name is wrongly recorded as Niklam Sabar in my Aadhaar Card. My correct name is Nilam Debi Bhoi. Henceforth, I shall be known as **Nilam Debi Bhoi** for all purposes.

Sd/- Nilam Debi Bhoi

34001/67/2627
OFFICE OF THE SUPERINTENDING ENGINEER
DHENKANAL (R&B) DIVISION, DHENKANAL
Email – eedklpwd@gmail.com
INVITATION FOR BIDS THROUGH e-Procurement
Bid Identification No. SE DKL (R&B). 02/ 2026-27
Invitation for Bids

| | | | |
|---|---|---|---|
| 1. | The Superintending Engineer Dhenkanal (R&B) Division, Dhenkanal, on behalf of Governor of Odisha, invites percentage rate bids in single cover system in ONLINE MODE only, for Construction of Building work as detailed below. | | |
| 2. | Nature of work | : | 2 Nos Civil works |
| 3. | No. of work | : | 02 Nos. |
| 4. | Bid Cost. | : | ₹ 6,000/- |
| 5. | Class of Contractor | : | "B', 'C' & "D" License |
| 6. | Availability of Bid Documents in the website | : | From 10.00 AM of 22.04.2026 to 5.00 PM of 07.05.2026 |
| 7. | Date of Opening of Bid | : | Dt. 08.05.2026 at 11:00 AM. |
| 8. | The Bidders have to participate in ONLINE bidding only. Further details can be seen from the website :https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

Superintending Engineer
Dhenkanal (R&B) Division
OIPR-34001/34016/1/26-27/0002

4001/26/2627
ODISHA HYDRO POWER CORPORATION LIMITED
BALIMELA HYDRO ELECTRIC PROJECT; POST: BALIMELA; DIST: MALKANGIRI (ODISHA); PIN: 764051
Phones: 06861-232581 (O)/232641 (R); FAX: 06861-232541; E-Mail: unit.head_balimela@yahoo.com
REGD. OFFICE: ODISHA HYDRO POWER CORPORATION LIMITED
(A Govt. of Odisha Undertaking)
BHOI NAGAR, JANAPATH, BHUBANESWAR – 751022
Tel: 91-0674-2542983, 2542802, 2545526; Fax: 2542102
E-MAIL: ohpc.com@gmail.com / md@ohpcltd.com
CIN: U40101OR1995SGC003963, GSTIN-21AAACO2575P1Z9

TENDER CALL NOTICE No. BHEP/TECH/02/2026-27 Dtd. 15.04.2026

The sealed tenders are invited in single part bid basis from the Manufacturer / Reputed Suppliers / Authorized Dealers for supply of materials as detailed below.

| Sl. No | Description of Items | Cost of Tender Paper |
|---|---|---|
| 1 | Supply, Erection & Commissioning of Shaft Seal Sediment Filter System (15,000 LPH) for BHEP, Balimela | Rs. 7080/- (Inclusive of GST @ 18%) |

The Sale of Tender Paper Will be from:18.04.2026 to 30.04.2026 (up to 10:30 hrs)
The Last Date of Receipt of Tenders : Up to 11:00 hrs on 30.04.2026
Date & Time of Opening of Bid : 30.04.2026 at 11:30 hrs
For details of tender documents Terms and conditions Eligibility criteria and downloading please visit our website at www.ohpcltd.com

C&P HEAD
BHEP, Balimela
OIPR-4001/4019/1/26-27/0003

### ପାକାଲାଡାହିରେ ପାନୀୟଜଳ ସମସ୍ୟା ଉତ୍କଟ

# ଝରଣା ଓ ଚୁଆ ପାଣି ହିଁ ଭରସା

ଶରତ,୧୯।୪(ସମିସ):

କପ୍ତିପଦା ବ୍ଲକ ଅନ୍ତର୍ଗତ ମଝିଗୋଡିଆ ପଞ୍ଚାୟତ ମହୁଲପଙ୍ଖା ରାଜସ୍ୱ ଗ୍ରାମର ପାକାଲାଡାହିରେ ପାନୀୟଜଳ ସମସ୍ୟା ରହିଛି। କପ୍ତିପଦା ବ୍ଲକ କାର୍ଯ୍ୟାଳୟଠାରୁ ଏହି ଉପାନ୍ତ ପାକାଲାଡାହି ଗ୍ରାମ ପ୍ରାୟ ୧୭ କିଲୋମିଟର ଦୂରତାରେ ଅବସ୍ଥିତ। ଉକ୍ତ ଗ୍ରାମରେ ବାସ କରନ୍ତି ୪୦ରୁ ଅଧିକ ହୋ' ଆଦିବାସୀ ପରିବାର। ଏହି ପାକାଲାଡାହି ପଞ୍ଚାୟତର ୮ ନମ୍ବର ୱାର୍ଡରେ ଅବସ୍ଥିତ ରହିଛି। ଗ୍ରାମରେ ଆଜି ପର୍ଯ୍ୟନ୍ତ ଖୋଳାଯାଇନାହିଁ ଗୋଟିଏ ମଧ୍ୟ ନଳକୂପ। ଗ୍ରାମବାସୀ ଦାରିଦ୍ର୍ୟ ସୀମାରେଖା ତଳେ ଜୀବନଯାପନ କରୁଥିବାବେଳେ ପାନୀୟଜଳ କଷ୍ଟ ସେମାନଙ୍କ ଜୀବନକୁ ଆହୁରି ଦୁର୍ବିସହ କରୁଛି ବୋଲି ଗ୍ରାମର ତୁଳସୀ ହେମ୍ବ୍ରମ, ଦୁର୍ଗା ହେମ୍ବ୍ରମ, ବୁଧୁନୀ ହେମ୍ବ୍ରମ, ମୁକ୍ତା ହେମ୍ବ୍ରମ ପ୍ରମୁଖ କୋହଭରା କଣ୍ଠରେ କହିଛନ୍ତି।



ବର୍ଷାଦିନେ ବିଲ ଓ ଝରଣା ପାଣି, ଖରାଦିନେ ଗ୍ରାମ ପାଖରୁ ଦେଢ କିଲୋମିଟର ଦୂରରେ ଗ୍ରାମବାସୀଙ୍କ ଦ୍ୱାରା ଖୋଳାଯାଇଥିବା ଚୁଆରୁ ଅତ୍ୟନ୍ତ ଦୟନୀୟ ଭାବେ ପାଣି ସଂଗ୍ରହ କରୁଥିବା ଭଳି ଦୃଶ୍ୟ ଦେଖିବାକୁ ମିଳୁଛି। ଦେଶ ସ୍ୱାଧୀନତାର ୭ ଦଶନ୍ଧି ଅତିକ୍ରମ କରିଥିଲେ ସୁଦ୍ଧା ଏହି ପାକାଲାଡାହି ଗ୍ରାମ ଆଜି ମଧ୍ୟ ପ୍ରଶାସନର ନଜର ଆଢୁଆଳରେ ରହିଯାଇଛି। ସରକାର ଘରକୁ ଘର ବିଶୁଦ୍ଧ ପାନୀୟଜଳ ଯୋଗାଣ କରୁଥିବା ଡିଣ୍ଡିମ ପିଟୁଥିବାବେଳେ ଏହି ଗ୍ରାମବାସୀଙ୍କୁ ପାନୀୟଜଳ ପ୍ରାପ୍ତି ଭଳି ମୌଳିକ ସୁବିଧାରୁ ବଞ୍ଚିତ କରାଯିବା ଦୁର୍ଭାଗ୍ୟଜନକ। ଏଥିସହ ଗ୍ରାମବାସୀ ଗମନାଗମନ ଭଳି ସର୍ବନିମ୍ନ ମୌଳିକ ସୁବିଧାରୁ ମଧ୍ୟ ବଞ୍ଚିତ ଅଛନ୍ତି। ଏଠାକାର ବାସିନ୍ଦା ଶାଳପତ୍ର ସଂଗ୍ରହ କରି ସିଲାଇ କରି ବିକିବା ପରେ ସଂସାର ଚଳେ। ଏମାନେ ମହୁଲ ଫୁଲ ବିକ୍ରି କଲେ ସେମାନଙ୍କର ସଂସାର ଚଲୁଛି। ଗ୍ରାମବାସୀ ଆଜି ବି ବିକାଶର ସୂର୍ଯ୍ୟାଲୋକକୁ ଅପେକ୍ଷା କରିଛନ୍ତି। ପାକାଲାଡାହି ଗ୍ରାମର ଉତ୍କଟ ପାନୀୟଜଳ ସମସ୍ୟାର ସ୍ଥିତି ଅନୁଧ୍ୟାନ କରିବା ନିମନ୍ତେ ଉଭୟ କପ୍ତିପଦା ବ୍ଲକ ପ୍ରଶାସନ ଓ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତାଙ୍କ ଗ୍ରାମକୁ ଆସନ୍ତୁ ବୋଲି ମଝିଗୋଡିଆ ପଞ୍ଚାୟତର ଯୁବ ସମାଜସେବିକା ବେଲମଣି ତିୟୁ ପ୍ରଶାସନକୁ ଆକୁଳ ନିବେଦନ କରୁଛନ୍ତି। ସମସ୍ୟା ସମ୍ପର୍କରେ ସେ ଜିଲ୍ଲାପାଳଙ୍କୁ ଲିଖିତ ନିବେଦନ କରିବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ଦିବ୍ୟାଙ୍ଗ ଦମ୍ପତି ଭତ୍ତାରୁ ବଞ୍ଚିତ



**ଶରତ,୧୯।୪(ସମିସ):** ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ପଦ୍ମପୋଖରୀ ପଞ୍ଚାୟତର ଏକ ଦମ୍ପତି ସରକାରଙ୍କ ସାମାଜିକ କଲ୍ୟାଣ ଯୋଜନାର ଦିବ୍ୟାଙ୍ଗ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଜିଙ୍ଗୀ ପୂର୍ତ୍ତି(୨୩) ଜନ୍ମରୁ ଦିବ୍ୟାଙ୍ଗ। ସେ ୨୦୧୦ରୁ ହିଁ ଦିବ୍ୟାଙ୍ଗ ସାର୍ଟିଫିକେଟ ପାଇଥିଲେ ହେଁ ଭତ୍ତା ପାଇବାରୁ ବଞ୍ଚିତ ଥିବା ଜଣାପଡ଼ିଛି। ତାଙ୍କର ଦିବ୍ୟାଙ୍ଗ ସାର୍ଟିଫିକେଟରେ ସେ ୪୦ ପ୍ରତିଶତ ଦିବ୍ୟାଙ୍ଗ ଥିବା ଉଲ୍ଲେଖ ରହିଛି। ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ନିୟମ ଅନୁସାରେ ଯେକୌଣସି ବ୍ୟକ୍ତି ୪୦ ପ୍ରତିଶତ ଦିବ୍ୟାଙ୍ଗ ଚିହ୍ନଟ ହେଉଥିଲେ ସେମାନଙ୍କୁ ଦିବ୍ୟାଙ୍ଗ ଭତ୍ତା ପ୍ରଦାନ କରାଯିବାର ପ୍ରାବଧାନ ରହିଥିଲେ ହେଁ ତାଙ୍କୁ ଏହି ସୁବିଧା ପାଇବାରୁ ବଞ୍ଚିତ କରାଯିବା ଦୁର୍ଭାଗ୍ୟଜନକ ବୋଲି କୁହାଯାଉଛି।

ଜିଙ୍ଗୀ ପୂର୍ତ୍ତି ଗୋରା ଗାଗାରାଇଙ୍କୁ ବିବାହ କରିଛନ୍ତି। ତାଙ୍କ ସ୍ୱାମୀ ଗୋରା ଗାଗାରାଇ ମଧ୍ୟ ଆଜିକୁ ୪ ବର୍ଷ ତଳେ ଏକ ଦୁର୍ଘଟଣାରେ ଆହତ ହୋଇ ଦିବ୍ୟାଙ୍ଗ ହୋଇଛନ୍ତି। ତେବେ ଉଭୟଙ୍କୁ ଦିବ୍ୟାଙ୍ଗ ଭତ୍ତା ପ୍ରଦାନ କରାଯିବା ପାଇଁ ପଦ୍ମପୋଖରୀ ପଞ୍ଚାୟତର ଯୁବ ସମାଜସେବୀ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନକୁ ନିବେଦନ କରିଛନ୍ତି। ଉକ୍ତ ଦମ୍ପତି ସରକାରଙ୍କ ଆବାସ ଯୋଜନାରେ ଘର ଖଣ୍ଡେ ପାଇବାରୁ ବଞ୍ଚିତ ହୋଇ ଏକ ଚାଳ ଛପର ଘରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ କାଳାତିପାତ କରୁଥିବା ଦେଖାଯାଇଛି।

## ସିବିଏସ୍ଇ ଦଶମ ପରୀକ୍ଷାରେ ଜୁଆଳିଆ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସଫଳତା



**ଗୋପବନ୍ଧୁନଗର/ଉଦଳା,୧୯।୪(ସମିସ):** ଉଦଳା ବ୍ଲକ୍ ଜୁଆଳିଆସ୍ଥ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ଚଳିତ ବର୍ଷ ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ କୃତିତ୍ୱ ହାସଲ କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ବିଦ୍ୟାଳୟର ଛାତ୍ରୀ ଅଲିଭା ମହାନ୍ତି ୯୫.୬ ପ୍ରତିଶତ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସ୍ୱୟମ ମହାପାତ୍ର ୯୪.୪ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ବିଦୁଶ୍ମାନ ବେହେରା ୯୩.୪ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

## ଖୃଟିଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ କୃତିତ୍ୱ



**ଶୁକୁଳି, ୧୯।୪(ସମିସ):** ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ଖୃଟିଂ ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ କୃତିତ୍ୱ ହାସଲ କରିଛନ୍ତି। ୭୨ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୫ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଥମ ୧୦ ଜଣ ବିଷ୍ଣୁପ୍ରିୟା ବାରିକ ୯୪ ପ୍ରତିଶତ ନମ୍ବର ରଖି ପ୍ରଥମ ହୋଇଥିବାବେଳେ କେ ପି ସୁମନ ଧୀର ୮୯ ପ୍ରତିଶତ ସହ ଦ୍ୱିତୀୟ, ଇତିଶ୍ରୀ ସାହୁ ୮୮ ପ୍ରତିଶତ ତୃତୀୟ, ଗୁରୁପ୍ରସାଦ ସାହୁ ୮୬ ପ୍ରତିଶତ ସହ ଚତୁର୍ଥ, ଆଦ୍ୟାଶା ମହାକୁଡ଼ ୮୫ ପ୍ରତିଶତ ସହ ପଞ୍ଚମ, ପିୟୁଷ ପଣ୍ଡା ୮୨ ପ୍ରତିଶତ ସହ ଷଷ୍ଠ, ମାନିନୀ ପ୍ରଧାନ ୮୨ ପ୍ରତିଶତ ସହ ସପ୍ତମ, ଡେଜିନା ପ୍ରିୟଦର୍ଶିନୀ ସାହୁ ୮୧ ପ୍ରତିଶତ ସହ ଅଷ୍ଟମ, ଆୟୁଷ ଗିରି ୮୦ ପ୍ରତିଶତ ସହ ନବମ ଓ ଶିବନାରାୟଣ ଚନ୍ଦ୍ରକାନ୍ତ ନାଏକ ୮୦ ପ୍ରତିଶତ ନମ୍ବର ରଖି ଦଶମ ସ୍ଥାନ ଲାଭ କରିଛନ୍ତି। ବିଦ୍ୟାଳୟର ଅଧକ୍ଷା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

## ଦ୍ରୌପଦୀ ମହାନ୍ତି ମେଧାବୃତ୍ତି ପ୍ରଦାନ



**କପ୍ତିପଦା,୧୯।୪(ସମିସ):** ଶିକ୍ଷୟିତ୍ରୀ ଦ୍ରୌପଦୀ ମହାନ୍ତିଙ୍କ ସ୍ମୃତିରେ ଏ ବର୍ଷ ବୃତ୍ତି ପ୍ରଦାନ ଉତ୍ସବ ବଡ଼ଖଲାଡି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି କମିଟି ସଭ୍ୟଙ୍କ ଉପସ୍ଥିତିରେ ପ୍ରଥମରୁ ପଞ୍ଚମ ଶ୍ରେଣୀର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅର୍ଥ ଓ ଉପହାର ପ୍ରଦାନ କରାଯାଇଛି। ଛାତ୍ର ସଂସଦ ସମ୍ପାଦକ ସତୀଶ ବେହେରା, ଶିକ୍ଷକ ଭୀମସେନ ସାହୁ, ଅଞ୍ଜନ ନାୟକ, ସୁଭାଷ କୁମାର ଶଙ୍ଖୁଆ, ଲାଙ୍ଗ ସୋରେନ, ଆଶିଷ ମଲ୍ଲିକ ଓ ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ନାୟକ, ଶିକ୍ଷକ ନିଧିରାମ ଜେନା ଓ ବିଦ୍ୟାଳୟର ଚେୟାରମ୍ୟାନ ଜିତେନ୍ଦ୍ର ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ।

### ● ଗୋରୁମହିଷାଣୀ ବଜାରରେ ନାହିଁ ଶୌଚାଳୟ

## ବ୍ୟବସାୟୀ, ଗ୍ରାହକ ଅସୁବିଧାର ସମ୍ମୁଖୀନ

ଗୋରୁମହିଷାଣୀ, ୧୯।୪(ସମିସ): ଜିଲ୍ଲା, ରାଜ୍ୟ ଓ ଦେଶର ଏକ ଐତିହାସିକ ସ୍ଥାନ ଗୋରୁମହିଷାଣୀ। ଗୋରୁମହିଷାଣୀ ଲୌହ ଖଣି ଦକ୍ଷିଣ ଏସିଆର ସର୍ବପ୍ରଥମ ଲୌହ ଖଣି। ତତ୍‌ସହିତ ଟାଟା କମ୍ପାନୀର ମାତୃ ଖଣି ଭାବେ ପରିଚିତ ଅଟେ। ଗୋରୁମହିଷାଣୀଠାରେ ଥାନା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ରେଲୱେ ଷ୍ଟେସନ, ପୋଷ୍ଟ ଅଫିସ, ମାଧ୍ୟମିକ ଓ ଉଚ୍ଚବିଦ୍ୟାଳୟ, ସିଟି ସ୍କୁଲ୍ କଲେଜ, ଆର୍‌ଆଇ ଅଫିସ, ପଞ୍ଚାୟତ ଅଫିସ୍ ଆଦି ଏଠାରେ ରହିଛି। ଏଥିସହିତ ମଙ୍ଗଳବାର ଏଠାରେ ହାଟ ବସିଥାଏ। ଏହି ପଞ୍ଚାୟତର ରାଜସ୍ୱ ଆଦାୟ ମଧ୍ୟ ରାଇରଙ୍ଗପୁର ବ୍ଲକର ସର୍ବାଧିକ ଅଟେ। କିନ୍ତୁ ଦୁଃଖର ବିଷୟ ଗୋରୁମହିଷାଣୀ ବଜାରରେ ଶୌଚାଳୟ ନିର୍ମାଣ ହୋଇପାରିନାହିଁ। ଲୋକେ ବିଭିନ୍ନ କାମ ପାଇଁ ଶହ ଶହ ସଂଖ୍ୟାରେ ଗୋରୁମହିଷାଣୀକୁ ପ୍ରତ୍ୟେକ ଦିନ ଆସିଥା'ନ୍ତି। ଶୌଚାଳୟ ନଥିବାରୁ ବ୍ୟବସାୟୀ, ଗ୍ରାହକ ଓ ସାଧାରଣ ଲୋକ ଏଣେତେଣେ ଝାଡ଼ା ପରିସ୍ରା କରିବାକୁ ବାଧ୍ୟ ହେଉଛନ୍ତି। କିଏ ରାସ୍ତା କଡ଼ରେ ତ କିଏ ଦୋକାନ ଆଢୁଆଳରେ କରିଥା'ନ୍ତି। ସବୁଠୁ ଅଧିକ ଅସୁବିଧାରେ ସମ୍ମୁଖୀନ ହୋଇଥା'ନ୍ତି ସକାଳେ ବସ୍ ଯୋଗେ ଆସିଥିବା ଯାତ୍ରୀ। ଏହାକୁ ଦୃଷ୍ଟିରେ ଗୋରୁମହିଷାଣୀଠାରେ ଏକ ଶୌଚାଳୟ ନିର୍ମାଣ ନିମନ୍ତେ ଜନସାଧାରଣ ଦାବି କରୁଛନ୍ତି।

## କୁସୁମାଶୋଳର ବାଆ ବୋଙ୍ଗା ପର୍ବ ଓ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

**ଶୁଳିଆପଦା/କୁଳିଅଣା,୧୯।୪(ସମିସ):** ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ ଅନ୍ତର୍ଗତ କୁସୁମାଶୋଳ ଗ୍ରାମରେ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଜନଜାତିର ଜନନାୟକ ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଥିବାବେଳେ ବାଆ ବୋଙ୍ଗା ପର୍ବ



ଡାହି ଦିସୁମ ରେଆ ସେନଗେ ସୁସୁନ ଓ ରାମସିଂ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଭାରତ ମୁଣ୍ଡା ସମାଜ ସଭାପତି ରବୀନ୍ଦ୍ର ନାଥ ସିଂ, ମୁଣ୍ଡା ଶାସନ ଗୁଟଗାମ ସଭାପତି ମନରଞ୍ଜନ ସିଂ, ଭାଷା ସମନ୍ୱୟ କମିଟିର କେନ୍ଦ୍ରୀୟ ଆବାହକ ବୀରବଲ ସିଂ, ସମାଜସେବୀ ସୁନ୍ଦର ମୋହନ ସିଂ, ବଡ଼ସାହି ବ୍ଲକ୍ କେଂଭେନାର ବୈଦନାଥ ସିଂ, ଝଲିଆମରା ପଞ୍ଚାୟତର ସରପଞ୍ଚ ସୁନୀଲ ଟୁଡୁ ଅତିଥି, ୨୨ନଂ ଜିଲ୍ଲା ପରିଷଦର ଦଶରଥି ସିଂ, ସମ୍ମାନିତ ଅତିଥି ଭାବେ ଭାରତ ମୁଣ୍ଡା ସମାଜର ଯୁବ ସଭାପତି ସବରନ ସିଂ, ଦୁର୍ଗା ସିଂପାହାନ, କର୍ମା ସିଂପାହାନ, ସୁରେନ୍ଦ୍ର ସିଂ ଯୋଗଦେଇ ବିର୍ସା ମୁଣ୍ଡା ଓ ବାଆ ବୋଙ୍ଗା ପର୍ବ ଉପରେ ଆଲୋକପାତ କରିଥିଲେ। ତତସହିତ ଓଡ଼ିଶା, ବେଙ୍ଗଲ, ଝାଡ଼ଖଣ୍ଡରୁ ମୁଣ୍ଡା ସମ୍ପ୍ରଦାୟର ଲୋକ ସମାଗମ ହୋଇଥିଲେ। ଏହି ଉତ୍ସବରେ ଚାରଟି ମୁଣ୍ଡାରି କରମ ଯାଦୁର ନୃତ୍ୟ ଦଳ ସରଗଛିଡା, କାଖରୁସଳ, ନିମାଇଡ଼ିହି, ଝିନେଇ ଅଂଶଗ୍ରହଣ କରିଥିଲେ।

ମୁଣ୍ଡା ସମାଜକୁ ଏକତ୍ରିତ କରିବା ଓ ମୁଣ୍ଡାରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ କରିବା ପାଇଁ ଗୁରୁତ୍ୱ ଦିଆଯାଇଥିବାବେଳେ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ମୁଣ୍ଡା ଶାସନ ଗୁଟଗମର ସଭାପତି ମନୋରଞ୍ଜନ ସିଂ ଦାବିପତ୍ର ପ୍ରଦାନ କରିଥିଲେ। ମୁଣ୍ଡା ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ କରାଯିବା, ମୁଣ୍ଡା ଭାଷାକୁ ଓଡ଼ିଶାର ଦ୍ୱିତୀୟ ରାଜ୍ୟ ଭାଷା ମାନ୍ୟତା ଦିଆଯିବା, ମୁଣ୍ଡାରୀ ଶିକ୍ଷକଙ୍କୁ ନିଯୁକ୍ତି, ପ୍ରାଥମିକ ସ୍ତରରେ ମୁଣ୍ଡାରୀ ଭାଷା ଶିକ୍ଷା ପ୍ରଦାନ, ମୁଣ୍ଡା ଶାସନ ବ୍ୟବସ୍ଥାର ପଦାଧିକାରୀଙ୍କୁ ଭତ୍ତା ପ୍ରଦାନ, ମୁଣ୍ଡା ସମ୍ପ୍ରଦାୟର କଳାକାରଙ୍କୁ ଭତ୍ତା ପ୍ରଦାନ, ମୁଣ୍ଡାରୀ ବାଣୀ ଲିପିର ପ୍ରଚାର ପ୍ରସାର ନିମନ୍ତେ ସ୍ୱତନ୍ତ୍ର ପାଣ୍ଠି ଯୋଗାଇ ଦିଆଯିବା, ମୁଣ୍ଡାରୀ ବାଣୀ ଲିପିର ସ୍ରଷ୍ଟା ଓ ମୁଣ୍ଡା ସମ୍ପ୍ରଦାୟର ବରପୁତ୍ର ରାଇଦାସ ସିଂ ନାଗଙ୍କ ଜନ୍ମ ସ୍ଥାନ ଚାନ୍ଦୁଆ ବ୍ଲକ କୁଳିଅଣାକୁ ବରପୁତ୍ର ଯୋଜନାରେ ସାମିଲ କରାଯିବା ଆଦି ଦାବି କରାଯାଇଛି। ବାଆ ବୋଙ୍ଗା ପର୍ବ କମିଟି ଦେହୁରୀ ଜଟରାମ ସିଂ, ଦୋଳଗୋବିନ୍ଦ ସିଂ, ପବନ ସିଂ, ରଞ୍ଜିତ ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସାଇଡ୍ ମାଗିବାରୁ ବାଇକ୍ ଚାଳକଙ୍କୁ ମାଡ଼

**କୁଆମରା,୧୯।୪(ସମିସ):** କୁଆମରା-ରେମୁଣା ରାସ୍ତାର ଗୋପବନ୍ଧୁନଗର ବ୍ଲକ ହରିବଂଶ ସାହିଠାରେ ଜଣେ ବାଇକ୍ ଚାଳକ ଅନ୍ୟଜଣେ ଯୁବକଙ୍କୁ ସାଇଡ ମାଗିବାରୁ ଯୁବକ ଜଣକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ନେଇ କୁଆମରା ଫାଣ୍ଡିରେ ଅଭିଯୋଗ ହୋଇଛି। କୁଆମରା ଫାଣ୍ଡି ଅଧୀନ ଖିରିପଦା ଗ୍ରାମର ସନ୍ତୋଷ ଦାସ ଶୁକ୍ରବାର ସକାଳେ କୌଣସି କାମରେ ରେମୁଣା ଯାଉଥିବାବେଳେ ହରିବଂଶ ସାହିଠାରେ ରାସ୍ତାର ଗୋଟିଏ ପାର୍ଶ୍ୱରେ ୪ଚକିଆ ଯାନ ଛିଡ଼ା ହୋଇଥିବାବେଳେ ଅନ୍ୟ ପାର୍ଶ୍ୱରେ ଆରପଟା ଗ୍ରାମର ସୋନା ଦଳେଇ ନାମକ ଜଣେ ଯୁବକ ଛିଡ଼ା ହୋଇ କଥା ହେଉଥିଲେ। ତେବେ ସନ୍ତୋଷ ରାସ୍ତା ଅତିକ୍ରମ ପାଇଁ ସାଇଡ ମାଗିବାରୁ ସୋନା ଉତ୍ତ୍ୟକ୍ତ ହୋଇ ଗାଳିଗୁଲଜ କରିଥିଲେ। ଉଭୟଙ୍କ ମଧ୍ୟରେ ବଚସା ହେବାରୁ ସୋନା ମାଡ଼ ମାରିଥିଲେ ଓ ସନ୍ତୋଷଙ୍କ ମୁଣ୍ଡ ଫାଟିଥିଲା। ସେ ଗୁରୁତର ହୋଇ ପଡ଼ିଥିଲେ। ପ୍ରାଥମିକ ଚିକିତ୍ସା ପରେ କୁଆମରା ଫାଣ୍ଡିରେ ସନ୍ତୋଷଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି କହିଛନ୍ତି।

## ମଣ୍ଡଳଝରୀ, ଚିରୁପଦା ଓ ବାଲିପୋଷୀରେ ମୋବାଇଲ ନେଟୱାର୍କ ସାତସପନ



**ଶରତ,୧୯।୪(ସମିସ):** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ୍ ଅନ୍ତର୍ଗତ କେଶଡିହା ପଞ୍ଚାୟତର ମଣ୍ଡଳଝରୀ, ଚିରୁପଦା ଓ ବାଲିପୋଷୀ ଗ୍ରାମରେ ଆଜି ବି ମୋବାଇଲ ନେଟୱାର୍କ ସାତସପନ ହୋଇ ରହିଛି। ମଣ୍ଡଳଝରୀ ଗ୍ରାମରେ ପ୍ରାୟ ୨୦୦ ଶହ ପରିବାର, ଚିରୁପଦା ଗ୍ରାମରେ ୪୦୦ ପରିବାର ଓ ବଡ଼ବାଲିପୋଷୀ ଗ୍ରାମରେ ୪୫୦ରୁ ଅଧିକ ପରିବାର ବସବାସ କରୁଥିବାବେଳେ ଏହି ଗ୍ରାମମାନଙ୍କରେ ଆଜି ବି ମୋବାଇଲ ନେଟୱର୍କର ସମସ୍ୟା ରହିଛି। ଏ ନେଇ କେଶଡିହା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବର୍ତ୍ତମାନର ମହୁଲଡିହା ବିଜେପି ମଣ୍ଡଳ ସଭାପତି ରଘୁନାଥ ନାୟକ କହିଛନ୍ତି, ଗ୍ରାମର ମୋବାଇଲ ନେଟୱର୍କ ସମସ୍ୟା ସମ୍ପର୍କରେ ସେ ଆଗାମୀ ଦୁଇ ସପ୍ତାହ ମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଭେଟି ଆଲୋଚନା କରିବା ସହିତ ଦାବିପତ୍ର ପ୍ରଦାନ କରିବେ ବୋଲି କହିଛନ୍ତି।

ଠାକୁରମୁଣ୍ଡା ବ୍ଲକର ଏହି ଉପରୋକ୍ତ ଗ୍ରାମ ଶିମିଳିପାଳ ପାଦଦେଶରେ ଅବସ୍ଥିତ। ଅଞ୍ଚଳର ଜନସାଧାରଣ ଓ ଛାତ୍ରଛାତ୍ରୀ ମୋବାଇଲ ନେଟୱର୍କ ସମସ୍ୟା ରହିଥିବାରୁ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ଅଞ୍ଚଳର ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଜିଲ୍ଲା ପ୍ରଶାସନ ଗ୍ରାମରେ ନେଟୱାର୍କ ବସାଇବା ପାଇଁ ନିବେଦନ କରୁଛନ୍ତି। ରୋଟାରୀୟାନ ପ୍ରଦୀପ ନାୟକ ଧନ୍ୟବାଦ ଦେଇଥିଲେ।

## ଠାକୁରମୁଣ୍ଡାରେ କୁଡୁମି ଭବନର ଶିଳାନ୍ୟାସ



**ମହୁଲଡିହା,୧୯।୪(ସମିସ):** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକର ଠାକୁରମୁଣ୍ଡା-ଆନନ୍ଦପୁର ୫୩ନଂ ରାଜ୍ୟ ରାଜପଥ ପାର୍ଶ୍ୱରେ ଶନିବାର ଦିନ କୁଡୁମି ଭବନର ଶିଳାନ୍ୟାସ କରାଯାଇଛି। କାର୍ଯ୍ୟାଦେଶ ପାଇଥିବା ଠିକାଦାର ବିମଳ ସେନାପତି ସ୍ଥାନୀୟ କୁଡୁମି କାର୍ଯ୍ୟକର୍ତ୍ତାଙ୍କ ଗହଣରେ ସହକାରୀ ଯନ୍ତ୍ରୀ ସୁଭ୍ରା ସ୍ୱାଇଁ ସ୍ଥାନ ଚିହ୍ନଟ କରିଥିଲେ। ଭିତ୍ତିଭୂମି ଚିହ୍ନଟ ପରେ ଶିଳାନ୍ୟାସ ଉତ୍ସବରେ ଉପାଧକ୍ଷ ସନ୍ତୋଷ ମହାନ୍ତ, ଉପେନ୍ଦ୍ର ମହାନ୍ତ, ଡମ୍ବରୁଧର ମହାନ୍ତ, ବୁଧୁରାମ ମହାନ୍ତ, ନକୁଳ ମହାନ୍ତ, ଭରତ ମହାନ୍ତ, ରାମେଶ୍ୱର ମହାନ୍ତ, ସହଦେବ ମହାନ୍ତ, ଯୁଧିଷ୍ଠିର ମହାନ୍ତ, ଭାଗୀରଥି ମହାନ୍ତ, ରାଧାଶ୍ୟାମ ମହାନ୍ତ, ଦଧିରାମ ମହାନ୍ତ, ଭଗବାନ ମହାନ୍ତ, ଗଣେଶ୍ୱର ମହାନ୍ତ, ଅକ୍ଷୟ ମହାନ୍ତ, ପୁରୁଷୋତ୍ତମ ମହାନ୍ତ, ଲକ୍ଷ୍ମଣ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ପ୍ରଫୁଲ୍ଲ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

ଦୀର୍ଘଦିନରୁ ଠାକୁରମୁଣ୍ଡା ଅଞ୍ଚଳରେ ବସବାସ କରୁଥିବା କୁଡୁମି ସମ୍ପ୍ରଦାୟ ସହିତ ରାଜ୍ୟରେ ବସବାସ କରୁଥିବା କୁଡୁମି ବ୍ୟକ୍ତିବିଶେଷ କୁଡୁମି ଜାତିକୁ ଅନୁସୂଚିତ ଜାତିରେ ସାମିଲ କରିବା, କୁଡୁମାଲୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ସହିତ କୁଡୁମି ଉନ୍ନୟନ ପରିଷଦ ଗଠନ କରିବାକୁ ନେଇ ପଲ୍ଲୀରୁ ଦିଲ୍ଲୀ ଯାଏ ଦାବି ରଖି ଧାରଣା ଦେଇଆସୁଥିଲେ। ସରକାର ବିଳମ୍ବରେ ହେଲେ ମଧ୍ୟ ଠାକୁରମୁଣ୍ଡାର କୁଡୁମି ଜାତିର ଭାଷା, ସଂସ୍କୃତି, ପରମ୍ପରା ଓ କଳାକୁ ଉଜ୍ଜୀବିତ କରିବା ପାଇଁ କୁଡୁମି ଭବନର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବାରୁ ଆଞ୍ଚଳିକ କୁଡୁମି ସଂପ୍ରଦାୟରେ ଆନନ୍ଦର ଲହରି ଖେଳିଯାଇଛି।

### କରଞ୍ଜିଆରେ ଥମୁନି ବେଆଇନ ବାଲି ଚାଲାଣ

# ଲଘୁ ଖଣିଜ ମାଫିଆଙ୍କ ସାଜିଛି ଭୂସ୍ୱର୍ଗ

ରାଇରଙ୍ଗପୁର/କରଞ୍ଜିଆ,୧୯।୪(ସମିସ):

ପାଞ୍ଚପିଡ଼ ଉପଖଣ୍ଡ ଲଘୁ ଖଣିଜ ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି। ଲଗାତର ଚଢ଼ଉ ହେଉ ନ ଥିବାରୁ ବେଆଇନ ଭାବେ ଲଘୁ ଖଣିଜ ଉତ୍ତୋଳନ କରି ଚୋରା ଚାଲାଣ ମାତ୍ରା ବୃଦ୍ଧି ପାଉଛି। ବିଭାଗ ପକ୍ଷରୁ କଡ଼ାକଡ଼ି ଚଢ଼ଉ ନେଇ ତତ୍ପରତା ପ୍ରକାଶ ପାଉ ନ ଥିବାରୁ ମାଫିଆ ସକ୍ରିୟ ହୋଇଛନ୍ତି। କରଞ୍ଜିଆ ଥାନା ପୁଲିସ ପକ୍ଷରୁ ବେଆଇନ ବାଲି ଘାଟରେ ଚଢ଼ଉ କରି ଟ୍ରାକ୍ଟର ଓ ବାଲି ଜବତ କରିଛନ୍ତି। ପୁଲିସ ପାଟ୍ରୋଲିଂ ଜାରି ଥିବାବେଳେ ଦେଓ ନଦୀ କୂଳରୁ ବେଆଇନ ଭାବେ ବାଲି ସଇରାତ କରି ବାଲି ଉତ୍ତୋଳନ କରୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଯାହାକୁ ନେଇ କୁଦରସାହି ଗ୍ରାମ ନିକଟରେ ପୁଲିସ ଚଢ଼ଉ କରିଥିଲା। ବାଲିଘାଟରୁ ଟ୍ରାକ୍ଟରରେ ବାଲି ଉତ୍ତୋଳନ ହେଉଥିବାବେଳେ ପୁଲିସକୁ ଦେଖି ସମସ୍ତେ ଚମ୍ପଟ ମାରିଥିଲେ। ପୋଲିସ ଦୁଇଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରିବା ସହ ଜଣେ ଚାଳକକୁ ଗିରଫ କରିଛି।



ଝାଡ଼ବେଡା ଅଞ୍ଚଳର ଟୁକୁ ମହାନ୍ତଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ସ୍ଥାନରେ ବେଆଇନ ଭାବେ ବାଲି ଉତ୍ତୋଳନ ହେଉଥିବା ପୁଲିସ ଜାଣିବାକୁ ପାଇଥିଲେ। ଏ ନେଇ ପୁଲିସ ପକ୍ଷରୁ ବେଆଇନ ଲଘୁ ଖଣିଜ ଉତ୍ତୋଳନ ଓ ଚୋରା ଚାଲାଣ ନେଇ କରଞ୍ଜିଆ ଥାନାରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ପାଞ୍ଚପିଡ଼ ଓ ବାମନଘାଟି ଉପଖଣ୍ଡରେ ବ୍ୟାପକ ଭାବେ ବାଲି ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି। ତେବେ ଜିଲ୍ଲା ପ୍ରଶାସନ ଓ ଖଣି ଅଧିକାରୀ ଜାଣି ସୁଦ୍ଧା ଚୁପ ରହିଛନ୍ତି। ବେଆଇନ ବାଲିଘାଟରୁ ବେଧଡକ ବେଆଇନ ଶହ ଶହ ଟ୍ରିପ ବାଲି ଉତ୍ତୋଳନ କରି ଚୋରା ଚାଲାଣ କରୁଛନ୍ତି ମାଫିଆ। ନଦୀ କୂଳରେ ଅନେକ ବେଆଇନ ବାଲି ସଇରାତ ଗଢି ଉଠିଛି। ଯେଉଁଠୁ କି ନିୟମିତ ଭାବେ ହାଇୱା ଓ ଟ୍ରାକ୍ଟରରେ ଟ୍ରିପ ଟ୍ରିପ ବାଲି ଉତ୍ତୋଳନ ହୋଇ ବିଭିନ୍ନ ସ୍ଥାନକୁ ନିୟମିତ ଭାବେ ଚାଲାଣ ହେଉଛି। ବାଲି ମାଫିଆ ରାଜନୈତିକ ସମ୍ପର୍କ ରଖି ବେଆଇନ ଭାବେ ବାଲି ଉତ୍ତୋଳନ କରୁଛନ୍ତି। ଫଳରେ ମାଫିଆଙ୍କ ନିମନ୍ତେ ଭୂସ୍ୱର୍ଗ ପାଲଟିଛି। ପାଞ୍ଚପିଡ଼ ଉପଖଣ୍ଡରେ କର୍ମଚାରୀ ଅଭାବରୁ ନିୟମିତ ଚଢ଼ଉ ହୋଇପାରୁନାହିଁ। ବିଭିନ୍ନ ସ୍ଥାନରୁ ବାଲି ଉତ୍ତୋଳନ ହୋଇ କରଞ୍ଜିଆ ଦେଇ କେନ୍ଦୁଝର ଓ ଆନନ୍ଦପୁରକୁ ବେଆଇନ ଚାଲାଣ ହେଉଛି। ଏମିତିକି ରାତିରେ ଥାନା ନିକଟ ଦେଇ ବଡ଼ ବଡ଼ ହାଇୱାରେ ଟ୍ରିପ ଟ୍ରିପ ବାଲି ନିୟମିତ ଚାଲାଣ ହେଉଛି। ରାଜନେତାଙ୍କ ଛତ୍ରଛାୟାରେ ଚୋରା ବ୍ୟାପର ହେଉଥିବାବେଳେ ସବୁ ଜାଣି ପ୍ରଶାସନ ବି ଚୁପ ରହିଛି। ୩ ବର୍ଷ ପୂର୍ବେ ଜାତୀୟ ଗ୍ରୀନ ଟ୍ରିବୁନାଲ (ଏନଜିଟି) ଛାଟ ପରେ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଲିଜଧାରୀ ଓ ବିନା ଲିଜଧାରୀ ବାଲି ଖନନ ଓ ସାଇରାତ ନିଲାମ ବନ୍ଦ ରହିଛି। ସରକାରୀ ନିର୍ଦ୍ଦେଶ ପରେ କେତେଗୁଡ଼ିକ ଘାଟ ଅସ୍ଥାୟୀ ଭାବେ ଟ୍ରାଞ୍ଜିଟ ପାସ ଦିଆଯାଇଛି। କିନ୍ତୁ ଦୁଇ ଉପଖଣ୍ଡରେ ବିନା ପ୍ରତିବନ୍ଧକରେ ଅନେକ ବେଆଇନ ଘାଟ ଖୁଲମଖୁଲା ଭାବେ ଦିନରାତି ଲଘୁ ଖଣିଜ ଚୋରା ଚାଲାଣ ହେଉଛି।

### କେନ୍ଦୁଝର ଓ ଆନନ୍ଦପୁରକୁ ରାତିଅଧିଆ ହେଉଛି ବାଲିଚାଲାଣ

ବେଆଇନ ବାଲି ଚୋରା ଚାଲାଣ ମାତ୍ରା ଅନେକ ବୃଦ୍ଧି ପାଉଥିଲେ ସୁଦ୍ଧା ରୋକ ଲାଗୁନି। ନଦୀ ଗର୍ଭରୁ ଟ୍ରାକ୍ଟର ଓ ଟ୍ରକ୍ ଯୋଗେ ବେଆଇନ ଉତ୍ତୋଳନ କରାଯାଇ ମାଫିଆ ବେଆଇନ ଭାବେ କୋଟି କୋଟି ଟଙ୍କାର ବାଲି ଚୋରା ଚାଲାଣ କରୁଛନ୍ତି। ମେସିନ ଲଗାଇ ରାତିଅଧିଆ ବାଲି ଲୁଟ ହେଉଥିବା ଦେଖିବାକୁ ମିଳୁଛି। ବେଆଇନ ଭାବେ ଲଘୁ ଖଣିଜ ଚୋରା ଚାଲାଣ ରୋକିବାକୁ ବାରମ୍ବାର ଖବର ପ୍ରସାରଣ ପରେ ଗୋଟିଏ କିମ୍ବା ଦୁଇଟି ଟ୍ରାକ୍ଟର/ହାଇୱା ଧରି ଚୁପ ହୋଇ ବସୁଛନ୍ତି। କିନ୍ତୁ ଘାଟ ଅଞ୍ଚଳରେ ପୁଲିସ ଓ ସ୍ଥାନୀୟ ପ୍ରଶାସନ ଚଢ଼ଉ କରି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନେଉନାହାଁନ୍ତି। ଫଳରେ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଛି।

# ବ୍ୟକ୍ତିଗତ ଜାଗାରେ କାଡ଼ା ନାଳ କାମ

## ତହସିଲଦାରଙ୍କ ନିର୍ଦ୍ଦେଶ ପରେ କାର୍ଯ୍ୟ ସ୍ଥଗିତ

ହାଟଡ଼ିହୀ,୧୯।୪(ସମିସ): କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକର ବିଭିନ୍ନ ସ୍ଥାନରେ ତ୍ୱରାନ୍ୱିତ ହେଉଥିବା କାଡା ନାଳ କାର୍ଯ୍ୟ ମଧ୍ୟରୁ ଅନେକ କାର୍ଯ୍ୟ ସରକାରୀ ନିୟମାନୁସାରେ ହେଉ ନଥିବା ଦେଖାଯାଇଛି। ସଡ଼ା ଗ୍ରାମରେ ତ୍ୱରାନ୍ୱିତ ହୋଇଥିବା ଏକ କାଡା ନାଳ କାର୍ଯ୍ୟ ସମ୍ପୂର୍ଣ୍ଣ ବେଆଇନ୍ ହୋଇଥିବା ନେଇ କିଛି ପଟ୍ଟାଧାରୀ ଜମି ମାଲିକଙ୍କ ମଧ୍ୟରେ ପ୍ରଫୁଲ୍ଲ ବେହେରା, ଆନନ୍ଦ ବେହେରା, ଆଦିକନ୍ଦ ପହି, ଡମ୍ବରୁଧର ପହି, ତରଣୀସେନ ବେହେରା, ଧ୍ରୁବଚରଣ ବେହେରା ପ୍ରମୁଖ ହାଟଡ଼ିହୀ ତହସିଲଦାରଙ୍କ ନିକଟରେ ଅଭିଯୋଗ ଆଣିଛନ୍ତି। ଅଭିଯୋଗକୁ ଭିତ୍ତିକରି ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଏହି କାର୍ଯ୍ୟକୁ ବନ୍ଦ କରିଛନ୍ତି। ତେବେ, କାର୍ଯ୍ୟଟି ଏବେ ଅଧାପନ୍ତରିଆ ହୋଇ ପଡ଼ିଥିବା ବେଳେ ନିର୍ମାଣାଧୀନ କାର୍ଯ୍ୟଟି କାଡା ନାଳ ଅପେକ୍ଷା ଏହା ସମ୍ପୂର୍ଣ୍ଣ ଗ୍ରାମୀଣ ଡ୍ରେନ୍ ସଦୃଶ ହୋଇଥିବା ଦେଖିବାକୁ ମିଳିଛି। ଏହି ନିର୍ମାଣାଧୀନ କାର୍ଯ୍ୟଟି ୪୨ନଂ ପାଣି ପଞ୍ଚାୟତରେ ଅନ୍ତର୍ଭୁକ୍ତ ଅଟେ। ଅଭିଯୋଗକାରୀଙ୍କ କହିବାନୁସାରେ, ସେହି ଜମିଗୁଡ଼ିକ ଚକବନ୍ଦୀ ହୋଇ ନଥିବାବେଳେ କାଡ଼ା ନାଳ ପ୍ରକଳ୍ପ ନିର୍ମାଣ ପାଇଁ ଅନୁମତି କିପରି ମିଳିଲା ବୋଲି ଜମିଧାରୀମାନେ ପ୍ରଶ୍ନ କରିଛନ୍ତି। ଏପରିସ୍ଥଳେ ବିଭାଗୀୟ



ଅଧିକାରୀଙ୍କ ପକ୍ଷରୁ ନିର୍ମାଣ କାର୍ଯ୍ୟ ପାଇଁ ସ୍ଥାନ ନିରୂପଣ ନହୋଇ କେଉଁ ଆଧାରରେ ପଟ୍ଟାଧାରୀ ଜମି ମାଲିକଙ୍କ ବ୍ୟକ୍ତିଗତ ଜାଗାରେ ରାତିଅଧିଆ ଏତେ ବଡ଼ ନାଳ ନିର୍ମାଣ କରାଗଲା ତାହା ଏବେ ଚର୍ଚ୍ଚାର ମୁଖ୍ୟ ପ୍ରସଙ୍ଗ ପାଲଟିଛି। ପଟ୍ଟାଧାରୀ ଜମି ମାଲିକମାନେ ନିଶ୍ଚିତ ଅସୁବିଧାର ସମ୍ମୁଖୀନ ଆଶଙ୍କାରେ ତହସିଲଦାରଙ୍କ ନିକଟରେ ଦ୍ୱାରସ୍ଥ ହୋଇଛନ୍ତି। ଜମି ମାଲିକଙ୍କ ଅଗୋଚରରେ ସେମାନଙ୍କ ଜମି ତଡ଼ା ଯାଇ ନିର୍ମାଣାଧୀନ ନାଳକୁ ଉଚ୍ଛେଦ କରିବା ସହିତ ସେମାନଙ୍କୁ ତଦନ୍ତ ଭିତ୍ତିକ ନ୍ୟାୟ ପ୍ରଦାନ କରିବା ପାଇଁ ଜମି ମାଲିକମାନେ ଦାବି କରିଛନ୍ତି।

## ଆଦିବାସୀ ହୋ ସମାଜ ମହାସଭାର ଧର୍ମାନ୍ତରୀକରଣ ବିରୋଧୀ ସମାବେଶ

# ଏକାଠି ହେଲେ ୧୦ଟି ଗ୍ରାମର ସହସ୍ରାଧିକ ଆଦିବାସୀ

ବାରିପଦା,୧୯।୪(ସମିସ):

ଯଶିପୁର ଥାନା ଅନ୍ତର୍ଗତ ତିଳକୁଟି ପଞ୍ଚାୟତର ସାଗାରସାହିଠାରେ ଧର୍ମାନ୍ତରୀକରଣ ବିରୋଧୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ ହୋ ସମାଜ ମହାସଭା ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଉଦୟସାହି ଗ୍ରାମର ଚାନ୍ଦୁ କାରୋଓ୍ୱା ନାମ୍ନୀ ଜଣେ ଆଦିବାସୀ ମହିଳାଙ୍କୁ ନୂତନ ବସ୍ତ୍ର ଦେଇ ମୂଳ ଧର୍ମକୁ ଫେରାଇ ଅଣାଯାଇଥିବା ଜଣାପଡ଼ିଛି।

ପ୍ରବଳ ଖରା ସାଙ୍ଗକୁ ଗରମ ସତ୍ତ୍ୱେ ଶତାଧିକ ଆଦିବାସୀ ମହିଳାଓ ପୁରୁଷ ଏଥିରେ ଉପସ୍ଥିତ ଥିଲେ। କୌଣସି ଘଟଣାର ଆଶଙ୍କା କରି ଯଶିପୁର ଥାନା ଆଇଆଇସି ସଂଯୁକ୍ତା ମହାଲିକ ସମାବେଶ ସ୍ଥଳକୁ ଆସି ଅନୁଧ୍ୟାନ କରିଥିଲେ। ଉଦୟସାହି ଗ୍ରାମର ମୁଣ୍ଡା ଈଶ୍ୱରଚନ୍ଦ୍ର ତିରିଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଖପାଖ ସାଗାରସାହି, ଉଦୟସାହି, ବାଟିସାହି, ଗୋବର୍ଦ୍ଧନସାହି, କୋଦାଲିଧୂଆ,



ଥୁଣ୍ଟିପାଣି, ବାସାଗୁଟୁ, ମାମୁରୀପାଣି, ତିଳକୁଟି, ଭଗାବନ୍ଦୀ ଆଦି ଗ୍ରାମର ହୋ ସମାଜର ପୁରୁଷମହିଳା ମୁଣ୍ଡା, ଦେହୁରୀ, ଡାକୁଆମାନେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ମାସକ ତଳେ ଉଦୟସାହି ଗ୍ରାମର ଗୋଟିଏ ହୋ ସମାଜ ପରିବାର ଆଦିବାସୀ ଧର୍ମ ତ୍ୟାଗ କରି ଧର୍ମାନ୍ତରୀକରଣ ହୋଇଥିଲେ। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ତେବେ ଗ୍ରାମର ଦେହୁରୀ ଦେବେନ୍ଦ୍ର ତିରିଆଙ୍କ ତତ୍କାଳ ପ୍ରଚେଷ୍ଟା ଯୋଗୁଁ ଅନ୍ୟ ଧର୍ମ ଆପଣେଇ ଥିବା ପରିବାର ପୁନର୍ବାର ମୂଳ ଧର୍ମକୁ ଫେରି ଆସିଥିଲେ। ନିକଟସ୍ଥ ବାଟିସାହିରେ ଚର୍ଚ୍ଚ ନିର୍ମିତ ହୋଇ ବେଆଇନ ଭାବେ ଆଦିବାସୀଙ୍କୁ ଧର୍ମାନ୍ତରୀକରଣ କରାଯାଉଥିବା ଉପସ୍ଥିତ ଆଦିବାସୀ ସାମାଜିକ କର୍ମୀ, ଦେହୁରୀ, ମୁଣ୍ଡା, ଡାକୁଆମାନେ ଅଭିଯୋଗ କରିଥିଲେ। ଏହି ଉପାସନା ପୀଠ(ଚର୍ଚ୍ଚ) ଦାୟିତ୍ୱରେ ଥିବା ଧର୍ମ ପ୍ରଚାରକ ନିରୀହ ଲୋକଙ୍କୁ ଧର୍ମାନ୍ତରୀକରଣ କରି ଆଦିବାସୀଙ୍କ ମଧ୍ୟରେ ବେଆଇନ ଧର୍ମାନ୍ତରୀକରଣ ଆଗକୁ ଉଗ୍ର ରୂପ ଧାରଣ କରିପାରେ ବୋଲି ଆଶଙ୍କା କରାଯାଉଛି। ଉକ୍ତ ଧର୍ମାନ୍ତରୀକରଣ ବିରୋଧୀ ସମାବେଶରେ ଆଦିବାସୀ ହୋ ସମାଜ ମହାସଭାର ଆବାହକ ମନୋରଞ୍ଜନ ତିରିଆ, ତିଳକୁଟି ପଞ୍ଚାୟତର ପୂର୍ବତନ ସରପଞ୍ଚ ମିନୁ ଚାତାର, ଉଦୟସାହି ଗ୍ରାମର ଦେହୁରୀ ଦେବେନ୍ଦ୍ର ତିରିଆ, ମାମୁରୀପାଣି ଦେହୁରୀ ନାର୍ଦି ତିରିଆ, ସାଗାରସାହି ଦେହୁରୀ ହୃଦାନନ୍ଦ ତିରିଆ, କ୍ରିଷ୍ଟାଚନ୍ଦ୍ର ତିରିଆ, କୃଷ୍ଣଚନ୍ଦ୍ର ତିରିଆ, ମହେନ୍ଦ୍ରନାଥ ତିରିଆ, ସତୀଶ ତିରିଆ, ଲାଙ୍କା ମୁଣ୍ଡା, ରସିକ ତିରିଆ, ପୁରେନ୍ଦ୍ର ହେମ୍ବ୍ରମ, ଘନଶ୍ୟାମ ଲାଗୁରୀ, ପୁତକାର୍ ଗୁଇଆ ପ୍ରମୁଖ ଉପସ୍ଥିତ ରହି ସେମାନଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ। ଏଣିକି ବିଭିନ୍ନ ସ୍ଥାନରେ ବେଆଇନ୍ ଧର୍ମାନ୍ତରୀକରଣ ବିରୋଧରେ ସଚେତନତା ସୃଷ୍ଟି କରାଯିବା ସାଙ୍ଗକୁ ଧର୍ମାନ୍ତରିତ ଆଦିବାସୀଙ୍କୁ ସ୍ୱଧର୍ମକୁ ଅଣାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି ଘୋଷଣା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ଆୟୋଜନରେ ବେଣୁଧର ତିରିଆ, ଅଭିରାମ ତିରିଆ, ସାଗାର ତିରିଆ, ରାଜେନ୍ଦ୍ର ହେମ୍ବ୍ରମ, କ୍ଷୀରୋଦ ତିରିଆ, ଗୋବର୍ଦ୍ଧନ ତିରିଆ, ବୀରେନ୍ଦ୍ର ତିରିଆ, ଲକ୍ଷ୍ମୀଧର ତିରିଆ ପ୍ରମୁଖ ସକ୍ରିୟଅଂଶଗ୍ରହଣ କରିଥଲେ।

# ଶାଳପଡ଼ାରେ ବାର୍ଷିକ ପାଲା ସମ୍ପନ୍ନ



ଆନନ୍ଦପୁର, ୧୯।୪ (ସମିସ): ଶାଳପଡ଼ା ହନୁମାନ ମନ୍ଦିର ପ୍ରାଙ୍ଗଣରେ ପଣାସଂକ୍ରାନ୍ତି ଉପଲକ୍ଷେ ତିନି ଦିନ ଧରି ପାଲା ପରିବେଷଣ କରାଯାଇଥିଲା। ଏ ବର୍ଷ ପାଲା ମଞ୍ଚରେ ଯୁବ ଗାୟକ ଶୁଭ୍ରଜ୍ୟୋତି ଆଚାର୍ଯ୍ୟ ଓ ସାଥୀ କଳାକାରଙ୍କ ଦ୍ୱାରା ବିଭିନ୍ନ ପୌରାଣିକ ବିଷୟବସ୍ତୁ ଉପରେ ପାଲା ପରିବେଷଣ କରାଯାଇଥିଲା। ଏଥିରେ ବହୁ ଶ୍ରଦ୍ଧାଳୁ ମନ୍ତ୍ରମୁଗ୍ଧ ହୋଇଥିଲେ। ମାତ୍ର ୨୪ ବର୍ଷ ବୟସରେ ଚମ୍ପୁ, ଛାନ୍ଦ, ଓଡ଼ିଶୀ ଗୀତକୁ ଅତି ସୁନ୍ଦର ଭାବରେ ପରିବେଷଣ କରିଥିଲେ। ଉଦଯାପନୀ ଉତ୍ସବରେ ଗାୟକ, ସାଥୀ ଗାୟକଙ୍କୁ ପ୍ରାଣବଲ୍ଲଭ ଜେନା, ମଦନ ମୋହନ ଦାଶ, ଗୟାଧର ପତି, ସରୋଜ ଶତପଥୀ ପୁଷ୍ପମାଳ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରିଥିଲେ। ନୃତ୍ୟଗୁରୁ ଜିତୁ ଦାଶ ପରିଚାଳନା କରିଥିଲେ। ହନୁମାନ ମନ୍ଦିରର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ମାଣିଦା ଚଇତି ପରବ-୨୦୨୬ ଉଦ୍ଯାପିତ



ମୋରଡା/ରାସଗୋବିନ୍ଦପୁର, ୧୯।୪(ସମିସ): ରାସଗୋବିନ୍ଦପୁର ବ୍ଲକର ମାଣିଦାଠାରେ ଥିବା ମା' ତାରିଣୀଙ୍କ ପୀଠରେ ଚଳିତବର୍ଷ ବେଶ ଧୂମଧାମରେ ମା'ଙ୍କ ଚଇତି ପରବକୁ ପାଳିଛନ୍ତି ଅଞ୍ଚଳବାସୀ। ମନ୍ଦିର ଟ୍ରଷ୍ଟର ସଭାପତି ଅନୁପ କୁମାର ଗିରି ଓ ସଦସ୍ୟଙ୍କ ଉଦ୍ୟମରେ ଗତ ୧୩ ତାରିଖରୁ ଘଟ ସ୍ଥାପନ, ମଣ୍ଡଳାଦି ପୂଜନ, ଅଧିବାସ, ମହାଯଜ୍ଞ, ସପ୍ତଶତୀ ଚଣ୍ଡୀପାଠ, ଆବରଣ ପୂଜା ଓ ମାନସିକ ପୂଜା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଚଇତି ମେଳା ଆୟୋଜନ କରାଯାଇଥିଲା। ତେବେ ମା' ତାରିଣୀ ମନ୍ଦିର ଟ୍ରଷ୍ଟ ଦ୍ୱାରା ଚୈତି ପର୍ବ ୨୦୨୬ର ୫ମ ବର୍ଷ ଗର୍ବର ସହିତ ପାଳନ କରାଯାଇଛି। ତେବେ ଏ ଅବସରରେ ରାସଗୋବିନ୍ଦପୁର ବ୍ଲକ ତଥା ମୟୂରଭଞ୍ଜ ଜିଲ୍ଲାରେ ବିଭିନ୍ନ କ୍ଷେତ୍ରରେ ଉତ୍କୃଷ୍ଟ ସେବା ଦେଇଥିବା ଆଶା କର୍ମୀ, ଏଏନଏମ, ସର୍ବଶ୍ରେଷ୍ଠ ପିଏଚସି, ଶିକ୍ଷକ ଶିକ୍ଷୟିତ୍ରୀ, ନର୍ସିଂ ଅଫିସର ଓ କୃଷକମାନଙ୍କୁ ଶେଷ ଦିନରେ ମୁଖ୍ୟ ଅତିଥି ଭାବେ ମୋରଡା ବିଧାୟକ ତଥା ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ "ଭଞ୍ଜ ଭୂମି ସମ୍ମାନ"ରେ ସମ୍ମାନିତ କରିଥିଲେ।

# ଦାଦନ ଖଟିବାକୁ ଯାଇ ଅଧାବାଟରୁ ଯୁବକ ନିଖୋଜ

ଚମ୍ପୁଆ,୧୯।୪(ସମିସ): ପରିବାରର ପେଟ ପୋଷିବା ପାଇଁ ଦାଦନ ଖଟିବାକୁ ଘରୁ ଗୋଡ଼ କାଢ଼ିଥିଲେ; ହେଲେ ଅଧା ବାଟରୁ ନିଖୋଜ ହୋଇଛନ୍ତି ଚମ୍ପୁଆ ଏନଏସି ଅନ୍ତର୍ଗତ ୱାର୍ଡ ନଂ ଛଅ ଏଲଆଇସି କଲୋନୀର ସ୍ୱର୍ଗତ ବାଦଲ ନାଏକଙ୍କ ପୁଅ ନିଖିଳ (୩୦)। ନିଖିଳ ଗତ ୧୩ ତାରିଖ ଛଅ ଜଣଙ୍କ ସହିତ ଦାଦନ ଖଟିବାକୁ ବାଙ୍ଗାଲୁରୁ ବାହାରିଥିଲେ। ଚମ୍ପୁଆରୁ ଭୁବନେଶ୍ୱର ଯାଇ ପ୍ରଶାନ୍ତି ଏକ୍ସପ୍ରେସ ଟ୍ରେନ ନଂ (୧୮୪୬୩)ରେ ସାଧାରଣ ବର୍ଗରେ ଚଢିଥିଲେ। ସେବେଠାରୁ ତାଙ୍କର ମୋବାଇଲ ସ୍ୱିଚ ଅଫ ଦେଖାଇବା ସହ ତାଙ୍କର ପତ୍ତା



ମିଳୁନାହିଁ। ଛଅ ଜଣ ମଧ୍ୟ ତାଙ୍କ ସମ୍ପର୍କରେ କିଛି ସ୍ପଷ୍ଟ ସୂଚନା ଦେଇପାରୁ ନାହାନ୍ତି। ସେମାନଙ୍କ କହିବା ଅନୁସାରେ ନିଖିଳ ଟ୍ରେନରୁ କୁଆଡେ ହଜିଯାଇଛନ୍ତି। ନିଖୋଜକୁ ଆଠ ଦିନ ବିତିଥିବା ବେଳେ ତାଙ୍କର କୌଣସି ଖୋଜ ଖବର ମିଳିପାରୁ ନାହିଁ। ନିଖିଳ ଘରର ଏକମାତ୍ର ରୋଜଗାରିଆ ପୁଅ ତଥା ସଦସ୍ୟ ହୋଇଥିବାରୁ ତାଙ୍କ ନିଖୋଜରେ ତାଙ୍କର ବିଧବା ମାଆଙ୍କ ସମେତ ପତ୍ନୀ ଓ ଦୁଇ ସନ୍ତାନ ଭାଙ୍ଗି ପଡ଼ିଛନ୍ତି। ନିଖିଳଙ୍କ ନିଖୋଜ ନେଇ ଆଠ ଦିନ ହେବ ଘରେ ଚୁଲି ଜଳି ନ ଥିବା ବେଳେ ପରିବାର ଲୋକେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡ଼ିଛନ୍ତି। ନିଖିଳଙ୍କୁ ଫେରାଇ ଆଣିବା ପାଇଁ ପରିବାର ଲୋକେ ଚମ୍ପୁଆ ଥାନାର ଦ୍ୱାରସ୍ଥ ହେବା ସହ ଚମ୍ପୁଆ ବିଧାୟକ ସନାତନ ମହାକୁଡଙ୍କୁ ଗୁହାରି ଜଣାଇ ତାଙ୍କର ସହାୟତା ଲୋଡ଼ିଛନ୍ତି।

# ବିଜେଡିର ବ୍ଲକ୍‌ସ୍ତରୀୟ କର୍ମୀ ସମାବେଶ

ଆନନ୍ଦପୁର, ୧୯।୪ (ସମିସ): ଆଗାମୀ ୨୦୨୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଦୃଷ୍ଟିରୁ ଘସିପୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତରିମୂଳଠାରେ ବ୍ଲକସ୍ତରୀୟ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ନିର୍ବାଚନ ସକାଶେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ବିଜୁ ଜନତାଦଳ ପୂର୍ବପରି ସ୍ଥିତି ବଜାୟ ରଖିବା ପାଇଁ ରଣ କୌଶଳ ବିଷୟରେ ଆଲୋଚନା କରାଯାଇଥିଲା। ଯୁବକ ମାନଙ୍କୁ ଆଗୁଆ ସୈନିକ ଭାବେ କାର୍ଯ୍ୟ କରିବାକୁ



ପରାମର୍ଶ ଦିଆଯାଇଥିଲା। ପଞ୍ଚାୟତର ଯୁବପିଢିଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକରେ ଗୁରୁଜନ ଓ ଅନ୍ୟାନ୍ୟ ନେତୃମଣ୍ଡଳୀଙ୍କ ସହ ଯୁବ ନେତା ଦେବାଶିଷ ପାତ୍ର ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ରୋଟାରୀ ଜିଲ୍ଲା ଗଭର୍ଣ୍ଣରଙ୍କ ରୋଟାରୀ ହେରିଟେଜ୍ ପରିଦର୍ଶନ

ବାରିପଦା,୧୯।୪(ସମିସ): ରୋଟାରୀ ଇଣ୍ଟରନ୍ୟାସନାଲର ନିର୍ଦ୍ଦେଶ ତଥା ସ୍ଥାୟୀ କାର୍ଯ୍ୟକ୍ରମରେ ରୋଟାରୀ ଗଭର୍ଣ୍ଣରଙ୍କ ଅଫିସିଆଲ କ୍ଲବ ଭିଜିଟ ବା ଓସିଭି ଅନ୍ୟତମ। ଏହି କାର୍ଯ୍ୟକ୍ରମରେ ଆଜି ରୋଟାରୀ ପ୍ରାନ୍ତପାଳ ରୋଟାରୀୟାନ ମନୋଜ ତ୍ରିପାଠୀ ରୋଟାରୀ କ୍ଲବ ଅଫ ବାରିପଦା ହେରିଟେଜ ପରିଦର୍ଶନ




କରିଥିଲେ। କ୍ଲବ ସଭାପତି ରୋଟାରୀୟାନ ବ୍ରହ୍ମାନନ୍ଦ ପ୍ରଧାନଙ୍କ ସଭାପତିତ୍ୱ ଓ ପିପି ସନ୍ତୋଷ କାସ୍ତଙ୍କ ପରିଚାଳନାରେ ଏକ ସଭା ହୋଇଥିଲା। ମୁଖ୍ୟଅତିଥି ଡିଜି ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ୨୬-୨୭ର ସଭାପତି ରୋଟାରୀୟାନ ତରଣୀସେନ ଧଳ ଉପସ୍ଥିତ ଥିଲେ। ଜାତୀୟ ସଂଗୀତ ଗାନ ପରେ ଓସିଭି କାର୍ଯ୍ୟକ୍ରମ ଅନୁଯାୟୀ କ୍ଲବ ସାର୍ଟିଫିକେଟ, ସଭ୍ୟ ତାଲିକା, କ୍ୟାସ ବୁକ, ପାସବୁକ, ଉପସ୍ଥାନ ଖାତା ଇତ୍ୟାଦି ଯାଞ୍ଚକରି ସନ୍ତୋଷ ପ୍ରକାଶ କରିବା ସହ ରୋଟାରୀ ହେରିଟଜର କାର୍ଯ୍ୟକୁ ଗୀତ ମାଧ୍ୟମରେ ପ୍ରଶଂସା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କ୍ଲବର ସଭ୍ୟ ରୋଟାରୀୟାନ ଅନିରୁଦ୍ଧ ପୃଷ୍ଟି, ଆଇପିପି ନଳିନ ଚୌଧୁରୀ, ଅମିତାଭ ପଟ୍ଟନାୟକ, ଶୈବାଳକାନ୍ତ ନାୟକ, ଅମୀୟ ଗିରି, ଡଃ ଚନ୍ଦ୍ରମୋହନ ସିଂ, ଜ୍ୟୋତିପ୍ରକାଶ ପଣ୍ଡା, ସଞ୍ଜୀବ ଦଣ୍ଡପାଟ, ଚିତ୍ତରଞ୍ଜନ ପଳତା ଓ ସିଏ ଅନନ୍ତ ବେହେରା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ରୋଟାରୀୟାନ ପ୍ରଦୀପ ନାୟକ ଧନ୍ୟବାଦ ଦେଇଥିଲେ।

## ● କାଳବୈଶାଖୀରେ ଆଜବେଷ୍ଟସ୍ ଛପର ଭଙ୍ଗା;ପାଠପଢ଼ା ବ୍ୟାହତ

# ପୁରାତନ ଛାତ୍ରଙ୍କ ଉଦ୍‌ବେଗ; ଆନ୍ଦୋଳନ ଚେତାବନୀ

ତୁରୁମୁଙ୍ଗା, ୧୯।୪(ସମିସ): ଗତ ଅପ୍ରେଲ ୭ତାରିଖ କାଳବୈଶାଖୀର କୁଆପଥର ମାଡ଼ରେ ପାଟଣା ବ୍ଲକ୍ ମୁଖ୍ୟାଳୟ ଜି ଏନ୍ ହାଇସ୍କୁଲ୍ ଶ୍ରେଣୀ ଗୃହଗୁଡ଼ିକର ଟାଇଲ ଓ ଆଜବେଷ୍ଟସ ଭାଙ୍ଗିଯିବାରୁ ଛପର କଣା ହୋଇଯାଇଛି। ଭଙ୍ଗା ଛପରରେ ଶିକ୍ଷାଦାନ ବ୍ୟାହତ ହେବାରୁ ରବିବାର ସନ୍ଧ୍ୟା ପୁରାତନ ଛାତ୍ରମାନେ ହାଇସ୍କୁଲ ପରିସରରେ ବୈଠକ କରି ଉଦବେଗ ପ୍ରକାଶ କରିଛନ୍ତି। ବିଜୟରତ୍ନ ପତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ପାଟଣା ବ୍ଲକ୍ ଅଧକ୍ଷ ଙ୍କ ବିଦ୍ୟାଧର ଦାଶ ସଭାପତିତ୍ୱ କରିଥିଲେ। ହାଇସ୍କୁଲରର ଛପର ସବୁ କଣା ହୋଇଯାଇଥିବାରୁ ବୁଦ୍ଧିଜୀବୀମାନେ ଉଦବେଗ ପ୍ରକାଶ କରିଛନ୍ତି। ପୁରତାନ ଛାତ୍ରମାନେ ବିଦ୍ୟାଳୟର ସ୍ଥାୟୀ ଛାତ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, କେନ୍ଦୁଝର ସାଂସଦ, ପାଟଣା ବିଧାୟକ ଓ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେବାର ନିଷ୍ପତ୍ତି ନେଇଛନ୍ତି। ଦାବି ପୂରଣ ନହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସମାଜସେବୀ ଅଜୟ ଦାଶ କହିଛନ୍ତି। ବୈଠକରେ ପାଟଣା ବିଧାୟକଙ୍କ ବ୍ଲକ୍ ପ୍ରତିନିଧି କମଳାକାନ୍ତ ଦାଶ, ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକ, ୨୩ ନମ୍ବର୍ ଜୋନ ଜିଲ୍ଲା ପରିଷଦ ସଦସ୍ୟ ରୁନୁ ମହାନ୍ତ, ବଡପାଟଣା ସରପଞ୍ଚ ବିନତୀ ବାନାରା,ସମିତିସଭ୍ୟ ମୋହନ ସୁନ୍ଦର ମହାନ୍ତ, ପୂର୍ବତନ ପାଟଣା ବ୍ଲକ୍ ଅଧକ୍ଷ ବିଶ୍ୱନାଥ ନାଏକ, ଶିଳ୍ପପତି ବିବେକାନନ୍ଦ ଦାଶ, ସାମାଜିକ କର୍ମୀ ଅଜୟ ଦାଶ, ଲକ୍ଷ୍ମଣ ଦାଶ, ଅଜିତ ଦାଶ, ସାମ୍ବାଦିକ ବୀରକିଶୋର ଦାଶ, ମହେଶ୍ୱର ପୃଷ୍ଟି, କାମିନୀକାନ୍ତ ଦ୍ୱିବେଦୀଙ୍କ ସମେତ ଯୁଗୋଳ କିଶୋର ଦାଶ, ପ୍ରଶାନ୍ତ ଭଞ୍ଜ, ଶିକ୍ଷାବିତ ଅରୁଣ ମିଶ୍ର, ସନାତନ ଦାଶ, ଏସ୍‌ଏମସି ସଭାପତି ଅଜୟ ଦାସ, ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ନିରୁପମା ନାୟକ ପ୍ରମୁଖ ଯୋଗ ଦେଇଥଲେ। ବିଧାୟକ ପ୍ରତିନିଧି ଶ୍ରୀ ଦାଶ ବୈଠକରେ ବିଧାୟକ ଅଖିଳଚନ୍ଦ୍ର ନାଏକ ପ୍ରଶାସନକୁ ଭଙ୍ଗା ଶ୍ରେଣୀଗୃହ ମରାମତି ଓ ନୂତନ କୋଠା ନିର୍ମାଣ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା କହିଥିଲେ।

# ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଆଲୋଚନାଚକ୍ର



କୁଆମରା,୧୯।୪(ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ସାରସ୍ୱତ ସ୍ନାତକ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଡଃ ମିତାରାଣୀ ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ କବି ସଚିଦାନନ୍ଦ ରାଉତରାୟଙ୍କ କାବ୍ୟ ଚେତନା ଏକ ସମୀକ୍ଷା ଉପରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ମେଘାସନ କଲେଜର ପ୍ରଧ୍ୟାପକ ଡଃ ରମେଶ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ପ୍ରାଧ୍ୟାପିକା ଡଃ ଶୁଭଦର୍ଶିନୀ ମହାନ୍ତି, ସମ୍ମାନିତ ଅତିଥି ସ୍ଥାନୀୟ କଲେଜର ପ୍ରଧ୍ୟାପକ ପ୍ରଭାତ କୁମାର ସେନାପତି, ଅଶ୍ୱନୀ କୁମାର ପ୍ରଧାନ ଯୋଗଦେଇ କବିଙ୍କ କାବ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଛାତ୍ରୀ ତପସ୍ୱିନୀ ଦାସ, ସବିତା ଜେନା, କସ୍ତୁରୀ ଗିରି ଓ ସୌମ୍ୟରଞ୍ଜନ ପରିଡ଼ା ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପିକା ନମିତା ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ବେଆଇନ ମଦ କାରଖାନା ଉପରେ ଚଢ଼ଉ

ବୈଶିଙ୍ଗା, ୧୯।୪(ସମିସ): ବେତନଟୀ ଏସଡିପିଓଙ୍କ ନେତୃତ୍ୱରେ ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଥାନା ଅଧୀନ ଭିତରଶୋଳ ଗ୍ରାମର ମଦ ମାଫିଆ ଘରେ ଚାଲିଥିବା ବେଆଇନ ମଦ କାରଖାନା ଉପରେ ଆତର୍କିତ ଚଢ଼ଉ କରି ୧୧୦ ଲିଟର ଦେଶୀ ମଦ ଜବତ କରାଯାଇଥିବାବେଳେ ପ୍ରଚୁର ପରିମାଣର ପୋଚ ନଷ୍ଟ କରିଛି ବୈଶିଙ୍ଗା ପୁଲିସ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ରବିବାର ଅପରାହ୍ନ ସମୟରେ ବେତନଟୀ ଏସଡିପିଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୈଶିଙ୍ଗା ଏସଆଇ ଅଶୋକ ପାତ୍ର ଓ ରଣେନ୍ଦ୍ର ପ୍ରତାପ ସାମଲ ସଦଳବଳ କେନ୍ଦୁଆ ପଞ୍ଚାୟତ ଅଧୀନ ଜଙ୍ଗଲ ପାଶ୍ୱର୍ସ୍ଥ ଭିତରଶୋଳ ଗ୍ରାମରେ ଭାଲୁ ମୁର୍ମୁର ପୁଅ ଭଜହରି ମୁର୍ମୁ ଘରେ ବିପୁଳ ପରିମାଣରେ ଦେଶୀ ମଦ ରୋଷେଇ କାର୍ଯ୍ୟ ଚାଲିଥିବାବେଳେ ଉକ୍ତ ବେଆଇନ ମଦ କାରଖାନା ଉପରେ ଆଜି ଅପରାହ୍ନରେ ଆତର୍କିତ ଚଢ଼ଉ କରିଥିଲେ। ତେବେ ମଦ ରାନ୍ଧୁଥିବା ସମୟରେ ପୁଲିସକୁ ହଠାତ ଦେଖିଦେଇ ମଦ ମାଫିଆ ଭଜହରି କୌଶଳକ୍ରମେ ଜଙ୍ଗଲ ଭିତରକୁ ଚମ୍ପଟ ମାରି ଖସି ପଳାଇ ଯାଇଥିଲା। ଅନ୍ୟପଟେ ଦେଶୀମଦ କାରଖାନା ଉପରେ ଚଢ଼ଉ କରାଯାଇ ଚୋରାଚାଲାଣ ନିମନ୍ତେ ପ୍ରସ୍ତୁତ କରି ରଖାଯାଇଥିବା ୧୧୦ ଲିଟର ରନ୍ଧାମଦ ଜବତ ପୂର୍ବକ ବିପୁଳ ପରିମାଣରେ ମହୁଲ ପୋଚ ସବୁକୁ ନଷ୍ଟ କରାଯାଇଥିଲା। ଏଥିସହି ଏହିତ ମଦ ପ୍ରସ୍ତୁତିରେ ବ୍ୟବହୃତ ସରଞ୍ଜାମ ଗୁଡିକୁ ଭାଙ୍ଗିରୁଜି ନଷ୍ଟ କରାଯାଇଥିବାବେଳେ ଘଟଣାସ୍ଥଳରୁ କିଛି ପ୍ଲାଷ୍ଟିକ ଡ୍ରମ ଓ ଆଲୁମିନିୟମ ଡେକଚି ଜବତ କରାଯାଇଥିଲା। ଏ ନେଇ ବୈଶିଙ୍ଗା ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଜଣାଯାଇଛି।

## ପୁରୁଲିଆରେ ଗୁରୁ ଗୋମକେଙ୍କ ୧୨୧ତମ ଜନ୍ମବାର୍ଷିକୀ ଉତ୍ସବ

# ନରେନ ହାଁସଦା ପାଇବେ ଦ୍ୱିତୀୟ ପଣ୍ଡିତ ରଘୁନାଥ ମୁର୍ମୁ ପୁରସ୍କାର

ରାଇରଙ୍ଗପୁର,୧୯।୪(ସମିସ):

ଅଲଚିକି ଲିପିର ସ୍ରଷ୍ଟା ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୧ତମ ଜନ୍ମବାର୍ଷିକୀ ଉତ୍ସବ ପଶ୍ଚିମବଙ୍ଗର ପୁରୁଲିଆରେ ଆୟୋଜନ କରାଯିବ। ଏ ଅବସରରେ ନରେନ ହାଁସଦାଙ୍କୁ ଦ୍ୱିତୀୟ ପଣ୍ଡିତ ରଘୁନାଥ ମୁର୍ମୁ ଆନ୍ତର୍ଜାତିକ ପୁରସ୍କାର ପ୍ରଦାନ କରାଯିବା ନେଇ ସ୍ଥିର କରାଯାଇଛି। ରାଇରଙ୍ଗପୁରର ଦାଣ୍ଡବୋଷସ୍ଥ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ୍ ଟ୍ରଷ୍ଟ ପକ୍ଷରୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ଚଳିତ ବର୍ଷର ମର୍ଯ୍ୟାଦାଜନକ ପଣ୍ଡିତ ରଘୁନାଥ ମୁର୍ମୁ ଆନ୍ତର୍ଜାତିକ ପୁରସ୍କାର ୨୦୨୬ ସିଦୋ କାହ୍ନୁ ମିଶନର ପ୍ରତିଷ୍ଠାତା ନରେନ ହାଁସଦାଙ୍କୁ ପ୍ରଦାନ କରାଯିବ।

ଟ୍ରଷ୍ଟର କାର୍ଯ୍ୟାଳୟ ସମ୍ପାଦିକା ସଲମା ମୁର୍ମୁ ଏହି ସୂଚନା ଦେଇ କହିଛନ୍ତି, ଆନ୍ତର୍ଜାତିକ ପୁରସ୍କାର ଚୟନ କମିଟି ଦ୍ୱାରା ବହୁମତ ଆଧାରରେ ଉକ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି। ୧ ଲକ୍ଷ ଟଙ୍କାର ନଗଦ ଅର୍ଥରାଶି ବିଶିଷ୍ଟ ଏହି ପୁରସ୍କାର ୨୦୨୫ ମସିହାରେ ଅଲଚିକି ଲିପିର ଶତବାର୍ଷିକୀ ପାଳନ ଅବସରରେ ଆରମ୍ଭ କରାଯାଇଥିଲା। ଏହି ପୁରସ୍କାର ଅଲଚିକି ଲିପି, ସାନ୍ତାଳୀ ଭାଷା ଓ ସାହିତ୍ୟର ପ୍ରଚାର ପ୍ରସାର କ୍ଷେତ୍ରରେ ଉତ୍ସର୍ଗୀକୃତ ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯାଇଥାଏ। ୨୦୨୫ରେ



ପ୍ରଥମ ପୁରସ୍କାର ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଚୁଣ୍ଡା ସୋରେନ 'ସିପାହୀ'ଙ୍କୁ ପ୍ରଦାନ କରାଯାଇଥିଲା। ଏହା ଅଲଚିକି ଲିପିର ପ୍ରଚାର, ସାନ୍ତାଳୀ ଭାଷା ଓ ସାହିତ୍ୟର ସମୃଦ୍ଧିକରଣରେ ଅସାଧାରଣ ଅବଦାନ ରଖିଥିବା ବ୍ୟକ୍ତିଙ୍କୁ ପ୍ରଦାନ କରାଯାଏ। ଚଳିତ ବର୍ଷ ପାଇଁ ନରେନ ହାଁସଦାଙ୍କୁ ପ୍ରଦାନ କରାଯିବ। ତାଙ୍କ ଜୀବନ ଯାତ୍ରା ଅପାର ତ୍ୟାଗ ଓ ନିଷ୍ଠାର କାହାଣୀ ରହିଛି। ଯୌବନ କାଳରୁ ଗ୍ରାମ ଗ୍ରାମ ବୁଲି ସାନ୍ତାଳୀ ପରମ୍ପରାକୁ ଗୀତ ମାଧ୍ୟମରେ ଜୀବନ୍ତ ରଖିବା ସହିତ ସେ ଭାଲିଡୁଙ୍ଗ୍ରିରେ ଏକ ସାଧାରଣ ମାଟି ଘରରୁ ମିଶନ ଆରମ୍ଭ କରିଥିଲେ। ଆଜି ତାଙ୍କ ନେତୃତ୍ୱରେ ଚାରୋଟି ଶିକ୍ଷାକେନ୍ଦ୍ର ଚାଲୁଛି। ଯେଉଁଠାରେ ଅଲ୍‌ଚିକି ଓ ସାଂସ୍କୃତିକ ଶିକ୍ଷା ପାଇ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହେଉଛନ୍ତି। ସର୍ବଶ୍ରେଷ୍ଠ କଥା ହେଉଛି, ସେ ୪୮ ଜଣ ଅନାଥ ପିଲାଙ୍କ ପୂର୍ଣ୍ଣ ଅଭିଭାବକତ୍ୱ ନେଇଛନ୍ତି। ସେମାନଙ୍କୁ ସୁଦୃଢ଼ ପରିଚୟ ଓ ଐତିହ୍ୟ ସହିତ ଗଢ଼ି ତୋଳୁଛନ୍ତି। ଚଳିତ ବର୍ଷ ଗୁରୁ ଗୋମକେଙ୍କ ୧୨୧ତମ ଜନ୍ମ ଜୟନ୍ତୀ ବୈଶାଖ ପୂର୍ଣ୍ଣିମା (୧ ମଇ ୨୦୨୬) ଦିନ ପଶ୍ଚିମବଙ୍ଗ ପୁରୁଲିଆସ୍ଥ ସିଦୋ କାହ୍ନୁ ମିଶନ ପରିସରରେ ପାଳନ କରାଯିବ। ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ୍ ଟ୍ରଷ୍ଟ ପକ୍ଷରୁ ଏହି ଐତିହାସିକ ଅବସରରେ ସାମିଲ ହେବା ପାଇଁ ସମସ୍ତ ସମ୍ପ୍ରଦାୟର ସଦସ୍ୟ, ବିଦ୍ୱାନ ଓ ଶୁଭେଚ୍ଛୁଙ୍କୁ ଆଦରର ସହ ନିମନ୍ତ୍ରଣ କରାଯାଇଛି। ନରେନ୍ ହାଁସଦାଙ୍କୁ ତାଙ୍କ ସେବାରତ ଯୁବପିଢ଼ିଙ୍କ ସମ୍ମୁଖରେ ସମ୍ମାନିତ କରି ଗୁରୁ ଗୋମକେଙ୍କ ଉତ୍ତରାଧିକାରକୁ ସମାଜର ହୃଦୟରେ ଜୀବନ୍ତ ରଖିବାକୁ ପ୍ରଚେଷ୍ଟା କରାଯାଇଛି।

# ଗୃହ ଗଣନା କରିବାକୁ ଯାଇ ଶିକ୍ଷୟିତ୍ରୀ ଅସୁସ୍ଥ

ବାଲିଆପାଳ, ୧୯।୪ (ସମିସ): ବାଲିଆପାଳ ଥାନା କଚୁଆପଡା ଗ୍ରାମକୁ ଗୃହ ଗଣନା ପାଇଁ ଯାଇ ଗୁରୁତର ଅସୁସ୍ଥ ହେଲେ ଶିକ୍ଷୟତ୍ରୀ। ଚଳିତ ବର୍ଷ ଜନଗଣନା ପାଇଁ ସରକାର ସମସ୍ତ ସ୍କୁଲ ର ଶିକ୍ଷକ, ଶିକ୍ଷୟତ୍ରୀ ମାନଙ୍କୁ ଜନଗଣନା କାର୍ଯ୍ୟ ରେ ନିୟୋଜିତ କରିଛନ୍ତି। ହେଲେ ଏପ୍ରିଲ ମାସ ସବୁଠାରୁ ଉତ୍ତପ୍ତ ମାସ ହୋଇଥିବା ବେଳେ ଜନଗଣନା କରୁଥିବା ଶିକ୍ଷକ ଶିକ୍ଷୟତ୍ରୀଙ୍କ ପାଇଁ ସେଭଳି କୌଣସି ସୁବିଧା ସୁଯୋଗ ନଥିବା ଦେଖିବାକୁ ମିଳୁଛି। ଜନଗଣନା କାର୍ଯ୍ୟ ରେ ନିୟୋଜିତ ହୋଇଥିବା ଶିକ୍ଷକ ଶିକ୍ଷୟତ୍ରୀଙ୍କ ମଧ୍ୟରୁ ଅନେକ ଶିକ୍ଷକ ଶିକ୍ଷୟତ୍ରୀ ରୋଗାଗ୍ରସ୍ତ ଥିବା ସତ୍ୱେ ସେମାନେ ପ୍ରଚଣ୍ଡ ଖରା ରେ କାମ କରୁଛନ୍ତି। ନାଚିଣ୍ଡିଆ ମୁରଲୀଧର ସରକାରୀ ଉପ୍ରା ବିଦ୍ୟାଳୟର ଶିକ୍ଷୟତ୍ରୀ ସନ୍ଧ୍ୟାରାଣୀ ଦାସ ଗତ ୧୬ ତାରିଖ ଠାରୁ ଜନଗଣନା କାର୍ଯ୍ୟ ରେ ନିୟୋଜିତ ହୋଇଥିବା ବେଳେ ଗତ କାଲି ଦିନ ୨.୩୦ ମିନିଟ ସମୟରେ କଚୁଆପଡା ଗ୍ରାମ ରେ କାମ ସାରି ଫେରୁଥିବା ସମୟରେ ରାସ୍ତା ଉପରେ ତଳେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ପହଂଚି ତାଙ୍କୁ ପ୍ରଥମେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଥିବା ବେଳେ ସେଠାରେ କେହି ଡାକ୍ତର ନଥିବାରୁ ତାଙ୍କୁ ତୁରନ୍ତ ବସ୍ତା ମେଡିକାଲ କୁ ନେଇଥିବା ଜଣାପଡିଛି। ଶ୍ରୀମତୀ ଦାସ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗୀ ହୋଇଥିବାରୁ ପ୍ରବଳ ଗରମ ପାଇଁ ଏଭଳି ହୋଇଥିବା ଡାକ୍ତର କହିଛନ୍ତି।

# ଯୋଗାଣ ଅଧିକାରୀଙ୍କ ଦ୍ୱାରା ଦିବ୍ୟାଙ୍ଗ ମହିଳାଙ୍କୁ ରାସନ କାର୍ଡ ବଣ୍ଟନ

ବାଲିଆପାଳ, ୧୯।୪ (ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ଭିକାଗଡିଆ ଗ୍ରାମର ଦିବ୍ୟାଙ୍ଗ ମହିଳାଙ୍କୁ ବାଲିଆପାଳ ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ମହାରଣା ରେସନ କାର୍ଡ ଯୋଗାଇ ଦେଇଛନ୍ତି। ଗ୍ରାମର ବାସନ୍ତୀ ପଡିହାରୀ ଜଣେ ବିଧବା ଏବଂ ଶତପ୍ରତିଶତ ଦିବ୍ୟାଙ୍ଗ ମହିଳା। ପରିବାର କହିଲେ କେବଳ ଗୋଟିଏ ଝିଅ। ବାପା, ମା ,ସ୍ୱାମୀ, ପୁଅ କେହି ନାହାନ୍ତି। ସାହାଯ୍ୟ କରିବା ପାଇଁ କେହି ନଥିବାରୁ ରେସନ କାର୍ଡ ପଞ୍ଜିକରଣ କରିବା ପାଇଁ ମଧ ସମ୍ଭବ ହୋଇପାରିନଥିଲା। ଜଗତିପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ବର୍ଷା ରାଣୀ ନାୟକ ବାଲିଆପାଳ ଖାଦ୍ୟ ଯୋଗାଣ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଭାଗୀୟ ଅଧିକାରୀ ଏହାକୁ ବିଚାରକୁ ନେଇ ଗୋଟିଏ ଦିନ ମଧ୍ୟରେ ବାସନ୍ତୀଙ୍କ ଘରେ ପହଞ୍ଚି ତାଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ରେସନ କାର୍ଡ ଯୋଗାଇ ଦେବା ସହିତ ସ୍ଥାନୀୟ ରିଟେଲରଙ୍କୁ ଶିଘ୍ର ରାସନ୍ ଯୋଗାଇ ଦେବା ପାଇଁ କହିଛନ୍ତି। ଏହି ସମୟରେ ଜଗତିପୁର ସରପଞ୍ଚ ସୁବାଷ ଚନ୍ଦ୍ର ବେହେରା, ବିରେଞ୍ଚି ପାତ୍ର, ଗଣେଶ ଚନ୍ଦ୍ର ବାଗ,ପଦ୍ମ ଲୋଚନ ମାଝୀ ଉପସ୍ଥିତ ଥିଲେ। ଏହି ଦିବ୍ୟାଙ୍ଗ ମହିଳାଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ଦିବ୍ୟାଙ୍ଗ ଭତ୍ତା, ଅନ୍ତୋଦୟ ଯୋଜନାରେ ଘର ଖଣ୍ଡେ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି ହୋଇଛି।

# ନିର୍ବାଚନ ଆସିଲେ ନେତାଙ୍କ ମୁଦ୍ଦା ପାଲଟିଯାଏ ଡୁବୁଡୁବି ନଦୀ

ବାଲେଶ୍ୱର,୧୯ ।୪ (କଳିଙ୍ଗ କୁମାର ସାହୁ)



ନିର୍ବାଚନ ଆସିଲେ ସବୁ ନେତାଙ୍କର ମନେପଡେ ସଦର ନିର୍ବାଚନ ମଣ୍ଡଳୀରେ ଥିବା ଡୁବୁଡୁବି ନଦୀ। ଏହି ନଦୀରେ ପୋଲ ନିର୍ମାଣ ପାଇଁ ସବୁ ନେତାମାନେ ଗାଁକୁ ଯାଇ ପ୍ରଚାର ମାଧ୍ୟମରେ ପ୍ରତିଶ୍ରୁତିରେ ପୋତି ପକାନ୍ତି। ହେଲେ ନିର୍ବାଚନ ସରିଲେ ସବୁ ଅଲଗା ହୋଇଯାଏ। ବାଲେଶ୍ୱର ସଦର ମହକୁମାରୁ କଷାଫଳ ପଂଚାୟତକୁ ସିଧାସଳଖ ଯୋଗାଯୋଗ ପାଇଁ ଡୁବୁଡୁବି ନଦୀ ହେଉଛି ମୁଖ୍ୟ ରାସ୍ତା। ଗ୍ରାମବାସୀଙ୍କ ଦୀର୍ଘଦିନର ଦାବି ପରେ ୨୦୧୭ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ବିଜୁ ସେତୁ ଯୋଜନାରେ ଏହି ନଦୀ ଉପରେ ଏକ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ତାହା ଆଜି ପର୍ଯ୍ୟନ୍ତ ଶେଷ ହୋଇପାରି ନାହିଁ। ଏହାରି ମଧ୍ୟରେ ୯ ବର୍ଷ ବିତିଯାଇଥିଲେ ସୁଦ୍ଧା ସେଇଠି ଆଣ୍ଠେଇଛି ଏହି ପ୍ରକଳ୍ପ। ଅନ୍ୟପଟେ ବର୍ଷ ପରେ ବର୍ଷ ବିତୁଛି ଟେଣ୍ଡରର ମୂଲ୍ୟ ମଧ ବଦଳୁଛି ହେଲେ ନିର୍ମାଣ ହୋଇପାରୁନି ପୋଲ। ଯାହାକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିବା ସହ ଏବେ ବି ଲୋକେ ଡଙ୍ଗା ଉପରେ ଭରସା କରି ବିପଦପୂର୍ଣ୍ଣ ଯାତ୍ରା କରୁଛନ୍ତି। ଜିଲ୍ଲା ସଦର ମହକୁମାରୁ କଷାଫଳ ପଂଚାୟତକୁ ଦୂରତ୍ୱ ପାଖାପାଖ ୬୦କିଲୋମିଟର। ଏହି ଦୂରତାକୁ ପାଖାପାଖି ୩୦ କିଲୋମିଟର କମାଇବା ପାଇଁ ସାର୍ଥା ଓ କଷାଫଳ ପଂଚାୟତ ମଧ୍ୟରେ ଗମନାଗମନ ବ୍ୟବସ୍ଥାରେ ବାଧକ ସାଜିଥିବା ଡୁବୁଡୁବି ନଦୀ ଉପରେ ଏକ ସ୍ଥାୟୀ ପୋଲ ନିର୍ମାଣ ଦାବିକୁ ଦୃଷ୍ଟିରେ ରଖି ୨୦୧୭ମସିହା ଡିସେମ୍ବର ୧୩ତାରିଖରେ କାର୍ଯ୍ୟ ଆରମ୍ଭ ହୋଇ ୨୦୨୦ମସିହା ଡିସେମ୍ବର ୩୧ତାରିଖରେ ଶେଷ ହେବାର ଥିଲା। ପ୍ରାଥମିକ ପର୍ଯ୍ୟାୟରେ ଏହି ସମ୍ପୂର୍ଣ୍ଣ ପୋଲର ମୂଲ୍ୟ ୩ କୋଟି ୩୭ଲକ୍ଷଟଙ୍କା

- ୯ ବର୍ଷ ବିତିଲାଣି, ଆଣ୍ଠେଇଛି ପ୍ରକଳ୍ପ
- ଏବେ ବି ଲୋକଙ୍କ ଭରସା ଡଙ୍ଗା

ରହିଥିଲା। ସେତେବେଳେ ବିଧାୟକ ଭାବେ ଜୀବନ ପ୍ରଦୀପ ଦାଶ ଥିଲେ। ତାଙ୍କ ଦ୍ୱାରା ଏହି କାର୍ଯ୍ୟାର ଶୁଭାରମ୍ଭ ମଧ ହୋଇଥିଲା। ପରବର୍ତି ସମୟରେ ୨୦୧୯ ମସିହାରେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଥିଲା। ୯ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ୧୦୦ଫୁଟ ଲମ୍ବର ପୋଲ ନିର୍ମାଣ କାର୍ଯ୍ୟରେ ଦୁଇ ଦୁଇ ଜଣ ଠିକାଦାର ନିୟୋଜିତ ହୋଇଥିଲେ ବି ନଦୀର ଦୁଇ ପାଖରେ କେବଳ ଦୁଇଟି ପିଲର ନିର୍ମାଣ କାର୍ଯ୍ୟ ବି ସମ୍ପୂର୍ଣ୍ଣ ହୋଇପାରିନଥିଲା। ଯାହାଫଳରେ ସ୍ଥାନୀୟ ଲୋକମାନେ ବହୁ ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। ପରେ ବର୍ଷକୁ ବର୍ଷ ଟେଣ୍ଡର ବଦଳୁଥିବା ବେଳେ ଏବେ ତାହା ୫ କୋଟିରେ ପହଁଚିଛି। ପୋଲ ନିର୍ମାଣ ନହେବା ଫଳରେ ଲୋକେ ବାଧ ହୋଇ ଆଜି ବି ଡଙ୍ଗା ଉପରେ ବିପଦପୂର୍ଣ୍ଣ ଭାବେ ଯିବା ଆସିବା କରୁଛନ୍ତି। ଏହି ନଦୀଟି ପ୍ରଖର ସ୍ରୋତ ଓ ଜୁଆରିଆ। ସମୁଦ୍ରକୁ ସଂଲଗ୍ନ ହୋଇଥିବା ଏହି ନଈର ଓସାର ସିନା କମ ହେଲେ ଗଭୀର ଅଧିକ। ଏହାରି ମଧ ପ୍ରତିଦିନ ଡଙ୍ଗାରେ ବିପଦପୂର୍ଣର୍ ଭାବେ ୧୧ଟି ପଂଚାୟତର ଲୋକେ ଯାତାୟାତ କରୁଛନ୍ତି। ଏହାଛଡା ସ୍ଥାନୀୟ ଲୋକେ ଡାକ୍ତରଖାନା ହେଉ କିମ୍ବା ବଜାର ହେଉ କିମ୍ବା ପିଲାମାନେ ସ୍କୁଲ କଲେଜକୁ ଯିବା ପାଇଁ ଏହି ଡଙ୍ଗା ହେଉଛି ପ୍ରମୁଖ ମାଧ୍ୟମ। ରାତି ୮ ଟା ପରେ ଏହି ଡଙ୍ଗା ସେବା ବନ୍ଦ ହେବା ପରେ ଲୋକେ କୌଣସି ଅସୁବିଧା ହେଲେ ବାଲେଶ୍ୱରକୁ ଯିବା ପାଇଁ ୬୦କିମି ରାସ୍ତା ବୁଲିଯିବାକୁ ପଡିଥାଏ। ପୋଲ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯିବା ଫଳରେ ଲୋକଙ୍କ ମନରେ ଏହି ଡୁବୁଡୁବି ନଦୀର ପୋଲ ସେମାନଙ୍କ ପାଇଁ ସ୍ୱପ୍ନ ନା ବାସ୍ତବତା ତାହା ଏବେ ଉଙ୍କିମାରିଛି।

## ମତାମତ

- ୨୦୧୭ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ସେତୁ ଯୋଜନାରେ ଏହି ପୋଲ କାର୍ଯ୍ୟ ଆରମ୍ଭ କରିଥିଲେ। ଏପରିକି ଫଚୁପଡା ପୋଲ ନିର୍ମାଣ କାର୍ଯ୍ୟ ଶେଷ ପରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହାଦ୍ୱାରା କଶାଫଳ, ଲଙ୍ଗଳେଶ୍ୱର ସମେତ ସମସ୍ତ ଉତ୍ତର ବାଲେଶ୍ୱର ଲାଭାନ୍ୱିତ ହୋଇଥାଆନ୍ତା। ଲକ୍ଷାଧିକ ଲୋକେ ବେପାର ବଣିଜ କରିବା ସିଧାସଳଖ ବାଲେଶ୍ୱର ସହ ଯୋଡି ହୋଇପାରିଥାଆନ୍ତେ। ୨୦୧୯ ମସିହାରେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଏବର ବିଧାୟକ ଏହାକୁ ବିଧାନସଭାରେ ଉଠାଇ ଏହାର ପୂର୍ଣ୍ଣାଙ୍ଗ କାର୍ଯ୍ୟ କରିବା ଆବଶ୍ୟକ।
  **ଜୀବନ ପ୍ରଦୀପ ଦାଶ, ପୂର୍ବତନ ସଦର ବିଧାୟକ**
- ୨୦୧୭ ମସିହାରେ କାର୍ଯ୍ୟ ଆରମ୍ଭ ହୋଇଛି ଏହା ସତ। ହେଲେ ତାଙ୍କ ସମୟରେ କୌଣସି କାରଣ ପାଇଁ ଡ୍ରଇଂ ଓ ଡିଜାଇନ ବଦଳି ଥିଲା। ଏପରିକି ସେତେବେଳେ ଯେଉଁ ଠିକାଦାର କାର୍ଯ୍ୟ କରୁଥିଲେ ସେମାନେ ସମୟ ଅନୁସାରେ କାମ କଲେ ନାହିଁ। ଫଳରେ ରାଜ୍ୟ ସରକାର ନିର୍ମାଣକାରୀ ସଂସ୍ଥାକୁ କଳା ତାଲିକାଭୁକ୍ତ କରିଥିଲେ। ଏହାକୁ ନେଇ ସେ ହାଇକୋର୍ଟ ଯିବା ପରେ ପୁଣିଥରେ କାର୍ଯ୍ୟକରିବାକୁ ଅନୁମତି ପାଇଥିଲେ। ହେଲେ ପୂର୍ବଭଳି ସେ କାମ ନକରିବାରୁ ତାଙ୍କର ଯନ୍ତ୍ରାଂଶ ଗୁଡିକ ସରକାରଙ୍କ ପକ୍ଷରୁ ସିଜ କରାଯାଇଥିଲା। ଫଳରେ କାର୍ଯ୍ୟ ଅଟକି ଯାଇଥିଲା। ଏବର ବିଧାୟକ ସରକାର ବଦଳିବା ପରେ ୭ ଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ କରିବାକୁ କହିଥିଲେ। ହେଲେ ଏହାରି ମଧ୍ୟରେ ଦୁଇ ବର୍ଷ ବିତିଯାଇଥିଲେ ସୁଦ୍ଧା ତାହା ସ୍ଥାଣୁ ପାଲଟି ଯାଇଛି ବୋଲି କହିଛନ୍ତି।
  **ସ୍ୱରୂପ କୁମାର ଦାସ, ପୂର୍ବତନ ସଦର ବିଧାୟକ**
- ପୂର୍ବତନ ସରକାରଙ୍କ ସମୟରେ ଡୁବୁଡୁବି ନଦୀରେ କାର୍ଯ୍ୟ ଆରମ୍ଭ ହୋଇ ଆଜି ପର୍ଯ୍ୟନ୍ତ ଶେଷ ହୋଇପାରିଲା ନାହିଁ। ନିର୍ମାଣ କାର୍ଯ୍ୟକୁ ବିଳମ୍ବିତ କରିବା ଅଭିଯୋଗରେ ଠିକାସଂସ୍ଥାର ଚୁକ୍ତିନାମାକୁ ୨୦୨୫ମସିହା ନଭେମ୍ବର୧୩ତାରିଖରେ ରଦ୍ଦ କରାଯାଇଥିଲା। ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଡୁବଡୁବି ନଦୀ ପୋଲର ବଳକା କାର୍ଯ୍ୟକୁ ଅନ୍ୟ ଏକ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ସମ୍ପୂର୍ଣ୍ଣ କରିବା ପାଇଁ ଠିକାଦାର ସଂସ୍ଥା ଚୟନ କରିଛି। ଏଣୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିଯୁକ୍ତ ହୋଇଥିବା ନୂଆ ଠିକାଦାର ସଂସ୍ଥାକୁ କାର୍ଯ୍ୟାଦେଶ ପ୍ରଦାନ କରିଛନ୍ତି। ଡୁବୁଡୁବି ନଦୀର ସାହୁଘାଟକୁ ଯାଇ ଅସମ୍ପୂର୍ଣ୍ଣ ପୋଲର ସ୍ଥିତି ଅନୁଧ୍ୟାନ କରିବା ସହ ଯୋଜନାବଦ୍ଧ ଭାବେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଅଧାପନ୍ତରିଆ ହୋଇ ପଡିରହିଥିବା ପୋଲର ନିର୍ମାଣ କାର୍ଯ୍ୟ ସାରିବାକୁ ଠିକାଦାର ସଂସ୍ଥା ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।
  **ମାନସ କୁମାର ଦତ୍ତ, ସଦର ବିଧାୟକ**

● ଜନଗଣନା କାର୍ଯ୍ୟରୁ ଦୂରେଇ ରହିବା ପାଇଁ ବାହାନା

# ଡାକ୍ତରୀ ପ୍ରମାଣପତ୍ରକୁ ଅସ୍ତ୍ର କରି କୋଚିଂ ସେଣ୍ଟରରେ ମାତିଛନ୍ତି ଅସାଧୁ ଶିକ୍ଷକ

ବାଲିଆପାଳ, ୧୯।୪ (ସମିସ): ଆରମ୍ଭ ହୋଇଛି ଘରକୁ ଘର ବୁଲି ଜନଗଣନା। ମେ ମାସ ୧୫ ତାରିଖ ପର୍ଯ୍ୟନ୍ତ ଜନଗଣନା ଅଧିକାରୀ ମାନେ ଘର ଘର ବୁଲି ଜନଗଣନା କରିବେ। ପ୍ରଥମ ୩ଦିନ ଘର ନମ୍ବରିଂ କରାଯିବ। ଏଥିପାଇଁ ସାରା ରାଜ୍ୟରେ ୮୦ ହଜାର କର୍ମଚାରୀ ନିୟୋଜିତ ହୋଇଛନ୍ତି। ସେମାନଙ୍କୁ ସାହାଯ୍ୟ କରିବା ପାଇଁ ୮ ହଜାର ସୁପରଭାଇଜର ଅଛନ୍ତି। ମାତ୍ର ବାଲିଆପାଳ ବ୍ଲକରେ ଏହି ଭଳି ଏକ ଜାତୀୟ କାର୍ଯ୍ୟରୁ ଦୂରେଇ ରହିବା ପାଇଁ କିଛି ଅସାଧୁ ଶିକ୍ଷକ ମିଥ୍ୟା ଡାକ୍ତରୀ ପ୍ରମାଣପତ୍ରକୁ ଅସ୍ତ୍ର କରି ନିଜ ନିଜର କୋଚିଂ ସେଣ୍ଟରରେ ମାତିଥିବା ପରିଲକ୍ଷିତ ହୋଇଛି। ଅନ୍ୟପକ୍ଷରେ ଗର୍ଭବତୀ ଶିକ୍ଷୟିତ୍ରୀ ଏବଂ ଅସୁସ୍ଥ ଥିବା ଶିକ୍ଷୟିତ୍ରୀ ମାନଙ୍କୁ ଏହି ଜନଗଣନା କାର୍ଯ୍ୟରେ ନିୟୋଜିତ କରାଯାଇଛି। କେତେକ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ୧୫ ରୁ ୨୦ କିଲୋମିଟର ଦୂରରେ କାର୍ଯ୍ୟ କରିବା ପାଇଁ ନିୟୋଜିତ କରାଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ସରକାରୀ ବିଦ୍ୟାଳୟର ଯେଉଁ ଅସାଧୁ ଶିକ୍ଷକ ମାନେ ବାପ,ମା କିମ୍ବା ସ୍ତ୍ରୀ ଅସୁସ୍ଥ ଥିବାର ମିଥ୍ୟା ଡାକ୍ତରୀ ପ୍ରମାଣପତ୍ର ପ୍ରଦାନ କରି କୋଚିଂ ସେଣ୍ଟରରେ ମାତିଛନ୍ତି ସେମାନଙ୍କ ଉପରେ ଶିକ୍ଷା ବିଭାଗ କିମ୍ବା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଅନ୍ୟପକ୍ଷରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ନିଜ ଘର ବାଲିଆପାଳ ବ୍ଲକରେ ହୋଇଥିଲା ବେଳେ ସେ ଏହି ବ୍ଲକ ଅନ୍ତର୍ଗତ ଡାଙ୍ଗରପଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବରେ କାର୍ଯ୍ୟ କରୁଥିଲେ। ତେଣୁ ତାଙ୍କ ସହିତ ପୂର୍ବରୁ ଭଲ ସମ୍ପର୍କ ଥିବା କିଛି ଶିକ୍ଷକ ଯେଉଁମାନେ କୋଚିଂ ସେଣ୍ଟରରେ ମାତିଛନ୍ତି ସେମାନଙ୍କୁ ଏହିଭଳି ଏକ ଜାତୀୟ କାର୍ଯ୍ୟରୁ ଦୂରେଇ ରଖିବା ପାଇଁ ଚେଷ୍ଟା କରାଯାଇ ନିଜେ ଗୋଷ୍ଠୀ ଶିକ୍ଷାଧିକାରୀ ସେମାନଙ୍କ କୋଚିଂ ବ୍ୟବସାୟକୁ ପ୍ରୋତ୍ସାହିତ କରୁଥିବା ଶିକ୍ଷକ ମହଲରେ ଚର୍ଚ୍ଚା ହେଉଛି। ଜଣେ ଅଧିକାରୀ ନିଜ ବ୍ଲକରେ ରହି ନ ପାରିବାର ନିୟମ ଥିବାବେଳେ ବାଲିଆପାଳ ଗୋଷ୍ଠୀ ଶିକ୍ଷାଧିକାରୀ ଘରୋଇ ବ୍ଲକରେ ଦୀର୍ଘ ଦିନ ଧରି ଦାୟିତ୍ୱରେ ଅଛନ୍ତି। ଏ ସମ୍ପର୍କରେ ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନାଙ୍କୁ ପଚାରିବାରୁ ସେ ଅଭିଯୋଗକୁ ଖଣ୍ଡନ କରିଥିଲେ।

# ଚଳନ୍ତା ଟ୍ରେନରୁ ଖସି ଯୁବକ ଗୁରୁତର

ସିମୁଳିଆ, ୧୯।୪ (ସମିସ): ମାର୍କୋଣା ରେଳ ଷ୍ଟେସନ ନିକଟରେ ଚଳନ୍ତା ଟ୍ରେନରୁ ଖସି ଯୁବକ ଗୁରୁତର ଅବସ୍ଥାରେ ସିମୁଳିଆ ପରେ ଭଦ୍ରକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଆଜି ମଧ୍ୟାହ୍ନ ସମୟରେ ଗୁଆହାଟିରୁ ସିକନ୍ଦରାବାଦ (୦୭୦୨୯) ଯାଉଥିବା ସ୍ପେଶାଲ ଟ୍ରେନଟି ଦକ୍ଷିଣ ପୂର୍ବ ରେଳପଥର ମାର୍କୋଣା ରେଳ ଷ୍ଟେସନରେ ଦ୍ରୁତ ବେଗରେ ଅତିକ୍ରମ କରୁଥିବା ସମୟରେ ଚଳନ୍ତା ଟ୍ରେନରୁ ଯୁବକ ଜଣଙ୍କ ଖସିପଡି ଗୁରୁତର ହୋଇଥିଲେ। ଯୁବକ ଜଣକ ଖସି ପଡିବା ଜାଣି ସ୍ଥାନୀୟ ଅଞ୍ଚଳର ସମାଜ ସେବୀ ରାଜୁଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ଗୁରୁତର ଯୁବକକୁ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ଭଦ୍ରକ ମେଡିକାଲକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଇଛି। ଯୁବକ ଜଣକ ଆସାମ ରାଜ୍ୟର ଗୁହାଟି ଅଞ୍ଚଳର ମୁଭିଦୁଲ ଇସଲାମ ବୋଲି ଜଣାପଡ଼ିଛି।

## ମୁଖ୍ୟମନ୍ତ୍ରୀ କପ୍ -୨୦୨୬ କବାଡି ପ୍ରତିଯୋଗିତା

# ସୁବର୍ଣ୍ଣରେଖା ଷ୍ଟ୍ରାଇକର୍ସ ବିଜେତା ଓ ମହାନଦୀ ମାଷ୍ଟର୍ସ ଉପ ବିଜେତା



ବାଲେଶ୍ୱର,୧୯।୪(ସମିସ): ଜିଲ୍ଲା ପ୍ରଶାସନ, ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ଏବଂ ବାଲେଶ୍ୱର ଜିଲ୍ଲା କ୍ରୀଡ଼ାସଂଘର ମିଳିତ ସହଯୋଗରେ ପରମିଟ ପଡିଆ, ନୂଆ ଷ୍ଟାଡିୟମ ଠାରେ ମୁଖ୍ୟମନ୍ତ୍ରୀ କପ୍-୨.୦ ବାଳିକା କବାଡି ୧୬ ବର୍ଷରୁ କମ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା କ୍ରୀଡ଼ା ସଂଘର ବରିଷ୍ଠ ସଭ୍ୟ ହରେନ ଚନ୍ଦ୍ର ରଣା ଯୋଗଦେଇ କ୍ରୀଡାବିତମାନଙ୍କୁ ଉତ୍ସାହିତ କରିବା ସଂଗେ ସଂଗେ ସେମାନଙ୍କ ସହିତ ପରିଚିତ ହୋଇଥିଲେ। ଜିଲ୍ଲା କ୍ରୀଡାସଂଘ ଉପ ସଭାପତି ଜଗଦିଶ ଚନ୍ଦ୍ର ବେହେରା, ଅମର କୁମାର ମହାନ୍ତ, ଯୁଗ୍ମ ସମ୍ପାଦକ ବିରେନ୍ଦ୍ର କୁମାର ସ୍ୱାଇଁ, ଜନ୍ମଜୟ ଦେ, ସଂଜୟ ଲେଙ୍କା ଓ ଗୋପଳ ସେଠୀ, ଅକ୍ଷୟ ଆସ, ଚିତରଂଜନ ପାସା, ଅକ୍ଷୟଏନ୍ଦୁ ଦାସ, ପ୍ରଦିପ କୁମାର ଦାସ, ଦିଲ୍ଲିପ ଜେନା, ସପ୍ନେନ୍ଦୁ ଆଚାର୍ଯ୍ୟଙ୍କ ସମେତ ଅନେକ ସଭ୍ୟ, କର୍ମକର୍ତ୍ତା, ପୂର୍ବତନ କ୍ରୀଡାବିତ ଯୋଗ ଦେଇଥିଲେ। ଜିଲ୍ଲାରେ ଥିବା କ୍ରୀଡା ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଏହି କ୍ରୀଡା ମହୋତ୍ସବର ଅୟୋଜନ କରାଯାଇଛି। ମୁଖ୍ୟମନ୍ତ୍ରୀ କପ୍ -୨୦୨୬ କବାଡି ପ୍ରତିଯୋଗିତା ବାଳିକା ବିଭାଗର ଫାଇନାଲ ଖେଳରେ ସୁବର୍ଣ୍ଣରେଖା ଷ୍ଟ୍ରାଇକର୍ସ ବିଜେତା ଓ ମହାନଦୀ ମାଷ୍ଟରସ୍ ଉପବିଜେତା ହୋଇଥିଲେ। ଏହି ଖେଳକୁ ଲକ୍ଷ୍ମୀଧର ଜେନା, ମୋନଜ କୁମାର ଜେନା, ପ୍ରାଣକୃଷ୍ଣ ମହାନ୍ତି, ସଂଧ୍ୟା ମହାପାତ୍ର, ମଞ୍ଜୁ ମହାପାତ, ସୁମନା ନନ୍ଦୀ, ବବିତା ପାତ୍ର, ନିତ୍ୟ ନୂତନ ଦେ, ସଂଧ୍ୟାରାଣୀ ସିଂ, ସେକ ଅବଦୁଲ ହାକିମ, ବବିତା ଗିରି, ମଳୟ ବେହେରା ସମସ୍ତ ଖେଳକୁ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରୁ ମନୋନୀତ ହୋଇଥିବା ବାଳିକା ଦଳ ରାଜ୍ୟସ୍ତରୀୟ କ୍ରୀଡାରେ ଜିଲ୍ଲା ତରଫରୁ ପ୍ରତିନିଧିତ୍ୱ କରିବେ।

# ଜଳେଶ୍ୱର ବ୍ଲକରେ ବିବାହ ପ୍ରମାଣପତ୍ର ଜାଲିଆତି ଅଭିଯୋଗ

ଜଳେଶ୍ୱର, ୧୯।୪ (ସମିସ): ଜଳେଶ୍ୱର ବ୍ଲକର ବିଭିନ୍ନ ବିଭାଗରେ ଦୀର୍ଘଦିନ ଧରି ଚାଲିଥିବା ଦୁର୍ନୀତି ବିଷୟରେ ଅଭିଯୋଗ ହୋଇ ଆସୁଥିଲେ ମଧ ବର୍ତ୍ତମାନ ମୁଖ୍ୟ ଦୁର୍ନୀତି ଭାବରେ ବେଆଇନ ବିବାହ ପଂଜୀକରଣକୁ ନେଇ ପ୍ରଶ୍ନ ଉଠିଛି। ଏଥିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଭୂମିକାକୁ ନେଇ ଅଧିକ ଚାଂଚଲ୍ୟକର ତଥ୍ୟ ସମ୍ମୁଖକୁ ଆସିଛି। ସୂଚନାରୁ ଜଣାଯାଇଛି ଯେ ଜଳେଶ୍ୱର ପଂଚାୟତ କାର୍ଯ୍ୟାଳୟର ପୂର୍ବତନ ବିଏସଏସଓ ଅଧିକାରିଣୀଙ୍କୁ ସରକାରୀ ଚିଠି ଅର୍ଡର ନଂ- ୪୩୯୨(୧୮-୦୧-୨୦୨୫) ମୂଳେ ବିବାହ ପଂଜିକରଣ ଦାୟିତ୍ୱରୁ ଅନ୍ତର କରାଯାଇଥିଲା ଏବଂ ସମସ୍ତ ଦାୟିତ୍ୱ ବିଡିଓ ନିଜ ଅଧିନକୁ ନେଇଯାଇଥିଲେ। ମାତ୍ର ଆଶ୍ଚର୍ଯ୍ୟର ବିଷୟ ଉକ୍ତ ଅଧିକାରିଣୀ ଦାୟିତ୍ୱରୁ ଯିବା ପରେ ମାତ୍ର ୫ଦିନ ମଧ୍ୟରେ ବେଆଇନ ଭାବେ ୩୩୪ଟି ବିବାହ ପ୍ରମାଣ ପତ୍ର ପଂଜିକରଣ କରିବା ସହିତ ପ୍ରାୟ ୫୬,୦୦୦ଟଙ୍କା ଆତ୍ମସାତ୍ ହୋଇଛି ବୋଲି ଜଣାପଡିଛି। ଯାହା ବିଡିଓଙ୍କୁ ଜଣାନାହିଁ ବୋଲି ସଫେଇ ଦେଉଛନ୍ତି। ପ୍ରଶ୍ନ ଉଠୁଛି ଯେ ୧୮ ସେପ୍ଟେମ୍ବର ୨୦୨୫ରୁ ବିଡିଓଙ୍କ ନିକଟରେ ଦାୟିତ୍ୱ ରହିଥିବା ବେଳେ ଉକ୍ତ ଅଧିକାରିଣୀ ସରକାରୀ ମୋହର ଓ ପୋର୍ଟାଲ କିପରି ବ୍ୟବହାର କରି ବିବାହ ପ୍ରମାଣ ପତ୍ର ଗୁଡିକ ପଂଜିକରଣ କଲେ। ଏଥିନେଇ ଉକ୍ତ ବେନୀୟମ କାର୍ଯ୍ୟରେ ବିଡିଓଙ୍କ ସଂପୃକ୍ତିକୁ ନେଇ ପ୍ରଶ୍ନ ଉଠୁଛି। ବେଆଇନ ଭାବେ ପଂଜିକରଣ ହୋଇଥିବା ପ୍ରମାଣ ପତ୍ର ଗୁଡିକ କେବଳ ଜଳେଶ୍ୱରର ନୁହେଁ ବରଂ ବାଲିଆପାଳ, ଭୋଗରାଇ, ବସ୍ତା, ନୀଳଗିରି ଏବଂ ବାଲେଶ୍ୱର ସଦର ଭଳି ଅନ୍ୟ ବ୍ଲକର ଅଧିବାସୀଙ୍କ ନାମରେ ରହିଥିବା ଜଣାଯାଇଛି। ସେହିପରି ବ୍ଲକର ବିଏଲଓ ମାନଙ୍କର ପାରିଶ୍ରମିକ ବାବଦ ୫୬,୦୦୦ଟଙ୍କାକୁ ବେଆଇନ ଭାବେ ଅନ୍ୟ ଆକାଉଣ୍ଟକୁ ସ୍ଥାନାନ୍ତର କରାଯିବା ଯାହା ଦ୍ୱାରା ସ୍ୱଳ୍ପ ବେତନରେ ଚଳୁଥିବା କର୍ମଚାରୀଙ୍କ ପ୍ରତି ଅନ୍ୟାୟ ଅଟେ। ଉକ୍ତ କାର୍ଯ୍ୟାଳୟରେ ବଡ ଧରଣର ଆନ୍ତଃରାଜ୍ୟ ରାକେଟ କାର୍ଯ୍ୟ କରୁଥିବାର ଅନୁମାନ କରାଯାଉଛି। ତେବେ ବିଡିଓ ନିଜର ବିଫଳତା ଲୁଚାଇବାକୁ ଯାଇ ତଳିଆ କର୍ମଚାରୀଙ୍କ ଉପରେ ଚିଠି ଲେଖି ନିଜ ମୁଣ୍ଡ ଉପରୁ ଦୋଷ ଛଡାଇବାର ପ୍ରୟାସ କରୁଛନ୍ତି ବୋଲି ଅଭିଯୋଗ ହେଉଛି। ତେବେ ଏହି ଦୁର୍ନୀତିର ନିରପେକ୍ଷ ଭିଜିଲାନ୍ସ ତଦନ୍ତ କରିବା ସହିତ ଦୋଷୀଙ୍କ ବିରୁଦ୍ଧରେ କୋଠର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କେତେକ କର୍ମଚାରୀ ଓ ସଚେତନ ନାଗରିକଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ, ପଂଚାୟତିରାଜ ମନ୍ତ୍ରୀ ଓ ବାଲେଶ୍ୱର ଜିଲ୍ଲାପାଳଙ୍କ ନିକଟରେ ଦୃଢ ଦାବି କରାଯାଇଛି। ତେବେ ଏ ବିଷୟରେ ବିଡିଓ କହିଛନ୍ତି ଯେ ସେ ଏସମ୍ପର୍କରେ ସମ୍ପୃକ୍ତ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହିତ ବାଲେଶ୍ୱର ଜିଲ୍ଲାପାଳଙ୍କୁ ମଧ ଅବଗତି କରାଇଛି।

## ଲାଗୁ ହେଲା ୬୧ଦିନିଆ କଟକଣା

# ମତ୍ସ୍ୟଜୀବୀଙ୍କୁ ଜୁନ ୧୫ ଯାଏଁ ସମୁଦ୍ର ମନା

ବାଲେଶ୍ୱର,୧୯ ।୪(ସମିସ)



ସମୁଦ୍ରରେ ମାଛ ବଂଶ ବୃଦ୍ଧି ପାଇଁ ଲାଗୁ ହୋଇଛି ୬୧ଦିନିଆ କଟକଣା। ଚଳିତ ମାସ ୧୫ତାରିଖ ଠାରୁ ଆସନ୍ତା ଜୁନ ମାସ୧୫ତାରିଖ ପର୍ଯ୍ୟନ୍ତ ସମୁଦ୍ରକୁ ମାଛ ମାରିବାକୁ ମତ୍ସ୍ୟଜୀବୀମାନେ ସମୁଦ୍ରକୁ ମାଛ ମାରିବାକୁ ଯାଇପାରିବେ ନାହିଁ ବୋଲି ମତ୍ସ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ସାମୁଦ୍ରିକ ସମ୍ପଦର ସୁରକ୍ଷା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି। ଯାହାକୁ ନେଇ ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ଅନ୍ୟପଟେ ଦୁଇ ମାସ ନୁହଁ ୩ମାସ କଟକଣା କରାଗଲେ ଆଶାତିତ ମତ୍ସ୍ୟ ବଂଶ ବୃଦ୍ଧି ସହ ଅଧିକ ଉତ୍ପାଦନ ହେବ ବୋଲି ମତ୍ସ୍ୟଜୀବୀମାନେ କହିଛନ୍ତି। ଏଣୁ ଚଳିତ ମାସ ୧୫ତାରିଖ ଠାରୁ ସମୁଦ୍ରରେ 'ଫିସିଂ ବ୍ୟାନ' କରାଯାଇଛି। ଗ୍ରୀଷ୍ମ ଋତୁରେ ଏହି ସମୟଟି ମାଛମାନଙ୍କର ମୁଖ୍ୟ ପ୍ରଜନନ ସମୟ ହୋଇଥିବାରୁ ଚଳିତମାସ ୧୫ତାରିଖ ଠାରୁ ଜୁନ୧୫ତାରିଖ ପର୍ଯ୍ୟନ୍ତ ଦୀର୍ଘ ୬୧ଦିନ ଧରି ମାଛ ଧରା ଉପରେ କଟକଣା ଜାରି କରାଯାଇଛି। ସାମୁଦ୍ରିକ ପରିବେଶର ସନ୍ତୁଳନ ରକ୍ଷା ଏବଂ ଛୋଟ ମାଛଙ୍କୁ ବଢ଼ିବାକୁ ସୁଯୋଗ ଦେବା ଏହି ନିୟମର ମୂଳ ଲକ୍ଷ୍ୟ। ଯନ୍ତ୍ରଚାଳିତ ବୋଟ ବା ଟ୍ରଲରର ଶବ୍ଦ ଓ ପ୍ରୟୋଗ ଯୋଗୁଁ ମାଛମାନଙ୍କ ପ୍ରଜନନ ପ୍ରକ୍ରିୟା ବାଧାପ୍ରାପ୍ତ ହେବାର ଆଶଙ୍କା ଥିବାରୁ ଏହି ପଦକ୍ଷେ ନିଆଯାଇଛି। ଅନ୍ୟପଟେ କଟକଣା ଲାଗୁ ହେବା ପରେ ବଳରାମଗଡ଼ି ମୁହାଣକୁ ବହୁ ବୋଟ ଫେରିବା ଆରମ୍ଭ କରିଛି। ଗଭୀର ସମୁଦ୍ରରୁ ଫେରି କୂଳରେ ଲାଗୁଥିବା ବୋଟରୁ ମାଛ ଖାଲି କରାଯିବା ସହ ଜାଲ ଗୁଡ଼ିକୁ ସାଇତି ରଖାଯାଉଛି। ଦୁଇମାସର ବିରତି ପରେ ପୁଣି ସମୁଦ୍ରକୁ ଲେଉଟିବା ଆଶାରେ ଏବେଠାରୁ ମତ୍ସ୍ୟଜୀବୀମାନେ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହି କଟକଣା ମୁଖ୍ୟତଃ ଯନ୍ତ୍ରଚାଳିତ ଡଙ୍ଗା ଓ ବଡ଼ ଟ୍ରଲର ଗୁଡ଼ିକ ପାଇଁ ଲାଗୁ ହୋଇଛି। କେବଳ ପାରମ୍ପରିକ ପଦ୍ଧତିରେ ମାଛ ଧରୁଥିବା ଅଣ ଯନ୍ତ୍ରଚାଳିତ ଡଙ୍ଗା ପାଇଁ କିଛିଟା କୋହଳ ନିୟମ ରହିଛି। ତେବେ ଏହି ୬୧ଦିନ ମତ୍ସ୍ୟଜୀବୀଙ୍କ ଜୀବିକା ସମ୍ପୂର୍ଣ୍ଣ ଠପ ହୋଇଯାଉଥିବାରୁ ସେମାନଙ୍କ ପାଇଁ ସରକାରୀ ସହାୟତାର ବ୍ୟବସ୍ଥା ମଧ ରହିଛି। କାମଧନ୍ଦା ହରାଇ କିଛି ମତ୍ସ୍ୟଜୀବୀ ନିଜ ଗାଁକୁ ଫେରି ଯାଉଥିବା ବେଳେ କିଛି ବୋଟ ମରାମତି କାମରେ ନିୟୋଜିତ ହେଉଛନ୍ତି। ଏ ନେଇ ଅତିରିକ୍ତ ମତ୍ସ୍ୟ ଅଧିକାରୀ ସୁବ୍ରତ କୁମାର ପଟ୍ଟନାୟକ ମତ୍ସ୍ୟ ବିଭାଗ ପକ୍ଷରୁ ସହାୟତା ରାଶି ପ୍ରଦାନ ଓ ନିୟମ ପାଳନ ଉପରେ ଗୁରୁତ୍ୱ ଦିଆଯାଇଥିବା କହିଛନ୍ତି।

# ବାଲେଶ୍ୱର ସଦର କଂଗ୍ରେସର ସାଂଗଠନିକ ବୈଠକ



ବାଲେଶ୍ୱର,୧୯।୪(ସମିସ): ସଦର ନିର୍ବାଚନ ମଣ୍ଡଳୀ ର ନେତା ତଥା ଜିଲ୍ଲା କଂଗ୍ରେସ ର ଉପସଭାପତି ସରୋଜ ଲେଙ୍କାଙ୍କ ନେତୃତ୍ୱ ରେ ସାଂଗଠନିକ ବୈଠକ ବରିଷ୍ଠ ନେତା ପଦ୍ମଲୋଚନ ଲେଙ୍କା ଙ୍କ ପୌରହିତ୍ୟରେ ଜିଲ୍ଲା କଂଗ୍ରେସ ଭବନ ରେ ଅନୁଷ୍ଠିତ ହୋଇ ଯାଇଛି। ସାଂଗଠନିକ ବୈଠକ ରେ ଯୁବ ନେତା ଶ୍ରୀ ଲେଙ୍କା ଉଦବୋଧନ ଦେଇ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ୨୬ଟି ପଂଚାୟତରେ ଦଳ ପକ୍ଷରୁ ପ୍ରତ୍ୟେକ ୱାର୍ଡ ରେ ୱାର୍ଡ ସଭ୍ୟ, ସମିତି ସଭ୍ୟ, ସରପଞ୍ଚ ଓ ଜିଲ୍ଲା ପରିଷଦ୍‌ସଭ୍ୟ ପଦ ପାଇଁ ପ୍ରାର୍ଥୀ ଦିଆଯିବ ବୋଲି ସୂଚନା ଦେଇଥିଲେ। ଏହି ଅବସରରେ ଜିଲ୍ଲା କଂଗ୍ରେସ ର ପୂର୍ବତନ ସଭାପତି ସଂଜୀବ ଗିରି ଅତିଥି ଭାବେ ଯୋଗ ଦେଇ ଦଳୀୟ କର୍ମୀ ଓ ଯୁବ ନେତା ମାନଙ୍କୁ ଗୁରୁ ମନ୍ତ୍ର ଦେଇଥିଲେ। ବିଜେପି କିଭଳି ମହିଳା ସ୍ଥାନ ସଂରକ୍ଷଣ ବିଲ୍‌କୁ ଆଳ କରି କୁମ୍ଭୀର କାନ୍ଦଣା ମାଧ୍ୟମ ରେ ମହିଳା ଭୋଟ ଅନୁକମ୍ପା ମାଧ୍ୟମରେ ପାଇବାକୁ ଷଡ଼ଯନ୍ତ୍ର ଆରମ୍ଭ କରିଛି ତା'ର ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ବୈଠକରେ ଟାଉନ ସଭାପତି ଅନୁପ ସ୍ୱାଇଁ, ଜିଲ୍ଲା ଉପସଭାପତି କମରୁନ ଅଲ୍ଲୀ ଖାନ, ପରିଖୀ ସରପଞ୍ଚ କାର୍ତ୍ତିକ ରାଉତ, ୨୮ ନମ୍ବର ଜୋନ ସଭାପତି କମଳାକାନ୍ତ ମଲ୍ଲିକ,୨୫ନମ୍ବର ଜୋନ କମିଟି ସଭାପତି ଅନନ୍ତ ମହାପାତ୍ର ପ୍ରମୁଖ ଉଦବୋଧନ ଦେଇଥିଲେ। ବିଦ୍ୟାଧର ମହାନ୍ତି ମଞ୍ଚ ଆହ୍ୱାନ କରିଥିବା ବେଳେ ଜିଲ୍ଲା ସଂଖ୍ୟାଲଘୁ ସେଲ ସଭାପତି ଅସଗର ଅଲ୍ଲୀ ଧନ୍ୟବାଦ ଦେଇଥିଲେ।

# ବରିଷ୍ଠ କଂଗ୍ରେସ ନେତା ବିମ୍ବାଧର ବେହେରାଙ୍କ ବିୟୋଗ

ରାଜଘାଟ,୧୯।୪(ସମିସ) ବସ୍ତା କଂଗ୍ରେସର ବରିଷ୍ଠ ନେତା ତଥା ବିଶିଷ୍ଟ ନାଟ୍ୟକାର ଲେଖକ ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ କଳାକାର ଓ ଗାନ୍ଧୀଙ୍କ ଆଦର୍ଶ ରେ ଅନୁପ୍ରାଣିତ ବସ୍ତା ବ୍ଲକ ଅନ୍ତର୍ଗତ ବାହାର୍ଦ୍ଦା ପଞ୍ଚାୟତ ବାହାର୍ଦ୍ଦା ଗାଁର ବିମ୍ବାଧର ବେହେରାଙ୍କ ଆଜି ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୬ବର୍ଷ ହୋଇଥିଲା। ତାଙ୍କ ବିୟୋଗରେ ବସ୍ତା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। କଂଗ୍ରେସ ନେତା ତଥା ଅଖିଳ ଭାରତୀୟ କଂଗ୍ରେସ କମିଟିର ସଦସ୍ୟ ନବଜ୍ୟୋତି ପଟ୍ଟନାୟକ, ପୂର୍ବତନ ବିଧାୟକ ଦେବୀ ପସନ୍ନ ଚଣ୍ଡ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ସଂଜୀବ ଗିରି, କବି କାଳିପଦ ପଣ୍ଡା, କଂଗ୍ରେସ ନେତା ବିଜନ ନାୟକ ଶୋକ ପ୍ରକାଶ କରିଥିବା ବେଳେ ବସ୍ତା ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା, ଜିଲ୍ଲା କଂଗ୍ରେସ କମିଟିର ଉପସଭାପତି ସୁଧାଂଶୁ ଶେଖର ଜେନା, ପୂର୍ବତନ ସମିତି ସଭ୍ୟ ରବିନ୍ଦ୍ର ଦାସ, ଆଇନଜୀବୀ ଜନ ଜୀବନ ପ୍ରଧାନ, ବିନୋଦ ସାହୁ, ବ୍ରାହ୍ମଣଦା ପଞ୍ଚାୟତ ଯୁବ କଂଗ୍ରେସ ସଭାପତି ସୁଶାନ୍ତ ପରିଡ଼ା, ବାହାର୍ଦ୍ଦା ପଂଚାୟତ କଂଗ୍ରେସ ସଭାପତି ମଦନ ଜେନା, ମଦନ ଭକ୍ତା ପ୍ରମୁଖ ଶେଷ ଦର୍ଶନ କରିଥିଲେ।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ଚାକିରିରେ ସଫଳତା ମିଳିବ। ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

## ଆଜିର ଇତିହାସ

- ୧୯୨୦-ଆଲବାମା ଓ ମିସିସିପିରେ ଆସିଥିବା ତୋଫାନ ଯୋଗୁଁ ୨୧୨ ଲୋକଙ୍କ ମୃତ୍ୟୁ।
- ୧୯୩୯- ଆଡଲଫ୍ ହିଟଲର୍‌ଙ୍କ ୫୦ତମ ଜନ୍ମ ଦିବସକୁ ଜର୍ମାନରେ ରାଷ୍ଟ୍ରୀୟ ଦିବସ ଭାବେ ପାଳନ କରାଗଲା।
- ୧୯୯୭- ଇନ୍ଦ୍ର କୁମାର ଗୁଜରାଲ ଦେଶର ଦ୍ୱାଦଶ ପ୍ରଧାନମନ୍ତ୍ରୀ ହେଲେ।
- ୨୦୧୨- ଭାରତ 'ଅଗ୍ନି-୫' କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରିବା ପରେ ଆମେରିକା ଗଣମାଧ୍ୟମ ଭାରତ, ଚୀନ୍ ସହ ସମକକ୍ଷ ହୋଇଗଲା ବୋଲି ପ୍ରକାଶ କରିଥିଲା।

ଆଜି ଆସିଥିଲେ

# ଓଡ଼ିଆ ସାହିତ୍ୟର ଅନନ୍ୟ ସ୍ରଷ୍ଟା ଗୋପୀନାଥ ମହାନ୍ତି

ଆଧୁନିକ ଓଡ଼ିଆ ସାହିତ୍ୟ ଜଗତର ଅନ୍ୟତମ ପ୍ରଭାବଶାଳୀ ଔପନ୍ୟାସିକ ଥିଲେ ଗୋପୀନାଥ ମହାନ୍ତି। ଉପନ୍ୟାସ ସହିତ କବିତା, ଗଳ୍ପ, ଜୀବନୀ, ଆତ୍ମଜୀବନୀ, ନାଟକ ଓ ଅନୁବାଦରେ ଥିଲା ତାଙ୍କର ଅଭୂତପୂର୍ବ ଦକ୍ଷତା। ତାଙ୍କ ଲେଖାରେ ଓଡ଼ିଆ ଚଳଣି, ପାହାଡ଼ି ଜୀବନର କାହାଣୀ, ସାଧାରଣ ମଣିଷର ଭାଷା ଆଦିର ବ୍ୟବହାର ଦେଖିବାକୁ ମିଳିଥାଏ। ଜ୍ଞାନପୀଠ ପୁରସ୍କାର ପାଇବାରେ ସେ ପ୍ରଥମ ଓଡ଼ିଆ ଔପନ୍ୟାସିକ। ୧୯୧୪ ମସିହା ଆଜିର ଦିନରେ କଟକ ଜିଲ୍ଲାର ମହାନଦୀ କୂଳର ଏକ ଛୋଟିଆ ଗ୍ରାମ ନାଗବାଲିରେ ଗୋପୀନାଥଙ୍କର ଜନ୍ମ ହୋଇଥିଲା। ବିଚକ୍ଷଣ ପ୍ରତିଭାସମ୍ପନ୍ନ ଗୋପୀନାଥଙ୍କର ପିଲାଦିନରୁ ସାହିତ୍ୟ ପ୍ରତି ରୁଚି ଥିଲା। ସେ ମାତ୍ର ୨୯ ବର୍ଷ



ବୟସରେ 'ପରଜା' ରଚନା କରି ସାହିତ୍ୟ ଜଗତରେ ଆଲୋଡ଼ନ ସୃଷ୍ଟି କରିଥିଲେ। ୧୯୩୬ରେ ପାଟନା ବିଶ୍ୱବିଦ୍ୟାଳୟରୁ ଇଂରାଜୀରେ ସ୍ନାତକୋତ୍ତର ଶେଷ କଲାପରେ ଗୋପୀନାଥ ଓଡ଼ିଶା ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ। ୧୯୪୦ରେ ତାଙ୍କର ନିଯୁକ୍ତି ହୁଏ ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାରେ। ସେଠାରେ ସେ କନ୍ଧ, କୁଇ, ସଉରା, ପରଜା ସମ୍ପ୍ରଦାୟର ଭାଷା ଓ ସଂସ୍କୃତି ସଂସ୍ପର୍ଶରେ ଆସନ୍ତି। ଆଦିବାସୀ ଜୀବନ ଆଧାରିତ 'ଦାଦିବୁଢ଼ା', 'ପରଜା', 'ଅମୃତର ସନ୍ତାନ' ଆଦି ଉପନ୍ୟାସ ରଚନା କରି ସେ କେବଳ ଯଶସ୍ୱୀ ହୋଇନାହାନ୍ତି; ଆଦିବାସୀ ଜୀବନ ଓ ସମାଜର ନିଛକ, ମାର୍ମିକ, ଦୁର୍ଲଭ ଚିତ୍ରକୁ ପାଠକଙ୍କ ସହ ପରିଚିତ କରାଇଛନ୍ତି। ତାଙ୍କ ଲେଖନୀରେ ସୃଷ୍ଟି ହୋଇଛି 'ହରିଜନ', 'ଦାନାପାଣି', 'ଲୟବିଲୟ', 'ମାଟିମଟାଳ' ଆଦି କାଳଜୟୀ ଉପନ୍ୟାସ। 'ଛାଇ ଆଲୁଅ', 'ଉଡ଼ନ୍ତା ଖଇ', 'ଶରଶଯ୍ୟା' ଆଦି ଗଳ୍ପ ସଂକଳନ, 'ଧୂଳିମାଟିର ସନ୍ଥ', 'ଉତ୍କଳମଣି' ଆଦି ଜୀବନୀ ଏବଂ 'ସ୍ରୋତସ୍ୱତୀ' ଆତ୍ମଜୀବନୀ ରଚନା କରି ସେ ସାହିତ୍ୟର ପ୍ରମୁଖ ବିଭାଗରେ ଛାଡ଼ିଯାଇଛନ୍ତି ବଳିଷ୍ଠ ସ୍ୱାକ୍ଷର। ତାଙ୍କ ରଚନା ସବୁ ଆଦିବାସୀ ଜୀବନଚର୍ଯ୍ୟା ଓ ସେମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ନେଇ କେନ୍ଦ୍ରିତ। ଗୋପୀନାଥଙ୍କ ଲେଖାମାନ ଓଡ଼ିଆ ଓ ଅନ୍ୟାନ୍ୟ ଭାଷାରେ ଅନୁବାଦିତ ହୋଇ ପ୍ରକାଶିତ ହୋଇଛି। ଜୀବନକାଳ ମଧ୍ୟରେ ସେ ୨୪ଟି ଉପନ୍ୟାସ, ୧୦ଟି କ୍ଷୁଦ୍ରଗଳ୍ପ, ୩ଟି ନାଟକ, ୨ଟି ଆତ୍ମଜୀବନୀ, ୨ଟି ନିବନ୍ଧ, କନ୍ଧ, ସଉରା, ଗଡ଼ବାଙ୍କ ଭାଷା ଉପରେ ୫ଟି ବହି ଲେଖିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ଜ୍ଞାନପୀଠ ପୁରସ୍କାର, ପଦ୍ମଭୂଷଣ ଆଦି ଅନେକ ଜାତୀୟ ପୁରସ୍କାର ସମ୍ମାନିତ ଏହି ବିରଳ ପ୍ରତିଭାଙ୍କୁ ୧୯୭୬ ମସିହାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଡିଲିଟ୍ ଉପାଧି ମିଳିଥିଲା। ୨୦ ଅଗଷ୍ଟ, ୧୯୯୧ରେ ଏହି ମହାନ୍ ସାହିତ୍ୟିକଙ୍କର ପରଲୋକ ଘଟିଥିଲା।



# କାର୍ଡବୋର୍ଡ ଫେଶନ

ବର୍ତ୍ତମାନ ଫେଶନ ଦୁନିଆରେ ବହୁ ଅଜବ ଅଜବ ଷ୍ଟାଇଲ ମାନ ସାମ୍ନାକୁ ଆସୁଛି। ବିଶେଷକରି ଲଗ୍‌ଜୁରି ଫେଶନ ବ୍ରାଣ୍ଡ ବାଲେନ୍‌ସିଆଗା ଅଖା, ଟାୱେଲରେ ପୋଷାକ ନିର୍ମାଣ କରି ଏହାକୁ ଲକ୍ଷାଧିକ ଟଙ୍କାରେ ବିକ୍ରି କରି ଚର୍ଚ୍ଚାରେ ରହିଛି। ଏହି କ୍ରମରେ ଏବେ ସାମାଜିକ ଗଣମାଧ୍ୟମରେ କାର୍ଡବୋର୍ଡ ଡ୍ରେସ୍ ଖୁବ୍ ଭାଇରାଲ ହେଉଛି। ଲୋକପ୍ରିୟ ହଲିଉଡ୍ ଅଭିନେତ୍ରୀ ମେଗନ ଫକ୍ସ ଏବଂ ରବର୍ଟ ପେଟିନସନ କାର୍ଡବୋର୍ଡରେ ତିଆରି ପୋଷାକ ପିନ୍ଧିଥିବାର ଦେଖାଯାଇଛି। ତେବେ ଏହି ପୋଷାକକୁ ପ୍ରତିଷ୍ଠିତ ବ୍ରାଣ୍ଡ ବାଲେନସିଆଗା ଲଞ୍ଚ୍ କରିଛି। ଏହାର ନାମ 'ସିଫି କାର୍ଡବୋର୍ଡ ବକ୍ସ' ରଖାଯାଇଛି। ସେହିପରି ଏହି ଡ୍ରେସ୍‌ର ଦାମ୍ ୮.୨୪ ଲକ୍ଷ ବୋଲି କୁହାଯାଇଛି। ଅବଶ୍ୟ ଏହା ସତ ଘଟଣା ନୁହେଁ, ବୋଲି ଏବେ ଜଣାପଡ଼ିଛି। ଏହାକୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତା ସାହାଯ୍ୟରେ ତିଆରି କରାଯାଇଛି। ସ୍ୱୋର୍ଟ ଷ୍ଟିମୁଲେସନ ନାମକ ଏକ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଏହି ଫଟୋଗୁଡ଼ିକ ସେୟାର୍ କରିଥିଲା। ମେଗନ ଫକ୍ସ, ରବର୍ଟ ପେଟିନସନଙ୍କ ଭଳି ବଡ଼ ବଡ଼ ତାରକାଙ୍କ ମୁହଁକୁ ଏହି ଫଟୋରେ ସାମିଲ କରିଥିଲା। ଯେଉଁଳି ଏହା ଅସଲି ଲାଗିବ। ଏହି ଆକାଉଣ୍ଟରେ ପୂର୍ବରୁ ମଧ ଝାଡ଼ୁରେ ତିଆରି ଡ୍ରେସ୍ ଏବଂ ଅଣ୍ଡା ଟ୍ରେରୁ ତିଆରି ପୋଷାକର ଫଟୋ ସେୟାର୍ କରି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ତେବେ ଏହି ପେଜ୍‌ର ଉଦ୍ଦେଶ୍ୟ ହେଉଛି, ଲୋକଙ୍କୁ ଆଶ୍ଚର୍ଯ୍ୟଚକିତ କରିବା। ତା'ସହ ଏକଥା ଭାବିବାକୁ ବାଧ କରିବା ଯେ, ଏହା ଅସଲି କି ନକଲି। ସେହିପରି ଲୋକପ୍ରିୟ ତାରକାଙ୍କୁ ଏଭଳି ପୋଷାକରେ ସାମିଲ କରିବା ଦ୍ୱାରା ଲୋକେ ଏହାକୁ ସତସତିକା ମନେ କରନ୍ତି। ହେଲେ ବାସ୍ତବତା ହେଉଛି ଏସବୁ ଏଆଇ ଦ୍ୱାରା ତିଆରି କଣ୍ଟେଣ୍ଟ। ଏହି ପୂରା ଘଟଣା ସମ୍ପୂର୍ଣ୍ଣ ଭାବେ ଡିଜିଟାଲ ଭ୍ରମ। ଯାହାକି ଜାଣିଶୁଣି ଭାଇରାଲ କରିବା ପାଇଁ ତିଆରି କରାଯାଇଛି। ଏହାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ରଖିଛନ୍ତି।

# ପ୍ଲାଷ୍ଟିକ୍ ସର୍ଜରୀକୁ ନେଇ ମୁହଁ ଖୋଲିଲେ ଅବନୀତ



ବଲିଉଡ୍ ଅଭିନେତ୍ରୀ ଅବନୀତ କୌର୍ ପ୍ଲାଷ୍ଟିକ୍ ସର୍ଜରୀ ଓ ବୋଟୋକ୍ସ କରାଇଥିବା ଚର୍ଚ୍ଚା ଉପରେ ଏବେ ମୁହଁ ଖୋଲିଛନ୍ତି। ବୟସ ବଢ଼ିବା ସହ ତାଙ୍କ ଲୁକ୍‌ରେ ପ୍ରାକୃତିକ ଭାବେ ପରିବର୍ତ୍ତନ ଦେଖାଯାଇଛି ବୋଲି ସେ କହିଛନ୍ତି। ଅବନୀତ ସାମାଜିକ ଗଣମାଧ୍ୟମରେ ବେଶ୍ ସକ୍ରିୟ ଥାନ୍ତି। ସେ ପ୍ରାୟ ସମୟରେ ତାଙ୍କର ଫଟୋ ସେୟାର୍ କରିଥାନ୍ତି। ସମୟ ସହିତ ତାଙ୍କ ଲୁକ୍‌ରେ ପରିବର୍ତ୍ତନ ଦେଖା ଦେବାରୁ ସାମାଜିକ ଗଣମାଧ୍ୟମରେ ସେ ପ୍ଲାଷ୍ଟିକ୍ ସର୍ଜରୀ କିମ୍ବା ବୋଟୋକ୍ସ କରାଇଥିବା କଥା ଚର୍ଚ୍ଚା ହେବାକୁ ଲାଗିଲା। ଏସମ୍ପର୍କରେ ନିକଟରେ ଅବନୀତ ଏକ ସାକ୍ଷାତକାରରେ କହିଛନ୍ତି, 'ସେ ଏଭଳି କମେଣ୍ଟ ଉପରେ ପ୍ରତିକ୍ରିୟା ଦିଅନ୍ତି ନାହିଁ। ଯଦି ଲୋକେ ଏପରି ଭାବୁଛନ୍ତି ତେବେ ସେମାନଙ୍କ ପିଲାଦିନର ଓ ବର୍ତ୍ତମାନର ଫଟୋ ଦେଖନ୍ତୁ। ମଣିଷର ବୟସ ଯେତେ ବଢ଼ି ବଢ଼ି ଚାଲେ ତା'ର ଶାରୀରିକ ଗଠନରେ ପରିବର୍ତ୍ତନ ଦେଖାଯାଏ। ଏହା ଏକ ପ୍ରାକୃତିକ ପ୍ରକ୍ରିୟା। ' ସେ ଆହୁରି ମଧ କହିଥିଲେ, 'ତାଙ୍କ ଆଖି, ନାକ ଓ ଓଠ ପୂର୍ବଭଳି ଅଛି। ତାଙ୍କର କଳାଜାଇ ମଧ ପୂର୍ବଭଳି ସେହି ସ୍ଥାନରେ ଅଛି। ' ଅବନୀତ ତାଙ୍କ ସୌନ୍ଦର୍ଯ୍ୟ ମା'ଙ୍କ ଠାରୁ ଆସିଥିବା କହିଛନ୍ତି। ଅବନୀତଙ୍କ କାମ କଥା କହିବାକୁ ଗଲେ, ସେ ଶେଷ ଥର ପାଇଁ ଶାନ୍ତନୁ ମାହେଶ୍ୱରୀଙ୍କ ସହ 'ଲଭ୍ ଇନ୍ ଭିଏତନାମ୍' ଫିଲ୍ମରେ ନଜର ଆସିଥିଲେ। ରାହତ ଶାହ କାଜମୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ୧୨ ସେପ୍ଟେମ୍ବର, ୨୦୨୫ରେ ରିଲିଜ୍ ହୋଇଥିଲା।

## ସୃଷ୍ଟି

# ସୀତା ନବମୀ



**ବୈଶାଖ ମାସ ଶୁକ୍ଳ ନବମୀକୁ ସୀତା ନବମୀ ବୋଲି କୁହାଯାଏ। ଧାର୍ମିକ ମାନ୍ୟତାନୁସାରେ, ମା' ସୀତା ଏହିଦିନ ପୃଥିବୀରେ ଜନ୍ମ ହୋଇଥିଲେ। ସୀତା ନବମୀକୁ 'ଜାନକୀ ନବମୀ' ମଧ୍ୟ କୁହାଯାଏ। ସେହିପରି ପ୍ରତ୍ୟେକ ଭାରତୀୟ ନାରୀ ମା' ସୀତାଙ୍କୁ ଆଦର୍ଶ ରୂପେ ଗ୍ରହଣ କରିଥାନ୍ତି।**

ରାମ ନବମୀର ମାସେ ପରେ ପଡ଼ିଥାଏ ସୀତା ନବମୀ। ସେହିପରି ରାମ ନବମୀରେ ଶ୍ରୀରାମଙ୍କ ପୂଜା ଦ୍ୱାରା ଯେଉଁ ଫଳ ମିଳେ, ଠିକ୍ ସେମିତି ସୀତା ନବମୀରେ ମାତା ସୀତାଙ୍କୁ ପୂଜା କରିବା ଦ୍ୱାରା ସମାନ ଫଳ ପ୍ରାପ୍ତି ହୁଏ। ମା' ସୀତା ହେଲେ ମହାଲକ୍ଷ୍ମୀଙ୍କ ସ୍ୱରୂପ। ଏହି ପବିତ୍ର ଦିନରେ ମା' ସୀତା ଏବଂ ଶ୍ରୀରାମଙ୍କୁ ପୂଜା କଲେ ସୁଖୀ ଦାମ୍ପତ୍ୟ ଜୀବନର ଆଶୀର୍ବାଦ ପ୍ରାପ୍ତ ହୁଏ। ଏହା ସହ ସମସ୍ତ ମନୋକାମନା ପୂରଣ ହୁଏ। ଏହିଦିନ ସଧବା ନାରୀ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ତଥା ପରିବାରର ସୁଖଶାନ୍ତି ପାଇଁ ବ୍ରତ ରଖନ୍ତି। ଏହାବାଦ୍ ସୀତା ନବମୀରେ ପୂଜାପାଠ ସହ ଦାନ କରିବା ଉଚିତ। ହିନ୍ଦୁ ଧର୍ମରେ ପ୍ରତ୍ୟେକ ପୂଜା ପରେ ଦାନ କରିବାର ପରମ୍ପରା ଅଛି। ଏହିଦିନ କରାଯାଉଥିବା ଦାନ ଦ୍ୱାରା କନ୍ୟାଦାନ ଏବଂ ଚାରିଧାମ ତୀର୍ଥଯାତ୍ରା ସମାନ ଫଳ ପ୍ରାପ୍ତ ହୁଏ। ପୌରାଣିକ ମାନ୍ୟତାନୁସାରେ, ମିଥିଳା ରାଜା ଜନକ ନିଜ ଜମିରେ ହଳ କରୁଥିଲେ। ସେହି ସମୟରେ ସେ ମା' ସୀତାଙ୍କୁ ପାଇଥିଲେ। ସେବେଠାରୁ ସୀତା ଜନକ ନନ୍ଦିନୀ ଜାନକୀ ଭାବେ ପରିଚିତ। ଏପ୍ରିଲ ୨୫ ତାରିଖରେ ସୀତା ନବମୀ ପାଳନ କରାଯିବ।

# ଅକ୍ଷୟ ତୃତୀୟା

**ଆଜି ପବିତ୍ର ଅକ୍ଷୟ ତୃତୀୟା। ବୈଶାଖ ଶୁକ୍ଳ ତୃତୀୟା 'ଅକ୍ଷୟ ତୃତୀୟା' ଭାବେ ପରିଚିତ। କୃଷକ ଏହିଦିନ ଅଖିମୁଠି ଅନୁକୂଳ କରି ଚାଷ କାର୍ଯ୍ୟ ଆରମ୍ଭ କରିଥାନ୍ତି। ଏହା ଅତ୍ୟନ୍ତ ଶୁଭଦିନ ହୋଇଥିବାରୁ ଗୃହନିର୍ମାଣ, ନିର୍ବନ୍ଧ, ବିବାହ, ଉପନୟନ ଭଳି ମାଙ୍ଗଳିକ କାର୍ଯ୍ୟ କରାଯାଏ। କେବଳ ସେତିକି ନୁହେଁ, ଏହି ତିଥିରେ ଶ୍ରୀଜିଉମାନଙ୍କର ରଥ ନିର୍ମାଣ ଅନୁକୂଳ ହୁଏ।**



ପୌରାଣିକ ଦୃଷ୍ଟିକୋଣରୁ ଏହି ଦିନର ମହତ୍ତ୍ୱ ଯଥେଷ୍ଟ ଅଧିକ। ଏହି ଦିନକୁ ସତ୍ୟ ଯୁଗର ପ୍ରାରମ୍ଭ ଦିବସ ରୂପେ ଗ୍ରହଣ କରାଯାଇଛି। ଅକ୍ଷୟ ତୃତୀୟାରେ ମହର୍ଷି ବେଦବ୍ୟାସ ଓ ପ୍ରଭୁ ଗଣେଶ ମହାଭାରତ ଲେଖିବା ଆରମ୍ଭ କରିଥିଲେ। ଏହି ଦିନ ସ୍ୱର୍ଣ୍ଣ କ୍ରୟ କଲେ ମା' ଲକ୍ଷ୍ମୀ ଧନଧାନ୍ୟରେ ଗୃହ ପୂର୍ଣ୍ଣ କରନ୍ତି ବୋଲି ବିଶ୍ୱାସ ଅଛି। ଏହି ଦିନକୁ ଭଗବାନ ବିଷ୍ଣୁଙ୍କ ଷଷ୍ଠ ଅବତାର ପର୍ଶୁରାମଙ୍କ ଜୟନ୍ତୀ ଭାବେ ପାଳନ କରାଯାଏ। 'ଗୀତଗୋବିନ୍ଦ'ର ରଚୟିତା କବି ଜୟଦେବ ଅକ୍ଷୟ ତୃତୀୟା ଦିନ ଜନ୍ମଗ୍ରହଣ କରିଥିଲେ ବୋଲି କୁହାଯାଏ। ବଦ୍ରି-ନାରାୟଣ କପାଟ ଏହି ଦିନ ଖୋଲିଥାଏ। ମା' ଗଙ୍ଗା ମଧ ଏହି ଦିନ ମର୍ତ୍ତ୍ୟରେ ଅବତରଣ କରିଥିଲେ ବୋଲି କିମ୍ବଦନ୍ତୀ କୁହେ। ଏହି ତିଥିରେ ଶ୍ରୀଜୀଉମାନଙ୍କର ରଥ ନିର୍ମାଣ ପାଇଁ ଅନୁକୂଳ କରାଯାଏ। ବିଧି ଅନୁସାରେ, ତିନିଖଣ୍ଡି ଧଉରା କାଠରେ ମନ୍ତ୍ରରେ ପୂଜିତ କୁରାଢ଼ି ଲଗାଇ ବନଜାଗ ହୋମର ଆଚାର୍ଯ୍ୟ ତଥା ଦେଉଳ ପୁରୋହିତ ରଥ ନିର୍ମାଣର ଶୁଭାରମ୍ଭ କରିଥାନ୍ତି। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ରଥଖଳାକୁ ବିଜେ କରିଥାଏ। ଏହି ଦିନଠାରୁ ଶ୍ରୀକ୍ଷେତ୍ରରେ ୨୧ ଦିନିଆ ବାହାର ଚନ୍ଦନ ଯାତ୍ରା ଆରମ୍ଭ ହୁଏ। କୃଷିଭିତ୍ତିକ ପର୍ବ ଅକ୍ଷୟ ତୃତୀୟାର ମହତ୍ତ୍ୱ ଓଡ଼ିଆ ପରମ୍ପରାରେ ଆଜି ବି ଉଜ୍ଜୀବିତ ରହିଛି। ଏହି ପବିତ୍ର ଦିନରେ ଯେକୌଣସି ଧର୍ମକାର୍ଯ୍ୟ କଲେ କ୍ଷୟ ନ ହୋଇ ଅକ୍ଷୟ ହୋଇ ରହିଥାଏ ବୋଲି ବିଶ୍ୱାସ ରହିଛି।

## ଅକ୍ଷୟ ତୃତୀୟାରେ କେଉଁ ଜିନିଷ କିଣିବେ



**ଅକ୍ଷୟ ତୃତୀୟା ଅତ୍ୟନ୍ତ ଶୁଭଦିନ। ଏହିଦିନ ସୁନା ଓ ରୁପା କିଣିବାକୁ ଶୁଭ ବୋଲି କୁହାଯାଏ। ତେବେ ସୁନା, ରୁପା ବ୍ୟତୀତ କିଛି ଜିନିଷ ଏମିତି ଅଛି, ଯାହାକୁ କିଣିବାକୁ ଶୁଭ ବୋଲି କୁହାଯାଇଛି। ଏହା ଦ୍ୱାରା ଧନଲାଭ ହୁଏ ଏବଂ ଲକ୍ଷ୍ମୀ ଦେବୀଙ୍କ କୃପା ପ୍ରାପ୍ତି ହୁଏ।**

- ଅକ୍ଷୟ ତୃତୀୟାରେ ମାଟି ପାତ୍ର, ଦୀପ, କୁଣ୍ଡ କିଣିବା ଶୁଭ। ଏହା ଦ୍ୱାରା ଘରକୁ ସକାରାତ୍ମକ ଶକ୍ତି ପ୍ରବେଶ କରେ ଏବଂ ଘରେ ଶାନ୍ତି ବଜାୟ ରହେ।
- ତମ୍ବା ଜିନିଷ କିଣିବାକୁ ଶୁଭ ବୋଲି କୁହାଯାଏ। ତମ୍ବା ବାସନକୁସନ କିଣିପାରିବେ।
- ହଳଦି ଏବଂ ଅକ୍ଷତ ପୂଜା କାମରେ ଆସେ। ଏହିଦିନ ଏହାକୁ କିଣିବା ଓ ଏହି ଜିନିଷ ଘରକୁ ଆଣିବା ଶୁଭ।
- ଏହିଦିନ ନାଲି ବସ୍ତ୍ର କିଣିବାକୁ ଶୁଭ ବୋଲି କୁହାଯାଏ।
- ସେହିପରି ଜିନିଷ କିଣି ନ ପାରିଲେ ଅସହାୟ ଏବଂ ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ କିଛି ଜିନିଷ ଦାନ କରିପାରିବେ।
- ଏଥିରେ ଅନ୍ନଦାନ ଓ ବସ୍ତ୍ରଦାନ ସାମିଲ ଅଛି।

# ଶନିଙ୍କ ନକ୍ଷତ୍ର ପରିବର୍ତ୍ତନ

**ଜ୍ୟୋତିଷ ଶାସ୍ତ୍ରରେ ଶନିଙ୍କ ରାଶି ବା ନକ୍ଷତ୍ର ପରିବର୍ତ୍ତନକୁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଏ। ଏହାର ପ୍ରଭାବ ସମସ୍ତ ୧୨ ରାଶି ଉପରେ ପଡ଼େ। ୧୭ ତାରିଖରୁ ଶନି ନିଜ ସ୍ଥିତି ବଦଳାଇଛନ୍ତି ଏବଂ ମେ ୧୭ ତାରିଖ ପର୍ଯ୍ୟନ୍ତ ଏହି ସ୍ଥିତିରେ ରହିବେ। ଏହି ସମୟ କେଉଁ ରାଶିଙ୍କୁ ଶୁଭଫଳ ପ୍ରଦାନ କରିବ, ସେ ସମ୍ପର୍କରେ ଜାଣିବା।**




**ବୃଷ:** ଧୀରେ ଧୀରେ ସବୁ ଜିନିଷ ଠିକ୍ ଦିଗକୁ ଗତି କରିବ। କାମ ଚାପ ବଢ଼ିବ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବକେୟା ଅର୍ଥ ଫେରି ପାଇବେ।

**ମିଥୁନ:** ମିଥୁନ ରାଶି ବ୍ୟକ୍ତିଙ୍କୁ ଏହି ସମୟ ଅନେକ ଦିଗରୁ ଲାଭ ପ୍ରଦାନ କରିବ। ନୂଆ କାମ ମିଳିବାର ଆଶଙ୍କା ଅଛି। ସମ୍ପର୍କରେ ଉତ୍ତମ ବୁଝାମଣା ରହିବ। ନୂଆ କିଛି ଆରମ୍ଭ କରିବାକୁ ସୁଯୋଗ ମିଳିବ।

**ସିଂହ:** ସିଂହ ରାଶିବ୍ୟକ୍ତିବିଶେଷଙ୍କ ଲାଗି ଏହି ସମୟ ସୁଖମୟ ହେବ। ଦୀର୍ଘ ଦିନରୁ ଅଟକି ରହିଥିବା କାମ ପୂରା ହେବ। ଚାକିରି ଓ ବ୍ୟବସାୟରେ ନୂତନ ଅବସର ମିଳିବ। ସମାଜରେ ପ୍ରତିଷ୍ଠା ବଢ଼ିବ।

**କନ୍ୟା:** ଶନିଙ୍କ ନକ୍ଷତ୍ର ପରିବର୍ତ୍ତନ ଦ୍ୱାରା କନ୍ୟା ରାଶି ଉପକୃତ ହେବେ। ମାନସିକ ଅବସାଦ ଦୂର ହେବ। ପ୍ରତ୍ୟେକ କାର୍ଯ୍ୟ ଧୀରେ ଧୀରେ ନିୟନ୍ତ୍ରଣକୁ ଆସିବ। ପରିବାରରେ ଉତ୍ତମ ବୁଝାମଣା ରହିବ।

**ଧନୁ:** କ୍ୟାରିୟର ଦୃଷ୍ଟିକୋଣରୁ ଏହି ସମୟ ଧନୁ ରାଶିଙ୍କୁ ଆଶ୍ୱସ୍ତି ପ୍ରଦାନ କରିବ। ଚାକିରିରେ ପରିବର୍ତ୍ତନ ଓ ପଦୋନ୍ନତିର ଆଶଙ୍କା ଅଛି। ଦୂର ସ୍ଥାନକୁ ଯାତ୍ରା କରିବେ।

### ପଞ୍ଜାବ କିଙ୍ଗସ ବନାମ ଲକ୍ଷ୍ନୌ ସୁପର ଜାଏଣ୍ଟସ

# ପ୍ରିୟାଂଶ- ୯୩, କୁପର-୮୭



ମୁଲାନପୁର, ନ୍ୟୁଚଣ୍ଡିଗଡ, ୧୯।୪(ଏଜେନ୍ସି): ଏଠାରେ ରବିବାର ଅନୁଷ୍ଠିତ ଲକ୍ଷ୍ନୌ ସୁପର ଜାଏଣ୍ଟସ (ଏଲଏସ୍‌ଜି) ବିପକ୍ଷ ଆଇପିଏଲ୍‌ର ୨୯ତମ ଲିଗ୍ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପଞ୍ଜାବ କିଙ୍ଗସ ନିର୍ଦ୍ଧାରିତ ୨୦ ଓଭରରେ ୬ୱିକେଟ ହରାଇ ୨୫୩ରନ୍ ସଂଗ୍ରହ କରିଛି। ଦଳ ପକ୍ଷରୁ ଯୁବ ଓପନ ପ୍ରିୟାଂଶ ଆର୍ଯ୍ୟ ବିସ୍ଫୋରକ ଅର୍ଦ୍ଧଶତକ ସହ ୩୭ବଲ୍‌ରୁ ୪ଚୌକା ଓ ୯ଛକା ସହ ସର୍ବାଧିକ ୯୩ ଓ କୁପର କନୋଲୀ ୪୬ବଲ୍‌ରୁ ୮ଚୌକା ଓ ୭ଛକା ସହ ୮୭ ରନ୍ କରିଥିଲେ। ଦଳ ପ୍ରଥମ ଓଭରରେ ପ୍ରଭସିମରନ ସିଂ (୦)ଙ୍କ ୱିକେଟ ହରାଇବା ପରେ ପ୍ରିୟାଂଶ ଓ କନୋଲୀ ଦ୍ୱିତୀୟ ୱିକେଟ ଭାଗୀଦାରିରୁ ୮୦ବଲ୍‌ରେ ୧୮୨ ରନ୍ ଉଠାଇ ଦଳକୁ ଏକ ବଡ଼ ସ୍କୋର କରିବାର ପ୍ଲାଟଫର୍ମ ଦେଇଥିଲେ। ଏହି ଯୋଡି ଭାଙ୍ଗିବା ପରେ ଏଲଏସ୍‌ଜିର ବୋଲରମାନେ ନିୟନ୍ତ୍ରିତ ପ୍ରଦର୍ଶନ କରି ମ୍ୟାଚ୍‌କୁ ଫେରିଥିଲେ। ସୁନ୍ଦର ବୋଲିଂ ବଳରେ ପଞ୍ଜାବ ୨୩ ରନ୍‌ରେ ଦୁଇ ବିସ୍ଫୋରକ ବ୍ୟାଟରଙ୍କ ସହ ୪ଟି ୱିକେଟ ହରାଇଥିଲା। ଶେଷ ଭାଗରେ ମାର୍କସ ଷ୍ଟୋଇନିସ୍ ଓ ଶଶାଙ୍କ ସିଂ ୬ଷ୍ଠ ୱିକେଟରେ ୧୭ବଲ୍‌ରୁ ୪୪ରନ୍ ଉଠାଇବା ଫଳରେ ଦଳ ଏକ ବିଶାଳ ସ୍କୋର କରିବାକୁ ସମର୍ଥ ହୋଇଥିଲା। ଷ୍ଟୋଇନିସ ୧୬ବଲ୍‌ରୁ ୨ଟି ଲେଖାଏଁ ଚୌକା ଓ ଛକା ସହ ୨୯ ଏବଂ ଶଶାଙ୍କ ୬ ବଲ୍‌ରୁ ୧୭ରନ୍ ସଂଗ୍ରହ କରିଥିଲେ। ଏଲଏସ୍‌ଜି ପକ୍ଷରୁ ମନିମାରନ ସିଦ୍ଧାର୍ଥ ଓ ପ୍ରିନ୍ସ ଯାଦବ୨ଟି ଲେଖାଏଁ, ମହମ୍ମଦ୍ ସାମି, ମୋହସିନ ଖାନ୍ ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ।

ଏହି ମୁକାବିଲା ପୂର୍ବରୁ ପଞ୍ଜାବ ୫ଟି ମ୍ୟାଚ୍ ଖେଳି ଚତୁର୍ଥ ବିଜୟ ଓ ଗୋଟିଏ ବାତିଲ ମ୍ୟାଚ୍‌ରୁ ୯ ପଏଣ୍ଟ ପାଇ ଟେବଲର ପ୍ରଥମ ସ୍ଥାନରେ ରହିଥିଲା। ଅନ୍ୟପକ୍ଷରେ ଏଲଏସ୍‌ଜି ୫ଟି ମ୍ୟାଚ୍‌ରୁ ୨ଟି ବିଜୟ ଓ ୩ଟି ପରାଜୟ ସହ ୪ ପଏଣ୍ଟ ପାଇ ଟେବଲର ୮ମ ସ୍ଥାନରେ ରହିଥିଲା।

**ଆଜିର ଆଇପିଏଲ୍ ମ୍ୟାଚ୍**
ଗୁଜରାଟ ବନାମ ମୁମ୍ବଇ
ଭେନ୍ୟୁ-ଅହମ୍ମଦାବାଦ୍
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

### ବରୁଣ ଚକ୍ରବର୍ତ୍ତୀ ଓ କାର୍ତ୍ତିକ ତ୍ୟାଗୀଙ୍କ ସୁନ୍ଦର ବୋଲିଂ

# କୋଲକାତାକୁ ପ୍ରଥମ ବିଜୟ ଦେଲେ ରିଙ୍କୁ-ଅନୁକୂଳ

କୋଲକାତା,୧୯।୪(ଏଜେନ୍ସି)



ଇଣ୍ଡିଆନ ପ୍ରିମିୟର ଲିଗ୍‌ର ୧୯ତମ ସଂସ୍କରଣରେ ୭ମ ମ୍ୟାଚ୍ ଖେଳିବା ପରେ ପ୍ରଥମ ବିଜୟ ହାସଲ କରିଛି ୨ଥରର ଚାମ୍ପିଅନ କୋଲକାତା ନାଇଟ୍ ରାଇଡର୍ସ। ନିଜ ଘରୋଇ ପଡ଼ିଆ ଇଡେନ ଗାର୍ଡେନ୍ସରେ ରବିବାର ଖେଳାଯାଇଥିବା ୨୮ତମ ଲିଗ୍ ମ୍ୟାଚ୍‌ରେ କୋଲକାତା ଏକ ରୋମାଞ୍ଚକ ମୁକାବିଲାରେ ରାଜସ୍ଥାନ ରୟାଲ୍ସକୁ ୪ୱିକେଟରେ ପରାସ୍ତ କରିଛି। ଏହି ବିଜୟ ପରେ ୩ ପଏଣ୍ଟ ପାଇ କୋଲକାତା ପଏଣ୍ଟ ଟେବଲର ୯ମ ସ୍ଥାନକୁ ଉନ୍ନୀତ ହୋଇଛି। ମୁମ୍ବାଇ ଇଣ୍ଡିଆନ୍ସ ୧୦ମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଚଳିତ ଟୁର୍ଣ୍ଣାମେଣ୍ଟରେ ଏଯାଏ ମନୋମୁଗ୍ଧକର ଖେଳ ପ୍ରଦର୍ଶନ କରିଥିବା ରାଜସ୍ଥାନ ୬ଷ୍ଠ ମୁକାବିଲାରୁ ଦ୍ୱିତୀୟ ପରାଜୟ ବରଣ କରିଥିଲେ ମଧ୍ୟ ପଏଣ୍ଟ ଟେବଲର ତୃତୀୟ ସ୍ଥାନରେ ରହିଛି। ଆଜିର ମ୍ୟାଚ୍‌ରେ ୪ ଓଭର ବୋଲିଂ କରି ମାତ୍ର ୧୪ ରନ୍‌ରେ ୩ଟି ୱିକେଟ ହାସଲ କରିଥିବା ବିଜୟୀ କୋଲକାତାର ବରୁଣ ଚକ୍ରବର୍ତ୍ତୀଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏଠାରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଭ୍ରମଣକାରୀ ରାଜସ୍ଥାନ ରୟାଲ୍ସ ଘରୋଇ କୋଲକାତା ଆଗରେ ୧୫୬ ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲା। ଏହି ଲକ୍ଷ୍ୟକୁ ପିଛା କରି କୋଲକାତା ପ୍ରଥମ ବଲ୍‌ରେ ଟିମ୍ ସେଇଫର୍ଟ ଓ ୮ମ ବଲ୍‌ରେ ଅଧିନାୟକ ଆଜିଙ୍କ୍ୟ ରାହାଣେଙ୍କ ୱିକେଟ ହରାଇଥିଲା। ଦଳୀୟ ସ୍କୋର ୩୭ରେ କାମେରନ ଗ୍ରୀନ୍, ୫୨ରେ ଅଙ୍ଗକ୍ରିସ୍ ରଘୁବଂଶୀ, ୭୦ ରନ୍‌ରେ ରୋଭମାନ ପାୱେଲ ଓ ୮୫ ରନ୍‌ରେ ରମଣଦୀପ ସିଂହଙ୍କ ୱିକେଟ ହରାଇ ମ୍ୟାଚ୍ ହାତଛଡ଼ା କରିବାକୁ ଯାଉଥିଲା। ଏହି ସମୟରେ ଫର୍ମରେ ନ ଥିବା ନିର୍ଭରଯୋଗ୍ୟ ରିଙ୍କୁ ସିଂ ଓ ଅନୁକୂଳ ରୟ କୋଲକାତାର ଭାଗ୍ୟବିଧାତା ସାଜିଥିଲେ। ଏମାନେ ପାଇଥିବା ଜୀବନଦାନ ସୁଯୋଗକୁ ଭଲ ଭାବେ ବ୍ୟବହାର କରିଥିଲେ। ଏହି ଦୁଇ ଖେଳାଳି ଅବିଭକ୍ତ ୭ମ ୱିକେଟ ଯୋଡିରୁ ମାତ୍ର ୩୭ ବଲ୍‌ରେ ୭୬ ରନ୍ ଉଠାଇ କୋଲକାତାକୁ ବହୁପ୍ରତୀକ୍ଷିତ ବିଜୟ ଭେଟିଦେଇଥିଲେ। ସେହିପରି ବ୍ୟକ୍ତିଗତ ଭାବେ ରିଙ୍କୁ ସିଂ ଶେଷ ବଲରେ ଛକା ମାରି ଅର୍ଦ୍ଧଶତକ ହାସଲ କରିବା ସହ ୩୪ ବଲ୍‌ରୁ ୫ଚୌକା ଓ ୨ଛକା ସହାୟତାରେ ୫୩ରନ୍ କରି ଅପରାଜିତ ରହିଥିଲେ। ସେହିପରି ରୟ ମଧ୍ୟ ଭଲ ଖେଳି ୧୬ବଲ୍‌ରୁ ୧ଚୌକା ଓ ୨ଛକା ସହ ୨୯ରନ୍ କରି ଶେଷଯାଏ ଆଉଟ ହୋଇ ନ ଥିଲେ। ଏମାନଙ୍କ ଭାଗୀଦାରି ଯୋଗୁଁ କୋଲକାତା ପ୍ରଥମ ବିଜୟ ହାସଲ କରିବା ସମ୍ଭବ ହୋଇଥିଲା।

ପୂର୍ବରୁ ଘରୋଇ ମାଟିରେ କୋଲକାତାର ବୋଲରମାନେ ଅତି ସୁନ୍ଦର ବୋଲିଂ ପ୍ରଦର୍ଶନ କରିବା ଫଳରେ ରାଜସ୍ଥାନର ବ୍ୟାଟିଂ ଫେଲ ମାରିଥିଲା। ଦଳର ଦୁଇ ସ୍ପିନର ବରୁଣ ଚକ୍ରବର୍ତ୍ତୀ ୪ ଓଭରରେ ୧୪ ରନ୍ ଦେଇ ୩ଟି ଓ ସୁନୀଲ ନାରିନ୍ ୨୬ରନ୍‌ରେ ୨ଟି ୱିକେଟ ନେବା ଫଳରେ ରାଜସ୍ଥାନର ରନ୍ ସଂଗ୍ରହ ଆବଶ୍ୟକତାଠାରୁ ବହୁ ପଛରେ ରହିଯାଇଥିଲା। ୧୯ତମ ଓଭରରେ ଯୁବ ଫାଷ୍ଟ ବୋଲର କାର୍ତ୍ତିକ ତ୍ୟାଗୀ ୩ଟି ୱିକେଟ ନେବା ଫଳରେ ରାଜସ୍ଥାନ ଆଉ ବଡ ସ୍କୋର କରିପାରି ନ ଥିଲା। ଦଳ ପକ୍ଷରୁ ଦୁଇ କେବଳ ଦୁଇ ଓପନର ଯଶସ୍ୱୀ ଜୟସ୍ୱାଲ ଓ ବେହଭବ ସୂର୍ଯ୍ୟବଂଶୀ କିଛିଟା ସ୍କୋର କରିଥିଲେ। ପ୍ରଥମ ଖେଳାଳିଭାବେ ଆଉଟ ହୋଇଥିବା ସୂର୍ଯ୍ୟବଂଶୀ ୨୮ ବଲ ଖେଳି ୬ ଚୌକା ଓ ୨ଛକା ସହ ସର୍ବାଧିକ ୪୬ ଏବଂ ଜୟସ୍ୱାଲ ୨୯ବଲରୁ ୪ଚୌକା ଓ ୨ଛକା ସହ ୩୯ ରନ୍ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ରାଜସ୍ଥାନ ରୟାଲ୍ସ** : ୧୫୫/୯, ୨୦ ଓଭର (ସୂର୍ଯ୍ୟବଂଶୀ-୪୬, ଜୟସ୍ୱାଲ-୩୯, ବରୁଣ-୩/୧୪, କାର୍ତ୍ତିକ-୩/୨୨, ନାରିନ-୨/୨୬)।

**କୋଲକାତା ନାଇଟ୍ ରାଇଡର୍ସ** : ୧୬୧/୬, ୧୯.୪ ଓଭର (ରିଙ୍କୁ-୫୩*, ଅନୁକୂଳ-୨୯*, ଗ୍ରୀନ୍-୨୭, ପାୱେଲ-୨୩, ଜାଡେଜା-୨/୮)।

**ଆଇପିଏଲ୍ ପଏଣ୍ଟ ଟେବଲ୍**

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ପଞ୍ଜାବ | ୫ | ୪ | ୦ | ୧ | ୯ | +୧.୦୬୭ |
| ବେଙ୍ଗାଲୁରୁ | ୬ | ୪ | ୨ | ୦ | ୮ | +୧.୧୭୧ |
| ରାଜସ୍ଥାନ | ୬ | ୪ | ୨ | ୦ | ୮ | +୦.୫୯୯ |
| ହାଇଦରାବାଦ | ୬ | ୩ | ୩ | ୦ | ୬ | +୦.୫୬୬ |
| ଦିଲ୍ଲୀ | ୫ | ୩ | ୨ | ୦ | ୬ | +୦.୩୧୦ |
| ଗୁଜରାଟ | ୫ | ୩ | ୨ | ୦ | ୬ | +୦.୦୧୮ |
| ଚେନ୍ନଇ | ୬ | ୨ | ୪ | ୦ | ୪ | -୦.୭୮୦ |
| ଲକ୍ଷ୍ନୌ | ୫ | ୨ | ୩ | ୦ | ୪ | -୦.୮୦୪ |
| କୋଲକାତା | ୭ | ୧ | ୫ | ୧ | ୩ | -୦.୮୭୯ |
| ମୁମ୍ବଇ | ୫ | ୧ | ୪ | ୦ | ୨ | -୧.୦୭୬ |


## ଅଗରକରଙ୍କ କାର୍ଯ୍ୟକାଳ ଏକ ବର୍ଷ ବୃଦ୍ଧି

ଚେନ୍ନଇ,୧୯।୪(ଏଜେନ୍ସି): ଜାତୀୟ ସିନିୟର କ୍ରିକେଟ ସିଲେକ୍ସନ କମିଟିର ଚିଫ୍ ସିଲେକ୍ଟର ଅଜିତ ଅଗରକରଙ୍କ କାର୍ଯ୍ୟକାଳ ଏକ ବର୍ଷ ବୃଦ୍ଧି କରିଛି ବିସିସିଆଇ। ୨୦୨୭ ଦିନିକିଆ ବିଶ୍ୱକପ୍‌କୁ ଆଖିଆଗରେ ରଖି ବିସିସିଆଇ ଏପରି ନିଷ୍ପତ୍ତି ନେଇଛି। ୨୦୨୩ ଅକ୍ଟୋବରରୁ ୨୦୨୬ ମଧ୍ୟରେ ଅଗରକର କାମ କରିଥିଲେ। ତାଙ୍କ ସମୟରେ ଭାରତ ୨ଥର ଟି-୨୦ ବିଶ୍ୱକପ୍ ଓ ଥରେ ଚାମ୍ପିଅନ୍ସ ଟ୍ରଫି ସହ ୩ଟି ଟାଇଟଲ ବିଜୟୀ ହୋଇଛି। ବିସିସିଆଇର ନିୟମ ଅନୁଯାୟୀ ଜଣେ ଜୁନିଅର କିମ୍ବା ସିନିଅର ସିଲେକ୍ସନ କମିଟିରେ ସର୍ବାଧିକ ୪ ବର୍ଷ କାମ କରିପାରିବେ। କିନ୍ତୁ ଉଭୟ ବିଭାଗରେ ସର୍ବାଧିକ ୫ବର୍ଷ ଦାୟିତ୍ୱରେ ରହିବେ। ଅଗରକରଙ୍କ ୪ ବର୍ଷର କାର୍ଯ୍ୟକାଳ ଶେଷ ହୋଇଛି। ସେ ଆଉ ଅଧିକ ସମୟ ରହିପାରିବେନି। କିନ୍ତୁ ବିସିସିଆଇ ତାଙ୍କ କାର୍ଯ୍ୟକାଳ ଏକ ବର୍ଷ ବୃଦ୍ଧି କରିଥିବାରୁ ସେ ୫ବର୍ଷ ଚିଫ୍ ସିଲେକ୍ଟର ଭାବେ କାମ କରିବେ। ତାଙ୍କ ସମୟରେ ବିରାଟ କୋହଲି ଓ ରୋହିତ ଶର୍ମା ଟେଷ୍ଟ କ୍ରିକେଟରୁ ଅବସର ଗ୍ରହଣ କରିଥିଲେ। ମହମ୍ମଦ୍ ସାମିଙ୍କୁ ପର୍ଯ୍ୟାୟକ୍ରମେ ଦଳରୁ ବିଦା ହେବାକୁ ପଡ଼ିଥିଲା। ଟେଷ୍ଟ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଟି-୨୦ ବିଶ୍ୱକପ୍ ଦଳରେ ସ୍ଥାନ ମିଳି ନ ଥିଲା। ତାଙ୍କ ସ୍ଥାନରେ ଖେଳିଥିବା ଇଶାନ କିଶାନ ଭାରତ ଲାଗି ଦ୍ୱିତୀୟ ଟପ୍ ସ୍କୋରର ହୋଇଥିଲେ।

■ **ଷ୍ଟଟଗାର୍ଟ ଓପନରେ ଭିଟୋଲିନା ପରାସ୍ତ**

## ମୁଚୋଭା-ରିବାକିନା ଫାଇନାଲ

ଷ୍ଟଟଗାର୍ଟ,୧୯।୪(ଏଜେନ୍ସି): କାରୋଲିନା ମୁଚୋଭା ଏବଂ ଏଲେନା ରିବାକିନାଙ୍କ ମଧ୍ୟରେ ଷ୍ଟଟଗାର୍ଟ ଓପନ ମହିଳା ଏକକ ଫାଇନାଲ ମୁକାବିଲା ହେବ। ଆଜି ଅନୁଷ୍ଠିତ ସେମିଫାଇନାଲ ମୁକାବିଲାରେ ଏଲିନା ଭିଟୋଲିନାଙ୍କୁ ୨-୧ ସେଟ୍‌ରେ ମୁଚୋଭା ଏବଂ ମୀରା ଆନ୍ଦ୍ରିଭାଙ୍କୁ ୨-୦ ସେଟ୍‌ରେ ଟପ୍‌ସିଡ ରିବାକିନା ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ମୁଚୋଭା ୨୦୨୩ ରୋଲାଣ୍ଡ ଗ୍ୟାରୋସ୍‌ଠାରେ ଅନୁଷ୍ଠିତ ଫ୍ରେଞ୍ଚ ଓପନ ଫାଇନାଲ ଖେଳିବା ପରେ ଫର୍ମରେ ନ ଥିଲେ। ଏବେ ଭିଟୋଲିନାଙ୍କ ପରି ଖେଳାଳିଙ୍କୁ ହରାଇ ସେ ତାଙ୍କ ଫର୍ମ ଓ ଆତ୍ମବିଶ୍ୱାସ ଫେରିପାଇଛନ୍ତି ବୋଲି କୁହାଯାଉଛି। ଫାଇନାଲ ମୁକାବିଲା ପରେ ସେ କିଭଳି ଫର୍ମରେ ଅଛନ୍ତି ତାହା ଜଣାପଡ଼ିବ।



## ଫର୍ମୁଲା ୱାନ୍ କାର ରେସ୍ ବେଳେ ଡ୍ରାଇଭରଙ୍କ ମୃତ୍ୟୁ

ବର୍ଲିନ,୧୯।୪(ଏଜେନ୍ସି): ଜର୍ମାନୀର ନୁଏରବର୍ଗିଙ୍ଗ ଫର୍ମୁଲା ୱାନ୍ କାର କ୍ୱାଲିଫାଇଂ ରେସ ସମୟରେ ଦୁର୍ଘଟଣାରେ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି ଓ ଅନ୍ୟ ୬ଜଣ ଗୁରୁତର ଆହତ ହୋଇଛନ୍ତି। ମୃତ ଡ୍ରାଇଭର ଜଣଙ୍କ ହେଲେ ୬୬ ବର୍ଷୀୟ ଜୁହା ମିଏଟିନେନ୍। ଦୁର୍ଘଟଣା ପରେ ତାଙ୍କ ସଙ୍ଗେ ସଙ୍ଗେ ମେଡିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆହତ ହୋଇଥିବା ଅନ୍ୟ ୬ଜଣ ଡ୍ରାଇଭରଙ୍କ ଚିକିତ୍ସା ଚାଲିଛି, କିନ୍ତୁ ସମସ୍ତେ ବିପଦମୁକ୍ତ ହୋଇଛନ୍ତି। ଏହି ଘଟଣା ଘଟିବାର ଅଧଘଣ୍ଟା ପରେ ରେସ୍‌କୁ ବନ୍ଦ କରିଦିଆଯାଇଥିଲା। ଶନିବାର ନୀରବ ପ୍ରାର୍ଥନା କରାଯାଇ ରବିବାର ରେସ୍ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ରେସ୍‌ରେ ପୂର୍ବତନ ବିଶ୍ୱଚାମ୍ପିଅନ ମ୍ୟାକ୍ସ ଭର୍ଷ୍ଟାପେନ ମଧ୍ୟ ଅଂଶଗ୍ରହଣ କରିଥିଲେ। କିନ୍ତୁ ଦୁର୍ଘଟଣା ଘଟିବା ସ୍ଥଳରେ ସେ ଅନୁପସ୍ଥିତ ଥିଲେ। ଭର୍ଷ୍ଟାପେନ୍‌ଙ୍କ ସହ ଅନ୍ୟମାନେ ଏହି ଡ୍ରାଇଭରଙ୍କ ମୃତ୍ୟୁରେ ଗମ୍ଭୀର ଶୋକପ୍ରକାଶ କରିଛନ୍ତି।

## ସ୍ୱଦେଶ ଫେରିଲେ ଚାମ୍ପିଅନ ବୈଶାଳୀ



ଚେନ୍ନଇ,୧୯।୪(ଏଜେନ୍ସି): କ୍ୟାଣ୍ଡିଡେଟ୍ସ ଚେସ ଚାମ୍ପିଅନ ଗ୍ରାଣ୍ଡମାଷ୍ଟର ରମେଶବାବୁ ବୈଶାଳୀ ଆଜି ଭୋରରୁ ସ୍ୱଦେଶ ଫେରିଆସିଛନ୍ତି। ତାମିଲନାଡୁରେ ନିର୍ବାଚନ ହେଉଥିବାରୁ କୌଣସି ସରକାରୀ କର୍ମକର୍ତ୍ତା ତାଙ୍କୁ ସ୍ୱାଗତ କରିବାକୁ ଆସି ନ ଥିଲେ। ତେବେ ୫୦ଜଣ ଛାତ୍ରଛାତ୍ରୀ ଓ ତାଙ୍କ ପରିବାର ବିମାନବନ୍ଦରରେ ବୈଶାଳୀଙ୍କୁ ସ୍ୱାଗତ କରିଥିଲେ। କ୍ୟାଣ୍ଡିଡେଟ୍ସ ଚେସ୍‌ର ୧୪ ରାଉଣ୍ଡ ବିଶିଷ୍ଟ ଓ ବିଶ୍ୱର ଶ୍ରେଷ୍ଠ ୮ଜଣ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ଏକାଧିକ ଖେଳାଳି ଟାଇଟଲ ଆଶାରେ ରହିଥିଲେ। କିନ୍ତୁ ୧୪ତମ ତଥା ଶେଷ ରାଉଣ୍ଡରେ ସେ ପୂର୍ବତନ ବିଶ୍ୱ ରାପିଡ ଓ ବ୍ଲିଜ୍ ଚାମ୍ପିଅନ କାଟେରିନା ଲାଗ୍ନୋଙ୍କୁ ହରାଇ ଟାଇଟଲ କବ୍‌ଜା କରିନେଇଥିଲେ। ଏବେ ବିଶ୍ୱ ଚେସ୍ ଟାଇଟଲ ଲାଗି ଡିଫେଣ୍ଡିଂ ଚାମ୍ପିଅନ ଚୀନ୍‌ର ଜୁ ୱେନ୍‌ଜୁନ୍‌ଙ୍କ ସହ ବୈଶାଳୀଙ୍କର ମୁକାବିଲା ହେବ। ଏହି ମୁକାବିଲାରେ ଯିଏ ଜିତିବ ସେ ବିଶ୍ୱଚାମ୍ପିଅନ ହେବେ। ବିଶ୍ୱରେ ପ୍ରତିଷ୍ଠା ଲାଭ କରିଥିବା ୱେନ୍‌ଜୁନ୍‌ଙ୍କ ସହ ବୈଶାଳୀ ଥରେ ମୁକାବିଲା କରିଛନ୍ତି। ଗତବର୍ଷ ନରୱେରେ ଅନୁଷ୍ଠିତ ନରୱେ ମହିଳା ଚେସ ଚାମ୍ପିଅନସିପ୍‌ରେ କ୍ଲାସିକାଲ ଫର୍ମାଟରେ ପରସ୍ପର ଭେଟାଭେଟି ହୋଇଥିଲେ। ଏହି ମୁକାବିଲା ଡ୍ର ରହିବା ପରେ ଟାଇବ୍ରେକ୍‌ରେ ବୈଶାଳୀ ବିଜୟୀ ହୋଇଥିଲେ। ଯେକୌଣସି ଫର୍ମାଟରେ ୱେନ୍‌ଜୁନ୍‌ଙ୍କ ବିପକ୍ଷରେ ବୈଶାଳୀଙ୍କର ଏହା ପ୍ରଥମ ବିଜୟ ଥିଲା।

**ଅଲଓଡ଼ିଶା ଓପନ ସ୍ନୁକର ଚାମ୍ପିଅନସିପ**

## କ୍ୱାର୍ଟରରେ ଆଶୁତୋଷ, ରାକେଶ

ଭୁବନେଶ୍ୱର,୧୯।୪(ସମିସ): ବିଏସ୍‌ଏଓ (ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏସନ ଅଫ୍ ଓଡ଼ିଶା) ଆନୁକୂଲ୍ୟରେ ଚାଲିଥିବା ଅଲ୍ ଓଡ଼ିଶା ଓପନ ୧୦-ରେଡ ସ୍ନୁକର ଚାମ୍ପିଅନସିପ୍‌ର କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ଚୂଡାନ୍ତ ହୋଇଯାଇଛି। ପଟିଆସ୍ଥିତ ୬ପକେଟସ୍ କ୍ୟୁ ସ୍ପୋର୍ଟ୍ସ କ୍ଲବ୍‌ରେ ଆସନ୍ତାକାଲି ବା ସୋମବାର ଖେଳାଯିବାକୁ ଥିବା କ୍ୱାର୍ଟର ଫାଇନାଲରେ ଟପ୍ ସିଡ୍ ଆଶୁତୋଷ ପାଢ଼ୀଙ୍କ ସହ ନିଶାନ୍ତ ବିଶ୍ୱାଳଙ୍କର ଓ ଦ୍ୱିତୀୟ ମୁକାବିଲାରେ ଡାକ୍ତର ରାକେଶ ରୋଶନ ପ୍ରଧାନଙ୍କ ସହ ଉଦ୍‌ଭାସ ମହାପାତ୍ରଙ୍କର ମୁକାବିଲା ହେବ। ସେହିପରି ତୃତୀୟ କ୍ୱାର୍ଟରଫାଇନାଲ ଚେତନ ଆନନ୍ଦ ଓ ଅନୁଜ ପଣ୍ଡାଙ୍କ ମଧ୍ୟରେ, ଚତୁର୍ଥ କ୍ୱାର୍ଟରଫାଇନାଲ ମିଶାଲ ସ୍ୱାଇଁ ଓ ଆକାଶ ମହାପାତ୍ରଙ୍କ ମଧ୍ୟରେ ଖେଳାଯିବ। ଆଜି ଅନୁଜ ଓ ମିଶାଲ ଚମତ୍କାର ଖେଳ ପ୍ରଦର୍ଶନ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ପ୍ରି-କ୍ୱାର୍ଟର ଫାଇନାଲରେ ଅନୁଜ ୨-୧ରେ ଚିରାଗ ଅରୋରାଙ୍କୁ ଓ ମିଶାର ୨-୦ରେ ଶିବପ୍ରସାଦ ସେଠୀଙ୍କୁ ହରାଇଥିଲେ। ସେହିପରି ଅନ୍ୟ ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାରେ ଆଶୁତୋଷ ପାଢ଼ୀ ୨-୦ରେ ସବ୍ୟସାଚୀ ପଟ୍ଟନାୟକଙ୍କୁ, ଡାକ୍ତର ରାକେଶ ରୋଶନ ୨-୧ରେ ଭେଟେରାନ ଖେଳାଳି ସିଦ୍ଧାର୍ଥ ସେନ୍‌ଙ୍କୁ ପରାସ୍ତ କରିଥିଲେ।


ଅନୁଜ


ମିଶାଲ

## ବାଦ୍ ପଡ଼ିପାରନ୍ତି ମାହତ୍ରେ



ଚେନ୍ନଇ,୧୯।୪(ଏଜେନ୍ସି): ସିଏସ୍‌କେ ଲାଗି ଖରାପ ଖବର। ଆହତ ଓ ଫର୍ମରେ ନ ଥିବା ଦଳର ସବୁଠାରୁ ପ୍ରଭାବଶାଳୀ ଖେଳାଳି ଆୟୁଷ ମାହତ୍ରେଙ୍କ ବାମ ଗୋଡ ମାଂସପେସୀରେ ଆଘାତ ଲାଗିଛି। ବ୍ୟାଟିଂ କୋଚ୍ ମାଇକେଲ ହସୀଙ୍କ ଅନୁଯାୟୀ ମାହତ୍ରେଙ୍କ ହାମଷ୍ଟ୍ରିଙ୍ଗ ଟିୟରରେ ଜୋରଦାର ଆଘାତ ଲାଗିଛି। ସ୍କାନ ହେବା ପରେ ଆଘାତ ସମସ୍ୟା ଜଣାପଡ଼ିବ। କିନ୍ତୁ ସମସ୍ୟା ସୃଷ୍ଟି ହେବା ପରେ ସେ ଖେଳିଥିବାରୁ ଅସୁବିଧା ହୋଇଛି। ଏପରିକି କିଛି ସମୟ କିମ୍ବା ଚଳିତ ଟୁର୍ଣ୍ଣାମେଣ୍ଟର ଅବଶିଷ୍ଟ ଖେଳରୁ ସେ ବାଦ୍ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ମାହତେ ଜଣେ ଭଲ ଖେଳାଳି ଓ ଭଲ ଟଚ୍‌ରେ ରହିଥିଲେ। ଏଭଳି ସ୍ଥିତିରେ ତାଙ୍କ ଅନୁପସ୍ଥିତି ସିଏସ୍‌କେ ଲାଗି ମହଙ୍ଗା ସାବ୍ୟସ୍ତ ହେବ।

## ୨୦୦ ୱିକେଟ୍‌ରେ ବରୁଣ ଦ୍ରୁତତମ

କଲକାତା, ୧୮।୪ (ଏଜେନ୍ସି): ଦ୍ରୁତତମ ଭାରତୀୟ ସ୍ପିନର ଭାବେ ୨୦୦ ଟି-୨୦ ୱିକେଟ୍ ହାସଲ କରିଛନ୍ତି ବରୁଣ ଚକ୍ରବର୍ତ୍ତୀ। ରବିବାର ରାଜସ୍ଥାନ ରୟାଲ୍‌ସ ବିପକ୍ଷ ଆଇପିଏଲ୍ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍)ର ବରୁଣ ୪ ଓଭରୁ ମାତ୍ର ୧୪ ରନ୍‌ଦେଇ ୩ଟି ୱିକେଟ୍ ନେଇଥିଲେ। ଏହି ମ୍ୟାଚ୍ ପୂର୍ବରୁ ବରୁଣ ୧୫୪ ଟି୨୦ ମ୍ୟାଚ୍‌ରେ ୧୯୯ ୱିକେଟ୍ ନେଇଥିଲେ। ୧୫୫ତମ ମ୍ୟାଚ୍‌ରେ ୩ଟି ୱିକେଟ୍ ନେବାରୁ ବରୁଣଙ୍କ ଟି-୨୦ ୱିକେଟ୍ ସଂଖ୍ୟା ୨୦୨ରେ ପହଞ୍ଚିଛି। ସର୍ବନିମ୍ନ ୧୫୫ ମ୍ୟାଚ୍‌ରେ ୨୦୦ ଟି୨୦ ୱିକେଟ୍ ନେଇ ବରୁଣ ଦ୍ରୁତତମ ଭାରତୀୟ ସ୍ପିନର ହୋଇଛନ୍ତି। ତେବେ ଭାରତୀୟ ବୋଲର ଭାବେ ସବୁଠାରୁ କମ୍ ୧୫୧ ମ୍ୟାଚ୍‌ରେ ୨୦୦ ୱିକେଟ ନେବାରେ ପ୍ରଥମ ସ୍ଥାନରେ ଅଛନ୍ତି ବାମହାତି ପେସ୍ ବୋଲର ଅର୍ଶଦୀପ ସିଂହ। ତାଙ୍କ ପଛକୁ ବରୁଣ ଚକ୍ରବର୍ତ୍ତୀ ଥିବା ବେଳେ କୁଲଦୀପ ଯାଦବ ୧୬୦ ମ୍ୟାଚ୍‌ରୁ, ଜୟଦେବ ଉନାଦ୍‌କତ ୧୬୨ ମ୍ୟାଚ୍‌ରେ ଓ ମହମ୍ମଦ ସାମି ୧୬୫ ମ୍ୟାଚ୍‌ରୁ ୨୦୦ ୱିକେଟ୍ ପୂରଣ କରି ସାରିଛନ୍ତି।

## ପରାଗଙ୍କ ଫର୍ମକୁ ନେଇ ରାଜସ୍ଥାନ ଚିନ୍ତିତ

କଲକାତା, ୧୯।୪ (ଏଜେନ୍ସି): ଚଳିତ ଆଇପିଏଲ୍‌ରେ ରାଜସ୍ଥାନ ରୟାଲ୍‌ସ ଅଦ୍ୟାବଧି ଚମତ୍କାର ପ୍ରଦର୍ଶନ କରିଛି। ତେବେ ଅଧିନାୟକ ରିୟାନ ପରାଗଙ୍କ ବ୍ୟାଟିଂ ଫର୍ମକୁ ନେଇ ରାଜସ୍ଥାନ ଚିନ୍ତାରେ ପଡ଼ିଯାଇଛି। ରବିବାର ଘରୋଇ କଲକାତା ନାଇଟ୍ ରାଇଡର୍ସ ବିପକ୍ଷରେ ଆସାମର ପରାଗ ୧୪ ବଲ୍‌ରୁ ମାତ୍ର ୧୨ ରନ୍ କରିଥିଲେ। ଅଦ୍ୟାବଧି ରିୟାନ ପରାଗ ୬ଟି ମ୍ୟାଚ୍ ଖେଳି ମୋଟ ୬୧ ରନ୍ କରିଛନ୍ତି। ୨୦ ରନ୍ ତାଙ୍କର ସର୍ବାଧିକ ସ୍କୋର୍। ତାଙ୍କ ଆଭ୍‌ରେଜ ହେଉଛି ୧୨.୨୦। ଭାରତ ପାଇଁ ଗୋଟିଏ ଦିନିକିଆ ଓ ୯ଟି ଟ୍ୱେଣ୍ଟି୨୦ ମ୍ୟାଚ୍ ଖେଳିଥିବା ରିୟାନ ପରାଗ ରାଜସ୍ଥାନର ମଧ୍ୟକ୍ରମ ସମ୍ଭାଳିବେ ବୋଲି ଆଶା ଥିଲା। ହେଲେ ଏଥିରେ ପରାଗ ବିଫଳ ହୋଇଛନ୍ତି। ବ୍ୟାଟିଂରେ ପରାଗ ନିରାଶ କରିଥିବା ବେଳେ ତାଙ୍କ ନେତୃତ୍ୱକୁ ବେଶ୍ ପ୍ରଶଂସା କରାଯାଉଛି।

**୧୬ ବର୍ଷରୁ ଆନ୍ତଃ ଜିଲ୍ଲା ଟୁର୍ଣ୍ଣାମେଣ୍ଟ**

## ଭଦ୍ରକ, କେନ୍ଦୁଝର, କଳାହାଣ୍ଡି, ନୟାଗଡ଼ର ବିଜୟ

ଭୁବନେଶ୍ୱର,୧୯।୪(ସମିସ)






ଅନୁରାଗ (ଭୁବନେଶ୍ୱର-ବି) ଋତୁରାଜ (ନୟାଗଡ଼) ଓମ୍ ପି (କେନ୍ଦୁଝର) ଆୟାଶ (ପାରାଦୀପ)

ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ଗୁଡ଼ିକରେ ଭୁବନେଶ୍ୱର-ବି, ଭଦ୍ରକ, କେନ୍ଦୁଝର, କଳାହାଣ୍ଡି, ପାରାଦୀପ ଓ ନୟାଗଡ଼ ବିଜୟ ହାସଲ କରିଛନ୍ତି। କଟକର ନିମ୍‌ପୁର ଗ୍ରାଉଣ୍ଡରେ ଭୁବନେଶ୍ୱର-ବି ୩୩ ରନରେ ଝାରସୁଗୁଡ଼ାକୁ ପରାସ୍ତ କରିଥିଲା। ଭୁବନେଶ୍ୱର-ବି ଟସ୍ ଜିତି ବ୍ୟାଟିଂ କରି ୫୦ ଓଭରରେ ୮ ଉଇକେଟ୍ ହରାଇ ୨୪୭ ରନ୍‌କରିଥିଲା। ଦଳ ତରଫରୁ ଅନୁରାଗ ସାମନ୍ତରାୟ ସର୍ବାଧିକ ୯୪ ରନ୍ ରନ କରିଥିବା ବେଳେ ଝାରସୁଗୁଡ଼ାର ଯୋଗେଶ ୪ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଝାରସୁଗୁଡ଼ା ୪୭.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୧୪ ରନ୍ କରି ଅଲଆଉଟ ହୋଇଥିଲା। ଦଳ ତରଫରୁ ବଂଶ ଗାନ୍ଧୀ ୪୮ ରନ୍ ରନ ସଂଗ୍ରହ କରିଥିଲେ। ଭୁବନେଶ୍ୱର ଆୟୁଷ ରାଉତ ୩ ଓ ମୃତ୍ୟୁଞ୍ଜୟ ରାୟ ୩ ଟି ଲେଖାଏ ୱକେଟ ଅକ୍ତିଆର କରିଥିଲେ। ସେହିପରି ରେଲୱେ ଗ୍ରାଉଣ୍ଡରେ ଦ୍ୱିତୀୟ ମ୍ୟାଚ୍‌ରେ ଭଦ୍ରକ ୭ ୱିକେଟରେ କେନ୍ଦ୍ରାପଡ଼ାକୁ ପରାସ୍ତ କରିଥିଲା। ଟସ୍ ଜିତି କେନ୍ଦ୍ରାପଡ଼ା ୩୭.୧ ଓଭରରେ ୧୫୧ ରନକରି ଆଉଟ ହୋଇଥିଲା। ଜବାବରେ ଭଦ୍ରକ ୩୫.୩ ଓଭରରେ ୩ ୱିକେଟ ହରାଇ ୧୫୨ ରନକରି ବିଜୟୀ ହୋଇଥିଲା। ଭଦ୍ରକର ଶୁଭାଶିଷ ୪୪ ରନ ସଂଗ୍ରହ କରିବା ସହ ୩ ୱିକେଟ ନେଇଥିଲେ। ସେହିପରି ସନ୍‌ସାଇନ ଗ୍ରାଉଣ୍ଡରେ ନୟାଗଡ଼ ୧୪୫ ରନରେ ବଡ଼ଗଡ଼କୁ ପରାସ୍ତ କରିଛି। ଟସ୍ ଜିତି ନୟାଗଡ଼ ୯ ୱିକେଟ ହରାଇ ୨୭୮ ରନ ସଂଗ୍ରହ କରିଥିଲା। ଜବାବରେ ବରଗଡ଼ ୩୫.୧ ଓଭରରେ ୧୩୩ ରନ କରି ଅଲଆଉଟ ହୋଇଥିଲା। ନୟାଗଡ଼ର ଋତୁରାଜ ମହାନ୍ତି ସର୍ବାଧିକ ୬ ୱିକେଟ ଅକ୍ତିଆର କରିଥିଲେ। ଡ୍ରିମ୍ସ ଗ୍ରାଉଣ୍ଡରେ କେନ୍ଦୁଝର ୯ ରନରେ ବଲାଙ୍ଗୀରକୁ ପରାସ୍ତ କରିଛି। ଟସ୍‌ଜିତି କେନ୍ଦୁଝର ୨୧.୨ ଓଭରରେ ୬୦ ରନକରି ଅଲଆଉଟ ହୋଇଥିଲା। ଜବାବରେ ବଲାଙ୍ଗୀର ୧୮ ଓଭରରେ ୫୧ ରନକରି ଅଲଆଉଟ ହୋଇଥିଲା। କେନ୍ଦୁଝରର ଓମ୍ ପି ସେଠୀ ସର୍ବାଧିକ ୬ ୱିକେଟ ନେଇଥିଲେ। ସେହିପରି ଆଦର୍ଶପୁର ଗ୍ରାଉଣ୍ଡରେ ପାରାଦୀପ ୭ ୱିକେଟରେ ସୋନପୁରକୁ ହରାଇଛି। ଟସ୍ ହାରି ସୋନପୁର ୨୮.୪ ଓଭରରେ ୧୦୯ ରନ କରି ଅଲଆଉଟ ହୋଇଥିଲା। ଜବାବରେ ପାରାଦୀପ ୨୪.୫ ଓଭରରେ ୩ ୱିକେଟ ହରାଇ ୧୧୧ ରନ କରି ବିଜୟୀ ହୋଇଥିଲା। ପାରାଦୀପର ଆୟାଶ ପଣ୍ଡା ୫ ୱିକେଟ ନେଇଥିଲେ। ଅନ୍ୟପଟେ ଖୋର୍ଦ୍ଧା ଗ୍ରାଉଣ୍ଡରେ କଳାହାଣି ୧୯୨ ରନରେ ରାୟଗଡ଼ାକୁ ହରାଇଛି। ଟସ୍ ହାରି କଳା ହାଣ୍ଡି ୪୯ ଓଭରରେ ୬ ୱିକେଟ ହରାଇ ୨୫୮ ରନ ସଂଗ୍ରହ କରିଥିଲା। ଜବାବରେ ରାୟଗଡ଼ା ୧୯.୧ ଓଭରରେ ୬୬ ରନକରି ଆଲ ଆଉଟ ହୋଇଥିଲା। କଳାହାଣ୍ଡିର ଯଶକରନ ସିଂହ ୩୮ ରନ କରିବା ସହ ୨ ୱିକେଟ ନେଇଛନ୍ତି।

● **କେଡି ପିଲାଇ ସ୍ମାରକୀ ସ୍କୁଲ ଚେସ୍**

## ମନୀଷ ଚାମ୍ପିଅନ, ସ୍ୱସ୍ତିକ ରନର୍ସଅପ୍

ଭୁବନେଶ୍ୱର,୧୯।୪(ସମିସ): ମନୀଷ ରଞ୍ଜନ ଦାସ ୫ମ କେଡି ପିଲାଇ ସ୍ମାରକୀ ଚେସ୍ ଚାମ୍ପିଅନ ହୋଇଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ଓ କେଶୁରାସ୍ଥିତ ରୟାଲ ସ୍କୁଲ ପରିସରରେ ରବିବାର ଅନୁଷ୍ଠି ଏହି ଦିନିକିଆ ଟୁର୍ଣ୍ଣାମେଣ୍ଟରେ ମନୀଷ ୫ ରାଉଣ୍ଡରୁ ସର୍ବାଧିକ ୪.୫ ପଏଣ୍ଟ ସଂଗ୍ରହ କରିଥିଲେ। ତାଙ୍କ ପଛକୁ ୩ଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ସେମାନଙ୍କ ମଧ୍ୟରୁ ସ୍ୱସ୍ତିକ ତ୍ରିପାଠୀ ଦ୍ୱିତୀୟସ୍ଥାନ ଅଧିକାର କରି ରନର୍ସଅପ୍, ପ୍ରିୟଦର୍ଶନ ରାୟ ତୃତୀୟ, ଅରିଶନନ୍ଦ ଗୋସ୍ୱାମୀ ଚତୁର୍ଥ ଓ ୩.୫ ପଏଣ୍ଟ ହାସଲ କରି ଆୟାବନ୍ତ ମହାନ୍ତି ୫ମସ୍ଥାନ ଅଧିକାର କରିଛନ୍ତି। ରୟାଲ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଭାଇସ୍ ପ୍ରିନସିପାଲ ପ୍ରଜ୍ଞାପାରମିତା ସାହୁ ଓ ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS